# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୪/୨୦୧୮ (୧୬ ପୃଷ୍ଠା) | Bhubaneswar, Friday, September 14 / 2018 | ★★★★

୪୪ଶ ଭାଗ ୨୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ହାଇଦ୍ରାବାଦରେ ଟ୍ରେନିଂ ଜାରି ରଖିବେ ଦୂତୀ**

ଆସନ୍ତାବର୍ଷ ହେବାକୁଥିବା ଏସିଆନ ଓ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ପର୍ଯ୍ୟନ୍ତ ସ୍ପ୍ରିଣ୍ଟ କୁଇନ ଦୂତୀ ଚାନ୍ଦ ହାଇଦ୍ରାବାଦରେ ଟ୍ରେନିଂ ଜାରି ରଖିବେ।

୧୫

୦୨

**ମହିଳା ନିଜ ସୌନ୍ଦର୍ଯ୍ୟ ପାଇଁ ଗର୍ବ କରିବା ଉଚିତ: ଜାହ୍ନବୀ**

ପ୍ରତ୍ୟେକ ମହିଳା ନିଜ ସୌନ୍ଦର୍ଯ୍ୟ ପାଇଁ ଗର୍ବ ଅନୁଭବ କରିବା ଉଚିତ। ଏ ବାବଦରେ କୌଣସି ଅନୁଶୋଚନା କରିବା ଉଚିତ ନୁହେଁ ବୋଲି ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର ପ୍ରକାଶ କରିଛନ୍ତି ।








## ଜଷ୍ଟିସ୍ ଗୋଗୋଇ ନୂଆ ସିଜେଆଇ ନିଯୁକ୍ତ



୨

# ୩୨୮ ପ୍ରକାର ଔଷଧ ନିଷିଦ୍ଧ

ନୂଆଦିଲ୍ଲୀ,୧୩।୯

କେନ୍ଦ୍ର ସରକାର ଉଭୟ ସ୍ୱଦେଶୀ ଓ ବିଦେଶୀ ଔଷଧ କମ୍ପାନୀଙ୍କୁ ଝଟକା ଦେଇଛନ୍ତି। ସାରିଡନ ଭଳି ଯନ୍ତ୍ରଣାନାଶକ ଔଷଧ ଠାରୁ ଆରମ୍ଭ କରି ସ୍କିନ କ୍ରିମ୍ ପେନ୍‌ଡ୍ରମ ସମେତ ଏକାଧିକ କମ୍ବିନେଶନର ୩୨୮ ପ୍ରକାର ଔଷଧକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଷିଦ୍ଧ କରିଛନ୍ତି। ଅତ୍ୟଧିକ ରସାୟନରେ ପ୍ରସ୍ତୁତ ଏଭଳି ଔଷଧର ବ୍ୟବହାର ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସୁ ନ ଥିବାରୁ ଏଗୁଡିକୁ ନିଷିଦ୍ଧ କରାଗଲା ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ ଏଭଳି ଔଷଧର ଉତ୍ପାଦନ, ବିତରଣ ତଥା ବିକ୍ରିକୁ ତତ୍କାଳ ରୋକିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ନିଷିଦ୍ଧ ହୋଇଥିବା ଔଷଧ ମଧ୍ୟରେ ଏକାଧିକ କଫ୍ ସିରଫ, ଥଣ୍ଡା, କାଶ ବ୍ୟତୀତ କିଛି ଆଣ୍ଟିବାୟୋଟିକ ଔଷଧ ସାମିଲ ହୋଇଛି। କେନ୍ଦ୍ର ସରକାର ୨୦୧୬ରେ ଏଭଳି ୩୫୦ ଔଷଧକୁ ନିଷିଦ୍ଧ ଘୋଷଣା କରିଥିଲେ। ଏଗୁଡିକୁ ଫିକ୍ସ ଡୋଜ୍ କମ୍ବିନେଶନ୍ସ(ଏଫଡିସି) ଔଷଧ କୁହାଯାଏ। ଫାର୍ମା କମ୍ପାନୀଙ୍କ ମଧ୍ୟରେ ଲାଗି ରହୁଥିବା ଝଗଡାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଏହାର ସମୀକ୍ଷା କରିବାକୁ ପରାମର୍ଶଦାତା ବୋର୍ଡକୁ ନିର୍ଦ୍ଦେଶ ଦେଇଥିଲେ।




ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ୩୨୮ ପ୍ରକାର ଔଷଧରେ ଥିବା ଏକାଧିକ ରସାୟନ ଲୋକଙ୍କ ହିତରେ ଆସୁନି। ଏଗୁଡିକ ଲୋକଙ୍କ ପ୍ରତି ବିପଦ ବୋଲି ପରାମର୍ଶଦାତା ବୋର୍ଡ ସୁପାରିସ କରିଛି। ଏଣୁ ଆଗାମୀ ଦିନରେ ଉକ୍ତ ୩୨୮ ଏଫଡିସିର ଉତ୍ପାଦନ, ବିକ୍ରି ଓ ଯୋଗାଣକୁ ନିଷିଦ୍ଧ କରାଯାଉଛି। ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ପ୍ରକାଶ କରି ଇଣ୍ଡିଆନ ଡ୍ରଗ୍ ମ୍ୟାନୁଫ୍ୟାକଚରର୍ସ ଆସୋସିଏଶନ ସଭାପତି ଦୀପନାଥ ରାୟଚୌଧୁରୀ କହିଛନ୍ତି ଯେ, ଏଭଳି ନିଷ୍ପତ୍ତି ଯୋଗୁ ଔଷଧ ବଜାରରେ ବାର୍ଷିକ ୧୬୦୦ କୋଟି ଟଙ୍କାର କ୍ଷତି ହେବ। ତେବେ କେଉଁ ବ୍ରାଣ୍ଡ୍‌ର କେଉଁ ଔଷଧକୁ ସରକାର ନିଷିଦ୍ଧ କଲେ ସେ ସମ୍ପର୍କରେ କିଛି ଉଲ୍ଲେଖ କରାଯାଇନି।

## ୧୫ରେ ମଧ୍ୟପ୍ରଦେଶ ଫେରିବ 'ସୁନ୍ଦରୀ'



ବନ୍ତଲା,୧୩।୯(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟବାସୀଙ୍କ ପାଇଁ ଆତଙ୍କ ସାଜିଥିବା ବାଘୁଣୀ ସୁନ୍ଦରୀକୁ ମଧ୍ୟପ୍ରଦେଶ ଫେରାଇ ଦିଆଯିବ। ଆସନ୍ତା ୧୫ ତାରିଖରେ ବାଘୁଣୀକୁ ଟ୍ରାଙ୍କୁଲାଇଜ ପାଇଁ ଟିମ୍ ଏଠାକୁ ଆସୁଥିବା ବନ ବିଭାଗ ଓ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଉତ୍ୟକ୍ତ ଲୋକଙ୍କୁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ଟିକରପଡ଼ାରେ ଦେଖାଦେଇଥିବା ଉତ୍ତେଜନା ପରିସ୍ଥିତି ଗୁରୁବାର ଥମିଛି। ଏଥିସହ ସୁନ୍ଦରୀ ଆକ୍ରମଣରେ ପ୍ରାଣ ହରାଇଥିବା ହାତୀବାରି ଗ୍ରାମର କୈଳାସ ସାଇଅଙ୍କ ପରିବାରକୁ ଉପଯୁକ୍ତ ☞ପୃଷ୍ଠା–୪

# ଦାମୋଦରଙ୍କ ଅଭିଯୋଗ ହାସ୍ୟାସ୍ପଦ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ବିଜେଡିରୁ ବହିଷ୍କୃତ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଅଭିଯୋଗ ନିଷ୍ଫଳ ଓ ହାସ୍ୟାସ୍ପଦ। ଦାମବାବୁ ସବୁବେଳେ ଦାୟିତ୍ୱହୀନ ମନ୍ତବ୍ୟ ଦେଇଥାନ୍ତି। ସେ ଆଣୁଥିବା ଅଭିଯୋଗ ମୂଲ୍ୟହୀନ। ନୂଆଦିଲ୍ଲୀରୁ ଫେରିବା ପରେ ଗୁରୁବାର ନବୀନ ନିବାସଠାରେ ଗଣମାଧ୍ୟମକୁ ଏଭଳି ପ୍ରତିକ୍ରିୟା ଦେଇଛନ୍ତି ବିଜେଡି

**ନୂଆଦଳ ଗଢ଼ିଲେ କୌଣସି ଫରକ ପଡ଼ିବ ନାହିଁ**

ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦାମଙ୍କ ବହିଷ୍କାର ହେବାର ଦିନକ ପରେ ମୁଖ୍ୟମନ୍ତ୍ରୀ ନିଜର ପ୍ରତିକ୍ରିୟା ଦେଇଛନ୍ତି। ଦାମ ଏବଂ ପୂର୍ବରୁ ବିଜେଡିରୁ ବହିଷ୍କୃତ ନେତାମାନେ ଏକାଠିହୋଇ ଏକ ରାଜନୈତିକ ଦଳ ଗଠନ କରିବା ସମ୍ଭାବନା ରହିଛି । ଏହାଦ୍ୱାରା ବିଜେଡି ପ୍ରଭାବିତ ହେବ କି ଏକ ପ୍ରଶ୍ନର ଜବାବରେ ନବୀନ କହିଛନ୍ତି ଯେ, ☞ପୃଷ୍ଠା–୪



ନବୀନ ନିବାସଠାରେ ଗୁରୁବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

**ଆଜିର ସମ୍ପାଦକୀୟ**

ଟିକସ କାଟ

**ଆଜିର ମନ୍ତବ୍ୟ**

"ବୈଜ୍ଞାନିକମାନେ କିଛି ଭିନ୍ନ ଚିନ୍ତା କରିବା ସହ ଲୋକଙ୍କ ହିତ ପାଇଁ ଗବେଷଣା ଜାରି ରଖିବା ଉଚିତ ।

– ହର୍ଷବର୍ଦ୍ଧନ, କେନ୍ଦ୍ରମନ୍ତ୍ରୀ

# ଦୁର୍ଘଟଣା ନେଲା ୪ ଜୀବନ

କେନ୍ଦୁଝର/କାମାକ୍ଷାନଗର, ୧୩।୯(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଏବଂ ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ଗୁରୁବାର ଘଟିଥିବା ଦୁର୍ଘଟଣା ୪ଜଣଙ୍କ ଜୀବନ ନେଇଛି। ଗଣେଶପୂଜା ଦେଖିବାକୁ



ଦୁର୍ଘଟଣାଗ୍ରସ୍ତ ବାଇକ୍।

ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି ସମସ୍ତେ। ସେମାନଙ୍କ ମଧ୍ୟରେ ଅଛନ୍ତି ୨ଜଣ ଦଶମ ଶ୍ରେଣୀ ଛାତ୍ର। ଏପରି ଘଟଣାରେ ଫିକା ପଡ଼ିଯାଇଛି ଅଞ୍ଚଳର ଗଣେଶପୂଜା ପରିବେଶ।

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ସୁନାପେଣ୍ଠ ଗ୍ରାମର ବିଶ୍ୱାମିତ୍ର ନାଏକ, ଆକାଶ ନାଏକ ଏବଂ ବିଜୟ ନାଏକ ବାଇକ୍ (ଓଆର୍ ୦୯ ଏନ୍ ୨୬୦୦)ରେ ବଣା ପଳାଶପାଳକୁ ଗଣେଶ ମେଢ଼ ଦେଖିବାକୁ ଯାଉଥିବାବେଳେ ଗଛରେ ପିଟି ହୋଇଯାଇଥିଲେ। ରାସ୍ତାରେ ପଡ଼ି ଛଟପଟ ହେଉଥିବାବେଳେ ସ୍ଥାନୀୟ

**ଗଣେଶପୂଜା ଦେଖିବାକୁ ଯାଉଥିଲେ**

ବାସିନ୍ଦା ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ବିଶ୍ୱାମିତ୍ର ଏବଂ ଆକାଶଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଥାନାଧିକାରୀ ବନିତା ମାଝି କୁହନ୍ତି, ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି। ବିଜୟଙ୍କ ଅବସ୍ଥା ଉଦ୍‌ବେଗଜନକ ରହିଛି। ଘଟଣାର ତଦନ୍ତ ଚାଲିଛି। ☞ପୃଷ୍ଠା–୪


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 13.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 54 | 98 | 108 |
| DKL | 53 | 97 | 107 |
| BDK | 56 | 101 | 111 |
| BLS | 56 | 101 | 111 |
| ANG | 56 | 101 | 111 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers





"ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ୍)ର ଉନ୍ନତମାନର ଯୁଦ୍ଧବିମାନ ଉତ୍ପାଦନ କ୍ଷମତା ନ ଥିବାରୁ ଉପା ଶାସନ ଅମଳରେ ରାଫେଲ୍ ଚୁକ୍ତି ବିଫଳ ହୋଇଥିଲା।

- ନିର୍ମଳା ସୀଥାରାମନ୍, ପ୍ରତିରକ୍ଷା ମନ୍ତ୍ରୀ



## ସଂକ୍ଷେପରେ

### ପ୍ରଧାନ ବିଚାରପତି ହେବେ ଜଷ୍ଟିସ୍ ଗୋଗୋଇ

ନୂଆଦିଲ୍ଲୀ, ୧୩।୯(ପି.ଟି.): ସୁପ୍ରିମକୋର୍ଟର ୪୬ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଗୁରୁବାର ନିଯୁକ୍ତ ହୋଇଛନ୍ତି ଜଷ୍ଟିସ୍ ରଞ୍ଜନ ଗୋଗୋଇ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କ ନିଯୁକ୍ତିପତ୍ରରେ ମୋହର ମାରିବା ପରେ ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ସିଜେଆଇ ଜଷ୍ଟିସ୍ ଦୀପକ ମିଶ୍ର ଅବସର ଗ୍ରହଣ କରିବାର ଦିନକ ପରେ ଅର୍ଥାତ୍ ଅକ୍ଟୋବର ୩ରେ ଜଷ୍ଟିସ୍ ଗୋଗୋଇ ଦାୟିତ୍ୱ ନେବେ। ନୂଆ ସିଜେଆଇଙ୍କ କାର୍ଯ୍ୟକାଳ ପ୍ରାୟ ୧୩ ମାସ ରହିବ ବୋଲି ଆଇନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେ ୨୦୧୯ ନଭେମ୍ବର ୧୭ରେ ଅବସର ଗ୍ରହଣ କରିବେ। ୧୯୫୪ ନଭେମ୍ବର ୧୮ରେ ଜନ୍ମିତ ଜଷ୍ଟିସ୍ ଗୋଗୋଇ ୧୯୭୮ରେ ଓକିଲାତି ଅଭ୍ୟାସ ଆରମ୍ଭ କରିଥିଲେ। ଗୁଆହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ସେ ୨୦୦୧ ଫେବୃୟାରୀ ୨୮ରେ ନିଯୁକ୍ତ ହୋଇଥିଲେ। ୨୦୧୦ ସେପ୍ଟେମ୍ବର ୯ରେ ସେ ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ବଦଳି ହୋଇଥିଲେ। ୨୦୧୧ ଫେବୃୟାରୀରେ ଜଷ୍ଟିସ୍ ଗୋଗୋଇ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ ହୋଇଥିଲେ। ୨୦୧୨ ଏପ୍ରିଲରେ ସେ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ଗତମାସ ଜଷ୍ଟିସ୍ ମିଶ୍ର ନୂଆ ସିଜେଆଇଙ୍କ ନିଯୁକ୍ତି ଲାଗି ବରିଷ୍ଠତା ଭିତ୍ତିରେ ଜଷ୍ଟିସ୍ ଗୋଗୋଇଙ୍କ ନାମ ସୁପାରିସ କରିଥିଲେ। ସୁପ୍ରିମକୋର୍ଟର ପରମ୍ପରା ରକ୍ଷାକରି ସେ ଏହି ନିଷ୍ପତ୍ତି ନେଇଥିଲେ।

### କାଲିଫର୍ଣିଆରେ ଗୁଳିକାଣ୍ଡ: ୬ ନିହତ

ଲସ୍ ଏଞ୍ଜେଲସ୍, ୧୩।୯(ପି.ଟି.) କାଲିଫର୍ଣିଆରେ ବୁଧବାର ଜଣେ ବନ୍ଧୁକଧାରୀ ଗୁଳିକାଣ୍ଡ ଘଟାଇଛନ୍ତି। ଏଥିରେ ୬ ଜଣ ପ୍ରାଣ ହରାଇଛନ୍ତି। ଆକ୍ରମଣକାରୀ ସ୍ତ୍ରୀଙ୍କ ସମେତ ୫ ଜଣଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି ବୋଲି ଜଣେ ପୋଲିସ ମୁଖପାତ୍ର ସୂଚନା ଦେଇଛନ୍ତି। ବିଶ୍ୱ ଜନସଂଖ୍ୟାର ୪ ପ୍ରତିଶତ ଲୋକ ଆମେରିକାରେ ଅଛନ୍ତି। କିନ୍ତୁ ବିଶ୍ୱରେ ଥିବା ମୋଟ ଅସ୍ତ୍ରର ୪୦ ପ୍ରତିଶତ ସେମାନଙ୍କଠାରେ ରହିଛି। ଆମେରିକାର ୮୫୭ ବନ୍ଧୁକ ସାଧାରଣ ଲୋକଙ୍କ ନିକଟରେ ରହିଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ବନ୍ଧୁକର ବହୁଳ ବ୍ୟବହାର ଯୋଗୁ ଆମେରିକାରେ ଗୁଳିକାଣ୍ଡ ଘଟଣା ଅଧିକ ଘଟୁଥିବା କୁହାଯାଉଛି।

### ମୋଦିଙ୍କୁ 'ନିରକ୍ଷର' କହିଲେ ନିରୁପମ୍

ମୁମ୍ବାଇ, ୧୩।୯(ପି.ଟି.) ମହାରାଷ୍ଟ୍ରର ସ୍କୁଲଗୁଡ଼ିକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ ପ୍ରଦର୍ଶନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ସମାଲୋଚନା କରି ମୁମ୍ବାଇ କଂଗ୍ରେସ ମୁଖ୍ୟ ସଞ୍ଜୟ ନିରୁପମ୍ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ମୋଦି ଜଣେ 'ନିରକ୍ଷର'। ତାଙ୍କ ଫିଲ୍ମ ଦେଖି ଛାତ୍ରୀଛାତ୍ରମାନେ କିଛି ଶିକ୍ଷା ଗ୍ରହଣ କରିବେ ନାହିଁ ବୋଲି ସେ କହିଛନ୍ତି। ନିରୁପମ୍‌ଙ୍କ ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଭାଜପା। ଗୈରିକ ଦଳର ମହାରାଷ୍ଟ୍ର ଶାଖା ମୁଖପାତ୍ର ଶୈନା ଏନ୍‌ସି କହିଛନ୍ତି, ନିରୁପମ୍ ଜଣେ 'ପାଗଳ'।

ଇତିହାସର ଆଇନାରେ

### ସେପ୍ଟେମ୍ବର ୧୪ର ପ୍ରମୁଖ ଘଟଣା

୧୯୯୭ ସେପ୍ଟେମ୍ବର ୧୪ରେ ହାଓଡା-ଅହମ୍ମଦାବାଦ ଏକ୍ସପ୍ରେସ ଦୁର୍ଘଟଣା ଘଟି ୫ଟି ବଗି ନଦୀରେ ପଡିଯିବା କାରଣରୁ ୮୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୭୫ ଆହତ ହୋଇଥିଲେ। ଟ୍ରେନର ଏହି ୫ଟି ବଗିରେ ୩୦୦ ଯାତ୍ରୀ ରହିଥିଲେ। ଇଞ୍ଜିନ ସହିତ ୩ ଟି ବଗି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଥିଲା।

୧୯୬୦ ସେପ୍ଟେମ୍ବର ୧୪ରେ ଅର୍ଗାନାଇଜେଶନ୍ ଅଫ୍ ପେଟ୍ରୋଲିୟମ ଏକ୍ସପର୍ଟିଂ କଣ୍ଟ୍ରି(ଓପିଇସି)ର ଗଠନ ହୋଇଥିଲା। ଏହାର ପ୍ରଥମ ୫ଟି ଦେଶ ମଧ୍ୟରେ ଇରାନ୍, କୁଏତ୍, ସୌଦି ଆରବ,ଭେନିଜୁଏଲା ରହିଛନ୍ତି। ୨୦୧୮ ସୁଦ୍ଧା ଏଥିରେ ୧୫ଟି ଦେଶ ସଦସ୍ୟ ରହିସାରିଛନ୍ତି। ଏହି ସବୁ ଦେଶ ଗୁଡିକରେ ବିଶ୍ୱର ୪୪ % ତୈଳ ଉତ୍ପାଦନ ହୋଇଥାଏ।

# ଜାତୀୟ ରାଜନୀତିରେ ମାଲ୍ୟା ଝଡ଼

ନୂଆଦିଲ୍ଲୀ, ୧୩।୯(ପି.ଟି.)

ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ନେଇ ଏବେ ଜାତୀୟ ରାଜନୀତିରେ ଝଡ ସୃଷ୍ଟି ହୋଇଛି। ଲଣ୍ଡନରେ ପ୍ରତ୍ୟର୍ପଣ ମାମଲାର ସାମ୍ନା କରୁଥିବା ମାଲ୍ୟା ବୁଧବାର ଅଦାଲତ ଯିବା ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ସମ୍ପର୍କରେ ଏକ ବିସ୍ଫୋରକ ବୟାନ ଦେଇଥିଲେ। ଦେଶ ଛାଡିବା ପୂର୍ବରୁ ଅର୍ଥମନ୍ତ୍ରୀଙ୍କୁ ସେ ଭେଟିଥିଲେ ଏବଂ ଦେଶ ଛାଡୁଥିବା କହିଥିଲେ ବୋଲି ମାଲ୍ୟା ଉଲ୍ଲେଖ କରିଥିଲେ। ଖାଲି ସେତିକି ନୁହେଁ ଋଣ ବିବାଦର ସମାଧାନ ଲାଗି ଅର୍ଥମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିବା ସେ ସ୍ପଷ୍ଟ କରିଥିଲେ। ତାଙ୍କର ଏହି ବୟାନ ପରେ ଦେଶର ରାଜନୀତିରେ ଝଡ ସୃଷ୍ଟି ହୋଇଛି। ଲଣ୍ଡନ ପଳାଇବା ଲାଗି ମାଲ୍ୟାଙ୍କ ସହ ଜେଟ୍‌ଲୀ ଗୋପନ ବୁଝାମଣା କରିଥିଲେ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅଭିଯୋଗ କରିଥିବା ବେଳେ ଭାଜପା ମଧ୍ୟ ଏହାର ଦୃଢ଼ ଜବାବ ଦେଇଛି।

ରାଜନୈତିକ ଫାଇଦା ମିଳିବା ଆଶାରେ ଗୁରୁବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହି ବିବାଦରେ ନିଜକୁ ସାମିଲ କରିଛନ୍ତି। ଆୟୋଜିତ





- ଜେଟ୍‌ଲୀ ଗୋପନ ବୁଝାମଣା କରିଥିଲେ: ରାହୁଲ
- କିଙ୍ଗଫିଶରରେ ଗାନ୍ଧୀ ପରିବାରର ଅଂଶଧନ ସ୍ପଷ୍ଟ ହେଉ : ଭାଜପା

ଏକ ଖବରଦାତା ସମ୍ମିଳନୀରେ ଜେଟ୍‌ଲୀଙ୍କ ବିରୋଧରେ ସେ ଗୁରୁତର ଅଭିଯୋଗ ଆଣିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ମିଛ କହୁଛନ୍ତି ବୋଲି ଉଲ୍ଲେଖ କରି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି ଯେ, ଜେଟଲୀ ପଳାତକ ମଦ ବ୍ୟବସାୟୀଙ୍କୁ ସଂସଦର ବାରଣ୍ଡାରେ ନୁହେଁ ବରଂ ସେଣ୍ଟ୍ରାଲ ହଲ୍‌ରେ ଭେଟିଥିଲେ। ସେ ଲଣ୍ଡନ ପଳାଉଛନ୍ତି ବୋଲି ମାଲ୍ୟା ସେତେବେଳେ ତାଙ୍କୁ ଜଣାଇଥିଲେ। କେନ୍ଦ୍ର ଅର୍ଥମନ୍ତ୍ରୀ ଏ ସମ୍ପର୍କରେ ତଦନ୍ତକାରୀ ଏଜେନ୍ସିକୁ ଜଣାଇବା ପରିବର୍ତ୍ତେ ଜଣେ ଆର୍ଥିକ ଅପରାଧୀଙ୍କୁ ପଳାଇବାକୁ ସୁଯୋଗ ଦେଲେ। ଜେଟ୍‌ଲୀ ସୋସିଆଲ ମିଡିଆରେ ବଡ଼ ବଡ଼ ଗପ ଲେଖନ୍ତି। କିନ୍ତୁ ମାଲ୍ୟାଙ୍କ ସମ୍ପର୍କରେ ଆଜି ଯାଏ କିଛି ଉଲ୍ଲେଖ କଲେ ନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ମାଲ୍ୟାଙ୍କ ସହ ଜେଟ୍‌ଲୀଙ୍କ ଗୋପନ ବୁଝାମଣା ହୋଇଥିଲା ବୋଲି କଂଗ୍ରେସ ଅଧ୍ୟକ୍ଷ ଅଭିଯୋଗ କରିଛନ୍ତି। ଏହି କାରଣରୁ ସେ ଇସ୍ତଫା ଦିଅନ୍ତୁ ବୋଲି ରାହୁଲ ଦାବି କରିଛନ୍ତି। ଅନ୍ୟପକ୍ଷରେ ଭାଜପା ମଧ୍ୟ ରାହୁଲଙ୍କୁ ପାଲଟା ଜବାବ ଦେଇଛି। ଦଳର ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି ଯେ, ମାଲ୍ୟାଙ୍କ ବନ୍ଦ ହୋଇଯାଇଥିବା କିଙ୍ଗଫିଶର ଏୟାର ଲାଇନ୍ସରେ ଗାନ୍ଧୀ ପରିବାରର ଅଂଶଧନ ରହିଥିବା ନେଇ ରାହୁଲ ସ୍ପଷ୍ଟ କରନ୍ତୁ। କାରଣ ରାହୁଲ ଓ ସୋନିଆ ଗାନ୍ଧୀଙ୍କୁ ଏହି ଏୟାର ଲାଇନ୍ସରେ ମାଗଣାରେ ଯିବା ଆସିବା କରିବାକୁ ସୁଯୋଗ ଦିଆଯାଉଥିଲା। ଅନ୍ୟପକ୍ଷରେ ଋଣରେ ବୁଡିଥିବା କିଙ୍ଗଫିଶରକୁ ସୁରକ୍ଷା ଦେବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ ସେତେବେଳେ ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ଏହି ଅବସରରେ ସେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଏସ୍‌ବିଆଇ ମଧ୍ୟରେ ହୋଇଥିବା ଚିଠିର ଆଦାନପ୍ରଦାନ କପି ଦେଖାଇଥିଲେ। କିଙ୍ଗଫିଶରକୁ ଋଣ ପ୍ରଦାନ ବେଳେ କିଭଳି ନିୟମ ଉଲ୍ଲଂଘନ ହୋଇଥିଲା ଚିଠିରୁ ତାହା ପ୍ରମାଣିତ ବୋଲି ପାତ୍ର ଦର୍ଶାଇଛନ୍ତି। ଉଲ୍ଲେଖଥାଉ କି, ଲଣ୍ଡନ ଯିବା ପୂର୍ବରୁ ସେ ଜେଟ୍‌ଲୀଙ୍କୁ ଭେଟିଥିଲେ ବୋଲି ମାଲ୍ୟା ବୁଧବାର କହିବା ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ଏହାକୁ ଖଣ୍ଡନ କରିଥିଲେ। କିଙ୍ଗଫିଶର ଏୟାରଲାଇନ୍ସ ମୁଖ୍ୟଙ୍କ ସହ ତାଙ୍କର କୌଣସି ସାକ୍ଷାତ ହୋଇନାହିଁ ବୋଲି ଜେଟ୍‌ଲୀ ସ୍ପଷ୍ଟ କରିଥିଲେ। ମାଲ୍ୟାଙ୍କୁ ସାକ୍ଷାତ ପାଇଁ ସେ ସମୟ ଦେଇ ନଥିଲେ ବୋଲି ଅର୍ଥମନ୍ତ୍ରୀ ତାଙ୍କ ସଫେଇରେ କହିଥିଲେ।

# ଟଳିଲେ ୮ ଆତଙ୍କବାଦୀ

## କଶ୍ମୀରରେ ସୁରକ୍ଷାବଳଙ୍କୁ ବଡ଼ ସଫଳତା

- ୩ ସ୍ଥାନରେ ଏନ୍‌କାଉଣ୍ଟର
- କୁପ୍‌ୱାଡ଼ାରେ ୩ ଅନୁପ୍ରବେଶକାରୀ ନିହତ
- ରେଆସିରେ ଟଳିଲେ ୩ ଜେଇଏମ୍ ଆତଙ୍କବାଦୀ
- ଘରେ ପଶି ବିସ୍କୁଟ ଖାଇ ଚମ୍ପଟ ମାରିଥିଲେ
- ସୋପୋରରେ ୨ ଆତଙ୍କବାଦୀ ନିହତ



ଶ୍ରୀନଗର/ଜମ୍ମୁ, ୧୩।୯(ପି.ଟି.)

ଜମ୍ମୁ-କଶ୍ମୀରରେ ଗୁରୁବାର ସୁରକ୍ଷାବଳଙ୍କୁ ବଡ଼ଧରଣର ସଫଳତା ମିଳିଛି। ତିନୋଟି ସ୍ଥାନରେ ପୃଥକ୍ ଦମନ ଅଭିଯାନରେ ୮ ଆତଙ୍କବାଦୀଙ୍କୁ ନିହତ କରିଛନ୍ତି ସୁରକ୍ଷାକର୍ମୀ। ଗୁଳି ବିନିମୟବେଳେ ୧୨ ଯବାନ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ନିହତ ଆତଙ୍କବାଦୀଙ୍କ ମଧ୍ୟରୁ ୩ ଜଣ କୁପ୍‌ୱାଡ଼ା ଅନ୍ତର୍ଗତ ନିୟନ୍ତ୍ରଣରେଖା (ଏଲ୍‌ଓସି) ନିକଟରେ ଟଳିପଡ଼ିଛନ୍ତି। ରେଆସିରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ୩ ସଦସ୍ୟ ଏବଂ ସୋପୋରରେ ୨ ଆତଙ୍କବାଦୀଙ୍କୁ ଦମନ କରାଯାଇଛି।

କୁପ୍‌ୱାଡ଼ା ଜିଲା ଅନ୍ତର୍ଗତ କେରନ୍ ସେକ୍ଟରସ୍ଥିତ ଦାଟ୍ ଗଲି ଅଞ୍ଚଳରେ ଥିବା ଏଲ୍‌ଓସି ନିକଟରେ କେତେଜଣ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ କରୁଥିଲେ। ସେମାନଙ୍କ ସନ୍ଦେହଜନକ ଗତିବିଧି ଜମ୍ମୁ-କଶ୍ମୀର ରାଇଫଲ୍ସର ଯବାନଙ୍କ ନଜରକୁ ଆସିଥିଲା। ସେମାନେ ଆତଙ୍କବାଦୀଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିବାରୁ ଗୁଳିମାଡ଼ ଆରମ୍ଭ ହୋଇଥିଲା। ଦୁଇପକ୍ଷ ମଧ୍ୟରେ ଘମାଘୋଟ ଗୁଳି ବିନିମୟ ପରେ ଉକ୍ତ ସ୍ଥାନରୁ ୩ ଆତଙ୍କବାଦୀଙ୍କ ମୃତଦେହ ଉଦ୍ଧାର ହୋଇଛି। ଶେଷ ଖବର ସୁଦ୍ଧା ସେଠାରେ ସନ୍ଧାନକାର୍ଯ୍ୟ ଜାରି ରହିଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ।

ସେହିପରି ରେଆସି ଜିଲାର କାଜ୍ରିଆଲ ଅଞ୍ଚଳସ୍ଥିତ ମାତା ବୈଷ୍ଣୋଦେବୀ ବିଶ୍ୱବିଦ୍ୟାଳୟରେ ସୁରକ୍ଷାବାହିନୀର ମିଳିତ ଟିମ୍‌ର ଏନ୍‌କାଉଣ୍ଟରରେ ୩ ଜେଇଏମ୍ ଆତଙ୍କବାଦୀ ନିହତ ହୋଇଛନ୍ତି। ନିକଟରେ ପାକିସ୍ତାନରୁ ଆସି ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରିଥିଲେ ଏହି ତିନି ଆତଙ୍କବାଦୀ (୧୮ରୁ ୨୨ ବର୍ଷୀୟ)। ବୁଧବାର ସେମାନେ ଜମ୍ମୁ-ଶ୍ରୀନଗର ହାଇୱେରେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିମାଡ଼ କରି ଏକ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ଏହାପରେ ସେଠାରେ ଆରମ୍ଭ ହୋଇଥିଲା ବଡ଼ଧରଣର ଅପରେଶନ। ଆତଙ୍କବାଦୀଙ୍କୁ ଠାବ କରିବା ପାଇଁ ସୁରକ୍ଷାକର୍ମୀ ଡ୍ରୋନ୍ ଏବଂ ହେଲିକପ୍ଟର ମଧ୍ୟ ବ୍ୟବହାର କରିଥିଲେ। ଘଣ୍ଟା ଘଣ୍ଟା ଅପରେଶନ ପରେ ଶେଷରେ ୩ ଜେଇଏମ୍ ଆତଙ୍କବାଦୀଙ୍କ ମୃତଦେହ ଉଦ୍ଧାର ହୋଇଛି। ଗୁଳିମାଡ଼ରେ ୩ ଅଫିସରଙ୍କ ସମେତ ୧୨ ସୁରକ୍ଷାକର୍ମୀ ମଧ୍ୟ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଡିଏସ୍‌ପି ମୋହନଲାଲ ଅଛନ୍ତି। ତେବେ ଆତଙ୍କବାଦୀମାନେ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରକୁ ବୁଧବାର ରାତି ୮ଟାରେ ଯାଇଥିଲେ ବୋଲି ଅପରେଶନବେଳେ ଜଣାପଡ଼ିଛି। ପିନ୍ଧାବସ୍ତ୍ର ନେବା ସହ ବିସ୍କୁଟ ଖାଇ ଏବଂ ପାଣି ପିଇ ଆତଙ୍କବାଦୀମାନେ ଚମ୍ପଟ ମାରିଥିଲେ। ସେମାନେ ଏକ ଗାଡ଼ିଦେବାକୁ ମଧ୍ୟ କହିଥିଲେ। କିନ୍ତୁ ତାଙ୍କ ପାଖରେ ଗାଡ଼ି ନ ଥିବାରୁ ମନା କରିଦେଲେ ବୋଲି ବ୍ୟକ୍ତି ଜଣକ କହିଛନ୍ତି। ଆତଙ୍କବାଦୀମାନେ ତାଙ୍କ ଘରୁ ରାତି ୯ଟା ୧୦ରେ ଯିବା ପରେ ସେମାନେ ପୋଲିସକୁ ସୂଚନା ଦେଇଥିଲେ। ଝାଜର-କୋଟଲି ଜଙ୍ଗଲ ଓ ଏହାର ଆଖପାଖରେ ସୁରକ୍ଷା ଛାଉଣୀ କରାଯାଇଛି।

# ୟୁପିରୁ ହିଜବୁଲ ଆତଙ୍କବାଦୀ ଗିରଫ

ଲକ୍ଷ୍ନୌ, ୧୩।୯(ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶର ଆତଙ୍କ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଗୁରୁବାର ଜଣେ ହିଜବୁଲ ମୁଜାହିଦ୍ଦିନ୍ ଆତଙ୍କବାଦୀଙ୍କୁ ଗିରଫ କରିଛି। ତାଙ୍କ ନାମ ହୁରୈରା ଆକା କମରୁଦ୍ଦିନ୍। ସେ କାନପୁରରୁ ଧରାପଡ଼ିଛନ୍ତି। ଗଣେଶ ପୂଜାରେ ଶ୍ରଦ୍ଧାଳୁଙ୍କୁ ଟାର୍ଗେଟ କରି ଆକ୍ରମଣ ଘଟାଇବାକୁ ସେ ଯୋଜନା ପ୍ରସ୍ତୁତ କରିଥିଲେ ବୋଲି ଜଣାପଡ଼ିଛି। ଆସାମର ହୋଜାଇ ନିବାସୀଙ୍କୁ କମରୁଦ୍ଦିନ୍ ଏକେ-୪୭ ରାଇଫଲ୍ ଧରିଥିବା ଏକ ଫଟୋ ଗତ ଏପ୍ରିଲରେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହା ପରେ ତାଙ୍କ ଉପରେ ସୁରକ୍ଷାବଳର ନଜର ରହିଥିଲା। ତାଙ୍କୁ ଧରିବା ଲାଗି ଉତ୍ତରପ୍ରଦେଶ (ୟୁପି) ଏଏସ୍‌ପି ଦୀନେଶ ଯାଦବ ଏବଂ ଡେପୁଟି ଏସ୍‌ପି ଦୀନେଶ ପୁରୀ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ତାଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବା ପରେ କାନପୁରର ଚୋର ଥାନା ଅନ୍ତର୍ଗତ ଶିବନଗରରୁ ଗୁରୁବାର କମରୁଦ୍ଦିନ୍‌ଙ୍କୁ ଗିରଫ କରାଯାଇଛି। ପଚରାଉଚରାବେଳେ ସେ ଆତଙ୍କବାଦୀ ସଙ୍ଗଠନ ହିଜବୁଲ ମୁଜାହିଦ୍ଦିନ୍‌ର ସଦସ୍ୟ ବୋଲି ସ୍ୱୀକାର କରିଛନ୍ତି। ତାଙ୍କ ମୋବାଇଲ ଫୋନ୍‌ରୁ ଅନେକ ତଥ୍ୟ ଏବଂ ଆକ୍ରମଣ ଯୋଜନା ସମ୍ପର୍କରେ ଜଣାପଡ଼ିଛି। ୨୦୧୭ ଏପ୍ରିଲରେ ସଙ୍ଗଠନର କଶ୍ମୀରୀ କମାଣ୍ଡରମାନେ ତାଙ୍କୁ ତାଲିମ ଦେଇଥିଲେ ବୋଲି କମରୁଦ୍ଦିନ୍ କହିଛନ୍ତି।

### ଗଣେଶ ପୂଜାରେ ଘଟାଇଥାଆନ୍ତେ ଆକ୍ରମଣ



## ଫୁର୍‌ସତ

### ଗଣେଶଙ୍କୁ ୫୮୦କେଜି ଲଡୁ ଅର୍ପଣ



ହାଇଦ୍ରାବାଦ୍: ଲଡୁ ଭଗବାନ୍ ଗଣେଶଙ୍କର ପ୍ରିୟ ପ୍ରସାଦ ହୋଇଥିବାରୁ ଭକ୍ତମାନେ ଶ୍ରଦ୍ଧାରେ ଏହାକୁ ଭୋଗ ଲଗାନ୍ତି। ହାଇଦ୍ରାବାଦସ୍ଥିତ ଫିଲ୍ମ ନଗର ଦୈବ ସନ୍ନିଧାନମ୍ (ଟେମ୍ପୁଲ ପରିସର)ରେ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଉଛି। ଗଣେଶଙ୍କୁ ମହାପ୍ରସାଦ ରୂପେ ଏକ ଲଡୁ ଅର୍ପଣ କରାଯାଇଛି। ଏହାର ଓଜନ ୫୮୦ କିଲୋଗ୍ରାମ୍। ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲାର ତପେଶ୍ୱରମ୍‌ଠାରେ ସୁରୁଚି ଫୁଡ୍ ଦ୍ୱାରା ଏହି ଲଡୁ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ସୁରୁଚି ଫୁଡ୍‌ସ ମୁଖପାତ୍ର ଉତ୍ପଳପତି ରାମଭଦ୍ରା ରାଜୁ କହନ୍ତି, ୩ଲକ୍ଷ ଟଙ୍କା ମୂଲ୍ୟର ଏହି ଲଡୁକୁ ଉତ୍ସବର ୩ଦିନ ଭକ୍ତମାନଙ୍କୁ ବଣ୍ଟନ କରାଯିବ। ଗତବର୍ଷ ସେମାନେ ମଧ୍ୟ ୫୦୦କି.ଗ୍ରା. ଓଜନର ଏକ ଲଡୁ ଗଣେଶଙ୍କୁ ଅର୍ପଣ କରିଥିଲେ।

### ମୁନ୍ ମିଶନ୍ ପାଇଁ ପାରାଶ୍ୟୁଟ୍ ପରୀକ୍ଷା



ୱାଶିଂଟନ୍: ମୁନ୍ ମିଶନ୍‌ରେ ଯିବାକୁ ଥିବା ଓରିୟନ୍ ସ୍ପେସ୍‌କ୍ରାଫ୍ଟର ମହାକାଶଚାରୀଙ୍କ ନିମନ୍ତେ ପାରାଶ୍ୟୁଟ୍‌ର ସମ୍ପୂର୍ଣ୍ଣ ଏବଂ ସଫଳ ପରୀକ୍ଷା କରାଯାଇଥିବା ନାସା ପକ୍ଷରୁ କୁହାଯାଇଛି। ଚନ୍ଦ୍ର ଏବଂ ଅନ୍ୟାନ୍ୟ ଗ୍ରହ ଉପଗ୍ରହକୁ ମାନବ ମିଶନ୍ ଲାଗି ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।

ଆରିଜୋନା ଅଞ୍ଚଳରେ ଏଥିପାଇଁ ୮ଥର ପରୀକ୍ଷା କରାଯିବା ପରେ ଇଞ୍ଜିନିୟରମାନେ ଓରିୟନ୍‌ର ପାରାଶ୍ୟୁଟ୍ ବ୍ୟବସ୍ଥାର ମୂଲ୍ୟାଙ୍କନ କରିଛନ୍ତି। ସ୍ୱାଭାବିକ ଅବତରଣ ସହିତ କୌଣସି କାରଣରୁ ଏ କ୍ଷେତ୍ରରେ ସମସ୍ୟା ଦେଖାଦେଲେ ତାହା କିପରି ଦୂର ହୋଇପାରିବ ତାହା ମଧ୍ୟ ପରୀକ୍ଷା କରାଯାଇଛି। ଇଞ୍ଜିନିୟରମାନେ ଏଥିପାଇଁ ବିଭିନ୍ନ ଏରୋଡାଇନାମିକ୍ କୌଶଳ ବ୍ୟବହାର କରିଥିଲେ। ମହାକାଶଚାରୀମାନେ କିପରି ନିରାପଦରେ ପୃଥିବୀ ଫେରିପାରିବେ ତାହା ସୁନିଶ୍ଚିତ କରିବାକୁ ବାରମ୍ବାର ପରୀକ୍ଷା କରାଯାଇଛି। ଏ ସମ୍ପର୍କରେ ଓରିୟନ୍ ପ୍ରୋଗ୍ରାମ ମ୍ୟାନେଜର ମାର୍କ କିରାସିକ୍ କହନ୍ତି, ମାନବ ମିଶନ୍ ଲାଗି ଓରିୟନ୍ ସ୍ପେସ୍‌କ୍ରାଫ୍ଟର ପରୀକ୍ଷା ପାଇଁ ଅବିଶ୍ୱନୀୟ କଠିନ ପରିଶ୍ରମ କରାଯାଉଛି। ଏଥିପାଇଁ ଯଥେଷ୍ଟ କୌଶଳ ଅବଲମ୍ବନ କରାଯାଉଛି। ପାରାଶ୍ୟୁଟ୍ ଅବତରଣ ବ୍ୟବସ୍ଥା ଅତ୍ୟନ୍ତ ଜଟିଳ। ଏହାକୁ ବାରମ୍ବାର ପରୀକ୍ଷା କରିବା ଦ୍ୱାରା ଆମର ଆତ୍ମବିଶ୍ୱାସ ବୃଦ୍ଧିପାଇପାରିବ ବୋଲି କିରାସିକ୍ ପ୍ରକାଶ କରିଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୪.୫ |
| ଚାନ୍ଦବାଲି | ୩୫.୩ | ୨୬.୪ |
| କଟକ | ୩୪.୬ | ୨୪.୨ |
| ପାରାଦ୍ୱୀପ | ୩୪.୫ | ୨୮.୧ |
| ଭୁବନେଶ୍ୱର | ୩୫.୨ | ୨୫.୨ |
| ଗୋପାଳପୁର | ୩୫.୦ | ୨୬.୫ |
| ପୁରୀ | ୩୪.୬ | ୨୭.୫ |
| ଅନୁଗୋଳ | ୩୪.୬ | ୨୩.୬ |
| ବାରିପଦା | ୩୪.୪ | ୨୫.୪ |
| ଝାରସୁଗୁଡ଼ା | ୩୧.୯ | ୨୫.୨ |
| କେନ୍ଦୁଝର | ୩୨.୬ | ୨୩.୪ |
| ସମ୍ବଲପୁର | ୩୨.୫ | ୨୩.୫ |
| ସୁନ୍ଦରଗଡ଼ | ୩୪.୦ | ୨୨.୦ |
| ହୀରାକୁଦ | ୩୩.୦ | ୨୪.୮ |
| ତାଳଚେର | ୩୪.୬ | ୨୫.୮ |
| ଭବାନୀପାଟଣା | ୩୪.୦ | ୨୩.୫ |
| ବଲାଙ୍ଗୀର | ୩୪.୫ | ୨୫.୦ |
| କୋରାପୁଟ | ୨୯.୬ | ୨୦.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୫.୦ | ୨୩.୦ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୫.୨ | ୨୩.୫ |
| ଦାରିଙ୍ଗିବାଡ଼ି | ୨୯.୦ | ୨୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ସୌନ୍ଦର୍ଯ୍ୟ ପାଇଁ ଗର୍ବିତ ହୁଅନ୍ତୁ ମହିଳା



ଜାହ୍ନବୀ କପୁର

ମୁମ୍ବାଇ: ପ୍ରତ୍ୟେକ ମହିଳା ତାଙ୍କ ସୌନ୍ଦର୍ଯ୍ୟ ପାଇଁ ଗର୍ବ ଅନୁଭବ କରିବା ଉଚିତ। ଏ ବାବଦରେ କୌଣସି ଅନୁଶୋଚନା କରିବା ଉଚିତ ନୁହେଁ ବୋଲି ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର ପ୍ରକାଶ କରିଛନ୍ତି। ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଜାହ୍ନବୀ କହିଲେ, ପ୍ରତ୍ୟେକ ମହିଳାଙ୍କର ସୌନ୍ଦର୍ଯ୍ୟ ଭିନ୍ନ ଭିନ୍ନ। ସେହି ଦୃଷ୍ଟିରୁ ପ୍ରତ୍ୟେକେ ଏଥିପାଇଁ ଗର୍ବିତ ହେବା ଉଚିତ। ସେମାନେ ଅନ୍ୟ କାହାକୁ ଅନୁସରଣ କରିବା ଆବଶ୍ୟକ ନାହିଁ। କାରଣ ଦୁଇଜଣଙ୍କ ରୂପ କେବେ ସମାନ ହୋଇପାରିବ ନାହିଁ। ତେଣୁ ସେମାନେ ଅନ୍ୟର ସୌନ୍ଦର୍ଯ୍ୟ ଦେଖି ନିଜକୁ ନ୍ୟୁନ ମନେକରିବା ଉଚିତ ନୁହେଁ। ଜାହ୍ନବୀଙ୍କୁ ବିଉଟି ବ୍ରାଣ୍ଡ 'ନାୟିକା' ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ପ୍ରଥମକରି ସେ ଏକ ବୃତ୍ତି ସହ ଜଡ଼ିତ ହୋଇଥିବାରୁ ଖୁବ୍ ସମ୍ମାନିତ ମନେକରନ୍ତି। ତାଙ୍କ ମା' ଶୁଟିଂ ପାଇଁ ଯିବାକୁ କିପରି ସୁନ୍ଦର ଭାବରେ ସଜେଇ ହୁଅନ୍ତି ତାହା ଦେଖିଥିବା କଥା ସେ ମନେପକାଇଥିଲେ। ତେବେ 'ଧଡ଼କ'ରେ ଅଭିନୟ କରିଥିବା ଜାହ୍ନବୀ ନିଜ ରୂପଚର୍ଯ୍ୟା ଲାଗି ଦେଶୀୟ ଟେକ୍‌ନିକ୍ ବ୍ୟବହାର କରନ୍ତି ବୋଲି ପ୍ରକାଶ କରିଛନ୍ତି। ବର୍ତ୍ତମାନ ଲୋକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବେଶ୍ ପସନ୍ଦ କରନ୍ତି। ଏହା ମୋ କ୍ଷେତ୍ରରେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପରିଲକ୍ଷିତ ହୁଏ ଏବଂ କୃତ୍ରିମତାକୁ ମୁଁ ବିରୋଧ କରେ ବୋଲି ସେ କହିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଜାହ୍ନବୀ କରନ୍ ଜୋହରଙ୍କ 'ତଖତ୍'ରେ ଦେଖାଦେବେ।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




^Ex-showroom price Odisha of TVS Sport KS Spoke BS IV Variant. Prices subject to change without prior notice. **5 year warranty without any additional charges.
##Finance at the sole discretion of the financer. Schemes cannot be clubbed. TVS Showrooms are open on all Sundays. T&C apply.

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR:** Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph : : 8860629978. PURI: Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph : 8860793803. Authorised Dealers: CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom);Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Uttara, Bhubaneswar, Jyote Uttara, Ph : 7440030006; Erasama, Krishna Motors, Ph : 9937084847; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dhaitree Associates, Ph : 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541.






Sporty Roof Spoiler | Tough Door Claddings | Premium Seat Covers and Foot Mats | Rugged Body Kit

NEXA Safety Shield
Standard Across All Variants

- DUAL FRONT AIRBAGS
- ABS WITH EBD
- PEDESTRIAN PROTECTION COMPLIANCE
- FULL FRONTAL IMPACT COMPLIANT, FRONTAL OFFSET IMPACT COMPLIANT, SIDE IMPACT COMPLIANT

Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

BHUBANESWAR
NEXA Raj Bhavan Road (NARAYANI MOTORS) Ph: 7381000102
NEXA Cyber City (JYOTE MOTORS) Ph: 8338033884
NEXA Twin City (SKY AUTOMOBILES) Ph: 9776497764/7064400101

BALASORE
NEXA Balasore Highway (JYOTE MOTORS) Ph: 8338033994

SAMBALPUR
NEXA Sambalpur Highway (ODYSSEY MOTORS) Ph: 8599039994

CUTTACK
NEXA Stadium Rd (JYOTE MOTORS) Ph: 8338033889

ROURKELA
NEXA Civil Town (ORBIT MOTORS) Ph: 8337900222, 7077727977





## ସଂକ୍ଷେପରେ

### ଆଜି ନୂଆଁଖାଇ



**ସମ୍ବଲପୁର,୧୩।୯(ବ୍ୟୁରୋ):** ପଶ୍ଚିମ ଓଡ଼ିଶାର ବଡ଼ ତିହାର ନୂଆଁଖାଇ। ଶୁକ୍ରବାର ସକାଳ ପାଇଲେ ଇଷ୍ଟଦେବୀ ସମଲେଇଙ୍କଠାରେ ନବାନ୍ନ ଭୋଗ ଲାଗିବ। ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ରୀତିନୀତି ଓ ପରମ୍ପରା ସହ ପାଳିତ ହେବ। ତେଣୁ ପୁରପଲ୍ଲୀ ଉତ୍ସବ ମୁଖର ହୋଇଛି। ଘର ଛାଡ଼ି ବାହାରେ ରହୁଥିବା ପରିବାର ସଦସ୍ୟମାନେ ଘରକୁ ଫେରି ଆସିଛନ୍ତି। ଶେଷ ହୋଇଛି ସମସ୍ତ ପ୍ରସ୍ତୁତି। କେବଳ ଅପେକ୍ଷା ସେହି ଶୁଭ ମୁହୂର୍ତ୍ତକୁ। ଗୁରୁବାର ମଧ୍ୟାହ୍ନରେ ଇଷ୍ଟଦେବୀ ସମଲେଇଙ୍କ ସିନ୍ଦୂର ଅର୍ପଣ ନୀତି ଶେଷ ହୋଇଛି। ଏହାପରେ ମନ୍ଦିରର ପାର୍ଶ୍ୱ ଦେବଦେବୀଙ୍କୁ ସିନ୍ଦୂର ଅର୍ପଣ କରାଯାଇଛି । ସକାଳ ୮ଟାରେ ୧୧୫ ଦେବଦେବୀଙ୍କୁ ସ୍ନାନ କରାଯାଇଥିଲା । ଏହାପରେ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ସିନ୍ଦୂର ଓ ଜଡାତେଲର ମିଶ୍ରଣ ପ୍ରସ୍ତୁତି କରିଥିଲେ । ପ୍ରଥମେ ଶୀତଳା ଦେବୀଙ୍କୁ ପୂଜକମାନେ ସିନ୍ଦୂର ଅର୍ପଣ କରିଥିଲେ । ଘଣ୍ଟ ଶଙ୍ଖ, ହରିବୋଲ ହୁଳହୁଳିରେ ଉଚ୍ଛୁଳି ପଡିଥିଲା ମନ୍ଦିର ପରିସର। କ୍ରମାନ୍ୱୟରେ ଦେବଦେବୀଙ୍କୁ ସିନ୍ଦୁର ଅର୍ପଣ କରି ପ୍ରଣିପାତ ହୋଇଥିଲେ ଶ୍ରଦ୍ଧାଳୁ । ଏଥିପାଇଁ ମନ୍ଦିର ପ୍ରବେଶ ଦ୍ୱାରରେ ଫୁଲ ଓ ଆଲୋକମାଳା ସଜ୍ଜିତ କରାଯାଇଛି । ବିଭିନ୍ନ ରଙ୍ଗିନ ଆଲୋକମାଳାରେ ମନ୍ଦିର ଝଟକୁଛି। ସିନ୍ଦୂର ଅର୍ପଣ ସହ ସମଲେଇଙ୍କ ଆଭୁଷଣ ପ୍ରସ୍ତୁତ କରାଯାଇଛି। ସନ୍ଧ୍ୟା ୬ଟାରେ ମୁଖ୍ୟ ପୂଜକ ରାୟଙ୍କ ଘରେ ଦେବୀଙ୍କ ପ୍ରିୟ ସାରୁପତ୍ର ପହଞ୍ଚିଛି। ସାରୁ ପତ୍ରରେ ଶାଗ ପ୍ରସ୍ତୁତ କରି ସମଲେଇଙ୍କୁ ଅର୍ପଣ କରିବା ବିଧି ରହିଛି। ଏତତ୍‌ବ୍ୟତୀତ ପଶ୍ଚିମ ଓଡିଶା ଅନ୍ତର୍ଗତ ବୌଦ୍ଧର ଭୈରବୀ, ନୂଆଁପଡ଼ା ଜିଲାର ଟାନ୍‌ୱାଟ୍ କଣା ଭଇଁରା, ବରଗଡ଼ ଓ ଝାରସୁଗୁଡ଼ାର ସମଲେଇ, ସୁନ୍ଦରଗଡ଼ ଜିଲାର ସମଲେଇ ଓ ଶିଖରବାସିନୀ, ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ପୀଠରେ ନୂଆଁଖାଇ ଲାଗି ପ୍ରସ୍ତୁତି ଚୂଡାନ୍ତ ହୋଇଛି।

### ନିଖୋଜ ମତ୍ସ୍ୟଜୀବୀଙ୍କ ପତ୍ତା ମିଳୁନି

**ବାସୁଦେବପୁର,୧୩।୯(ଡି.ଏନ.ଏ.):** ଭଦ୍ରକ ଜିଲା ଧାମରା ଚନ୍ଦନିପାଳ ନିକଟସ୍ଥ ମଝି ସମୁଦ୍ରରେ ମାଛ ମାରିବାକୁ ଏକ ବୋଟ୍ ଯୋଗେ ୧୨ ମତ୍ସ୍ୟଜୀବୀ ମଙ୍ଗଳବାର ରାତିରେ ଯାଇଥିଲେ। ସେମାନଙ୍କ ମଧ୍ୟରୁ ବଳରାମ ମଳିକ ଓରଫ ହରିଆ ନାମକ ଜଣେ ମତ୍ସ୍ୟଜୀବୀ ବୋଟ୍‌ରୁ ଅସାବଧାନତା ବଶତଃ ପାଣିରେ ପଡ଼ିଯାଇଥିଲେ। ନିଖୋଜ ହେବାର ୩ ଦିନ ବିତିଯାଇଥିବା ବେଳେ ଏଯାଏ ତାଙ୍କର କୌଣସି ପତ୍ତା ମିଳିପାରି ନାହିଁ। ବଳରାମଙ୍କ ଘର ବିଦେଇପୁର ଗ୍ରାମରେ। ତାଙ୍କ ବାପା ନାଇଆ ମଳିକ ବଳରାମଙ୍କ ନିଖୋଜ ନେଇ କଷିଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନିଖୋଜ ବଳରାମଙ୍କୁ ଉଦ୍ଧାର ପାଇଁ ପୋଲିସ ତନାଘନା ଚଳାଇଛି।




# ଦାମଙ୍କ ବିଦା ପରେ ଜୋର ଧରୁଛି ରାଜ୍ୟ ରାଜନୀତି

**ଭୁବନେଶ୍ୱର,୧୩।୯(ବ୍ୟୁରୋ)**



- ମୁଁ ଆସି ନ ଥିଲି, ମୋତେ ଡାକି ମିଶାଯାଇଥିଲା: ଦାମ
- ଦୁର୍ନୀତି ହୋଇଥିଲେ ସାଙ୍ଘାତିକ: ନିରଞ୍ଜନ
- ଭାଜପା ସହ ମେଣ୍ଟ ପାଇଁ ପ୍ରସ୍ତୁତି: ଜନାର୍ଦ୍ଦନ
- ବିକଳ୍ପ ସମୀକରଣକୁ ଏଡା ଯାଇ ନ ପାରେ: ପଞ୍ଚାନନ
- କୌଣସି ପ୍ରଭାବ ପଡିବନି: ସମୀର

ବିଜେଡିରୁ ଡାକ୍ତର ଦାମୋଦର ରାଉତ ବହିଷ୍କୃତ ହେବା ପରେ ରାଜ୍ୟ ରାଜନୀତିରେ ବ୍ୟାପକ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେଡି ପକ୍ଷରୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି। ହେଲେ ଦାମଙ୍କ ନିର୍ବାଚନମଣ୍ଡଳୀରେ ଏହାକୁ ନେଇ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦାମଙ୍କ ବହିଷ୍କାର ପରେ ଶତାଧିକ କର୍ମୀ ତାଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ରୁଣ୍ଡ ହୋଇଥିଲେ। ସାରା ରାଜ୍ୟରେ କ'ଣ ପ୍ରଭାବ ପଡ଼ିବ ତାହା ପରକଥା, ପାରାଦୀପ ଏବଂ ଜଗତ୍‌ସିଂହପୁର ଜିଲାରେ ବିଜେଡି କିଛିମାତ୍ରାରେ କ୍ଷତିଗ୍ରସ୍ତ ହେବ ବୋଲି ଅନେକ ତୃଣମୂଳସ୍ତରୀୟ କର୍ମୀ ମତ ରଖିଛନ୍ତି। ଦାମଙ୍କ ପୂର୍ବରୁ ବିଜେଡିରୁ ବିଦା ହୋଇଥିବା ପୂର୍ବତନ କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା, ସିପିଆଇ ନେତା ନାରାୟଣ ରେଡ୍ଡୀ ପ୍ରମୁଖ ତାଙ୍କୁ ଭେଟିଛନ୍ତି।

ଦାମ କହିଛନ୍ତି ଯେ, ନବୀନ ପଟ୍ଟନାୟକ ସ୍ଥିତି ଦେଖି ନୀତି ବଦଳାଉଛନ୍ତି। ମୋତେ ବିଜେଡିରେ ମିଶାଇବା ପାଇଁ ସେ ସମୟରେ ନବୀନ ପଟ୍ଟନାୟକ, ରାମକୃଷ୍ଣ ପଟ୍ଟନାୟକ ଏବଂ ଏ.ୟୁ ସିଂଦେଓ ମୋ ଘରକୁ ଯାଇଥିଲେ। ଉପକୂଳରେ ଦଳର ବିସ୍ତାର ପାଇଁ ନବୀନ ତାଙ୍କ ସାହାଯ୍ୟ ଲୋଡ଼ିଥିଲେ। ଦଳ ହେବାର ୪ ମାସ ପରେ ଦଳରେ ବିଦ୍ରୋହ ଦେଖାଦେଇଥିଲା। ସେତେବେଳେ ଉପକୂଳରେ ଦଳର ବିସ୍ତାର ପାଇଁ ପ୍ରମୁଖ ଭୂମିକା ନିଭାଇଥିଲି। ବିଜୁବାବୁ ରାଜନୀତି ପାଇଁ କୋଟିପତିରୁ କୋଠି ବିକିଥିଲେ। ଏବେ ନବୀନଙ୍କ ଚାରିପଟେ ଥିବା ନେତାଙ୍କ ମୁଣ୍ଡରେ ସିବିଆଇ ଖଣ୍ଡା ଝୁଲୁଛି। ସେମାନଙ୍କ ରାଜନୀତି ଦୁର୍ନୀତିରୁ ଆରମ୍ଭ ହୋଇଛି। ନବୀନ ଯେତେ ଶୀଘ୍ର ଓଡ଼ିଶାରୁ ଯିବେ, ସେତେ ଓଡ଼ିଶା ପାଇଁ ଭଲ ବୋଲି ଦାମ କହିଛନ୍ତି। ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିମାନେ ଦାମଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ସେ କହିଥିଲେ ଯେ, 'ରାଜନୀତିରେ ବିଜୁ ସ୍ଲୋଗାନ ଦେଇ ରହିବି। ଦୁର୍ନୀତି ବିରୋଧୀ ନାରା ଦେଇ ସାରା ଓଡ଼ିଶା ବୁଲିବି, କିଏ ସମ୍ଭାଳିବ ଦେଖିବା'।

ଦାମଙ୍କ ପ୍ରସଙ୍ଗରେ ମତ ଦେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଦାମବାବୁଙ୍କୁ ବିଜେଡିରୁ ବହିଷ୍କାର କରାଯିବା ଦଳୀୟ ବ୍ୟାପାର। ହେଲେ ସେ ଯେଉଁସବୁ ଦୁର୍ନୀତି ପ୍ରସଙ୍ଗ ଉଠାଇଛନ୍ତି, ତାହା ଯଦି ସତ ହୋଇଥିବ, ତେବେ ସାଙ୍ଘାତିକ ବୋଲି ନିରଞ୍ଜନ କହିଛନ୍ତି।

ସିପିଏମ୍ ନେତା ଜନାର୍ଦ୍ଦନ ପତି କହିଛନ୍ତି ଯେ, ବିଜେଡିର ଖୁବ୍ କମ୍ ଜଣ ଅଛନ୍ତି , ଯିଏ କି ସିଧାସଳଖ ଭାଜପା ବିରୋଧରେ ସ୍ୱଷ୍ଟ ଆଭିମୁଖ୍ୟ ନିଅନ୍ତି। ଦାମବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ। ଭାଜପା ସହ ଭିତିରିମେଣ୍ଟକୁ ବିରୋଧ କରୁଥିବା ନେତାଙ୍କୁ ବିଜେଡି ବାହାରର ରାସ୍ତା ଦେଖାଉଛି। ସେହିପରି ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ କରିଥିଲା। କେନ୍ଦ୍ର ସରକାର ବିଧାନ ପରିଷଦ ବିଲ୍ ଗୃହୀତ ନେଇ ଆଶ୍ୱାସନା ଦେଇଥିବାରୁ ବିଜେଡି ଏପରି ପଦକ୍ଷେପ ନେଉଥିବା ମନେ ହେଉଛି। ଦାମଙ୍କ ବହିଷ୍କାର ପରେ ନୂତନ ସମୀକରଣ ସମ୍ପର୍କରେ ପଚାରିବାରୁ ଜନାର୍ଦ୍ଦନ କହିଛନ୍ତି ଯେ, ବାମପନ୍ଥୀ ଦଳମାନେ କଂଗ୍ରେସ ସହ ରହିବାର ସମ୍ଭାବନା ରହିଛି। ସେହି ଦୃଷ୍ଟିରୁ ଦାମ ବାବୁ ଦୁର୍ନୀତି ବିରୋଧୀ ଆଭିମୁଖ୍ୟକୁ କେତେଦୂର ଆଗକୁ ନେଇ ପାରୁଛନ୍ତି, ତାହା ଉପରେ ଅଣ ବିଜେଡି- ଅଣଭାଜପା ବିକଳ୍ପ ନେଇ ସ୍ୱଷ୍ଟ ସୂଚନା ମିଳିପାରିବ।

ଅନୁରୂପ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ମଧ ନୂଆ ସମୀକରଣ ସମ୍ଭାବନା ନେଇ ମତ ରଖିଛନ୍ତି। ସେ କହିଛନ୍ତି ଯେ, ନବୀନବାବୁ ବିଜୁବାବୁଙ୍କ ପୁଅ। ହେଲେ ଦାମ ବାବୁ ବିଜୁବାବୁଙ୍କ ରାଜନୈତିକ ଶିଷ୍ୟ। ଏବେ ଓଡ଼ିଶା ରାଜନୀତିରେ ଦାୟାଦ ବନାମ ଶିଷ୍ୟର ରାଜନୈତିକ ଲଢେଇ ଦେଖିବାକୁ ମିଳିବ। ବିଜୁ ଅନୁଗାମୀ ଯଦି ଏକାଠି ହୋଇ ଦୃଢ ଉଦ୍ୟମ କରନ୍ତି, ତେବେ ରାଜ୍ୟ ରାଜନୀତିରେ ନୂଆ ପରିସ୍ଥିତି ଉପୁଜିବ ବୋଲି ପଞ୍ଚାନନ କହିଛନ୍ତି।

ଅପରପକ୍ଷରେ ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାସ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱଷ୍ଟ ମତ ରଖିସାରିଛନ୍ତି। ରାଜ୍ୟରେ ଅଲଗା ଦଳ କି ସମୀକରଣ ସୃଷ୍ଟି ହେଲେ କୌଣସି ପ୍ରଭାବ ପଡ଼ିବ ନାହିଁ। ସେ ଭାବୁଛନ୍ତି ଯେ, ଏହା ଉପରେ ଆଉ କିଛି କହିବା ଦରକାର ନାହିଁ। ବିରୋଧୀ ଦଳର ନେତାମାନେ ତୋଷାମଦ କରିବା ପାଇଁ ପ୍ରସଙ୍ଗକୁ ନେଇ ଅଯଥା ବିତର୍କ କରୁଛନ୍ତି।

# ଜେଇଇ ମେନ୍ ପାଇଁ ଆଧାର ବାଧ୍ୟତାମୂଳକ ନୁହେଁ

**ଭୁବନେଶ୍ୱର, ୧୩।୯(ବ୍ୟୁରୋ)**

ନ୍ୟାଶନାଲ ଟେଷ୍ଟ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ହେବାକୁ ଥିବା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ) ମେନ୍-୨୦୧୯ ଲାଗି ଆବେଦନ ପାଇଁ ଛାତ୍ରୀଛାତ୍ରଙ୍କ ଆଧାର ନମ୍ବର ବାଧ୍ୟତାମୂଳକ ନୁହେଁ। ଏ ନେଇ ଏନ୍‌ଟିଏ ଏକ ବିଜ୍ଞପ୍ତି ପ୍ରକାଶ କରି ସ୍ୱଷ୍ଟ କରିଛି। ଏନ୍‌ଟିଏ କହିଛି, ଛାତ୍ରୀଛାତ୍ରମାନେ ଆଧାର ନମ୍ବର ପରିବର୍ତ୍ତେ ପାସ୍‌ପୋର୍ଟ ନମ୍ବର, ରାଶନ କାର୍ଡ ନମ୍ବର ଏବଂ ବ୍ୟାଙ୍କ ଖାତା ନମ୍ବର ଦେଇପାରିବେ। ଏଥିସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅବଧି ଥିବା ଅନ୍ୟ କୌଣସି ପରିଚୟପତ୍ରର ନମ୍ବର ଆବେଦନ ଫର୍ମରେ ଦେଇପାରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଅନ୍‌ଲାଇନ୍‌ରେ ଫର୍ମ ଆବେଦନ ବେଳେ ଛାତ୍ରୀଛାତ୍ରମାନେ ପରିଚୟପତ୍ର ନମ୍ବର ଲେଖିବା ଅପଶନରେ ଏହାକୁ ପୂରଣ କରିବେ ବୋଲି ଏନଟିଏ ପକ୍ଷରୁ କୁହାଯାଇଛି।















# ସୂର୍ଯ୍ୟମନ୍ଦିର ବୁଲିଲେ ଭିଏତ୍‌ନାମ ଯୁବ ପ୍ରତିନିଧି ଦଳ

**କୋଣାର୍କ, ୧୩।୯(ଡି.ଏନ୍.ଏ.)**

ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଭାବବିନିମୟ କାର୍ଯ୍ୟକ୍ରମରେ ଭିଏତ୍‌ନାମ ଯୁବ ପ୍ରତିନିଧି ଦଳ ଗୁରୁବାର ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ବିଭିନ୍ନ ସଂଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ପ୍ରତିନିଧି ଦଳ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ଅଧିକାରୀ ନେରାଜ ଚନ୍ଦ୍ର ପୂଜାରୀ, ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ଅଧିକାରୀ ସଞ୍ଜୀବ ମଙ୍ଗରାଜ, ପୁରୀ ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ପ୍ରବୀର ପ୍ରଧାନ, ଶୁଭେନ୍ଦୁ ସାହୁ, ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶକ ଏମ୍. ରାମକୃଷ୍ଣ, ସୁରକ୍ଷା ସମିତି ସଭାପତି ବାଦଲ ଦାଶ ଓ ନିର୍ମଳ ପ୍ରଧାନ ପ୍ରମୁଖ ଯୋଗଦେଇ ଭାରତୀୟ ସଂସ୍କୃତିର ଏକତା ଓ ଅଖଣ୍ଡତା ବିଷୟରେ



ପ୍ରତିନିଧି ଦଳକୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ଖବରଦାତା ପ୍ରତାପ କାଣ୍ଡି ଓ ଶୁଭ୍ରାଂଶୁ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡ଼ନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା



# ଟିକସ କାଟ

ଆଧୁନିକ ମଣିଷ ପାଇଁ ଜୀବାଶ୍ମ ଇନ୍ଧନ ଏକ ମୌଳିକ ଆବଶ୍ୟକତାରେ ପରିଣତ ହୋଇଛି। ଏହା ଆମ ପାଇଁ ସବୁଠାରୁ ମୂଲ୍ୟବାନ୍ ପ୍ରାକୃତିକ ସମ୍ପଦ। ପରିବହନ ହେଉ ବା ଜାଳେଣି ବା ବିଦ୍ୟୁତ୍ ଉତ୍ପାଦନ, ପେଟ୍ରୋଲିୟମ୍ ଉତ୍ପାଦ ବିନା ଆଜି ଜୀବନ ଅକଳ୍ପନୀୟ ହୋଇପଡ଼ିଛି। ଶକ୍ତି-ବୁଭୁକ୍ଷୁ ଭାରତ ତା' ଚାହିଦାର ୮୦ ପ୍ରତିଶତ ତୈଳ ବିଦେଶରୁ ଆମଦାନି କରୁଛି। ଏହା ଗତ ଆର୍ଥିକ ବର୍ଷରେ ୨୨୦.୪୩ ନିୟୁତ ଟନ୍ ଅଶୋଧିତ ତୈଳ ଆମଦାନି କରିଛି ଏବଂ ସେ ବାବଦକୁ ୮୮ ନିୟୁତ ଡଲାର (ପ୍ରାୟ ୫.୬୭ ଲକ୍ଷ କୋଟି ଟଙ୍କା) ପଇଠ କରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରାୟ ୨୨୭ ନିୟୁତ ଟନ୍ ଆମଦାନି କରାଯିବାର ଆକଳନ କରାଯାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ଆଶାତୀତ ବୃଦ୍ଧି (ବ୍ୟାରେଲ ପିଛା ୮୦ ଡଲାର) ଯୋଗୁ ଖୁଚୁରା ବଜାରରେ ତୈଳ ଦର ମଧ୍ୟ ଅତିଶୟ ବୃଦ୍ଧି ପାଇଛି। ଏହା ପ୍ରତ୍ୟେକ ଭାରତୀୟ ପାଇଁ ଚିନ୍ତାର କାରଣ ହୋଇଛି। ଲୋକମାନେ ତୈଳ ଯନ୍ତ୍ରଣା ଭୋଗ କରୁଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଚାପ ପଡୁଥିଲେ ମଧ୍ୟ ସେମାନେ ଦର ହ୍ରାସ କରିବା ଦିଗରେ କିଛି ବି ପଦକ୍ଷେପ ନେଉ ନାହାନ୍ତି। ଦର ହ୍ରାସ କରିବା ପାଇଁ ଟିକସ କମାଇବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ରୋକ୍‌ଠୋକ୍ ମନା କରିଦେଇଛନ୍ତି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ଯୋଗୁ ଯେ ତୈଳ ମହଙ୍ଗା ହୋଇଛି ଏ କଥା ବୁଝିବାକୁ ସାଧାରଣ ଲୋକେ ନାରାଜ। ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ପରି ରାଜ୍ୟ ଭାଟ୍ ହ୍ରାସ କରି ପେଟ୍ରୋଲ ଓ ଡିଜେଲ ଦର କିଛିମାତ୍ରାରେ କମାଇଥିବା ବେଳେ ଓଡ଼ିଶା ପରି ଅନେକ ରାଜ୍ୟ ଭାଟ୍ କମାଇବା ପାଇଁ ଚାହୁଁନାହାନ୍ତି।

ନଭେମ୍ବର ୨୦୧୪ରୁ ଜାନୁୟାରୀ ୨୦୧୬ ମଧ୍ୟରେ ଯେତେବେଳେ ଅଶୋଧିତ ତୈଳ ଦର କମିବାରେ ଲାଗିଥିଲା, ସେତେବେଳେ କେନ୍ଦ୍ର ସରକାର ଉତ୍ପାଦନ ଶୁଳ୍କ ୯ ଥର ବୃଦ୍ଧି କରିଥିଲେ ଏବଂ ଅକ୍ଟୋବର ୨୦୧୭ରେ ଥରେ ମାତ୍ର ସାମାନ୍ୟ କମାଇଛନ୍ତି। କିନ୍ତୁ ଗତ ଅକ୍ଟୋବର ମାସରୁ ତୈଳ ଦର ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ କେନ୍ଦ୍ର ସରକାର ଉତ୍ପାଦନ ଶୁଳ୍କ ଆଉ କମାଇବାକୁ ଚାହୁଁନାହାନ୍ତି। ବର୍ତ୍ତମାନ ଚଳନ୍ତି ଖାତା ନିଅଣ୍ଟ ବୃଦ୍ଧି ପାଇବାର ସମ୍ଭାବନା ଥିବାବେଳେ ସରକାର ସମ୍ଭବତଃ ଉତ୍ପାଦନ ଶୁଳ୍କ କମାଇ ବିତ୍ତୀୟ ନିଅଣ୍ଟ ବୃଦ୍ଧିର ବିପଦ ମୁଣ୍ଡାଇବାକୁ ଡରୁଛନ୍ତି। ଜିଏସ୍‌ଟି ଲାଗୁହେବା ପରେ ଏବେ ରାଜସ୍ୱ ଆଦାୟର ସ୍ଥିତି କ'ଣ ରହିବ, ସେ ନେଇ ସରକାର ଅନିଶ୍ଚିତତା ଭିତରେ ଅଛନ୍ତି। ଅପରପକ୍ଷେ ରାଜ୍ୟ ସରକାରଗୁଡ଼ିକ ଅନ୍ତତଃ ଚାରିବର୍ଷ ପାଇଁ ଜିଏସ୍‌ଟି ଦୃଷ୍ଟିରୁ କିଛି ହରାଇବାର ନ ଥିଲେ ମଧ୍ୟ ଭାଟ୍ ହ୍ରାସ କରିବା ପାଇଁ ଚାହୁଁନାହାନ୍ତି। ସେମାନେ ଭଲ ଭାବରେ ଜାଣନ୍ତି ଯେ, ତୈଳ ଉପରେ ଭାଟ୍ ମାଧ୍ୟମରେ ଯେଉଁ ରାଜସ୍ୱ ଆଦାୟ ହେଉଛି, ତାହା ବିପୁଳ ପରିମାଣର ଏବଂ ସେଥିରେ କିଛି ମଳିଧୂଳି ନ ଥାଏ। ୨୦୧୬-୧୭ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ରାଜସ୍ୱର ୨୪ ପ୍ରତିଶତ ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱର ୮ ପ୍ରତିଶତ କେବଳ ପେଟ୍ରୋଲିୟମ୍ ଉତ୍ପାଦରୁ ଆଦାୟ ହୋଇଛି।

## ଆଜିର ଅର୍ଥନୀତି

ଆଜି ଯାଏ ଲୋକଙ୍କ ଦାବିକୁ ଏଡ଼େଇ ଆସୁଥିବା କେନ୍ଦ୍ର ସରକାର ପାଇଁ ଏହା ହେଉଛି ତୈଳଦର ନିୟନ୍ତ୍ରଣ କରିବାର ଉପଯୁକ୍ତ ସମୟ। ପେଟ୍ରୋଲ ଦର ଲିଟର ପିଛା ଯଦି ୧୦୦ ଟଙ୍କାରେ ପହଞ୍ଚେ, ଯାହା ଆଉ ବେଶି ଦୂର ନୁହେଁ, ତେବେ ସରକାର ଚୁପ୍ ହୋଇ ବସିପାରିବେ କି? ସରକାର ତୈଳ ବିଶୋଧନକାରୀ ଫାର୍ମଗୁଡ଼ିକୁ ଆଦେଶ ଦେବା ଦରକାର, ସେମାନେ ଯେପରି ଅଶୋଧିତ ତୈଳର କ୍ରମବର୍ଦ୍ଧିତ ବୋଝ ଖାଉଟିଙ୍କ ଉପରେ ଲଦି ନ ଦେବା ଲାଗି ବ୍ୟବସ୍ଥା କରନ୍ତି। ଏହା ସତ ଯେ, ଭାରତ ତା'ର ଅଶୋଧିତ ତୈଳ ଚାହିଦାର ୮୦ ପ୍ରତିଶତ ଆମଦାନି କରୁଛି, କିନ୍ତୁ ତାହାକୁ ବିଶୋଧନ କରିବାରେ ଆମେ ସ୍ୱୟଂସମ୍ପୂର୍ଣ୍ଣ। ତୈଳ ବିପଣନ କମ୍ପାନୀଗୁଡ଼ିକ ମୂଲ୍ୟାୟନ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରିବା ଆବଶ୍ୟକ। ତାହା ବଜାରର ବାସ୍ତବତା ଉପରେ ଭିତ୍ତି କରି ସ୍ଥିର କରାଯିବା ଦରକାର, ବାଣିଜ୍ୟିକ ସମତା ସୂତ୍ର ଉପରେ ଭିତ୍ତି କରି ନୁହେଁ, ଯାହା ଏବେ କରାଯାଉଛି। ତା'ହେଲେ ସରକାର ତୈଳ ବିପଣନ କମ୍ପାନୀମାନଙ୍କ ସ୍ୱାର୍ଥ ଲାଗି କାମ କରୁଛନ୍ତି ବୋଲି ଯେଉଁ ଅଭିଯୋଗ ଆସୁଛି, ତାହା ଦୂର ହୋଇପାରିବ। ରାଜ୍ୟ ସରକାରଗୁଡ଼ିକ ମଧ୍ୟ ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶର ପଦାଙ୍କ ଅନୁସରଣ କରି ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ୍ ହ୍ରାସ କରି ଖାଉଟିମାନଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବା ଆବଶ୍ୟକ। କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ସହ ଆଲୋଚନା କରି ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ପରିସର ମଧ୍ୟକୁ ଆଣିବା ଲାଗି ଉଦ୍ୟମ କରିବା ଉଚିତ। ଜିଏସ୍‌ଟିରୁ ଅଧିକ ଆଦାୟ ହେଲେ ରାଜ୍ୟ ସରକାରଗୁଡ଼ିକ ଲାଗି ଆର୍ଥିକ ପରିଚାଳନାରେ କିଛି ଅସୁବିଧା ନ ହୋଇପାରେ। ଏକ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ପ୍ରତି ଉଦାରତା ଓ ମହାନୁଭବତା ଦେଖାଇବା ସହ ସେମାନଙ୍କର ଆର୍ଥିକ ବୋଝ ସମ୍ଭାଳିବା ଉଚିତ। କେନ୍ଦ୍ର ସରକାରଙ୍କର ଅର୍ଥାଗମର ବ୍ୟାପକ ଉତ୍ସ ରହିଥିବାରୁ କେନ୍ଦ୍ର ପ୍ରଥମେ ପଦକ୍ଷେପ ନେବା ସହ ରାଜ୍ୟଗୁଡ଼ିକୁ ତାହାର ଅନୁସରଣ କରିବା ପାଇଁ ଉତ୍ସାହିତ କରିବା ଦରକାର। ଯେତେ ଶୀଘ୍ର ଏଭଳି ପଦକ୍ଷେପ ନିଆଯିବ, ତାହା ସମସ୍ତଙ୍କ ପାଇଁ ସେତେ ମଙ୍ଗଳକର ହେବ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | E | | | | | | | 2 | | 8 | 7 | | | |
| | | | | | | B | | | E | C | 2 | | | |
| | 4 | | | | A | | 9 | | | | 6 | 8 | | D |
| 8 | | | 9 | | | C | | 1 | | A | | | | |
| 2 | | | | | B | E | 5 | D | | | 4 | | 0 | |
| A | 7 | | | 0 | | | | | | E | | D | | 4 |
| | | | | 3 | | | | B | | 9 | A | | 2 | 1 |
| | | | 7 | 1 | | | | | 0 | | | | | |
| | | 2 | | B | | | 4 | | | 7 | 5 | | | |
| | | | | 5 | 4 | | | | D | | | 3 | | |
| 0 | | E | | | | | 2 | 3 | | | | | | |
| | A | | C | | | D | | | | | 3 | | | E |
| 7 | 1 | 9 | 5 | A | | | | | 8 | | | | C | |
| 5 | | C | | | 2 | | | | 4 | D | E | | | 8 |
| D | | | | 8 | | | 0 | | | B | | 5 | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 6 | C | 8 | 4 | 7 | 9 | E | 3 | 5 | B | 2 | D | 1 | A |
| D | 7 | 2 | 6 | A | E | 0 | 1 | 5 | C | 4 | 9 | 8 | 3 | B |
| 8 | 9 | A | 3 | 1 | B | 4 | 2 | D | 7 | 6 | 0 | 5 | C | E |
| 4 | 3 | 5 | 0 | D | 9 | B | C | A | 1 | 8 | E | 7 | 6 | 2 |
| E | 1 | B | 2 | C | 5 | 6 | 8 | 7 | 3 | A | D | 0 | 9 | 4 |
| 7 | 2 | 8 | 1 | B | 6 | 3 | 0 | C | 4 | 9 | 5 | A | E | D |
| 6 | 0 | 1 | 9 | 5 | A | 7 | D | B | E | 2 | C | 4 | 8 | 3 |
| 3 | 5 | 9 | E | 7 | 4 | 8 | 6 | 1 | B | D | A | 2 | 0 | C |
| B | D | 4 | C | 2 | 0 | A | 9 | E | 6 | 3 | 8 | 1 | 5 | 7 |
| C | A | E | D | 3 | 8 | 2 | 5 | 4 | 0 | 1 | 7 | 6 | B | 9 |
| 1 | E | 7 | A | 6 | 3 | C | 4 | 8 | D | 5 | B | 9 | 2 | 0 |
| 2 | C | 3 | 5 | 9 | 1 | E | A | 0 | 8 | 7 | 4 | B | D | 6 |
| 5 | 4 | D | B | 0 | 2 | 1 | 7 | 6 | 9 | E | 3 | C | A | 8 |
| 9 | 8 | 6 | 7 | E | C | D | B | 2 | A | 0 | 1 | 3 | 4 | 5 |
| A | B | 0 | 4 | 8 | D | 5 | 3 | 9 | 2 | C | 6 | E | 7 | 1 |

ଗତକାଲିର ଉତ୍ତର

# ରୋହିଙ୍ଗ୍ୟା ସମସ୍ୟା ଓ ଭାରତ



ବିପିନ ବିହାରୀ ମିଶ୍ର

୧୭୮୫ ମସିହାରେ ବର୍ମାର ରାଜା ଆରାକାନ୍ ବୋଲି ଏକ ଅଞ୍ଚଳ ଦଖଲ କରିନେଲେ। ଆରାକାନ୍ ବିଷୟରେ ମୋଗଲ ଇତିହାସରେ ମଧ୍ୟ ଉଲ୍ଲେଖ ଅଛି। ମୋଗଲମାନେ ଆସିବାର ବହୁବର୍ଷ ପୂର୍ବରୁ ଚିଟାଗଙ୍ଗ (ବର୍ତ୍ତମାନ ବାଂଲାଦେଶ)ର ଅନେକ ମୁସଲମାନ ଆରାକାନ୍ (ପରେ ନାଁ ହେଲା ରାଖିନ୍)ରେ ରହିଗଲେ, କାରଣ ସେଠାରେ ମଜୁରି ବେଶି ମିଳୁଥିଲା। ଦ୍ୱିତୀୟ ମହାଯୁଦ୍ଧ ବେଳକୁ ଏହି ଚିଟାଗଙ୍ଗୀମାନେ ନିଜକୁ ରୋହିଙ୍ଗ୍ୟା ବୋଲି କହିଲେ। ୧୮୨୪ ମସିହାରେ ଇଷ୍ଟଇଣ୍ଡିଆ କମ୍ପାନୀର ବର୍ମା ସଙ୍ଗେ ଯୁଦ୍ଧ ହେବାରୁ କମ୍ପାନୀ ରାଖିନ୍ ଦଖଲ କରିନେଲା। ବର୍ମା ଲୋକମାନଙ୍କର ଆନୁଗତ୍ୟ ରହିବ ନାହିଁ ଏହି ସନ୍ଦେହରେ ବହୁ ଚିଟାଗଙ୍ଗବାସୀଙ୍କୁ ନିଆଗଲା ରାଖିନ୍। ସେମାନେ ସରକାରଙ୍କ ସୁରକ୍ଷା ପାଇଲେ, ମଜୁରି ଅଧିକା ପାଇଲେ ଓ ସଂଖ୍ୟା ବୃଦ୍ଧି ପାଇବାରୁ ବୌଦ୍ଧ ଧର୍ମାବଲମ୍ବୀ ଓ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ଆରମ୍ଭ କଲେ। କଲିକତା ଓ ଢାକାରେ ଅବସ୍ଥିତ ଇଂରେଜ କମ୍ପାନୀଗୁଡ଼ିକ ବହୁ ଚିଟାଗଙ୍ଗୀଙ୍କୁ ନେଇ ଖଣି, ଜଙ୍ଗଲ ସଫା, ରାସ୍ତା ତିଆରି କାମରେ ଲଗେଇବାରୁ ସେମାନେ ଭଲରେ ଚଳିଲେ ଓ ବର୍ମାବାସୀଙ୍କର ଈର୍ଷାର ପାତ୍ର ହେଲେ। କାଳକ୍ରମେ ସମଗ୍ର ବର୍ମା ଇଂରେଜ ଦଖଲକୁ ଆସିବାରୁ ପୂର୍ବବଙ୍ଗ (ବର୍ତ୍ତମାନ ବାଂଲାଦେଶ)ର ବହୁ ବଙ୍ଗାଳୀ ମୁସଲମାନ ସେଠାରେ ବସବାସ କଲେ ଓ ସ୍ଥାନୀୟ ଲୋକଙ୍କୁ ଦବେଇ ରଖିଲେ।

ବର୍ତ୍ତମାନ ବର୍ମା ସରକାର କହୁଛନ୍ତି ଯେ, ୧୮୨୪ରୁ ୧୮୨୬ ଯୁଦ୍ଧ ପୂର୍ବରୁ ଯେଉଁ ଚିଟାଗଙ୍ଗୀମାନେ ଆସିଛନ୍ତି ସେମାନଙ୍କୁ ବର୍ମାର ନାଗରିକ ଭାବେ ଧରାଯିବ। ଯଦିବା ବର୍ମାର ଅଧିକାଂଶ ଅଧିବାସୀ ବୌଦ୍ଧ ତଥାପି ବର୍ମା ଏକ ଧର୍ମନିରପେକ୍ଷ ରାଜ୍ୟ ଓ ସେ ଦେଶ ରୋହିଙ୍ଗ୍ୟାମାନଙ୍କୁ ସହ୍ୟ କଲା। ମଝିରେ ମଝିରେ ମୁସଲମାନ ଓ ବୌଦ୍ଧମାନଙ୍କ ମଧ୍ୟରେ ମାର୍‌ପିଟ୍ ହେଉଥିଲା। ଦ୍ୱିତୀୟ ମହାଯୁଦ୍ଧ ସମୟରେ ଜାପାନ ବର୍ମା ଆଡକୁ ମାଡ଼ିଆସିବାରୁ ଇଂରେଜମାନେ ରୋହିଙ୍ଗ୍ୟାଙ୍କୁ ଅସ୍ତ୍ରଶସ୍ତ୍ର ଦେଲେ ଜାପାନୀ ସୈନ୍ୟଙ୍କ ଉପରେ ଗେରିଲା ଆକ୍ରମଣ ପାଇଁ। ତାହା ନ କରି ସେମାନେ ସ୍ଥାନୀୟ ବାସିନ୍ଦା ମୁଖ୍ୟତଃ ବୌଦ୍ଧ ଓ ହିନ୍ଦୁଙ୍କୁ ମାରିଲେ। ୧୯୪୨ ମସିହାରେ ଅତିକମ୍‌ରେ ୨୦,୦୦୦ ବର୍ମାବାସୀ ରୋହିଙ୍ଗ୍ୟାଙ୍କ ଆକ୍ରମଣର ଶିକାର ହେଲେ। ୧୯୪୮ ମସିହାରେ ବର୍ମା ସ୍ୱାଧୀନ ହେଲା ଓ ରାଖିନ୍ ବର୍ମାର ଅଂଶ ହୋଇଥିଲେ ମଧ୍ୟ ଏମାନଙ୍କ ମଧ୍ୟରୁ ଅନେକ ଦେଶଦ୍ରୋହୀ ଦାବିକଲେ ସ୍ୱତନ୍ତ୍ର ଦେଶ କିମ୍ବା ପାକିସ୍ତାନରେ ମିଶିବା ପାଇଁ। ଭାରତ ବିଭାଜନ ହେଉଥିଲା ବର୍ମା ନୁହେଁ, ତା' ସତ୍ତ୍ୱେ ରୋହିଙ୍ଗ୍ୟାମାନେ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କୁ ଦରଖାସ୍ତ ଦେଲେ ରାଖିନ୍ ଅଞ୍ଚଳକୁ ପୂର୍ବ ପାକିସ୍ତାନରେ ମିଶାଇବା ପାଇଁ। ଧୂର୍ତ୍ତ ଜିନ୍ନା ୧୯୪୭ ମସିହାରୁ ହିସାବ କଲେଣି ଯେ ପୂର୍ବପାକିସ୍ତାନର ଜନସଂଖ୍ୟା ପଶ୍ଚିମ ପାକିସ୍ତାନଠାରୁ ବେଶି, ନିର୍ବାଚନ ହେଲେ ପୂର୍ବପାକିସ୍ତାନରୁ କେହି ଜଣେ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେବ। ସେଥିରେ ଯଦି ରୋହିଙ୍ଗ୍ୟା ମିଶିବେ ଅବସ୍ଥା ଅଧିକ ଜଟିଳ ହେବ।

ନିରାଶ ନ ହୋଇ ରୋହିଙ୍ଗ୍ୟାମାନେ ଏକ ମୁଜାହିଦ୍ ପାର୍ଟି କଲେ ଏବଂ ପାକିସ୍ତାନ ଭଳି ଏକ ସ୍ୱତନ୍ତ୍ର ରାଜ୍ୟ କରିବା ପାଇଁ ଦାବି କଲେ। ୧୯୪୮ରୁ ୧୯୬୨ ପର୍ଯ୍ୟନ୍ତ ବୌଦ୍ଧମାନଙ୍କୁ ଆକ୍ରମଣ କରିବା, ତାଙ୍କ ମନ୍ଦିର ଭାଙ୍ଗିବା, ଗାଁଗୁଡ଼ିକରୁ ତଡି ଦେବାରେ ଲାଗି ରହିବା ସତ୍ତ୍ୱେ ବର୍ମାର ଗଣତାନ୍ତ୍ରିକ ସରକାରର ମୁଖ୍ୟ ୟୁନୁ କୋହଳ ମନୋବୃତ୍ତି ଦେଖାଇଲେ। କିନ୍ତୁ ୧୯୬୨ ମସିହାରେ ନୂତନ ମୁଖ୍ୟ ଜେନେରାଲ ନେୱିନ୍ ଆଦେଶ ଦେଲେ ଯେ, ୧୮୨୩ ମସିହା ପୂର୍ବରୁ ଯେଉଁମାନେ ବର୍ମାର ବାସିନ୍ଦା ଥିଲେ ସେହିମାନେ ହିଁ ବର୍ମାର ନାଗରିକ ହୋଇପାରିବେ। ରୋହିଙ୍ଗ୍ୟାମାନେ ଏକ ସନ୍ତ୍ରାସବାଦୀ ସଂସ୍ଥା (ଆରାକାନ୍ ରୋହିଙ୍ଗ୍ୟା ମୁକ୍ତି ସେନା) ସ୍ଥାପନ କରି ଲଢ଼େଇ କଲେ। ଅନେକ ମୁସଲମାନ ଦେଶରୁ ସେମାନେ ଅସ୍ତ୍ରଶସ୍ତ୍ର ଓ ପଇସା ପାଇଲେ। ଏ ସବୁର ମୁକାବିଲା ଚାଲିଥିଲା। କିନ୍ତୁ ଘଟଣା ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କଲା ଯେତେବେଳେ ୨୫ ଅଗଷ୍ଟ ୨୦୧୭ରେ ରୋହିଙ୍ଗ୍ୟାମାନେ ଏକାଦିନେ ୩୦ଟି ପୋଲିସ ଛାଉଣି ଓ ଗୋଟିଏ ସୈନ୍ୟ ଛାଉଣି ଉପରେ ଆକ୍ରମଣ କରି ଅନେକଙ୍କୁ ମାରିଦେଲେ। ରୋହିଙ୍ଗ୍ୟାଙ୍କ ମୁଖପାତ୍ର ଘୋଷଣା କଲେ ଯେ, ଆମମାନଙ୍କର ନ୍ୟାଯ୍ୟ ଦାବି ଅଲଗା ଦେଶ ପାଇଁ ଆମେ ଏଇଆ କଲୁ। ଏମାନଙ୍କର ନେତା ଆମର ଜୁନ୍‌ଜୁନୀ ହେଉଛନ୍ତି ଜଣେ ଇମାମ୍, କରାଚୀରେ ଜନ୍ମ ହୋଇଥିଲେ, ତାଲିବାନ୍‌ଙ୍କ ଦ୍ୱାରା ତାଲିମ୍ ପାଇଥିଲେ ଓ ସୌଦି ଆରବର ଅନେକ ଇମାମ୍‌ଙ୍କ ସଙ୍ଗେ ତାଙ୍କ ସମ୍ପର୍କ ଅଛି।

ବର୍ମା ପୋଲିସ ଓ ସୈନ୍ୟମାନଙ୍କ ଉପରେ ଯେଉଁ ଆକ୍ରମଣ ହେଲା ତା'ର ଫଳ ସେମାନେ ପାଇଲେ। ସୈନ୍ୟବାହିନୀ ଓ ପୋଲିସ ଦଶଟି ସ୍ଥାନରେ ଆକ୍ରମଣ କରି ପ୍ରାୟ ହଜାରେ ଗାଁ ପୋଡ଼ିଦେଲେ ଓ ଅନେକ ରୋହିଙ୍ଗ୍ୟାଙ୍କୁ ମାରିଦେଲେ। ୭ ଜାନୁୟାରୀ ୨୦୧୮ରେ ରୋହିଙ୍ଗ୍ୟାର କେତେକ ସନ୍ତ୍ରାସବାଦୀ ସୈନ୍ୟବାହିନୀ ଉପରେ ଆକ୍ରମଣ କରିବାରୁ ସେମାନେ ପ୍ରତିଆକ୍ରମଣ କଲେ ଓ ଅନେକ ରୋହିଙ୍ଗ୍ୟା ବାଂଲାଦେଶକୁ ପଳେଇ ଆସିଲେ। ଏହିସବୁ ଘଟଣାପ୍ରବାହ ଦେଖି ଯେକୌଣସି ଲୋକର ହୃଦ୍‌ବୋଧ ହେବ ଯେ ରୋହିଙ୍ଗ୍ୟାମାନେ ଜାଣି ଜାଣି ବିପତ୍ତି ମୁଣ୍ଡେଇଛନ୍ତି। ଯେଉଁ ରୋହିଙ୍ଗ୍ୟାମାନେ (ପ୍ରାୟ ଦଶଲକ୍ଷ) ବାଂଲାଦେଶରେ ଆଶ୍ରୟ ନେଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ (ପ୍ରାୟ ୭୦ ଭାଗ) ବୃଦ୍ଧ, ଶିଶୁ ଓ ମହିଳା। ବାଂଲାଦେଶରୁ ଯେଉଁମାନେ ଭାରତବର୍ଷରେ ପଶିଯାଇଛନ୍ତି ତାଙ୍କୁ ବାଂଲାଦେଶ ସରକାର ସେମାନଙ୍କର ନାଗରିକ ନୁହନ୍ତି ବୋଲି କହୁଛନ୍ତି। ଏବେ ବର୍ମା(ମ୍ୟାନମାର) ସରକାର ବାଂଲାଦେଶକୁ ସେହି ଭାଷା ହିଁ କହୁଛନ୍ତି। ରୋହିଙ୍ଗ୍ୟାଙ୍କ ମଧ୍ୟରେ କେତେକ ହିନ୍ଦୁ ଅଛନ୍ତି ଓ ବର୍ମା ସେମାନଙ୍କୁ ଫେରାଇନେବା ପାଇଁ ଚାହୁଁଛି। କାରଣ ହିନ୍ଦୁମାନେ ବର୍ମାରେ କୌଣସି ଗଣ୍ଡଗୋଳ କରିନାହାନ୍ତି। ସେମାନଙ୍କ ଉପରେ ରୋହିଙ୍ଗ୍ୟା ମୁସଲମାନମାନେ ଅତ୍ୟାଚାର କରୁଥିବାରୁ ଫେରିଯିବା ପାଇଁ ଏଇ ହିନ୍ଦୁମାନେ ଦରଖାସ୍ତ ଦେଉଛନ୍ତି। ଏହି ଅବସ୍ଥାରେ ପଡ଼ି ମଧ୍ୟ ରୋହିଙ୍ଗ୍ୟାମାନଙ୍କର ବିଷଦାନ୍ତ ଝଡ଼ିନାହିଁ। ତାଙ୍କର ଜଣେ ସୁନ୍ନି ଧର୍ମଗୁରୁ ଅସରଫ୍ ଅସିଫ ଜଲାହୀ 'ଜିହାଦ୍ କର' ବୋଲି ଡାକରା ଦେଉଛନ୍ତି ଓ ଘୋଷଣା କରିଛନ୍ତି ଯେ ବର୍ମାର ନେତ୍ରୀ ସୁନ୍ଧାଇ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫାଶୀ ଦେବା ପାଇଁ। ସେମାନେ ମହିଳା, ବୃଦ୍ଧ ଓ ଶିଶୁଙ୍କୁ ବାଂଲାଦେଶ ପଠେଇ ଯୁବକ ଓ ପ୍ରୌଢ଼ମାନଙ୍କୁ ବର୍ମାରେ ରଖିଛନ୍ତି ଲଢ଼େଇ କରିବା ପାଇଁ ଏବଂ ଯେଉଁ ରୋହିଙ୍ଗ୍ୟାମାନେ ବାଂଲାଦେଶରେ ଆଶ୍ରୟ ନେଇଛନ୍ତି ସେମାନଙ୍କ ମଧ୍ୟରୁ ପ୍ରାୟ ୨୦,୦୦୦ ମହିଳା ମାଆ ହେବା ପାଇଁ ଯାଉଛନ୍ତି। ଏହି ବର୍ଷ ଶେଷ ସୁଦ୍ଧା ପଚାଶ ହଜାରରୁ ଅଧିକ ଶିଶୁ ଜନ୍ମ ହେବେ।

ବର୍ମାର ଅଭିଯୋଗ ଯେ, ପ୍ରତ୍ୟେକ ମହିଳା ଆଠ ଦଶ ପିଲା ଜନ୍ମକରି ଅଣ ମୁସଲମାନଙ୍କ ସଂଖ୍ୟାକୁ ଟପିଯିବେ ଓ ଇଣ୍ଡୋନେସିଆ, ମାଲେସିଆ ପରିସ୍ଥିତି ହେବ। ବାଂଲାଦେଶରେ ୧୯୫୧ ମସିହାରେ ହିନ୍ଦୁଙ୍କ ସଂଖ୍ୟା ଥିଲା ୨୨%, ୧୯୭୧ରେ ହେଲା ୧୩.୫% ଓ ଏବେ ହୋଇଛି ୮.୦୫%। ଭୋଟ୍ ରାଜନୀତି ଦୃଷ୍ଟିରୁ ଆମ ଦେଶର କିଛି ରାଜନୈତିକ ଦଳ ଏଇ ଆକ୍ରମଣକାରୀଙ୍କୁ ସହାନୁଭୂତି ଦେଖାଉଛନ୍ତି ଓ କେତେକ ସାମାଜିକ ଅନୁଷ୍ଠାନ ଏମାନଙ୍କୁ ଆଶ୍ରୟ ଦେବା ପାଇଁ ଦାବି କରୁଛନ୍ତି। ତୃଣମୂଳ କଂଗ୍ରେସର ଅନେକ ସଦସ୍ୟ ରୋହିଙ୍ଗ୍ୟାଙ୍କ ପ୍ରତି ସହାନୁଭୂତିଶୀଳ।

୧୯୫୧ ମସିହାରେ ଜାତିସଂଘ ଶରଣାର୍ଥୀଙ୍କ ପାଇଁ ଏକ ରାଜିନାମା କରେଇଛନ୍ତି ଓ ନିଜର ପରିସ୍ଥିତି ଭିନ୍ନ ଥିବାରୁ ଭାରତ ସେଥିରେ ଦସ୍ତଖତ କରିନାହିଁ। ତେଣୁ ଭାରତ ରୋହିଙ୍ଗ୍ୟାମାନଙ୍କୁ ଆଶ୍ରୟ ଦେବା ପାଇଁ ବାଧ ନୁହେଁ। ରୋହିଙ୍ଗ୍ୟା ସମସ୍ୟା ହେଉଛି ବର୍ମା ଏବଂ ବାଂଲାଦେଶର। ଅଥଚ ମୁଣ୍ଡବ୍ୟଥା ହେଉଛି ଆମ ଦେଶର କେତେକ ରାଜନୈତିକ ଦଳର ଏବଂ ପାକିସ୍ତାନ, ସୌଦିଆରବର କେତେକ ଇମାମ୍ ମୁଲ୍ଲା ଓ ମୌଲବୀଙ୍କର। ନାଇଜେରିଆର ଅଣମୁସଲମାନମାନଙ୍କୁ ମୁସଲମାନ ସନ୍ତ୍ରାସବାଦୀ ସଂସ୍ଥା ବୋକୋହାରାମ ମାରୁଛନ୍ତି। ପାକିସ୍ତାନ, ବାଂଲାଦେଶ ଓ କେତେକ ଆରବ ଦେଶରେ ହିନ୍ଦୁ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୋରାଷ୍ଟ୍ରିଆନ, ଇହୁଦୀ, ଅହମଦିଆ ଓ ବାହାଇଙ୍କ ଉପରେ ଅତ୍ୟାଚାର କରାଯାଉଛି। ପାକିସ୍ତାନର ଯେତେ ମସ୍‌ଜିଦ ଉପରେ ଆକ୍ରମଣ ହୋଇଛି ସେଥିରୁ ୯୦ ପ୍ରତିଶତ ଶିହାମାନଙ୍କର। ଅହମଦିଆମାନଙ୍କୁ ମସ୍‌ଜିଦକୁ ଯିବା ପାଇଁ ମନା। ଶିହାମାନେ ୨ୟ ଶ୍ରେଣୀ ଓ ହିନ୍ଦୁଙ୍କଠାରୁ ଆରମ୍ଭ କରି ଅହମଦିଆ ପର୍ଯ୍ୟନ୍ତ ସମସ୍ତେ ୩ୟ ଶ୍ରେଣୀ ନାଗରିକ।

ଅନ୍ୟ ଦେଶରେ ଏଇଭଳି ମନୋବୃତ୍ତି ଥିବାବେଳେ ଆମ ଦେଶରେ ୩ କୋଟି ବାଂଲାଦେଶୀ ଅବୈଧ ଭାବେ ପ୍ରବେଶ କରିବା ସତ୍ତ୍ୱେ ଆମ ନେତାମାନଙ୍କର ସେମାନଙ୍କ ପ୍ରତି ସମର୍ଥନ ଅଛି। ବର୍ତ୍ତମାନ ୩୦ ହଜାର ରୋହିଙ୍ଗ୍ୟା ପଶିସାରିଲେଣି ଓ ସେମାନଙ୍କ ତରଫରୁ ଜଣେ ଖ୍ୟାତନାମା ଓକିଲ ସୁପ୍ରିମ୍‌କୋର୍ଟରେ କେସ୍ ମଧ୍ୟ କଲେଣି। ଅନେକ ରୋହିଙ୍ଗ୍ୟା କଶ୍ମୀରରେ ରହିଗଲେଣି। ଏମାନଙ୍କର ସନ୍ତ୍ରାସବାଦ ସଂସ୍ଥାକୁ ଲଶ୍କର ଇ-ତୋଇବା, ଜୈସ୍-ଇ-ମହମ୍ମଦ ଓ ଜମାତ୍-ଉଦ୍-ଦାୱା ସହିତ ଆଇଏସ୍‌ଆଇ ସମ୍ପର୍କ ରଖିବା ସତ୍ତ୍ୱେ ଆମ ଦେଶରେ ସହାନୁଭୂତିର ଅଭାବ ନାହିଁ। ୨୦ ଡିସେମ୍ବର ୨୦୧୭ରେ ଭାରତ ମ୍ୟାନ୍‌ମାରକୁ ପ୍ରତିଶ୍ରୁତି ଦେଇଛି ରୋହିଙ୍ଗ୍ୟାମାନେ ଫେରିଗଲେ ସେମାନଙ୍କ ଥଇଥାନ ପାଇଁ ଭାରତ ସାହାଯ୍ୟ କରିବ। ଆମର ସହାନୁଭୂତି ସେତିକିରେ ସୀମିତ ରହୁ ଓ ସମସ୍ୟା ସମାଧାନ ଦିଗରେ ଶସ୍ତା ରାଜନୀତି ନ ପଶୁ। ମୋ-୯୦୪୦୪୧୨୩୭୮

# ବ୍ୟସ୍ତ ଜୀବନ



ସଂଗ୍ରାମ କେଶରୀ ପୃଷ୍ଟି

ସକାଳୁ ରାତିଯାଏ ସବୁବେଳେ ଖାଲି କାମ ହିଁ କାମ। ଏଥିରୁ ଫୁରସତ ଟିକିଏ କୋଉ ମିଳୁଛି ଭଲା! ଖାଇବା ତ ଛାଡ଼ ମରିବାକୁ ବି ସମୟ ନାହିଁ। ପ୍ରାୟତଃ ଏମିତି କଥା ଅନେକଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ। କହୁଥିବା ଲୋକର ଭାଷାଶୈଳୀ ଓ ମୁଖମଣ୍ଡଳ ଦେଖିଲେ ଲାଗେ ସତେଯେମିତି ୟାଙ୍କଠାରୁ ବଳି ବ୍ୟସ୍ତ ମଣିଷ ଏ ଦୁନିଆରେ ଆଉ କେହି ନ ଥିବେ। ତେବେ ଏ ବ୍ୟସ୍ତ ମଣିଷଙ୍କ ବ୍ୟସ୍ତତା ପରଖିବାକୁ କାହାର ଆଗ୍ରହ ନ ଥାଏ କି ବେଳ ମଧ୍ୟ ନ ଥାଏ।

ମଣିଷ ନିଜ କାର୍ଯ୍ୟକୁ ନେଇ ବ୍ୟସ୍ତ ହୋଇପଡେ। ଅଳ୍ପ ସମୟ ମଧ୍ୟରେ ଅଧିକ କାର୍ଯ୍ୟ କରିବାର ସଙ୍କଳ୍ପବଦ୍ଧତା ହିଁ ବ୍ୟସ୍ତତାକୁ ଡାକିଆଣେ। କାର୍ଯ୍ୟ ଜରୁରୀ ଥିଲେ ଏଥିପାଇଁ ଇନ୍ଧନ ମିଳେ। ତେବେ ଗୋଟିଏ କାର୍ଯ୍ୟ ଜରୁରୀ ହୋଇପଡେ ସେତେବେଳେ, ଯେତେବେଳେ କି ଠିକ୍ ସମୟରେ ଠିକ୍ କାର୍ଯ୍ୟ କରାଯାଇ ନ ଥାଏ। ଫଳତଃ ଧାର୍ଯ୍ୟ ବା ସୀମିତ ସମୟ ମଧ୍ୟରେ ତାକୁ ଅଧିକ କାର୍ଯ୍ୟ କରିବାକୁ ପଡିଥାଏ। ସୁତରାଂ ସେ ବ୍ୟସ୍ତ ରହେ। ଏହି କାରଣରୁ ବ୍ୟସ୍ତ ମଣିଷ ପାଖରେ ରାଗିବା, ବିରକ୍ତ ହେବା ଓ ଚିଡ଼ିଚିଡ଼ା ଭାବ ପରି ଲକ୍ଷଣ ଦେଖାଯାଏ। କାମର ପ୍ରାବଲ୍ୟ ଓ ମାନସିକ ଚାପ କାରଣରୁ କାର୍ଯ୍ୟରେ ବିଭ୍ରାଟ ଦେଖାଦେଇପାରେ।

ଏହି ବ୍ୟସ୍ତତା ଭିତରୁ କେହି ମୁକୁଳିପାରି ନ ଥାନ୍ତି। ଠିକ୍ ସମୟରେ ପାଠ ସାରି ନ ଥିବାରୁ ପିଲାଟିଏ ନିଜେ ତ ବ୍ୟସ୍ତ ହୁଏ ତା' ସହିତ ପରିବାର ଲୋକଙ୍କୁ ବ୍ୟସ୍ତବିବ୍ରତ କରିପକାଏ। ସ୍କୁଲରୁ ଠିକ୍ ସମୟରେ ପିଲା ନ ଫେରିଲେ ବାପାମାଆ ବ୍ୟସ୍ତ ହେବା ସ୍ୱାଭାବିକ। ଫାଇଲ କାମ ଠିକ୍ ସମୟରେ ହୋଇ ନ ପାରିଲେ କର୍ମଚାରୀଟିଏ ଯେତିକି ବ୍ୟସ୍ତ ହୋଇପଡେ ତା'ଠୁ ଅଧିକ ବ୍ୟସ୍ତ ହୋଇପଡନ୍ତି ଅଫିସର। ଟ୍ରେନ୍‌ରେ ଚଢିବାର ବ୍ୟସ୍ତତା, ଠିକ୍ ସମୟରେ ପରୀକ୍ଷା ହଲ୍‌ରେ ପହଞ୍ଚିବାର ବ୍ୟସ୍ତତା ଓ ଯଥାସମୟରେ କରଜ ଶୁଝିବାର ବ୍ୟସ୍ତତା ସବୁ ବ୍ୟସ୍ତତାଠାରୁ ବଳିଯାଏ। ସଙ୍କଟାପନ୍ନ ରୋଗୀ ପାଇଁ ଆତ୍ମୀୟସ୍ୱଜନଙ୍କ ବ୍ୟସ୍ତତାର ତ ସୀମା ନ ଥାଏ।

ଏ ସମସ୍ତ ବ୍ୟସ୍ତତା ପଛର ମୂଳକାରଣ ହେଉଛି ସମୟ। ସମୟର ଠିକ୍ ବ୍ୟବହାର କରି ନ ପାରି ପରବର୍ତ୍ତୀ ସମୟରେ ତାକୁ ଖୋଜିବୁଲିବା ହିଁ ବ୍ୟସ୍ତ ରହିବାକୁ ବାଧ୍ୟକରେ। ସମ୍ଭବତଃ ସେଥିପାଇଁ କୁହାଯାଏ କାଲିର କାମ ଆଜି କର ଓ ଆଜିର କାମ ଏବେ। କୌଣସି କାର୍ଯ୍ୟ ପାଇଁ କେହି ଆମର ସହାୟତା ଲୋଡିଲେ 'ବ୍ୟସ୍ତ ଅଛି' କହି ତା' ଅନୁରୋଧକୁ ଟାଳିଦେଉଛୁ। ହାତରେ ସମୟ ନ ଥିବାର ବାହାନା ଦେଖାଉଛୁ। ନିଜର ଭୁଲ୍ ବା ଅବହେଳା ପାଇଁ ପ୍ରତି ମୁହୂର୍ତ୍ତରେ ଆମେ ସମୟ ମୁଣ୍ଡରେ ଦୋଷ ଲଦିବାକୁ ଉଚିତ ମଣୁଛୁ।

ଏ ବ୍ୟସ୍ତତା ପାଖରେ ମଣିଷ କେତେ ଅସହାୟ ସତେ! ଯେଉଁଥିପାଇଁ ଆମେ ଭୁଲିଯାଉଛୁ ପରିବାର, ତୁଟେଇଦେଉଛୁ ସମ୍ପର୍କ। ଏପରିକି ହସିବା ବି ଦୁର୍ଲଭ ହୋଇଗଲାଣି। ପରିବାର ଓ ଆତ୍ମୀୟସ୍ୱଜନଙ୍କ ଗହଣରେ ବସି ଗପସପ କରିବା, ସୁଖଦୁଃଖ ବାଣ୍ଟିବା, ହାନିଲାଭ ବୁଝିବାକୁ ବି ସମୟର ନିଅଣ୍ଟ ପଡିଲାଣି। ଏହି କାରଣରୁ ପିଲାଙ୍କୁ ବାତ୍ସଲ୍ୟମମତା ଦେବାରେ, ବୟୋଜ୍ୟେଷ୍ଠ ଗୁରୁଜନଙ୍କ କଥା ବୁଝିବାରେ ଆମେ କରିବସୁଛୁ ଚରମ ଅବହେଳା। ଏଥିରେ ଭଲା ସାହିପଡିଶା, ବନ୍ଧୁବାନ୍ଧବଙ୍କ ସୁଖଦୁଃଖରେ ସାମିଲ ହେବାକୁ ଆମର ବେଳ କାହିଁ ଯେ! ହଁ, ଦୈବାତ୍ ଘରେ କି ବାହାରେ ଦେଖାହେଲେ କେମିତି ଅଛ? ସବୁ ଭଲ ତ! ହଉ ପରେ କଥା ହେବା କହିଦେଇ ଖସିଯାଉଛୁ।

ଜୀବନରେ ଦୁଇଜଣଙ୍କଠାରୁ ଦୂରେଇ ରହିବା ଆବଶ୍ୟକ। ଜଣେ ହେଲା ବ୍ୟସ୍ତ ରହୁଥିବା ଲୋକ ଓ ଆଉ ଜଣେ ଗର୍ବ କରୁଥିବା ଲୋକ। କାହିଁକିନା ବ୍ୟସ୍ତ ରହୁଥିବା ଲୋକ ନିଜ ଇଚ୍ଛାରେ ହିଁ କଥା ହେବ, ଆଉ ଗର୍ବ କରୁଥିବା ଲୋକ ନିଜ କାମପଡିଲେ ହିଁ ମନେପକାଇବ। ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ କଥାରେ ବ୍ୟସ୍ତତା ଦେଖାଇ ହୁଅନ୍ତି ସିନା କାମରେ ସେମିତି କିଛି ତତ୍ପରତା ପ୍ରକାଶ କରନ୍ତି ନାହିଁ। କାମକୁ ଏଡାଇଦେବା ପାଇଁ ବା ଏଥିରେ ସାମିଲ ନ ହେବା ପାଇଁ ବ୍ୟସ୍ତତାର ନାଟକ ରଚିଥାନ୍ତି। ଯଦି ପ୍ରକୃତରେ ଏମାନେ ବ୍ୟସ୍ତ ରହନ୍ତେ ତା'ହେଲେ କାମସବୁ ଅଧାପନ୍ତରିଆ ପଡନ୍ତା ନାହିଁ। ଅନେକ ସଚ୍ଚୋଟ ବ୍ୟକ୍ତି ନିଜ ବୃତ୍ତିରେ ବ୍ୟସ୍ତ ରହି ପରିବାର ପ୍ରତି ଅବହେଳା କରୁଥିବା ବେଳେ ଅନେକ ସ୍ୱାର୍ଥପର ବ୍ୟକ୍ତି ପରିବାର ପାଇଁ ବ୍ୟସ୍ତ ରହି ବୃତ୍ତିଗତ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥାନ୍ତି।

କିଛି ଲୋକଙ୍କ ତ୍ୟାଗପୂତ ବ୍ୟସ୍ତଜୀବନ ସମାଜ ପାଇଁ ମଙ୍ଗଳକର ହୋଇଥାଏ। ଏଥିରେ ନା ଥାଏ ସ୍ୱାର୍ଥ ନା ଅହଂଭାବ। ସମର୍ପିତ ଭାବ ନେଇ ଅନେକଙ୍କ ବୋଝକୁ ଏକଲା ସମ୍ଭାଳିବାର ମାନସିକତା ହିଁ ତାଙ୍କୁ ବ୍ୟସ୍ତ କରିପକାଏ। ଏସବୁ ସତ୍ତ୍ୱେ ସେମାନେ ପରିବାରକୁ ସମୟ ଦିଅନ୍ତି। ବୃଦ୍ଧ ମାତାପିତାଙ୍କ ସେବା କରନ୍ତି। ବ୍ୟସ୍ତତା ଭିତରେ ବୁଡିରହି ସୁଦ୍ଧା ମୁହଁ ଦିଶୁଥାଏ ସଦା ପ୍ରସନ୍ନ। ତାଙ୍କୁ ଦେଖିଲେ ଜଣାଯାଏ ସତେଯେମିତି ବ୍ୟସ୍ତତା ତାଙ୍କୁ ଛୁଇଁପାରିନାହିଁ। ବ୍ୟସ୍ତତା ନାଁରେ ଅନ୍ୟକୁ ଠକିଲେ ପ୍ରଥମେ ନିଜର ହିଁ କ୍ଷତିହେବ। ଅନ୍ୟର ଆବଶ୍ୟକତା ବେଳେ ନିଜକୁ ବ୍ୟସ୍ତ କହି ଓହରିଯିବା ଅତି ସହଜ ହୋଇଥାଏ କିନ୍ତୁ ନିଜର ଆବଶ୍ୟକତା ବେଳେ ସେହିକଥା ଅନ୍ୟ ମୁହଁରୁ ଶୁଣିବା ବହୁତ ଯନ୍ତ୍ରଣାଦାୟକ ମନେହୁଏ। ସୁତରାଂ ସମୟର ସଦୁପଯୋଗ, କର୍ତ୍ତବ୍ୟ ପ୍ରତି ଆନ୍ତରିକତା ଓ ସ୍ୱଚ୍ଛ ଭାବନା ହିଁ ଆମକୁ ବ୍ୟସ୍ତଜୀବନରୁ ମୁକ୍ତି ଦେଇପାରିବ।

ରାଜକିଶୋର ନଗର, ଅନୁଗୋଳ,
ମୋ-୯୪୩୭୫୪୭୧୪୬

## ଏଇ ଭାରତରେ

ଦେଶର ବରିଷ୍ଠ ନାଗରିକଙ୍କୁ ସାହାଯ୍ୟ ସହଯୋଗ କରିବା ଲାଗି ମହାରାଷ୍ଟ୍ର ସରକାର ଏକ ଅଭିନବ ଉପାୟ ଅବଲମ୍ବନ କରିଛନ୍ତି। ସେମାନଙ୍କ ନିମନ୍ତେ ଇଣ୍ଟରନେଟ୍ ଏବଂ ଜିପିଏସ୍‌ଭିତ୍ତିକ ଜରୁରୀ ସତର୍କ ବ୍ୟବସ୍ଥା ବିକାଶ କରିବାକୁ ପୋଲିସକୁ କୁହାଯାଇଛି। ଏହାଦ୍ୱାରା ପରିଣତ ବୟସରେ ପଦାର୍ପଣ କରିଥିବା ଲୋକେ ସମସ୍ୟାରେ ପଡିଲେ ସେମାନଙ୍କୁ ତୁରନ୍ତ ସହାୟତା ମିଳିପାରିବ। ଜରୁରୀ ସତର୍କ ସୂଚନା ବ୍ୟତୀତ ମୋବାଇଲ୍ ଆଲାର୍ମ, ଇଣ୍ଟରନେଟ୍ ବା ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ ମାଧ୍ୟମରେ ସେମାନଙ୍କୁ ସହାୟତା ଯୋଗାଇ ଦିଆଯାଇପାରିବ। ତେଣୁ ସବୁ ଜିଲାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପୋଲିସକୁ ପରାମର୍ଶ ଦିଆଯାଇଛି। ବରିଷ୍ଠ ନାଗରିକ ଅସୁସ୍ଥ ହୋଇପଡ଼ିଲେ କିମ୍ବା ଅନ୍ୟାନ୍ୟ ସମସ୍ୟାରେ ପଡିଲେ ହେଲ୍‌ପ ଲାଇନ୍‌ର ସହାୟତା ନେଇପାରିବେ। ତେଣୁ ବୟସ୍କ ବ୍ୟକ୍ତିଙ୍କ ସମସ୍ୟା ଉପରେ ଅଧିକ ପ୍ରାଧାନ୍ୟ ଦେଇ ସେମାନଙ୍କୁ ସାହାଯ୍ୟ କରିବାକୁ ପୋଲିସକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ଏକାକୀ ରହୁଥିବା ବୟସ୍କ ନାଗରିକଙ୍କର ଏକ ତାଲିକା ପ୍ରକାଶ କରାଯିବ। ସାମାଜିକ କର୍ମୀଙ୍କ ସହିତ ପୋଲିସ ପର୍ଯ୍ୟାୟକ୍ରମିକ ଭାବରେ ସେମାନଙ୍କ ଥଇଥାନ ସ୍ଥଳ ଗସ୍ତକରି ସହାୟତା ଯୋଗାଇଦେବେ। ଏଥିପାଇଁ ପ୍ରତ୍ୟେକ ଜିଲା, କମିଶନରେଟ୍ କାର୍ଯ୍ୟାଳୟ ଏବଂ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ନୋଡାଲ ଅଫିସର ରହି ବୟସ୍କ ନାଗରିକଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବେ। ବାସ୍ତବରେ ଏହି ଅଭିନବ ବ୍ୟବସ୍ଥା ସବୁ ରାଜ୍ୟରେ କାର୍ଯ୍ୟକାରୀ ହେଲେ ଅନେକ ଦୁଃସ୍ଥ ବୟସ୍କ ନାଗରିକ ସେମାନଙ୍କ ବୟସକୁ ବୋଝ ମନେକରିବେ ନାହିଁ।

## ଚିରନ୍ତନୀ

ତୁମେ ଦଶନେ ନ ଦିଅ ହାସ,
କଳକଣ୍ଠେ ନାହିଁ ଭାଷ,
ଆଜି କେଉଁ ଭବିଷ୍ୟ କୁହୁତାନେ ମଜି
ମୁଁ ନ ମାନେ ପଥ ଅପଥ
ତୁମେ ଅଧରେ ନ ଦିଆ ଉକତ।
(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜମ୍ମୁ-କଶ୍ମୀରରେ ବ୍ଲାକ୍ କ୍ୟାଟ୍ କମାଣ୍ଡୋ

ମହାଶୟ,

ପ୍ରତିଦିନ ଜମ୍ମୁ-କଶ୍ମୀରରେ ସନ୍ତ୍ରାସବାଦୀମାନଙ୍କର ତାଣ୍ଡବଲୀଳା ଚାଲୁ ରହିଛି। ଏପରି କୌଣସି ଦିନ ବାଦ ଯାଉନି, ଯେଉଁଦିନ ସନ୍ତ୍ରାସବାଦୀ ଏବଂ ନିରାପତ୍ତା ବାହିନୀ ମଧ୍ୟରେ ସଂଘର୍ଷ ନ ହେଉଛି। ବେଳକୁ ବେଳ ସନ୍ତ୍ରାସବାଦୀଙ୍କର ଉତ୍ପାତ ବଢି ବଢି ଚାଲିଛି। ପାକିସ୍ତାନ ସରକାର ଓ ପାକିସ୍ତାନ ସେନା ସେମାନଙ୍କୁ ପରୋକ୍ଷରେ ସାହାଯ୍ୟ କରୁଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସନ୍ତ୍ରାସବାଦୀମାନଙ୍କୁ ଦମନ କରିବାକୁ ବ୍ଲାକ୍ କ୍ୟାଟ୍ କମାଣ୍ଡୋମାନଙ୍କୁ ନିଯୁକ୍ତି ଦେଇଛନ୍ତି। ଶତ୍ରୁ ସହ ମୁକାବିଲା କରି ସମୂଳେ ନିପାତ କରିବାକୁ ଏମାନେ ଅତ୍ୟନ୍ତ ଦକ୍ଷ। ଏମାନେ ନିଶ୍ଚିତ ଜମ୍ମୁ-କଶ୍ମୀରରେ ସନ୍ତ୍ରାସବାଦୀମାନଙ୍କୁ ଦମନ କରି ରାଜ୍ୟରେ ଶାନ୍ତି ଫେରାଇ ଆଣିବେ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ସେବାୟତଙ୍କ ଦାଦାଗିରି

ଗତ ରଥଯାତ୍ରା ସମୟରେ ସେବାୟତମାନେ ଭଲ ରକମର ଦକ୍ଷିଣା ଆଦାୟ କରିଥିଲେ। ପ୍ରତି ନଡିଆ ପାଇଁ ଅନ୍ୟୂନ ୧୦ ଟଙ୍କା ଲେଖାଏ ଦାବି କରି ଦକ୍ଷିଣା ଆଦାୟ କରିବାର ଦେଖାଯାଇଥିଲା। ଯେଉଁଠୁ ଯେତେ ଆଦାୟ କରିହେବ ସେଠାରୁ ସେହିଭଳି ଆଦାୟ କରିଥିଲେ। ନୀଳାଦ୍ରି ବିଜେ ସମୟରେ ବ୍ୟବସାୟୀମାନେ ଛୋଟ ଛୋଟ ରସଗୋଲାକୁ ୧୦ ଟଙ୍କାରେ ବିକିଲେ। ପୋଲିସ ପ୍ରଶାସନର ଜାଣତରେ ସେମାନଙ୍କ ଆଖି ଆଗରେ ସେବାୟତମାନେ ଭକ୍ତ ତଥା ଶ୍ରଦ୍ଧାଳୁମାନଙ୍କଠାରୁ ଦକ୍ଷିଣା ଆଦାୟ କରୁଥିଲେ। ଅଥଚ କେହି ସେମାନଙ୍କୁ ବାଧା ଦେଉ ନ ଥିଲେ ବା ଦେବାକୁ ସାହସ କରୁ ନ ଥିଲେ। ସିସି କ୍ୟାମେରାରୁ ଏହା ବେଶ୍ ଜଣାପଡିବ। ଯଦି ସଦ୍ୟ ଦିବାଲୋକରେ ସେମାନେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଫୁ କରିଦେଉଛନ୍ତି ଏବଂ ପୋଲିସ ପ୍ରଶାସନ ସବୁ ଦେଖି ବି ନୀରବ ରହୁଛି, ତେବେ ମନ୍ଦିର ଭିତରେ ସେମାନେ କ'ଣ ବା ନ କରୁଥିବେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବଢୁଛି ଋଣ, ତଥାପି ସ୍ଥିତି ଭଲ

## ୭୬୪୨୮ କୋଟିରେ ପହଞ୍ଚିଲାଣି ଋଣଭାର

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ରାଜ୍ୟରେ ଋଣଭାର ବଢ଼ି ବଢ଼ି ଚାଲିଛି। ଋଣ ବୋଝରେ ଅଣନିଃଶ୍ୱାସୀ ହେଲେଣି ରାଜ୍ୟବାସୀ । ତଥାପି ଆର୍ଥିକ ସ୍ଥିତି ଭଲ ରହିଛି। ଏଭଳି ଦମ୍ଭୋକ୍ତି ମାରୁଛି ଅର୍ଥ ବିଭାଗ। ମିଳିଥିବା ସୂଚନା ଅନୁଯାୟୀ, ୨୦୧୮ ଜୁଲାଇ ଶେଷ ସୁଦ୍ଧା ଋଣ ପରିମାଣ ୭୬୪୨୮.୪୧ କୋଟିରେ ପହଞ୍ଚିଲାଣି। ୨୦୦୦-୦୧ରେ ରାଜ୍ୟର ଋଣଭାର ୨୧୦୦୧.୮୮କୋଟି ଟଙ୍କା ଥିଲା। ଗତ ୧୮ ବର୍ଷ ଭିତରେ ୪ ଗୁଣା ବଢ଼ିଗଲାଣି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ୨୦୦୦-୦୧ରେ ୩୬୪୪.୫୯ କୋଟି ଟଙ୍କା ଋଣ କରିଥିବା ବେଳେ ୨୦୦୧-୦୨ରେ ୩୯୫୨.୫୬, ୨୦୦୨-୦୩ରେ ୫୬୦୨.୨୦ କୋଟି, ୨୦୦୩-୦୪ରେ ୬୧୧୧.୬୪, ୨୦୦୪-୦୫ରେ ୪୬୬୯.୯୦, ୨୦୦୫-୦୬ରେ ୩୪୪୨.୮୬, ୨୦୦୬-୦୭ରେ ୨୬୪୩.୮୦ କୋଟି ଟଙ୍କା ଋଣ କରିଥିଲେ। ତେବେ ୨୦୦୮ରୁ ୨୦୧୧ ଯାଏ ରାଜ୍ୟର ଆର୍ଥିକ ସ୍ଥିତିରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ରାଜ୍ୟ ସରକାର ଏହି ୪ ବର୍ଷ ମଧ୍ୟରେ କମ୍ ଋଣ କରିଥିଲେ। ତେବେ ୨୦୧୫-୧୬ରୁ ଋଣ ଆଣିବା ବଢ଼ାଇ ଦେଇଛନ୍ତି। ୨୦୧୪-୧୫ରେ ରାଜ୍ୟ ସରକାର ୭୬୩୬.୫୪ କୋଟି ଟଙ୍କା ଋଣ କରିଥିବା ବେଳେ ୨୦୧୫-୧୬ରେ ଏହି ପରିମାଣ ୧୧୬୨୫.୩୨ କୋଟି ଟଙ୍କାକୁ ବଢିଗଲା। ୨୦୧୬-୧୭ରେ ୧୩୦୮୦.୧୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ୨୦୧୭-୧୮ରେ ୧୪୪୧୯.୪୧ କୋଟି ଟଙ୍କା ଋଣ କରିଛନ୍ତି।

ରାଜ୍ୟ ସରକାର ୨୦୧୭-୧୮ରେ ଦରମା ବାବଦରେ ୧୮୩୩୫.୫୮ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ପେନ୍‌ସନ୍ ବାବଦରେ ୮୬୯୨.୮୬ କୋଟି ଖର୍ଚ୍ଚ କରିଛନ୍ତି। ତେବେ ଏହି ଖର୍ଚ୍ଚକୁ ଭରଣା କରିବା ଲାଗି ଏକମାତ୍ର ସାହାରା ଟିକସ ଓ ଅଣଟିକସ। ୨୦୧୭-୧୮ରେ ବାଣିଜ୍ୟ କର, ରାଜ୍ୟ ଅବକାରୀ ଶୁଳ୍କ, ବିଦ୍ୟୁତ ଶୁଳ୍କ, ଯାନବାହନ ଟିକସ, ମୁଦ୍ରାଙ୍କ ଓ ନିବନ୍ଧନ ଶୁଳ୍କ, ଭୂରାଜସ୍ୱ ଏବଂ ଅନ୍ୟାନ୍ୟ ଟିକସ ବାବଦରେ ୨୭୯୧୩.୮୧ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବେଳେ ଅଣଟିକସ ରାଜସ୍ୱ ବାବଦରେ ୮୩୯୮.୪୮ କୋଟି ଟଙ୍କାକୁ ମିଶାଇ ମୋଟ ୩୬୩୧୨.୨୯ କୋଟି ଟଙ୍କା ଆଦାୟ କରିଛନ୍ତି। ଋଣଭାର ବଢ଼ି ବଢ଼ି ଚାଲିଥିବା ବେଳେ ଆର୍ଥିକ ସ୍ଥିତି ଭଲ ଥିବା କଥା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ମହାଲେଖାକାରଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟର ମୋଟ ଋଣ ୭୩୮୬୪.୬୬ କୋଟି ଟଙ୍କା ରହିଛି, ଯାହାକି ସାମଗ୍ରିକ ଘରୋଇ ଉତ୍ପାଦର ୧୭.୭୬ ପ୍ରତିଶତ। ନିର୍ଦ୍ଧାରିତ ସର୍ବୋଚ୍ଚ ସୀମା ୨୫ ପ୍ରତିଶତରୁ ଯଥେଷ୍ଟ କମ୍। ସୁଧ ଦେୟ ବାବଦକୁ ୪୯୮୮.୩୪ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, ଯାହାକି ମୋଟ ରାଜସ୍ୱର ୫.୮୫ ପ୍ରତିଶତ ବୋଲି ମନ୍ତ୍ରୀ କହିଛନ୍ତି।



ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ପୂଜା କମିଟି ପକ୍ଷରୁ ପୂଜା ପାଉଥିବା ଗଜାନନଙ୍କ ଜଗନ୍ନାଥ ବେଶ।

## ସଂକ୍ଷେପରେ

### ସ୍ପେନ୍‌ରୁ ଆସିଛନ୍ତି ଲକ୍ଷ୍ମୀ

#### ବସୁନ୍ଧରାରେ ଉତ୍ସବର ପରିବେଶ

**କଟକ ଅଫିସ, ୧୩।୯:** ୨୦ବର୍ଷ ତଳେ କଟକ ମଙ୍ଗଳାବାଗ ମଠସାହିରୁ ଉଦ୍ଧାର ହୋଇଥିବା ୧୦ବର୍ଷର ନାବାଳିକା ଲକ୍ଷ୍ମୀ ଆଜି ସ୍ପେନ୍‌ର ମାରିଆ ଲକ୍ଷ୍ମୀ। ୧୯୯୯ ଅକ୍ଟୋବର ମଠସାହିସ୍ଥିତ ଏ ୱାନ୍ ଯୁବ କ୍ଲବର ସଦସ୍ୟଙ୍କ ସହାୟତାରେ ଲକ୍ଷ୍ମୀ ଉଦ୍ଧାର ହୋଇଥିଲେ। ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାବେଳେ ନିର୍ଯାତନାର ଶିକାର ହୋଇ ଥିଲେ ଲକ୍ଷ୍ମୀ। ପାଖାପାଖି ୨ବର୍ଷ କଟକସ୍ଥିତ ବସୁନ୍ଧରାରେ ରହିବା ପରେ ଲକ୍ଷ୍ମୀଙ୍କ ଭାଗ୍ୟରେ ବଡ଼ ପରିବର୍ତ୍ତନ ଆସିଥିଲା। ତାଙ୍କ ପାରିବାରିକ ପୃଷ୍ଠଭୂମି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଆଇନାନୁମୋଦିତ ଉପାୟରେ ୨୦୦୧ରେ ଏକ ସ୍ପେନୀୟ ପରିବାରରେ ପୋଷ୍ୟ କନ୍ୟା ଭାବେ ଲକ୍ଷ୍ମୀଙ୍କୁ ଥଇଥାନ କରାଯାଇଥିଲା। ୨୮ ବର୍ଷରେ ପଦାର୍ପଣ କରିଥିବା ଲକ୍ଷ୍ମୀ ଏବେ ସୁଦୂର ସ୍ପେନରୁ ବସୁନ୍ଧରାକୁ ବୁଲିବାକୁ ଆସିଛନ୍ତି। ସୋମବାରଠାରୁ ଲକ୍ଷ୍ମୀ ସ୍ପେନ୍‌ର ନିଜର ସମ୍ପର୍କୀୟ କ୍ରିସକିନା ଫର୍ଣ୍ଣାଡିଜଙ୍କ ସହିତ ବସୁନ୍ଧରାରେ ରହିଛନ୍ତି। ତାଙ୍କ ପାଇଁ ଏବେ ବସୁନ୍ଧରାରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ଆସନ୍ତା ୧୫ ତାରିଖ ଅପରାହ୍ନରେ ବସୁନ୍ଧରା ପରିସରରେ ଏକ ବନ୍ଧୁମିଳନର ଆୟୋଜନ କରାଯାଉଛି। ଯେଉଁଠାରେ ଲକ୍ଷ୍ମୀ ନିଜ ଜୀବନ କାହାଣୀ ସମ୍ପର୍କରେ ସୂଚନା ଦେବେ ବୋଲି ବସୁନ୍ଧରା ସମ୍ପାଦିକା ଶୈଳ ବେହେରା କହିଛନ୍ତି।

### ୧୦ ଘଣ୍ଟାର ଅପରେଶନ, ଯୋଡ଼ି ହେଲା କଟା ହାତ

**କଟକ ଅଫିସ, ୧୩।୯:** ଅଟା କଳରେ କାମ କରୁଥିଲେ ଡାହାଣ ହାତ ମେଶିନ ଭିତରେ ପଶି ଯାଇଥିଲା। ଫଳରେ ତାଙ୍କ ହାତର କହୁଣି ତଳକୁ ଅଲଗା ହୋଇଯାଇଥିଲା। କଟକ କାଲୁପଡ଼ା ଅଞ୍ଚଳର ଲୋକନାଥ ସାହୁ ଗତ ଅଗଷ୍ଟ ୨୬ରେ ଏଭଳି ଦୁର୍ଘଟଣାର ଶିକାର ହୋଇଥିଲେ। ଘଟଣାଟି ଅପରାହ୍ନ ସାଢେ ୧୨ଟାରେ ଘଟିଥିଲା। ୭ ଘଣ୍ଟା ପରେ ଲୋକନାଥ କଟକର ଏକ ଘରୋଇ ହସ୍ପିଟାଲରେ ଅଲଗା ହୋଇଥିବା ହାତକୁ ଧରି ପହଞ୍ଚିଥିଲେ। ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ବିଭୁତି ନାୟକଙ୍କ ନେତୃତ୍ୱରେ ଡା. ନୀଳମଣି ମହାନ୍ତି, ଡା. ସୁଧୀର ମହାପାତ୍ର, ଡା. ଆଶିଷ ପଟ୍ଟନାୟକ ଓ ଡା. ଦେବପ୍ରସାଦ ମହାନ୍ତିଙ୍କୁ ନେଇ ଗଠିତ ୫ ଜଣିଆ ଡାକ୍ତରୀ ଦଳ ଲୋକନାଥଙ୍କ ଅପରେଶନ କରିଥିଲେ। ପାଖାପାଖି ୧୦ ଘଣ୍ଟା ଧରି ଏହି ଅପରେଶନ ଚାଲିଥିଲା। ଏବେ ଲୋକନାଥଙ୍କ ହାତ ସମ୍ପୂର୍ଣ୍ଣ ଭାବେ ଯୋଡ଼ି ହୋଇଯାଇଥିବା ଡାକ୍ତର ନାୟକ ସୂଚନା ଦେଇଛନ୍ତି। ଲୋକନାଥ ପୂର୍ବଭଳି ଏହି ହାତରେ ସମସ୍ତ କାର୍ଯ୍ୟ କରିପାରିବେ ବୋଲି ଡାକ୍ତର ନାୟକ ଆଶା ରଖିଛନ୍ତି।

# ଡେଏରୀ ବ୍ୟବସାୟକୁ ଓହ୍ଲାଇଲା ପତଞ୍ଜଳି

ନୂଆଦିଲ୍ଲୀ,୧୩।୯

- ୨ଟଙ୍କା ଶସ୍ତାରେ ମିଳିବ କ୍ଷୀର
- ଷ୍ଟୋରରେ ବିକ୍ରି ହେବ ଫ୍ରୋଜନ ପରିବା, ମିନେରାଲ ୱାଟର

ଯୋଗଗୁରୁ ବାବା ରାମଦେବଙ୍କ ପତଞ୍ଜଳି ଆୟୁର୍ବେଦ ଏବେ ଡେଏରୀ ବ୍ୟବସାୟକୁ ଓହ୍ଲାଇଛି। ଏଣିକି ପତଞ୍ଜଳି ଷ୍ଟୋରରେ କ୍ଷୀର, ଦହି, ପନିର, ଘୋଳ ଦହି ଆଦି ଦୁଗ୍ଧଜାତ ପଦାର୍ଥ ବିକ୍ରି କରାଯିବ। ଖାଲି ସେତିକି ନୁହେଁ, ଫ୍ରୋଜନ ପନିପରିବା ଓ ଦିବ୍ୟଜଳ ନାମରେ ମିନେରାଲ ୱାଟର ମଧ୍ୟ କମ୍ପାନୀ ବିକ୍ରି କରିବ।

ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ବାବା ରାମଦେବ କହିଛନ୍ତି ଯେ, ଅନ୍ୟ ବ୍ରାଣ୍ଡ ଅପେକ୍ଷା ପତଞ୍ଜଳି ଦ୍ୱାରା ଟେଟ୍ରା ପ୍ୟାକ୍‌ରେ ବିକ୍ରି ହେବାକୁ ଥିବା କ୍ଷୀର ୨ ଟଙ୍କା ଶସ୍ତା ହେବ। କମ୍ପାନୀ ଏଥିଲାଗି ଦିଲ୍ଲୀ-ଏନ୍‌ସିଆର, ପୁଣେ, ରାଜସ୍ଥାନ ଓ ମୁମ୍ବାଇର ୫୬ ହଜାର ଦୁଗ୍ଧ ବିକ୍ରେତାଙ୍କ ସହ ଚୁକ୍ତି କରିଛି। କମ୍ପାନୀ ୨୦୧୯-୨୦ ସୁଦ୍ଧା ପ୍ରାୟ ୧୦ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ କରିବାର ଲକ୍ଷ୍ୟ ରଖିଛି। କମ୍ପାନୀ ଏଥିରୁ ପ୍ରାୟ ୧ ହଜାର କୋଟି ଟଙ୍କାର ବ୍ୟବସାୟ କରିବାର ଲକ୍ଷ୍ୟ ରଖିଛି ବୋଲି ଯୋଗଗୁରୁ କହିଛନ୍ତି। ଅନ୍ୟପକ୍ଷରେ ପତଞ୍ଜଳି ପକ୍ଷରୁ କୁହାଯାଇଛି ଯେ, କମ୍ପାନୀ ଏହାର ଅପରେଶନ ଆରମ୍ଭର ପ୍ରଥମ ଦିନ ହିଁ ୪ ଲକ୍ଷ ଲିଟର କ୍ଷୀର ଉତ୍ପାଦନ କରିପାରିଥିଲା। କମ୍ପାନୀ ଫ୍ରୋଜନ ପରିବା ବଜାରରେ ନିଜର ଉପସ୍ଥିତି ଜାହିର କରିବ। ମଟର, ମିକ୍ସ ଭେଜ, ସୁଇଟ କର୍ନ ଓ ଫିଙ୍ଗର ଚିପ୍ସ ବିକ୍ରି କରିବାକୁ କମ୍ପାନୀ ନିଷ୍ପତ୍ତି ନେଇଛି। ସେହିପରି ଦିବ୍ୟଜଳ ବ୍ରାଣ୍ଡରେ ୨୫୦ ମିଲି, ୫୦୦ ମିଲି, ୧ ଲିଟର ଓ ୨ ଲିଟର ବୋତଲରେ ମିନେରାଲ ୱାଟର ବିକ୍ରି କରାଯିବ। ଉଲ୍ଲେଖଥାଉକି, ଗତ ବର୍ଷକ ମଧ୍ୟରେ ପତଞ୍ଜଳିର ବିକ୍ରି ବିଶେଷ ବଢ଼ିପାରିନି। କାରଣ ମଲ୍ଟି ନ୍ୟାଶନାଲ କମ୍ପାନୀ ଗୁଡିକ ପ୍ରାକୃତିକ ଓ ହର୍ବାଲ ସାମଗ୍ରୀ ଜରିଆରେ ପତଞ୍ଜଳିକୁ କଡା ଟକ୍କର ଦେଉଛନ୍ତି। ଅକ୍ଟୋବର-ମାର୍ଚ୍ଚ ୨୦୧୮ରେ ପତଞ୍ଜଳିର ବିକ୍ରିରେ ମାତ୍ର ୭% ବୃଦ୍ଧି ପରିଲକ୍ଷିତ ହୋଇଛି।

## ବାରାଣସୀରେ ଜନ୍ମଦିନ ପାଳିବେ ମୋଦି



ବାରାଣସୀ,୧୩।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ୬୮ତମ ଜନ୍ମଦିନ ବାରାଣସୀରେ ପାଳନ କରିବେ। ଏଥିପାଇଁ ସେ ୨ ଦିନିଆ ଗସ୍ତରେ ବାରାଣସୀ ଯିବେ। ୧୭ରେ ତାଙ୍କର ଜନ୍ମଦିନ ରହିଥିବା ବେଳେ ସେଠାରେ ମୋଦି ସ୍କୁଲର ଛୋଟଛୋଟ ପିଲାଙ୍କ ସହ ଏହି ଦିନକୁ କାଟିବାର ଯୋଜନା କରିଛନ୍ତି। ଏହା ସହ ତାଙ୍କର ଜୀବନୀକୁ ନେଇ ନିର୍ମିତ ଫିଲ୍ମ 'ଚଲୋ ଜିତେ ହେଁ'କୁ ପିଲାଙ୍କ ସହ ବସି ସେ ଦେଖିବେ। ଏହି ଗସ୍ତ ସମୟରେ ମୋଦି କାଶୀବିଶ୍ୱନାଥ ମନ୍ଦିର ଯାଇ ଏକ କାର୍ଯ୍ୟକ୍ରମରେ ଲୋକଙ୍କୁ ସମ୍ବୋଧିତ କରିବେ। ମୋଦିଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସବୁ ପ୍ରକାର ବ୍ୟବସ୍ଥା କରିଥିବା ଜଣାପଡିଛି।

## ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣା

# ହତ୍ୟା ଅଭିଯୋଗ ଦୋହରାଇଲେ ପରିବାର ଲୋକେ

ରତ୍ନଗିରି,୧୩।୯(ଡି.ଏନ.ଏ.)

ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣାରେ ପରିବାର ଲୋକେ ଗୁରୁବାର ବରୀ ଜାଗୁଲାଇ ପୀଠରେ ଏକ ଖବରଦାତା ସମ୍ମିଳନୀ ଡକାଇ ଏହା ଏକ ହତ୍ୟାକାଣ୍ଡ ବୋଲି ଦୋହରାଇଛନ୍ତି। ଏନେଇ ପରିବାର ଲୋକେ ବୁଧବାର ବରୀ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ନିଖୋଜ ହେବା ପୂର୍ବରୁ ରୌପ୍ୟକାନ୍ତ ଯେଉଁମାନଙ୍କ ସହ ଥିଲେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଇବା ପାଇଁ ପରିବାର ଲୋକେ ଦାବି କରିଛନ୍ତି। ୩ଦିନ ମଧ୍ୟରେ କୌଣସି ପଦକ୍ଷେପ ନିଆ ନ ଗଲେ ସପରିବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଆତ୍ମାହୁତି ଦେବେ ବୋଲି ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ରୌପ୍ୟକାନ୍ତ କଳାମାଟିଆ ନିକଟସ୍ଥ ତଳକାଇପଡ଼ାରେ ଅଜା ବାବାଜୀ ଚରଣ ନାୟକଙ୍କ ଘରେ ପିଲାଦିନରୁ ରହିଆସୁଥିଲେ। ଗତ ରବିବାର ୫ ଜଣ ସାଙ୍ଗଙ୍କ ସହ କଳାମାଟିଆସ୍ଥିତ ଏକ କୁକୁଡ଼ା ଫାର୍ମ ନିକଟରେ ଭୋଜି କରୁଥିଲେ। ତେବେ ସେ ଘରକୁ ନ ଫେରିବାରୁ ମାମୁଘର ଲୋକେ ରୌପ୍ୟକାନ୍ତ ନିଖୋଜ ହୋଇଥିବା ନେଇ ବରୀ ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସକାଳୁ କାଇପଡା ବ୍ୟାଙ୍କ ନିକଟସ୍ଥ ଏକ ପୋଖରୀରେ ରୋପ୍ୟକାନ୍ତଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଖବରପାଇ ବରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ପୋଲିସ ଅପମୃତ୍ୟୁ ମାମଲା(୧୨/୧୮) ରୁଜୁ କରିଥିଲା।

# ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଇଭିଏମ୍ ବିବାଦ

ନୂଆଦିଲ୍ଲୀ, ୧୩।୯(ପି.ଟି.)

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ (ଡିୟୁଏସ୍‌ୟୁ) ନିର୍ବାଚନ ପରେ ଭୋଟ ଗଣତିକୁ ନେଇ ବିବାଦ ସୃଷ୍ଟି ହୋଇଛି। ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ତ୍ରୁଟି ଥିବା ଅଭିଯୋଗ ଆସିବା ପରେ ବିଭିନ୍ନ ଛାତ୍ର ସଙ୍ଗଠନର ପ୍ରାର୍ଥୀଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଯାଇଥିଲା। ସାନି ନିର୍ବାଚନ ଦାବିରେ ଏନ୍‌ଏସ୍‌ୟୁଆଇ ଅଡ଼ିବସିବା ପରେ ଗୁରୁବାର ଭୋଟ ଗଣନା ଅଧାରୁ ବନ୍ଦ କରାଯାଇଥିଲା। କିନ୍ତୁ ଆର୍‌ଏସ୍‌ଏସ୍‌ର ଛାତ୍ର ସଙ୍ଗଠନ ଏବିଭିପି ଭୋଟଗଣନା ଆଗେଇନେବାକୁ କହିଥିଲା। ବାକ୍‌ଯୁଦ୍ଧ ପରେ ସମସ୍ତ ପ୍ରାର୍ଥୀ ଆଲୋଚନା ଜରିଆରେ ବୁଝାମଣା କରିଥିଲେ। ଏହାପରେ ଭୋଟ ଗଣନା ଆରମ୍ଭ ହୋଇଥିଲା। ଡିୟୁ ଛାତ୍ର ସଂସଦ ନିର୍ବାଚନରେ ସାଧାରଣତଃ ଏନ୍‌ଏସ୍‌ୟୁଆଇ ଏବଂ ଏବିଭିପି ମଧ୍ୟରେ ଲଢ଼େଇ ହୁଏ। କିନ୍ତୁ ଏଥର ବାମଦଳ ସମର୍ଥିତ ଏଆଇଏସ୍‌ଏ ଏବଂ ଆମ୍ ଆଦମୀ ପାର୍ଟିର ଛାତ୍ର ସଙ୍ଗଠନ ସିୱାଇଏସ୍‌ଏସ୍ ମେଣ୍ଟ କରି ନିର୍ବାଚନ ଲଢ଼ିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ଲାଗି ଶୁକ୍ରବାର ଭୋଟଗ୍ରହଣ ହେବ।

## କାଳ ହେଲା ଗଣେଶପୂଜା ପାଇଁ ଆମ୍ବଡାଳ ଆଣିବା

# ମହୁମାଛି ଆକ୍ରମଣରେ ଜଣେ ଛାତ୍ର ମୃତ, ୫ ଗୁରୁତର

ରାୟଗଡା ଅଫିସ, ୧୩।୯

ରାୟଗଡା ବ୍ଲକ କାରୁବାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଗଣେଶପୂଜା ପାଇଁ ଆମ୍ବ ଡାଳ ଆଣିବାକୁ ଯାଇଥିବା ବେଳେ ମହୁମାଛି ଆକ୍ରମଣରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି। ମୃତ ଛାତ୍ର ଜଣକ ହେଲେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଦେବ ଦାସ ତୋଇକା (୮)। ଆହତମାନେ ହେଲେ ପ୍ରଥମ ଶ୍ରେଣୀର ଛାତ୍ର ଶ୍ରୀନୁ ମାଣ୍ଡାଙ୍ଗି, ବିକାଶ ମାଣ୍ଡାଙ୍ଗି, ଦ୍ୱିତୀୟ ଶ୍ରେଣୀର ଛାତ୍ର ରୋହିତ ତୋଇକା, ନାତନ୍ ମାଣ୍ଡାଙ୍ଗି, ତୃତୀୟ ଶ୍ରେଣୀର ଆଶିଷ ପୁଆଲା। ସେମାନଙ୍କୁ ଗୁରୁବାର ସକାଳେ ରାୟଗଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ସେମାନଙ୍କ ମଧ୍ୟରୁ ରୋହିତ, ଶ୍ରୀନୁ ଏବଂ ବିକାଶଙ୍କ ଅବସ୍ଥା ସଂକଟାପନ୍ନ ରହିଛି।

ବୁଧବାର ଅପରାହ୍ନ ୫ଟାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ହଷ୍ଟେଲରେ ରହୁଥିବା ୮/୧୦ ଜଣ ଛାତ୍ର ଗଣେଶପୂଜା ନିମନ୍ତେ ଆମ୍ବଡାଳ ଆଣିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଉକ୍ତ ୬ ଜଣ ଛାତ୍ର ଆମ୍ବ ଗଛରେ ଚଢ଼ିଥିବା ସମୟରେ ଏଥିରେ ବସା ବାନ୍ଧିଥିବା ମହୁମାଛି ସେମାନଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସେମାନେ ବିଦ୍ୟାଳୟକୁ ଆସି ପିଅନ ଗଙ୍ଗାଧର ମାଣ୍ଡାଙ୍ଗିଙ୍କୁ ଜଣାଇଥିଲେ। ସେ ସମୟରେ ପ୍ରଧାନ ଶିକ୍ଷକ ଜଗନ୍ନାଥ ମାଣ୍ଡାଙ୍ଗିଙ୍କ ସମେତ କୌଣସି ଶିକ୍ଷକ ନ ଥିଲେ। ଖବରପାଇ ପ୍ରଧାନ ଶିକ୍ଷକ ସନ୍ଧ୍ୟା ୬ଟାରେ ବିଦ୍ୟାଳୟରେ ପହଞ୍ଚିଥିଲେ। ଛାତ୍ରମାନଙ୍କ ଚିକିତ୍ସା ନିମନ୍ତେ ଆଦୌ ଧ୍ୟାନ ନ ଦେଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବଦଳରେ ସ୍କୁଲରେ ରାତିସାରା ରଖିଥିଲେ। ତେବେ ରାତି ପ୍ରାୟ ୧ଟାରେ ଦେବଦାସଙ୍କ ଅବସ୍ଥା ଗୁରୁତର ହୋଇଥିଲା। ଅନ୍ୟ ୫ ଜଣ ଆହତ ଛାତ୍ର ଯନ୍ତ୍ରଣାରେ ରାତି ସାରା ଛଟପଟ ହେଉଥିଲେ। ପରେ ଦେବଦାସଙ୍କ ମୃତ୍ୟୁ ହୋଇଥିଲା। ସନ୍ଧ୍ୟା ୫ଟାରୁ ଏହି ଘଟଣା ଘଟିଥିଲେ ମଧ୍ୟ ଆହତ ଛାତ୍ରଙ୍କ ପରିବାରବର୍ଗ କିମ୍ବା ବିଭାଗ କର୍ତ୍ତୃପକ୍ଷଙ୍କୁ ପ୍ରଧାନ ଶିକ୍ଷକ ଜଣାଇ ନ ଥିଲେ। ଘଟଣା ଜଣାପଡିବା ପରେ ଗ୍ରାମବାସୀ ଆହତ ୫ ଜଣ ଛାତ୍ରଙ୍କୁ ଚିକିତ୍ସା ନିମନ୍ତେ ଗୁରୁବାର ସକାଳେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ପ୍ରଧାନ ଶିକ୍ଷକ ଶେଷଖାଲ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା(ନଂ ୦୭/୧୮) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାପାଇ ଜିଲାପାଳ ଗୁହାପୁନମ ତାପସ କୁମାର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଆନାସ୍ତେସିଆ କେରକେଟା, ରାୟଗଡା ବ୍ଲକ ଶିକ୍ଷା ଅଧିକାରୀ, ବିଆରସିସି ୱାଙ୍ଗାଲାଲ ଶବର, ଡବ୍ଲ୍ୟୁଇଓ ପଞ୍ଚାନନ ଖଣ୍ଡୁଆ, ଆଇଟିଡିଏ ବିଭାଗର ବହୁ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ମୃତ ଛାତ୍ରଙ୍କ ମାତା ପିତାଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା, ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା, ରାୟଗଡା ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଆନାସ୍ତେସିଆ କେରକେଟାଙ୍କୁ ପଚାରିବାରୁ, ଘଟଣାର ତଦନ୍ତ କରାଯାଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

CLASSIFIED DISPLAY

HURRY UP LIMITED SEATS
FOR YOUR CIVIL SERVICE ASPIRATIONS
JOIN
START 15TH SEPTEMBER
Surge Ahead
PANCHASAKHA ACADEMY
FOR
IAS- (PRELIM-CUM-MAINS) |
OAS (ONE MONTH CRASH COURSE)
YES, TOGETHER WE CAN
PH : 6370981054, 8457099246
L-280, HB Colony, Bhubaneswar, www.panchasakha.com

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
Estd.2000
logon : www.eeuromaritime.org
Ph.0674-2385773, M:9437114882, 9090366575







MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable



## ସଂକ୍ଷେପରେ

### ନବ ନିର୍ମାଣ କୃଷକ ସଂଗଠନ ବୈଠକ

ବାଲିକୁଦା, ୧୩।୯(ସ୍ୱ.ପ୍ର.): ବାଲିକୁଦା ବ୍ଲକ ନାଗପୁର ସ୍ଥିତ ମା' ଜାଗୁଳାଇ ମନ୍ଦିରରେ ନବ ନିର୍ମାଣ କୃଷକ ସଂଗଠନର ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଧର୍ମାନନ୍ଦ ଖଣ୍ଡୁଆଳ ସଭାପତିତ୍ୱ କରିଥିଲେ। ଅତିଥିଭାବେ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଜିଲା ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ, ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ, ବ୍ଲକ ସଂଯୋଜକ ରଘୁନାଥ ନାୟକ, ସରପଞ୍ଚ ନିକୁ ବିଶ୍ୱାଳ, ଜିଲା କମିଟି ସଦସ୍ୟ ବାବାଜୀ ଚରଣ ଜେନା ଓ କୋଷାଧକ୍ଷ ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ସମସ୍ୟା ପ୍ରତି ଉଦାସୀନ ମନୋଭାବ ପ୍ରଦର୍ଶନ କରୁଥିବାରୁ ଉଭୟ ସରକାରଙ୍କୁ ନିନ୍ଦା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶୁଭେନ୍ଦୁ ଭୋଳ, ରମେଶ ଚନ୍ଦ୍ର ପୃଷ୍ଟି, ବିଭୂତି ପରିଡା, ମିଟୁ ଦାସ, ସୁଶାନ୍ତ ସେଠୀ, ରଞ୍ଜନ ମହାନ୍ତି, କରୁଣାକର ଓଝା, ରାମଚନ୍ଦ୍ର ବିଶ୍ୱାଳ ଓ ବୁଦ୍ଧେଶ୍ୱର ଦାସ ପ୍ରମୁଖ ଯୋଗଦେଇ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି ଜଣାଇଥିଲେ। ଅକ୍ଟୋବର ୨୯ରୁ ନଭେମ୍ବର ୫ ମଧ୍ୟରେ ସଂଗଠନ ପକ୍ଷରୁ ବାଲୁଗାଁ ଓ କୁଆଖିଆରୁ ହେବାକୁ ଥିବା ଚାଷୀ ପଦଯାତ୍ରାରେ ଜଗତ୍‌ସିଂହପୁର ଜିଲାରୁ ୨୫ ହଜାର ଚାଷୀଯୋଗ ଦେବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

■ ଇନ୍ଦିରା ଆବାସ ପାଇଁ ଟଙ୍କା ଦେଣନେଣରୁ ଗଣ୍ଡଗୋଳ

# ଉଭୟ ପକ୍ଷରୁ ଥାନାରେ ଏତଲା

■ଅଭିଯୋଗକୁ ଭିତ୍ତିକରି ତଦନ୍ତ କରୁଛି ପୋଲିସ
■ସମିତିସଭ୍ୟଙ୍କୁ ଗିରଫ ପାଇଁ ଥାନା ଆଗରେ ବସିଲେ ୨୦୦ରୁ ଊର୍ଦ୍ଧ୍ୱ ଲୋକ

ନାଉଗାଁ, ୧୩।୯(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅଲଣା ଗ୍ରାମରେ ଇନ୍ଦିରା ଆବାସ ପାଇଁ ଟଙ୍କା ଦେଣନେଣକୁ ନେଇ ଜଣେ ପଞ୍ଚାୟତ ପ୍ରତିନିଧିଙ୍କ ସହ ଗ୍ରାମର କେତେଜଣ ଲୋକଙ୍କ ଗଣ୍ଡଗୋଳ ଘଟିଥିବା ଅଭିଯୋଗ ହୋଇଛି। ଏନେଇ ଉଭୟ ପକ୍ଷରୁ ଥାନାରୁ ଏତଲା ଦିଆଯାଇଛି। ପୋଲିସ ଏନେଇ ଦୁଇଟି ପୃଥକ ମାମଲା ନଂ. ୧୬୬ /୧୮ ଓ ୧୬୭/୧୮ ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି। ଅଲଣା ପଞ୍ଚାୟତର ସମିତି ସଭ୍ୟ ମନ୍ମଥ ଓଝା ଥାନାରେ ଅଭିଯୋଗ କରିଛନ୍ତି ଯେ ଗ୍ରାମର ଏକା, ବୁଲୁ, ଟୁଲୁ ଓ ଭରତ ତାଙ୍କୁ ଟଙ୍କା ମାଗିଥିଲେ। କିନ୍ତୁ ସେ ନଦେବାରୁ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଅନ୍ୟପକ୍ଷରେ ଭରତ ଦାସ ଅଭିଯୋଗ କରିଛନ୍ତି ଯେ ମନ୍ମଥ ତାଙ୍କୁ ମାଡ଼ ମାରିବା ସହ ଜାତିଆଣ ଆକ୍ଷେପ କରିଛନ୍ତି। ସେହିପରି ଦଳିତ ପରିବାର ପକ୍ଷରୁ ମାତା ଭୋଇ, ନିର୍ମଳା ଭୋଇ, ଦୀପକ ଭୋଇ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ ମନ୍ମଥ ଇନ୍ଦିରା ଆବାସ କରାଇଦେବାକୁ ସେମାନଙ୍କଠାରୁ ୧୦ରୁ ୨୦ ହଜାର ଟଙ୍କା ନେଇଥିଲେ। କିନ୍ତୁ ଘର ନ ହେବାରୁ ଆମେ ଯାଇ ଟଙ୍କା ମାଗିବାରୁ ସେ ଗାଳି ଗୁଲଜ କରିବା ସହିତ ମାଡ଼ ମାରିଛନ୍ତି। ଏନେଇ ଅଭିଯୋଗ ହେବା ପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଗ୍ରାମର ୨ ଶହରୁ ଊର୍ଦ୍ଧ୍ୱ ଲୋକ ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଥାନା ସମ୍ମୁଖରେ ବସି ରହିଥିଲେ। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର ପ୍ରତିଶ୍ରୁତି ଦେବା ପରେ ସେମାନେ ଉଠିଥିଲେ।

# ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା ସଂଘର ଆନ୍ଦୋଳନ ଯୋଗୁ କାର୍ଯ୍ୟ ବାଧାପ୍ରାପ୍ତ

ବିରିଡ଼ି, ୧୩।୯(ଡି.ଏନ.ଏ)

ଓଡିଶା ସ୍ୱାସ୍ଥ୍ୟମିଶନ ପରିଚାଳନା ସଂଘ ପକ୍ଷରୁ ୬ଦଫା ଦାବିରେ ଗତ ୧୦ତାରିଖରୁ ଆନ୍ଦୋଳନ ଅବ୍ୟାହତ ରହିଛି। ଫଳରେ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକ୍ରମ ପ୍ରଭାବିତ ହୋଇଛି। ଏପରିକି ଆଶାକର୍ମୀମାନେ ଦରମା ପାଇପାରି ନାହାନ୍ତି। ଟିକାକରଣ ପରିଚାଳନା, ଗ୍ରାମ୍ୟ ସ୍ୱାସ୍ଥ୍ୟଦିବସ କାର୍ଯ୍ୟକ୍ରମ ପ୍ରଭାବିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରରେ ବିପିଏମ, ବିଏଏମ, ବିଡିଓ, ଜିଲାସ୍ତରର ଡିପିଏମ, ଡିଏଏମ, ଡିଡିଏମ, ଆଶା ମ୍ୟାନେଜର, ଜିକେଏସ ମ୍ୟାନେଜର, ଅର୍ବାନ ହେଲଥ ମ୍ୟାନେଜର, ଏଫଏଲଓ, ଡିଇଓ, ଏନଆରଏଚଏମ କର୍ମୀମାନେ ସଙ୍ଗଠିତ ହୋଇ ଆନ୍ଦୋଳନ ଚାଲୁ ରଖିଛନ୍ତି। ସେମାନଙ୍କୁ ନିୟମିତ କରିବା, ସପ୍ତମ ବେତନ କମିଶନ ହାରରେ ଦରମା ଦେବା, ଇଏସଆଇ ସମସ୍ତଙ୍କ ପାଇଁ ଲାଗୁ କରିବା, ପିଆଇକୁ ଉଚ୍ଛେଦ କରିବା, ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିବା ଆଦି ଦାବି ହୋଇଛି।

### ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗିତା

ବିରିଡ଼ି, ୧୩।୯(ଡି.ଏନ.ଏ.)

ବିରିଡ଼ି ଆଇସିଡିଏସ ପକ୍ଷରୁ ମଙ୍ଗଳବାର ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗିତା ଓ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ସିଡିପିଓ ଗୌରୀ ଦେଇ, ଡାକ୍ତର ଲୋକନାଥ ସାହୁ, ଏବିଡିଓ ଗିରିଜା ପ୍ରସାଦ ବାରିକ, ପିଏଚଇଓ ଭବାନୀ ଶଙ୍କର ହାଲଦାର, ସୁପରଭାଇଜର ଧନେଶ୍ୱରୀ ନାୟକ, ସୁକାନ୍ତୀ ପୃଷ୍ଟି ଯୋଗ ଦେଇଥିଲେ। ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ପାଇଁ ୨୫ଜଣ ମା' ସେମାନଙ୍କ ଶିଶୁଙ୍କୁ ପ୍ରତିଯୋଗିତାକୁ ଆଣିଥିଲେ। ସେମାନଙ୍କ ମଧ୍ୟରୁ ୫ଜଣ ଶିଶୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଅଙ୍କିତ ଦଳାଇ, ସାଇ ଅର୍ପିତା ମହାନ୍ତି, ପ୍ରିୟାଙ୍ଗୀ ବେହେରା, ହିମାଂଶୁ ଭୋଇ, ସ୍ୱଦୀପ ବସନ୍ତିଆ। ବାଳିକାଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ସୋନାଲି ଭୋଇ, ସବିତା ଭୋଇ, ଚିନ୍ମୟୀ ସାହୁ, ରଶ୍ମିତା ସେଠୀ, ଲାବନ୍ୟା ସାହୁ ଓ ଇର୍ଷା ଓଝାଙ୍କୁ ପରସ୍କୃତ କରାଯାଇଥିଲା। ଅଙ୍ଗନୱାଡି କର୍ମୀମାନଙ୍କ ମଧ୍ୟରେ ସୁଷମ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରତିଯୋଗିତା କରାଯାଇଥିଲା। କର୍ମୀ ସେବତୀ ମାଣିକ, ଅଜନ୍ତା ପଟ୍ଟନାୟକ, ସୁବର୍ଣ୍ଣା ମଞ୍ଜରୀ ସ୍ୱାଇଁ, ନଳିନୀ ପ୍ରଭା ଦାଶ, କବିତା ପଟ୍ଟନାୟକ, ସୁବାସିନୀ ବେହେରା, ଅରୁନ୍ଧତୀ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମମତା ଯୋଜନାରେ ସଫଳ କାର୍ଯ୍ୟ କରିଥିବାରୁ କର୍ମୀ ବିଜୟ ଲକ୍ଷ୍ମୀ ପରିଡା ଓ ସହାୟିକା ଦୁଃଖି ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିତା କୁଟେଇଲି ହାତେ,**
**ଯାହା ପାଇଁ କି ମୁଁ ଚିତା କୁଟେଇଲି,**
**ସେ ଗଲା ବରଷ କେତେ ।**

ପାଖରେ ପ୍ରିୟଜନ ବା ସାଥୀ ନ ଥିଲେ ମନର ସରାଗ ମଉଳିଯାଇଥାଏ । ଏପରିସ୍ଥଳେ ମନର ମଣିଷ ଦୂର ବିଦେଶରେ ରହିଥିବା ହେତୁ ପରିପାଟୀ ବୃଥା ହୋଇଯିବା ପରିପ୍ରେକ୍ଷୀରେ ପ୍ରେୟସୀ ମନରେ ବ୍ୟାକୁଳତା ଭାବ ସୃଷ୍ଟିହେବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚେପଟା ନାକୀ, ଦହି ସୋଢ଼କୀ**
**ଅଇଁଠା ପତର ଖାଏ;**
**ଗୋଡ଼ରେ ଅଇଁଠା ପଡ଼ିଲା କ୍ଷଣି**
**ନଈକି ଗାଧୋଇ ଯାଏ ।**

ଯିଏ ଅଇଁଠା ପତରରେ ଖାଏ, ସେହି ବ୍ୟକ୍ତି ଗୋଡ଼ରେ ଅଇଁଠା ଲାଗିଲେ ଅଶୌଚ ମନେକରି ଗାଧୋଇଯିବା ହାସ୍ୟାସ୍ପଦ ମନେହୋଇଥାଏ। ଅନାଚାରିଣୀ ନାରୀର ନିଷ୍ଠାର ଛଳନା। ପରୋକ୍ଷରେ ଅନ୍ୟାୟ ଏବଂ ଅସଙ୍ଗତିରେ ଲିପ୍ତ ରହୁଥିବା ବ୍ୟକ୍ତି ସାମାନ୍ୟ ତ୍ରୁଟି ବା ବିଭ୍ରାଟ ପାଇଁ ବ୍ୟତିବ୍ୟସ୍ତ ହୋଇ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି

ନାଉଗାଁ, ୧୩।୯(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଡେରିକି ପଞ୍ଚାୟତ ବାଲିଚନ୍ଦ୍ରପୁରଠାରେ ବସିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରରୁ କଏଲ ଓ ତେଲ ଚୋରି ହୋଇଯାଇଥିବା ଗ୍ରାମବାସୀ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ହଠାତ ବିଦ୍ୟୁତ ସରୋବରାହ ବନ୍ଦ ହୋଇଯାଇଥିଲା। ଉକ୍ତ ଟ୍ରାନ୍ସଫର୍ମର ଚୋରି ଯୋଗୁ ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ପରିବାର ଅନ୍ଧାରରେ ଅଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

B.Ed @ Rs 65,000/- Only
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର - 9870548744
କଟକ - 7290022882
ଅନୁଗୁଳ - 7290027866
ବଲାଙ୍ଗୀର - 9870548676
ପୁରୀ - 7290022876
ବରଗଡ଼ - 7290027864
ଭଦ୍ରକ - 7290022886
ଗଞ୍ଜାମ - 7290027860
ଯାଜପୁର - 9870548373
ଖୋର୍ଦ୍ଧା - 9870549050
କୋରାପୁଟ - 9870549092
ମୟୂରଭଞ୍ଜ - 7290022884
ସମ୍ବଲପୁର - 7290022879
ସୁନ୍ଦରଗଡ଼ - 7290027868
Sector-A, Zone-B, Gurugram, HR India

ବାବା ଅଲି ଖାଁ
9911436726, 9540938429

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
7455967551
9068296909

SMS JOB
ବେଟିବଚାଓ ବେଟିପଢାଓ ଯୋଜନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ନାମ ଓ ଠିକଣା SMS କରନ୍ତୁ।
Laptop, Mobile FREE
09135937168
07258995324

ଭାରତର ନଂ.1 କମ୍ପାନୀ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଘରେ ବସି ସମସ୍ତ ଋଣ ମାତ୍ର 3 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମାର୍କଶିଟ୍, ପର୍ସନାଲ, ଗୃହ ଋଣ
1% ସୁଧ 50% ରିହାତି
HELPLINE
6388753739
6399376206
Add:- 41/14, Sec-1 Pushp Vihar, Delhi

SMS Marketing
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
7682981750

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

OM SAI FINANCE LTD
(Govt. Registered)
Regd. No.:- odh16652AD
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 3ରୁ 4 ଦିନରେ 1% ସୁଧ, 40% govt. subsidy ମହିଳାଙ୍କ ପାଇଁ ବିଶେଷ ରିହାତି।
J/6, B Block, Jiwan Park, Delhi
Call Now
9953851922

Global Communication Group
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦,୦୦୦ + 30,000ର ଅନ୍ୟାନ୍ୟ ସୁବିଧା ସୁଯୋଗ + କୋର୍ଟ ଏଗ୍ରିମେଣ୍ଟ।
HN 6/4, Azad Nagar, 29, Lohara, Ludhiana
Call Now: 07496875194
07496852157

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ପ୍ରଥମେ କାମ ପରେ ଦାମ୍
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ ସମସ୍ତ ଋଣ 2% ସୁଧ, 40% ରିହାତି, ଘରେ ବସି ଉପଲବ୍ଧ।
MUDRA FINANCE
Ram Nagar, Narnel, Haryana
7310625906
7310568831

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

FINANCE
Ganesh Puja Dhamaka
ଗଣପତି ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୧% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
Sec-7/87, Old Airport Road, Kodihalli, Bangalore
9053123802
7027318854

ALL INDIA NETWORK GROUP
(Govt. Approved)
ନିଜର ଖାଲି ଜମି, ଛାତ, ପ୍ଲଟ୍ ଏବଂ କ୍ଷେତିରେ ସବୁ କମ୍ପାନୀର ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ 70 ଲକ୍ଷ ଅଗ୍ରିମ, 45000 ଭଡ଼ା + 25000ର ଅନ୍ୟାନ୍ୟ ଲାଭ। ଜମି ମଞ୍ଜୁର ହେବା ପରେ Registration fees - 1000 ଟଙ୍କା।
Makrouli, Kalan (64), Rohtak Haryana - 124001
Call Now: 8826821679

GTL Network Company
ନିଜର ଖାଲି ଜମି, କୃଷି ଜମି, ଛାତରେ ନେଟୱର୍କ ଉପକରଣ ଲଗାନ୍ତୁ ।
ଅଗ୍ରିମ ୨୦,୦୦,୦୦୦/- ଭଡ଼ା - 50,000/-।
ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ତଥା ଉପକରଣ ସ୍ଥାପନ + ମାସିକ 30,000ର ଅନ୍ୟାନ୍ୟ ସୁବିଧାସୁଯୋଗ।
ଯୋଗାଯୋଗ: ପଵନ କୁମାର
G-57, Gunjan Bihar, Karolbhag, Delhi
9776389958
7894865967

Aital Companyରେ
ଘରେ ବସି ପୁଅ-ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000। Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No.
70332-02011
70332-00821

!! LOAN LOAN LOAN !!
CAPITAL FINANCE LTD.
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦାମ ବିଦା ହେଲା ପରେ ଜିଲା ବିଜେଡି ରାଜନୀତି ସରଗରମ

- ପାରାଦୀପ, ବାଲିକୁଦା, ଏରସମା, ତିର୍ତ୍ତୋଲ ଓ କୁଜଙ୍ଗରେ ରହିଛି ସଂଗଠନ
- ପ୍ରଭାବିତ ହୋଇପାରେ ବିଜେଡି ଭୋଟ୍
- କଂଗ୍ରେସକୁ ମିଳିପାରେ ଫାଇଦା

**ଜଗତ୍‌ସିଂହପୁର ଅଫିସ, ୧୩।୯**

ପାରାଦୀପ ବିଧାୟକ ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବା ପରେ ତାଙ୍କ ରାଜନୈତିକ କ୍ୟାରିୟର ଓ ଜିଲା ବିଜେଡିରେ ଏହାର ପ୍ରଭାବ କ'ଣ ହେବ। ତାଙ୍କ ସହ ଦୀର୍ଘବର୍ଷ ଧରି ସମ୍ପର୍କରେ ଥିବା ନେତା ଓ କର୍ମୀ ଏଭଳି ପରିସ୍ଥିତିରେ କ'ଣ କରିବେ। ଦାମ କଂଗ୍ରେସ କି ଭାଜପାରେ ମିଶିବେ ନାହିଁ ବୋଲି ସ୍ପଷ୍ଟ କରିଥିବାବେଳେ ଆଉ ଏକ ନୂଆ ଦଳ ସୃଷ୍ଟିର ଆଭାସ ଦେଇଛନ୍ତି। ବିଜୁଙ୍କ ନାମ ନେଇ ସେ ଜୀବନର ଶେଷ ପର୍ଯ୍ୟନ୍ତ ରାଜନୀତିରେ ରହିବେ ବୋଲି ମଧ୍ୟ କହିଛନ୍ତି। ଯଦି ଏହା ହୁଏ ତେବେ ବିଜୁଙ୍କୁ ନେଇ ରାଜନୈତିକ ପାଣିପାଗ କିଭଳି ରହିବ ଓ ଏହାର ମୋଡ଼ କେଉଁ ଆଡକୁ ଯିବ। ବିଶେଷକରି ଜଗତ୍‌ସିଂହପୁର ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି କିଭଳି ପ୍ରଭାବିତ ହେବ। ସବୁଠାରୁ ବଡ଼ କଥା ହେଲା ଏରସମା-ବାଲିକୁଦା ଓ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ଦାମ କି ପ୍ରକାର ଗୋଟି ଚାଳନା କରିବେ। ଏଭଳି ଅନେକ ପ୍ରଶ୍ନ ଏବେ ରାଜନୈତିକ ମହଲରେ ଗୁଞ୍ଜରଣ ସୃଷ୍ଟି କରୁଛି। ବିଶେଷକରି ଅନେକ ନେତା ଓ କର୍ମୀ ଏହାକୁ ନେଇ ବାଉଳା ହେଲେଣି।

ଦାମ ନିଜ ରାଜନୈତିକ ଜୀବନରେ ୭ ଥର ବିଧାୟକ ଓ ୫ ଥର ମନ୍ତ୍ରୀ ହୋଇଛନ୍ତି। ପୂର୍ବରୁ ଏରସମା ବ୍ଲକ, କୁଜଙ୍ଗର ୧୭ପଞ୍ଚାୟତ ଓ ପାରାଦୀପ ପୌର ପରିଷଦ ଅଞ୍ଚଳକୁ ନେଇ ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ଥିଲା। ଦାମଙ୍କ ଘର ଏରସମା ବ୍ଲକରେ। ସେ ଏହି ନିର୍ବାଚନମଣ୍ଡଳୀରୁ ୫ ଥର ବିଧାୟକ ହୋଇଥିଲେ। ସପ୍ତମ ବିଧାନସଭା ନିର୍ବାଚନରେ ଏରସମା ନିର୍ବାଚନମଣ୍ଡଳୀରୁ ଜନତା ଦଳ ପ୍ରାର୍ଥୀ ହୋଇ ଜିତିଥିଲେ। ୮ମ ବିଧାନସଭା ନିର୍ବାଚନରେ ଜନତା (ଏସ୍) ଚରଣ ସିଂ, ଦଶମ ଜନତା ଦଳ, ଦ୍ୱାଦଶ ବିଜୁ ଜନତା ଦଳ(ବିଜେଡି), ତ୍ରୟୋଦଶ ବିଜେଡିରୁ ପ୍ରାର୍ଥୀ ହୋଇ ବିଧାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ ଏରସମା ବ୍ଲକଟି ବାଲିକୁଦା ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ଥାନ ପାଇଥିଲା ଏବଂ ନୂଆ କରି ପାରାଦୀପ ନିର୍ବାଚନମଣ୍ଡଳୀ ଗଠନ ହୋଇଥିଲା। ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ କୁଜଙ୍ଗ ବ୍ଲକ, ପାରାଦୀପ ପୌର ପରିଷଦ ଓ ତିର୍ତ୍ତୋଲର ୮ ପଞ୍ଚାୟତ ରହିଛି। ଏହି ନିର୍ବାଚନମଣ୍ଡଳୀରୁ ଚତୁର୍ଦ୍ଦଶ ବିଧାନସଭା ନିର୍ବାଚନ(୨୦୦୯)ରେ ସେ ପ୍ରାର୍ଥୀ ହୋଇ ଜିତିଥିଲେ। ୨୦୧୪ରେ ପଞ୍ଚଦଶ ବିଧାନସଭା ନିର୍ବାଚନରେ ମଧ୍ୟ ପାରାଦୀପରୁ ପ୍ରାର୍ଥୀ ହୋଇ ବିଧାୟକ ହେବାକୁ ସକ୍ଷମ ହୋଇଥିଲେ। ତେଣୁ ଏରସମା, କୁଜଙ୍ଗ, ପାରାଦୀପ ଓ ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ତାଙ୍କର ସଙ୍ଗଠନ ଭଲ। ଜିଲାର ଅନ୍ୟ ବ୍ଲକ ଅଞ୍ଚଳରେ ତାଙ୍କର ଶୁଭେଚ୍ଛୁ, ରାଜନୈତିକ ବନ୍ଧୁ ଅଛନ୍ତି। ଜିଲାର ଅନେକ ଲୋକ ବିଭିନ୍ନ ବାଟରେ ତାଙ୍କଠାରୁ ସହଯୋଗ ପାଇଛନ୍ତି। ତେଣୁ ସେମାନେ ଦାମଙ୍କ ସାଥିରେ ରହିପାରନ୍ତି। ଫଳରେ ବାଲିକୁଦା-ଏରସମା ଓ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ତାଙ୍କ ରାଜନୈତିକ ବିଚକ୍ଷଣତା ବିଜେଡି ପ୍ରାର୍ଥୀଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ। ହଁ ଏହା କୁହାଯାଇପାରେ ଯେ ତାଙ୍କ ପୁଅ ସମ୍ବିତ ଏବେ ବି ବିଜେଡିରେ ଅଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ପରିବାର ଓ ରାଜନୀତି ଅଲଗା। ବାପା ତାଙ୍କ କଥା ବୁଝୁଛନ୍ତି ଓ ସେ ନିଜ କଥା। ସମ୍ବିତଙ୍କ ଏହି କଥା ନିଆରା ଆଭାସ ଦେଉଛି। ରାଜନୈତିକ ସମୀକ୍ଷକମାନଙ୍କ କହିବା କଥା ହେଲା ସମ୍ବିତ ବିଜେଡିରୁ ଟିକେଟ୍ ପାଇବା ଆଶା ରଖିଛନ୍ତି। ଏହି ଟିକେଟ୍ ପାରାଦୀପ କିମ୍ବା ଏରସମା-ବାଲିକୁଦା ତାହା ସ୍ପଷ୍ଟ ହେଉନି। ବାସ୍ତବରେ ବିଜେଡି ସମ୍ବିତଙ୍କୁ ଟିକେଟ୍ ଦେଲେ ଦାମ ନରମି ଯିବେ। କାରଣ ପୁଅର ଭବିଷ୍ୟତ ତାଙ୍କୁ ଦୁର୍ବଳ କରିବ। ଅନ୍ୟପଟେ ଯଦି ସମ୍ବିତଙ୍କୁ ପାରାଦୀପରେ ଟିକେଟ୍ ଦିଆଯିବ ତେବେ ଦାମ ବାଲିକୁଦା-ଏରସମାରେ ପ୍ରାର୍ଥୀ ହୋଇପାରନ୍ତି। ବାଲିକୁଦା-ଏରସମାରେ ପ୍ରାର୍ଥୀ ହେଲେ ଦାମ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ବିରୋଧରେ ପ୍ରତିଶୋଧ ନେଇପାରିବେ ବୋଲି ଚର୍ଚ୍ଚା ହେଉଛି। କାରଣ ଦାମଙ୍କ ବହିଷ୍କାର ପଛରେ ତାଙ୍କ ବିରୋଧରେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟରେ ବିଧାୟକ ମୁଦୁଲି କରିଥିବା ଅଭିଯୋଗ ଏକ ପ୍ରମୁଖ ପ୍ରସଙ୍ଗ। ସେହିପରି ଏରସମା ମାଟିର ପୁଅ ହିସାବରେ ସେ ଏରସମାବାସୀଙ୍କ ଶ୍ରଦ୍ଧା ଓ ସମ୍ମାନ ପାଇପାରନ୍ତି। ତାଙ୍କ ସମର୍ଥକମାନେ ମଧ୍ୟ ବିଧାୟକ ମୁଦୁଲିଙ୍କ ଉପରେ ଅସନ୍ତୁଷ୍ଟ ହୋଇଛନ୍ତି। ତେଣୁ ଏହି ନିର୍ବାଚନମଣ୍ଡଳୀରେ ବିଜେଡି ପାଇଁ ଅସୁବିଧା ସୃଷ୍ଟି ହୋଇପାରେ। ଅନୁରୂପ ଭାବେ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ତାଙ୍କର ସଙ୍ଗଠନ ଅଛି। ପୁଅ ଛିଡା ହେଲେ ସେ ମୁଣ୍ଡ ପୁରାଇ ନ ପାରନ୍ତି। କିନ୍ତୁ ପୁଅକୁ ଟିକେଟ୍ ନ ମିଳିଲେ ସେଠାରେ ମଧ୍ୟ ବିଜେଡିକୁ କ୍ଷତିଗ୍ରସ୍ତ ପାଇଁ ଦାମ ଅଣ୍ଟା ଭିଡିବେ। ସେ ଯେଉଁଠି ପ୍ରାର୍ଥୀ ହେବେ ନିଶ୍ଚୟ କଂଗ୍ରେସ ସହ ଭିତିରି ସମ୍ପର୍କ ରଖିବେ ବୋଲି କୁହାଯାଉଛି। କାରଣ ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ କଂଗ୍ରେସର ଅନ୍ୟ ବରିଷ୍ଠ ନେତାଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଛି। ତେଣୁ ଦାମଙ୍କ କାର୍ଯ୍ୟ କଂଗ୍ରେସକୁ ସୁହାଇବାର ସମ୍ଭାବନା ଅଛି।

## 'ନିଜେ ବଳିପଡିଲେ, ଆମକୁ ବିପଦକୁ ଟାଣିଲେ'

**ପାରାଦୀପ, ୧୩।୯(ସ୍ୱ.ପ୍ର.)**

ବିଜେଡିରୁ ବହିଷ୍କୃତ ହେବା ପରେ ବିଧାୟକ ଦାମୋଦର ରାଉତ ପୂର୍ବବତ୍ ରାଜନୀତିରେ ରହିବେ ବୋଲି ପ୍ରକାଶ କରିଛନ୍ତି। ତେବେ ଯେଉଁ ଅନୁଗତ ବା ଲୋକଙ୍କ ଭରସାରେ ସେ ଏଭଳି ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି, ବାସ୍ତବରେ ତାହାର ଓଲଟା ଚିତ୍ର ଦେଖିବାକୁ ମିଳିଲାଣି। ପୂର୍ବରୁ ଦାମଙ୍କ ବିପଦ ସମୟରେ ତାଙ୍କର ଶତାଧିକ ସମର୍ଥକ ଭୁବନେଶ୍ୱର ଯାଇ ତାଙ୍କୁ ସମର୍ଥନ ଜଣାଇଥାନ୍ତି। ମନ୍ତ୍ରୀପଦ ହେଉ ବା ଦଳୀୟ ଅନ୍ୟ କୌଣସି ପଦ ପଦବୀ ଯିବା ପରେ ତାଙ୍କ ପାଖରେ ବହୁ ସମର୍ଥକ ଠୁଳ ହୋଇଥିବା ଦେଖିବାକୁ ମିଳୁଥିଲା। ମାତ୍ର ବୁଧବାର ରାତିରେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯିବା ପରେ ହାତଗଣତି କେତେଜଣ ଆତ୍ମୀୟଙ୍କୁ ଛାଡିଦେଲେ ପାରାଦୀପରୁ ଦଳୀୟ ପଦପଦବୀରେ ଥିବା କୌଣସି ନେତା, କାଉନ୍‌ସିଲର କିମ୍ବା ନଗର ସଭାପତି ପ୍ରମୁଖ ତାଙ୍କୁ ଭେଟିବାକୁ ଭୁବନେଶ୍ୱର ଯାଇନାହାନ୍ତି। ବରଂ ତାଙ୍କର ଏକାନ୍ତ ଅନୁଗତ ଭାବେ ଜଣାଶୁଣା କେତେକ ଛାମୁଆ କର୍ମୀ କହୁଛନ୍ତି ଯେ ଦାମବାବୁ ନିଜ ଔଦ୍ଧତ୍ୟ ବାକ୍‌ଚାତୁରୀ ଯୋଗୁ ନିଜେ ବଳିପଡିଲେ, ତା'ସହିତ ଆମକୁ ବିପଦକୁ ଟାଣିଲେ। ସମ୍ଭାବ୍ୟ ସ୍ଥିତି ଦେଖି ଦାମବାବୁ ନିଜ ମନୋବଳ ବୃଦ୍ଧି କରିବାକୁ ଗୁରୁବାର ରାତିରେ ନିଜ ନିର୍ବାଚନମଣ୍ଡଳି ଅଭିମୁଖେ ବାହାରିଛନ୍ତି। ଏହି ଖବର ଜଣାପଡିବା ପରେ କେତେକ କର୍ମୀ ତାଙ୍କୁ ଦେଖା କରିବା ନିମନ୍ତେ ପାରାଦୀପରେ ରାତି ୧୧.୩୦ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। କିନ୍ତୁ ଦାମବାବୁ ବାଟରେ ତିର୍ତ୍ତୋଲରୁ ଏରସମା ଅଭିମୁଖେ ଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି କର୍ମୀମାନେ ଗଣମାଧ୍ୟମଠାରୁ ଦୂରେଇ ରହି ଲୁଚିଛପି ଦାମଙ୍କୁ ଦେଖା କରିବାକୁ ଚାହୁଁଥିବା ଚର୍ଚ୍ଚାର ବିଷୟ ହୋଇଛି। ସେମାନେ କହୁଛନ୍ତି ଯେ ଦାମବାବୁ ନୀରବ ରହିଲେ ତାଙ୍କ ସହ ସମ୍ପର୍କ ରଖିବୁ। ଯଦି ସେ ଅନ୍ୟ କୌଣସି ନୂତନ ଦଳ କିମ୍ବା ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢନ୍ତି, ତେବେ ଆମେ ବିଜେଡି ସହ ରହିବୁ। ବିଡମ୍ବନାର ବିଷୟ ହେଲା ପୂର୍ବରୁ ବିଭିନ୍ନ କାର୍ଯ୍ୟକ୍ରମରେ ଦାମଙ୍କ ଅଖାଡୁଆ ବକ୍ତବ୍ୟ, ଆକ୍ଷେପମୂଳକ କଥା ଯୋଗୁ ଦଳୀୟ ନେତାମାନେ ସେଠାକୁ ଆସିବାକୁ ଚାହୁଁ ନ ଥିଲେ। ଏବେ ବିଜେଡିର କାର୍ଯ୍ୟକ୍ରମରେ ଖୋଦ୍ ଦାମଙ୍କୁ ଆଉ ଦେଖିବାକୁ ମିଳିବନାହିଁ।

## ଆଜି କୁଜଙ୍ଗ ଆସିବେ ଦାମ

**କୁଜଙ୍ଗ, ୧୩।୯(ସ୍ୱ.ପ୍ର)**

ବିଜେଡିରୁ ବିଦା ହେବା ପରେ ବିଧାୟକ ଦାମୋଦର ରାଉତ ନିଜ ସମର୍ଥକମାନଙ୍କୁ ଭେଟି ମନୋବଳ ବୃଦ୍ଧି କରିବା ନିମନ୍ତେ ଶୁକ୍ରବାର କୁଜଙ୍ଗ ଆସୁଥିବା ସୂଚନା ମିଳିଛି। ଏହି ଆଗମନକୁ ଲକ୍ଷ୍ୟ କରି ଦଳୀୟ ସଂଗଠକ ଓ ନେତାମାନେ ସମାବେଶ ବୈଠକ ଆହ୍ୱାନ କରିଥିବା ଜଣାପଡିଛି। ଏଠାରୁ ଦାମ ତାଙ୍କ ପରବର୍ତ୍ତୀ କାର୍ଯ୍ୟକ୍ରମ ତଥା କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାର ଘୋଷଣା କରିପାରନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ଉପାଧ୍ୟକ୍ଷ ପୁଷ୍ପଲତା ବେହେରା, ବିଜେଡି ବ୍ଲକ ସଭାପତି ଚିତ୍ତରଞ୍ଜନ ମିଶ୍ର, ହଂସୁରା ସରପଞ୍ଚ ରଶ୍ମୀରେଖା ସ୍ୱାଇଁ, ସାଇଲୋ ସରପଞ୍ଚ ରୋଜାଲିନ ମହାପାତ୍ର, ଅମରେନ୍ଦ୍ର ରାଉତରାୟ, ଫତେପୁର ସମିତିସଭ୍ୟ ସଂଗ୍ରାମ ରାଉତରାୟ, ପାଟପୁର ପଞ୍ଚାୟତର ଶୁଭ୍ରକାନ୍ତ ସାମନ୍ତରାୟ, ଜିଲାନାସୀ ସରପଞ୍ଚ ପ୍ରମୋଦ ସ୍ୱାଇଁ, ଅଗପାଳ ଯୁବନେତା ଅରୁଣ ବେହେରା, ନିନାରାଣୀ ସାହୁ, ପଙ୍କପାଳ ସମିତିସଭ୍ୟ ପଦ୍ମନାଭ ସାହୁ, ସୁରେନ୍ଦ୍ର କୁମାର ସ୍ୱାଇଁ ଗୁରୁବାର ଦାମଙ୍କୁ ସାକ୍ଷାତ କରି ନୈତିକ ସମର୍ଥନ ଜଣାଇଛନ୍ତି। ଏ ସମ୍ପର୍କରେ ବ୍ଲକ ସଭାପତି ମିଶ୍ର କହିଛନ୍ତି ଯେ, ବିଧାୟକ ରାଉତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସହିତ କାମ କରିଥିବାରୁ ତାଙ୍କ ଅନୁଭବ ଓ ଅନୁଭୂତି ଦଳକୁ ଉତ୍ତମ ପଥ ଦେଖାଉଥିଲା। ଏପରିକି ପ୍ୟାରୀଙ୍କ ମିଡ୍‌ନାଇଟ୍ ଅପରେସନ୍‌କୁ ସେ ହିଁ ଭଣ୍ଡୁର କରିଥିଲେ। ତେବେ କିଛି ପ୍ରଶାସକ ଓ ନ୍ୟସ୍ତସ୍ୱାର୍ଥ ରାଜନେତା ମୁଖ୍ୟମନ୍ତ୍ରୀଙ୍କୁ କୁମନ୍ତ୍ରଣା ଦେଇ ଏଭଳି ଘଟାଇଛନ୍ତି। ଏହା କୁଜଙ୍ଗରେ ଦଳୀୟ କର୍ମୀଙ୍କ ଭାବାବେଗକୁ ଆଘାତ ଦେଇଛି। ଅନ୍ୟପକ୍ଷରେ ଶୁକ୍ରବାର ଦାମଙ୍କ ସହ ବୈଜୟନ୍ତ ପଣ୍ଡା କୁଜଙ୍ଗ ଆସୁଥିବା ଚର୍ଚ୍ଚା ହେଉଛି।

## ରାଜଶ୍ରୀଙ୍କ ବିରୋଧୀ ଉତ୍ସାହିତ

**ତିର୍ତ୍ତୋଲ, ୧୩।୯(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁ ଦାସଙ୍କ ସହ ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ ଓ ପାରାଦୀପ ବିଧାୟକ ଦାମୋଦର ରାଉତଙ୍କ ବିବାଦ ଅନେକ ସମୟରେ ଚର୍ଚ୍ଚାର ପରିସରକୁ ଆସିଥାଏ। ବିଶେଷ କରି ବିଷ୍ଣୁ ଓ ରାଜଶ୍ରୀଙ୍କ ବିବାଦରେ ଦାମ ରାଜଶ୍ରୀଙ୍କ ପକ୍ଷରେ ରହି ତାଙ୍କୁ ଦୃଢ ସମର୍ଥନ ଦେଇ ଆସିଥାନ୍ତି। କିନ୍ତୁ ଏବେ ବିଜେଡିରୁ ଦାମ ବହିଷ୍କୃତ ହେବା ପରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ରାଜଶ୍ରୀଙ୍କ ବିରୋଧୀ ଗୋଷ୍ଠୀ ସକ୍ରିୟ ହୋଇପଡିଛନ୍ତି। ସେମାନେ ବିଷ୍ଣୁଙ୍କ ସହାୟତାରେ ଏଠାରେ ରାଜଶ୍ରୀଙ୍କୁ ଟକ୍କର ଦେଇ ସେମାନଙ୍କ ସଂଗଠନ ମଜଭୁତ କରିବାକୁ ଉଦ୍ୟମ ଆରମ୍ଭ କରିଦେଲେଣି, ଯାହାକି ସିଧାସଳଖ ରାଜଶ୍ରୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ। କାରଣ ଦାମଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଭିଯୋଗ କରିବା ସମୟରେ ବିଷ୍ଣୁ ରାଜଶ୍ରୀଙ୍କୁ ଜିଲା ମହିଳା ବିଜେଡି ସଭାପତି ପଦରୁ ହଟାଇବାକୁ ମଧ୍ୟ ଦାବି ଜଣାଇଥିଲେ। ଏବେ ସେହି କାର୍ଯ୍ୟ ତ୍ୱରାନ୍ୱିତ ହେବାକୁ ଯାଉଥିବା ଚର୍ଚ୍ଚା ହେଲାଣି। ବିଧାୟିକାଙ୍କ ପତିଆରା ହ୍ରାସ କରିବାକୁ ଏହି ବିରୋଧୀ ଗୋଷ୍ଠୀ ଉଦ୍ୟମ କରିବେ ବୋଲି କୁହାଯାଉଛି। ଏଠାରେ ରାଜଶ୍ରୀଙ୍କ ବିରୋଧୀ ଭାବେ ଜଣାଶୁଣା ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ତଥା ବିଷ୍ଣୁପୁର ସରପଞ୍ଚ ବସନ୍ତ ମହାପାତ୍ର ଏହାର ନେତୃତ୍ୱ ନେଉଛନ୍ତି। ତାଙ୍କ ସହ ପୂର୍ବତନ ବ୍ଲକ ସଭାପତି ଅଶୋକ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କାନୁନଗୋ, ପୂର୍ବତନ ଜିଲାପରିଷଦ ସଭ୍ୟ ମନୋଜ ମହାନ୍ତି, ପ୍ରସନ୍ନ ମଲ୍ଲିକ ପ୍ରମୁଖ ରହିଛନ୍ତି। ତିର୍ତ୍ତୋଲ ନିର୍ବାଚନମଣ୍ଡଳିରେ ବିଗତ ଦିନରେ ବିଷ୍ଣୁ ଓ ତାଙ୍କ ପୁଅ ବିଜୟ ଶଙ୍କର ବିଭିନ୍ନ କାର୍ଯ୍ୟକ୍ରମ କରି ରାଜଶ୍ରୀଙ୍କୁ ଅଡୁଆରେ ପକାଇଥିଲେ। ଏହାକୁ ନେଇ ରାଜଶ୍ରୀ ଓ ବିଷ୍ଣୁଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ନିକଟରେ ରାଜଶ୍ରୀ ଜିଲା ମହିଳା ସଭାନେତ୍ରୀ ହେବା ପରେ ବିଭିନ୍ନ ବ୍ଲକରେ ମହିଳା ସଭାନେତ୍ରୀ ନିଯୁକ୍ତ କରିଥିଲେ। କିନ୍ତୁ ଜଗତସିଂହପୁର ଏବଂ ତିର୍ତ୍ତୋଲ ବ୍ଲକରେ ନିଯୁକ୍ତ ମହିଳା ସଭାନେତ୍ରୀ ଅନ୍ୟଦଳର ବୋଲି ବିଷ୍ଣୁଙ୍କ ସମର୍ଥକମାନେ ଅଭିଯୋଗ କରିଥିଲେ। ଏପରିକି ଜଗତସିଂହପୁର ବ୍ଲକରେ ବିଧାୟିକାଙ୍କ ଦ୍ୱାରା ନିଯୁକ୍ତ ସଭାନେତ୍ରୀଙ୍କୁ ଜିଲାସଭାପତି ଦାସ ବାହାର କରି ନିଜ ସମର୍ଥକଙ୍କୁ ଏହି ପଦବୀରେ ଅବସ୍ଥାପିତ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଛି। ଏ ସମ୍ପର୍କରେ ରାଜଶ୍ରୀ କହିଛନ୍ତି ଯେ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସେ ଦଳକୁ ମଜଭୁତ କରିବାକୁ ସର୍ବଦା କାମ କରୁଛନ୍ତି। ଅନ୍ୟ କୌଣସି ବିଷୟରେ ତାଙ୍କର କିଛି କହିବାର ନାହିଁ। ବ୍ଲକ ସଭାପତି ବସନ୍ତ ମହାପାତ୍ର କୁହନ୍ତି ବିଧାୟିକା ଅନ୍ୟଦଳର ଲୋକଙ୍କୁ ନେଇ ସଙ୍ଗଠନ ଚଳାଇଛନ୍ତି।

## ସଂକ୍ଷେପରେ

### ବସନ୍ତଙ୍କ ପାଇଁ ସୁଯୋଗ

**ପାରାଦୀପ, ୧୩।୯(ସ୍ୱ.ପ୍ର.):** ଦାମଙ୍କ ବହିଷ୍କାର ପରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ପାଇଁ ଏକ ପ୍ରକାର ସୁଯୋଗ ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି। କାରଣ ୨୦୧୯ ନିର୍ବାଚନ ପାଇଁ ପାରାଦୀପ ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହେବାକୁ ଆଶାୟୀ ଥିବା ଯେଉଁ ୫ଜଣଙ୍କ ନାମ ଆଲୋଚନାକୁ ଆସୁଛି, ତାଙ୍କ ଭିତରେ ବସନ୍ତ ଅନ୍ୟତମ। ୨୦ ବର୍ଷ ଧରି ସେ ନୀରବଚ୍ଛିନ୍ନ ଭାବେ ଦଳର ବିଭିନ୍ନ ପଦ ପଦବୀରେ ରହି ଆସିଛନ୍ତି। ଏଥିସହ ଉପର ମହଲରେ ତାଙ୍କର ଭଲ ସମ୍ପର୍କ ଥିବା ଶୁଣାଯାଉଛି। ଦାମଙ୍କ ସହିତ ମଧ୍ୟ ତାଙ୍କର ଭଲ ସମ୍ପର୍କ ରହିଛି। କିନ୍ତୁ ସମ୍ବିତ ରାଉତରାୟ ଏଠାରୁ ପ୍ରାର୍ଥୀତ୍ୱ କରିବା ନେଇ ଚର୍ଚ୍ଚା ହେବା ପରେ ବସନ୍ତଙ୍କ ପ୍ରତି ଦାମଙ୍କ ଆଭିମୁଖ୍ୟ ବଦଳିଥିଲା। ତେଣୁ ଏବେ ଦାମ ବିଦା ହେବା ତାଙ୍କ ପାଇଁ ଏକ ପ୍ରଚାର ସୁଯୋଗ ସୃଷ୍ଟି କରିଛି।

### ବ୍ଲକ ମହିଳା ବିଜେଡି କାର୍ଯ୍ୟକାରିଣୀ ବୈଠକ

**ବିରିଡ଼ି(ଡି.ଏନ୍.ଏ.)/ବାଲିଆ, ୧୩।୯ :** ବିରିଡି ବ୍ଲକ ମହିଳା ବିଜେଡିର କାର୍ଯ୍ୟକାରିଣୀ ପରିଷଦ ବୈଠକ ବୁଧବାର ବାଲିଆ କ୍ଷେତ୍ରାରଠାରେ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ତିର୍ତ୍ତୋଲ ବିଧାୟିକା ତଥା ଜିଲା ମହିଳା ବିଜେଡି ସଭାନେତ୍ରୀ ଡା. ରାଜଶ୍ରୀ ମଲ୍ଲିକ, ପୂର୍ବତନ ବ୍ଲକ ବିଜେଡି ସଭାପତି ବିଭୁଦତ୍ତ ସାହୁ, ମହିଳା ସଭାନେତ୍ରୀ ସବିତା ଦାସ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ମାହେଶ୍ୱତା ଜେନା, ଜିଲା ବିଜେଡି ସମ୍ପାଦକ ପବିତ୍ର ପଶାୟତ, କାଳନ୍ଦି ଚରଣ ବସ୍ତିଆ, ଶିବପ୍ରସାଦ ଜେନା, ରବୀନ୍ଦ୍ର ସାହୁ, ସରପଞ୍ଚ ପୁଷ୍ପପ୍ରକାଶ ପ୍ରଧାନ, ବିଧାନ ଚନ୍ଦ୍ର ଜେନା, ଧନଞ୍ଜୟ ମହାପାତ୍ର, ଅମିତ ରାଉଳ ପ୍ରମୁଖ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। ମହିଳାମାନେ ଦେଶକୁ ପ୍ରଗତିଶୀଳ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ବିଧାୟିକା ମଲ୍ଲିକ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକର ସମସ୍ତ ପଞ୍ଚାୟତର ମହିଳା ସଙ୍ଗଠନ କରାଯାଇ ସେମାନଙ୍କ ନାମ ଘୋଷଣା କରାଯିବା ସହ ସେମାନଙ୍କୁ ବିଧାୟିକା ମଲ୍ଲିକ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ପ୍ରବୀର ଦାସ ଧନ୍ୟବାଦ ଦେଇଥିଲେ।

### ସ୍ୱାମୀ ଅରୂପାନନ୍ଦ କଲେଜ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ କାର୍ଯ୍ୟକ୍ରମ

**ରଘୁନାଥପୁର, ୧୩।୯(ଡି.ଏନ.ଏ.):** ରଘୁନାଥପୁର ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ୧୯ ଗୋଟି ପଞ୍ଚାୟତର ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ନେଇ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ କଲେଜରେ ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ବାହିନୀର ବ୍ଲକ ସଂଯୋଜକ ସୁଶାନ୍ତ ଜେନାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମକୁ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ପ୍ରତିଟି କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟକରି କୃତିତ୍ୱ ହାସଲ କରିଥିବା ପ୍ରତ୍ୟେକ ଯୁବଗୋଷ୍ଠୀ ଅଥବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି କାର୍ଯ୍ୟକ୍ରମର ମହନିୟତା ବୋଲି ବିଧାୟିକା କହିଥିଲେ। ଏହାଛଡ଼ା ଯୁବ ବାହିନୀର ପ୍ରତ୍ୟେକ ସଦସ୍ୟ ସମାଜର ହିତ ପାଇଁ କାର୍ଯ୍ୟ କରି ପାରିଲେ ଏଭଳି ମହତ ଯୋଜନାର ସଫଳ ରୂପାୟନ ହେବା ସହ ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କ ଚିନ୍ତାଧାରା ବାସ୍ତବ ରୂପ ନେଇପାରିବ ବୋଲି ଡା. ମଲ୍ଲିକ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧକ୍ଷା ସୋପ୍ନାସରିତା ବଳ, ଜିଲାପରିଷଦ ସଭ୍ୟା ଡେଜାଲିନ ମହାପାତ୍ର, ପୂର୍ବତନ ଅଧକ୍ଷା କୃଷ୍ଣପ୍ରିୟା ବିଶ୍ୱାଳ, ବିଜେଡି ବ୍ଲକ ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ବିଡିଓ ପଞ୍ଚାନନ ପଚ୍ଛାୟତ, ଏବିଡିଓ ଅଶୋକ କୁମାର ମହାନ୍ତି ପ୍ରମୁଖ ଏହାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଯେଉଁମାନେ ନିଜର ଅସାଧାରଣ କୃତିତ୍ୱ ମାଧ୍ୟମରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି ସେହି ବିରଳ ପ୍ରତିଭାଙ୍କୁ ମୁଁ ହିରୋର ସଂଜ୍ଞା ଦିଆଯାଇ ଜିଲା ତଥା ରାଜ୍ୟସ୍ତରରେ ଯୁବ ସମାବେଶ ମାଧ୍ୟମରେ ଅଭିନନ୍ଦିତ କରାଯିବ ବୋଲି ସ୍ପଷ୍ଟ କରାଯାଇଥିଲା। ପ୍ରତ୍ୟେକ ପଞ୍ଚାୟତରୁ ଆସିଥିବା ଯୁବ ବାହିନୀ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରୋଜେକ୍ଟର ମାଧ୍ୟମରେ ବିଜୁ ଯୁବ ବାହିନୀର ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ବିଜୁ ଯୁବ ଜନତା ସଭାପତି ସ୍ୱଦେଶ ଦାସ, ଛାତ୍ର ସଭାପତି ଯୋସେଫ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ, ସରପଞ୍ଚ ଡମ୍ବୁରଧର ବେହେରା, ସୂର୍ଯ୍ୟନାରାୟଣ ନାୟକ, ବାସନ୍ତୀ ସାହୁ, ଶର୍ମିଷ୍ଠା ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

## ସବୁଠି ଉତ୍ସବମୁଖର: ବିଭିନ୍ନ ରୂପରେ ଶ୍ରୀଗଣେଶ ...




ବାଲିଆ ଓ ବିରିଡ଼ିରେ ଶ୍ରୀଗଣେଶଙ୍କୁ ପୂଜା କରାଯାଉଛି।



ବାଲିକୁଦା ଆଜାଦ କ୍ଲବ ପକ୍ଷରୁ ନିର୍ମିତ ମୂର୍ତ୍ତି।



କୁଜଙ୍ଗ ତ୍ରିନାଥ ଯୁବକ ସଂଘ ପକ୍ଷରୁ ବିଘ୍ନ ବିନାଶକଙ୍କୁ ପୂଜାର୍ଚ୍ଚନା।




ତିର୍ତ୍ତୋଲ ବ୍ଲକ ଛକ ଏବଂ ରାହାମାରେ ହୋଇଥିବା ଶ୍ରୀଗଣେଶଙ୍କ ପୂଜାମଣ୍ଡପ




ନାଉଗାଁ ଓ ବିରିଡ଼ିରେ ସୁସଜ୍ଜିତ ପୂଜାମଣ୍ଡପରେ ପୂଜାପାଉଥିବା ଶ୍ରୀଗଣେଶ।



କୁଜଙ୍ଗ ବଡ଼ପାଳ ଯୁବଶକ୍ତି କ୍ଲବ ପକ୍ଷରୁ ନିର୍ମିତମୂର୍ତ୍ତି।



ପାରାଦୀପ ମହାବୀର ୟୁଥ୍ ମହାସଂଘ ପକ୍ଷରୁ ଶ୍ରୀଜଗନ୍ନାଥଙ୍କବେଶରେ ନିର୍ମିତ ଗଣେଶ ମୂର୍ତ୍ତି।



ପାରାଦୀପ ସମ୍ରାଟ କ୍ଲବ ପକ୍ଷରୁ ଚାଷୀ ମୃତ୍ୟୁକୁ ନେଇ ହୋଇଥିବା କଳାକୃତି।

## ଚତୁର୍ଥ ଦିନରେ ବ୍ୟବସାୟୀଙ୍କ ଅନଶନ



ଅନଶନକାରୀଙ୍କୁ କଂଗ୍ରେସ ନେତା ପ୍ରମୋଦ ଜେନା ଭେଟି ସମର୍ଥନ ଜଣାଉଛନ୍ତି।

**କୁଜଙ୍ଗ, ୧୩।୯(ସ୍ୱ.ପ୍ର.)**

କୁଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥଇଥାନ ଦାବିରେ କ୍ଷୁଦ୍ର ବ୍ୟବସାୟୀ ସଙ୍ଘ ପକ୍ଷରୁ କରାଯାଇଥିବା ଅନଶନ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। କିନ୍ତୁ ଅଦ୍ୟାବଧି କୌଣସି ସରକାରୀ ପଦାଧିକାରୀ ସେମାନଙ୍କୁ ସାକ୍ଷାତ କରି ଆଲୋଚନା କରିନାହାନ୍ତି। ଅନ୍ୟପକ୍ଷରେ କୁଜଙ୍ଗ ତଥା ପାରାଦୀପର ବିଭିନ୍ନ ରାଜନୈତିକ ଦଳ ସେମାନଙ୍କୁ ସମର୍ଥନ ଜଣାଇଛନ୍ତି। କଂଗ୍ରେସ ନେତା ତଥା ପିସିସି ସମ୍ପାଦକ ଇଂ.ପ୍ରମୋଦ କିଶୋର ଜେନା, କିଷାନ ସେଲର ରାଜ୍ୟ ସାଧାରଣ ସମ୍ପାଦକ ନବୀନ ଦାସ, ଭାଜପା ନେତା ଗତିକୃଷ୍ଣ ଶତପଥୀ, କମ୍ୟୁନିଷ୍ଟ ନେତା ସୁବାସ ମହାପାତ୍ର, ବିଷ୍ଣୁ ମୁଦୁଲି, ଶ୍ରୀନିବାସ ଜୁଝାରସିଂହ ପ୍ରମୁଖ ଏହି ବ୍ୟବସାୟୀମାନଙ୍କୁ ଭେଟି ସମର୍ଥନ ଜଣାଇଥିବା ଜଣାପଡ଼ିଛି। କ୍ଷୁଦ୍ର ବ୍ୟବସାୟୀମାନେ ସେମାନଙ୍କ ଅଧିକାର ନ ପାଇଲେ ଏହି ଦଳଗୁଡିକ ସେମାନଙ୍କ ପାଇଁ ଆଗାମୀ ଦିନରେ ଆନ୍ଦୋଳନରେ ସାମିଲ ହେବେ ବୋଲି ନେତାମାନେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଅନଶନରେ ବସିରହିବେ ବୋଲି ବ୍ୟବସାୟୀମାନେ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ ଏହି ସମସ୍ୟା ବିଷୟରେ ଅବଗତ ନାହାନ୍ତି । ଘର ପ୍ରଦାନ କରିବା ବ୍ଲକ ପ୍ରଶାସନର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ସେପ୍ଟେମ୍ବର,୨୦୧୮



## ସଂକ୍ଷେପରେ

### ଭାଜପାରେ ଯୋଗ ଦେଲେ ଶତାଧିକ କଂଗ୍ରେସ କର୍ମୀ

**ମାର୍ଶାଘାଇ, ୧୩।୯ (ଡି.ଏନ.ଏ.):** ମହାକାଳପଡା ନିର୍ବାଚନମଣ୍ଡଳୀର ମାର୍ଶାଘାଇ ବ୍ଲକ ଦଶିପୁର ପଞ୍ଚାୟତର ବାଲଣା ,ଆଦମପୁର ଗ୍ରାମର ଶତାଧିକ କଂଗ୍ରେସ କର୍ମୀ ନିକଟରେ ଭାଜପାରେ ଯୋଗ ଦେଇଛନ୍ତି । ମାର୍ଶାଘାଇ ବ୍ଲକ ଭାଜପାର ୨୫ନଂ ଜୋନ୍‌ରେ ବୁଥସ୍ତରୀୟ ବୈଠକ ବାଲଣା ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ବାଲଣା ଏବଂ ଆଦମପୁର ଗ୍ରାମର ୪୫ ଏବଂ ୪୬ ନଂ ବୁଥ୍‌ର ବୁଥସ୍ତରୀୟ ବୈଠକରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ବରିଷ୍ଠ ଭାଜପା ନେତା ଭୁବନ ମୋହନ ଜେନା,ଜିଲା ସମ୍ପାଦକ ପ୍ରସନ୍ନ ପରିଡ଼ା,୨୫ ନଂ ଜୋନ୍ ସଭାପତି ଇଂ. ପ୍ରକାଶ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଏହି କର୍ମୀମାନେ ଭାଜପାରେ ଯୋଗ ଦେଇଥିଲେ । କଂଗ୍ରେସ ଯୁବନେତା ନୀଲୁ ରାଉତ,ନାରୀନେତ୍ରୀ ନିର୍ମଳା ଚୌଧୁରୀ ,ଲତିକା ଦାସ,ଅମ୍ବିକା ରାଉତ,ଅହଲ୍ୟା ରାଉତ,ଅଞ୍ଜନା ରାଉତ,ଅନୁସୟା ସାହୁ,ତଅପୋଇ ରାଉତ,ସସ୍ମିତା ଦାସଙ୍କ ସମେତ କଂଗ୍ରେସର ଶତାଧିକ ମହିଳା ଓ ପୁରୁଷ କର୍ମୀ ଭାଜପାରେ ଯୋଗ ଦେଇଥିଲେ ।

### ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ,୧୩।୯(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ହାଇସ୍କୁଲ ପରିସରରେ ନିକଟରେ ଆୟୋଜିତ ସଭାରେ ପରିଚାଳନା କମିଟି ସଭାପତି ଗଗନ ବିହାରୀ ମହାଳିକ ଅଧକ୍ଷତା କରିଥିଲେ। ସଭାରେ ଜିଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ସରପଞ୍ଚ ରମେଶ ଦାସ, କମିଟି ସଦସ୍ୟ କୃତ୍ତିବାସ ସାହୁ, ପୁରାତନ ଛାତ୍ର ଦାମୋଦର ଧଳ, ଗୋବିନ୍ଦ ନାୟକ, ରବୀନ୍ଦ୍ର ଧଳ, ଶିକ୍ଷୟିତ୍ରୀ ସୁକାନ୍ତି ନାଥଶର୍ମା, ନୋଡାଲ ୟୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅରୁନ୍ଧତୀ ବେହୁରା ପ୍ରମୁଖ ଯୋଗଦେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱାଳଙ୍କ କାର୍ଯ୍ୟଦକ୍ଷତା, ଶିକ୍ଷାଦାନ ଶୈଳୀ ତଥା ସମୟାନୁବର୍ତ୍ତିତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବରେ ପରିଚିତ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱାଳଙ୍କ ନୀତି ଆଦର୍ଶରେ ହାଇସ୍କୁଲକୁ ଆଗେଇ ନେବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ । ଏହି ଅବସରରେ ସେବା ନିବୃତ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱାଳଙ୍କୁ ମାନପତ୍ର ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଶେଷରେ ସହକାରୀ ଶିକ୍ଷକ ସନ୍ତୋଷ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

■ ହାଜତରୁ ଫେରାର ଯୁବକଙ୍କ ମୃତ୍ୟୁ ଘଟଣା

# ମେମୋରି ଚିପ୍ ପାଇଁ ମୂଷାଙ୍କୁ ହତ୍ୟା

**କେନ୍ଦ୍ରାପଡ଼ା ଅଫିସ, ୧୩।୯**

■ ଚୋରି ହୋଇଥିବା ମୋବାଇଲର ମେମୋରି ଚିପ୍‌ରେ ଥିବା ଅନୈତିକ ଭିଡ଼ିଓର ଦୃଶ୍ୟ

■ ଚିପ୍ ପାଇବା ଆଶାରେ କ୍ୱାର୍ଟରରେ ମୂଷାଙ୍କୁ ପିଟିଥିଲେ ଆଇଆଇସି

ମହାକାଳପଡ଼ା ଥାନା ହାଜତରୁ ଫେରାର ଯୁବକ ଅବିନାଶ ପାଇଟାଲ ଓରଫ ମୂଷା ମୃତ୍ୟୁ ଘଟଣାରେ ଅଭିଯୁକ୍ତ ନିଲମ୍ବିତ ଥାନାଧିକାରୀ ଶ୍ୟାମଘନ ବେହେରାଙ୍କୁ ଅଦ୍ୟାବଧି ଗିରଫ କରାଯାଇନାହିଁ। ତାଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପ୍ରତିବାଦରେ ମୂଷାଙ୍କ ପରିବାର ସଦସ୍ୟ ବୁଧବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

ରଶିରେ ମୃତଦେହ ଝୁଲିବା ଓ ତରବରିଆ ଭାବେ କ୍ଷତିପୂରଣ ଟଙ୍କା ପ୍ରଦାନ ଆଦି ଏହି ଘଟଣାରେ ପୋଲିସର ସମ୍ପୃକ୍ତି ଥିବା ସ୍ପଷ୍ଟ କରୁଛି। ମାତ୍ର ସାମାନ୍ୟ ଚୋରି ମାମଲାରେ ପୋଲିସ ଜଣଙ୍କୁ ଏଭଳି ଭାବେ ନିର୍ଯାତନା ଦେବାର କାରଣ ସମସ୍ତଙ୍କୁ ଆଚମ୍ବିତ କରିଥିବା ବେଳେ ଏହି ଘଟଣାରେ ଆଉ ଏକ ରୋଚକ ତଥ୍ୟ ପଦାକୁ ଆସିଛି। ସ୍ଥାନୀୟ ଅଞ୍ଚଳରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ମୂଷାଙ୍କ ନାମରେ ମୋବାଇଲ ଚୋରି ମାମଲା ରହିଥିଲା। ତେବେ ସେ ଯେଉଁ ମୋବାଇଲ ଚୋରି କରିଥିଲେ, ସେହି ଫୋନ୍‌ର ମେମୋରି ଚିପ୍‌ରେ କିଛି ଅନୈତିକ ଭିଡିଓ ରେକର୍ଡିଂ ଥିଲା। ଉକ୍ତ ମୋବାଇଲକୁ ମୂଷା ତାଙ୍କର ଜଣେ ସାଙ୍ଗକୁ ୨୫୦୦ ଶହ ଟଙ୍କାରେ ବିକ୍ରି କରିଥିଲେ। କିନ୍ତୁ ସେହି ଫୋନର ମେମୋରି ଚିପ୍ ଫୋନ୍‌ରେ ନ ଥିଲା। ମେମୋରିରେ ଥିବା ଭିଡିଓ ବାହାରେ ପ୍ରଚାରିତ ନ କରିବା ପାଇଁ ପୋଲିସ ମୂଷାଙ୍କୁ ଏଭଳି ନିର୍ଯାତନା ଦେଇଥିଲା। ମେମୋରି ଚିପ୍ ପାଇବା ଆଶାରେ ନିଲମ୍ବିତ ଆଇଆଇସି ମୂଷାଙ୍କୁ ନିଜ କ୍ୱାର୍ଟରକୁ ନେଇ ମାଡ଼ ମାରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ସେପଟେ ମୂଷାଙ୍କ ବଡ଼ଭାଇ ସୁଶାନ୍ତ କହିଛନ୍ତି, ପୂର୍ବରୁ ମୂଷା ମୋବାଇଲ ଚୋରି କରିବା କଥା ଆଦୌ ବିଶ୍ୱାସଯୋଗ୍ୟ ନୁହେଁ। ଯଦି ସେ ମୋବାଇଲ ଚୋରି କରିଥିଲେ, ତେବେ ପୋଲିସ ତାଙ୍କୁ କୋର୍ଟ ଚାଲାଣ ନ କରି ନିର୍ଯାତନା ଦେଲା ତାହାର କାରଣ ଜଣାପଡୁନାହିଁ। ନିଲମ୍ବିତ ଆଇଆଇସି ଗିରଫ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ସୁଶାନ୍ତ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲରେ ମହାକାଳପଡା ଥାନା ଚଢ଼େଇଗୁଆଁ ଗ୍ରାମର ଶାନ୍ତିଲତା ସାମଲଙ୍କ ଘରୁ ମୋବାଇଲ ଓ ସୁନା ଗହଣା ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ଗତ ଅଗଷ୍ଟ ୨୫ ତାରିଖରେ ମାର୍ଶାଘାଇ ଥାନା ବାଲଣା ଗ୍ରାମର ମୂଷାଙ୍କୁ ଉଠାଇ ନେଇଥିଲା। ପରଦିନ ସକାଳେ ଥାନାଠାରୁ ମାତ୍ର ୨୦୦ ମିଟର ଦୂରରୁ ମୂଷାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କୁ ପୋଲିସ ପିଟିପିଟି ମାରି ଦେଇଥିବା ମୂଷାଙ୍କ ବଡବାପା ଦୈତାରୀ ପାଇଟାଳ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ୯୧/୧୮ନଂ.ରେ ଏକ ମାମଲା ରୁଜୁ ହୋଇଛି। ପରେ ପରିସ୍ଥିତିକୁ ଅନୁଧ୍ୟାନ କରା ଯାଇ ଆଇଆଇସି ବେହେରାଙ୍କୁ ନିଲମ୍ବିତ କରାଯାଇଛି।

## ଓସ୍ତପୁର ପଞ୍ଚାୟତବାସୀଙ୍କ ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଆଗରେ ଓସ୍ତପୁର ପଞ୍ଚାୟତର ଚାଷୀମାନେ।

**କେନ୍ଦ୍ରାପଡ଼ା ଅଫିସ, ୧୩।୯**

ଗତ ଲଘୁଚାପଜନିତ ବର୍ଷା ଯୋଗୁ କେନ୍ଦ୍ରାପଡା ବ୍ଲକ ଓସ୍ତପୁର ପଞ୍ଚାୟତର ଦେପୁର, ନାଗପୁର ଓ ସାହାସପୁର ରାଜସ୍ୱ ସର୍କଲରେ ଥିବା ଚାଷ ଜମି ସବୁ ଏବେ ବି ବୁଡି ରହିଛି। ଅଦ୍ୟାବଧି କ୍ଷେତରୁ ଜଳ ନିଷ୍କାସିତ ହୋଇ ପାରୁ ନ ଥିବାରୁ ଖରିଫ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ତେବେ ରାଜସ୍ୱ ଅଧିକାରୀ ଅଦ୍ୟାବଧି ତୃଣମୂଳସ୍ତରରେ ପହଞ୍ଚି ଅନୁଧ୍ୟାନ କରି ନଥିବାରୁ ଫସଲ ବୀମା ଓ ସରକାରୀ ସହାୟତା ରାଶିରୁ ଚାଷୀମାନେ ବଞ୍ଚିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ସମିତିସଭ୍ୟ ପ୍ରସନ୍ନ ରାଉତଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲାପାଳଙ୍କୁ ଆବାସିକ କାର୍ଯ୍ୟାଳୟରେ ଏକ ଦାବିପତ୍ର ଗୁରୁବାର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଚାଷୀ ହୃଷୀକେଶ ନାୟକ, ମଧୁସୂଦନ ରାଉତ, ରାମଚନ୍ଦ୍ର ରାଉତ ପ୍ରମୁଖ କହିଛନ୍ତି ଯେ, କ୍ଷୟକ୍ଷତି ଆକଳନ କରା ନ ଗଲେ ପୁର୍ନବାର ଚାଷ କରିବା ଅସମ୍ଭବ ହୋଇପଡିବ। ଜିଲାପାଳ ଦାଶରଥି ଶତପଥୀ ଏ ସମ୍ପର୍କରେ ତୁରନ୍ତ ଅନୁଧ୍ୟାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ୭ ଦଫା ଦାବି ନେଇ ଧାରଣା

**ରାଜନଗର,୧୩।୯(ଡି.ଏନ.ଏ.)**

ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ରାଜନଗର ଶାଖା ପକ୍ଷରୁ ୭ ଦଫା ଦାବି ନେଇ ବୁଧବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ ଅଧ୍ୟାପକମାନେ ଧାରଣାରେ ବସିଥିଲେ। ଯୋଗ୍ୟ ବିବେଚିତ ହେବା ଦିନ ଠାରୁ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପରିସରଭୁକ୍ତ କରାଯାଇ ଚାକିରୀ ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ଦେବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ଲାଗୁ ହୋଇଥିବା ଅନୁକମ୍ପାମୂଳକ ସହାୟତା ରାଶି ଓ ଇପିଏଫ୍ ବାବଦ ଅର୍ଥ ତୁରନ୍ତ ପ୍ରଦାନ କରାଯିବା ଏବଂ ସମସ୍ତ ସ୍କୁଲ କଲେଜରେ କାର୍ଯ୍ୟରତ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀମାନଙ୍କ ବକେୟା ଦରମା ତୁରନ୍ତ ପ୍ରଦାନ କରାଯିବା ସହିତ ଚାକିରୀ କାଳକୁ ୬୨ ବର୍ଷକୁ ବୃଦ୍ଧି କରାଯିବା ପ୍ରଭୃତି ଦାବି ନେଇ ଧାରଣା ଦିଆଯାଇଥିଲା। ଏହି ଦାବିଗୁଡ଼ିକ ସରକାର ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଅଧ୍ୟାପକ ଅଭିନ୍ନ କୁମାର ସ୍ୱାଇଁ, ବିଚିତ୍ର କୁମାର ସାହୁ, ସୁଶାନ୍ତ କୁମାର ସାହୁ, ଶଶଧର ପ୍ରଧାନ, କଳାକାର ସାହୁ, ବିଜୟ କୁମାର ପାତ୍ର, ପ୍ରଦୀପ କୁମାର ପାଲ, ସମୀରଣ ମଣ୍ଡଳ, ସୁଶାନ୍ତ କୁମାର ପ୍ରଧାନ, ଚିତ୍ତ ରଞ୍ଜନ ସାହୁ, ମଞ୍ଜୁଶ୍ରୀ ରାଉତ, ବନଜା ମଲିକ, ସଞ୍ଜୁଲତା ପ୍ରଧାନ, ସଂଘମିତ୍ରା ରାଉତ, ଅଲେଖ ନାୟକ, ସନ୍ଦୀପ ମହାପାତ୍ର, କୈଳାସ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ



ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ ପ୍ରକଳ୍ପ ଶୁଭାରମ୍ଭ କରୁଛନ୍ତି।

**ଡେରାବିଶ, ୧୩।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଉଦୟନଗରଠାରେ ବୁଧବାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୨୨ ଲକ୍ଷ ୫୫ ହଜାର ୧୭ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପର ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ପଞ୍ଚାୟତ ଅଧୀନ ଉଦୟନଗର ଓ ମିର୍ଜାପଟଣା ଗ୍ରାମର ୫ ଶହରୁ ଉର୍ଦ୍ଧ୍ୱ ପରିବାର ଜଳ କ୍ଲିଷ୍ଟରୁ ବଞ୍ଚିତ ହେବେ ବୋଲି ପଞ୍ଚାୟତ ସମିତି ଅଧକ୍ଷ ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଗୋପବନ୍ଧୁ ଭୋସାଗର, ସମବାୟବିତ୍ ସରୋଜକାନ୍ତ ନାୟକ, ସମିତିସଭ୍ୟ ଅଗଣୀ ସେଠୀ, ଦିଲୀପ କୁମାର ଦାସ, ସେକ୍ ଅବଦୁଲ୍ଲା, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟ, ଗଗନ ବିହାରୀ ସାହୁ, ରାଜକିଶୋର ମଲ୍ଲ, ୱାର୍ଡସଭ୍ୟ ସେକ୍ ଜୟିରୁଦ୍ଦିନ ଓ ମିର୍ଜା ରୋସନ ବେଗ୍ ଉପସ୍ଥିତ ଥିଲେ।

## ହାତିନା ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ

**ରାଜନଗର, ୧୩।୯(ଡି.ଏନ.ଏ.)**

ରାଜନଗର ବ୍ଲକ ହାତୀନା ପଞ୍ଚାୟତରେ କଂଗ୍ରେସ ଦଳର କର୍ମୀ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହାତୀନା ପଞ୍ଚାୟତ ସଭାପତି ଭୀମସେନ ପଡିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ୩୧ ନଂ ଜୋନ୍ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ଅରୁଣ କୁମାର ରାଉତ, କୁରୁଣ୍ଟି ପଞ୍ଚାୟତର ସମିତି ସଭ୍ୟ ସନ୍ତୋଷ କୁମାର ମହାନ୍ତି, ଡେରା ସମିତି ସଭ୍ୟ ଶୁକଦେବ ଭଦ୍ର, ଅଲେଖ ଚନ୍ଦ୍ର ଭୂୟାଁ, ଶରତ କୁମାର ପଣ୍ଡା, ରାମଚନ୍ଦ୍ର ନାୟକ, ସତ୍ୟବାଦୀ ରାଉତ, ସୂର୍ଯ୍ୟମଣି ଜେନା, ଯାମିନୀ କାନ୍ତ ସାହୁ ପ୍ରମୁଖ ଯୋଗଦେଇ ପଞ୍ଚାୟତରେ କଂଗ୍ରେସ ସଂଗଠନକୁ ମଜବୁତ କରିବା ଉପରେ ମତ ରଖିଥିଲେ। ଏଥିସହ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ କିପରି ଅଧିକ ଭୋଟ ଲାଭ କରିବ ସେ ନେଇ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଦୀର୍ଘ ୯ ମାସ ଧରି କଂଗ୍ରେସ ସଂଗଠନ ଠାରୁ ଦୂରେଇ ରହିଥିବା ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ବରିଷ୍ଠ କଂଗ୍ରେସ ନେତା ଅରୁଣ କୁମାର ରାଉତ ଏହି ବୈଠକରେ ଯୋଗ ଦେଇଥିଲେ।

## ଡାଇବେଟିସ୍ ଚିକିତ୍ସା ଶିବିର

**କେନ୍ଦ୍ରାପଡା ଅଫିସ, ୧୨।୯**

ସହରର ଖଡିଅଙ୍ଗସ୍ଥିତ କେନ୍ଦ୍ରାପଡା ଜିଲା ବିକାଶ ସାମୁଖ୍ୟ କାର୍ଯ୍ୟାଳୟ ପରିସରରେ ଡାଇବେଟିସ୍ ରୋଗ ଚିକିତ୍ସା ଶିବର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାମୁଖ୍ୟ ପକ୍ଷରୁ ଆୟୋଜିତ ଏହି ମାଗଣା ଚିକିତ୍ସା ଶିବିରରେ ୭୪ ଜଣ ରୋଗୀଙ୍କୁ ଚିକିତ୍ସା ସହ ପରାମର୍ଶ ପ୍ରଦାନ କରାଯାଇଥିଲା। ବିଶେଷଜ୍ଞ ଡା. ଭରତ ଚନ୍ଦ୍ର ବେହେରା ଏହି ରୋଗୀଙ୍କ ଚିକିତ୍ସା କରିବା ସହ ରକ୍ତ ଓ ମୂତ୍ର ନମୁନା ପରୀକ୍ଷା କରିଥିଲେ।

## ଆଶାକର୍ମୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ



ଆଶାକର୍ମୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ରାଜନଗର, ୧୩।୯(ଡି.ଏନ.ଏ.)**

ରାଜନଗର ବ୍ଲକ ଆଶାକର୍ମୀ ସଂଘ ପକ୍ଷରୁ ଗୁରୁବାର ଏକ ଦାବିପତ୍ର ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଣବ କୁମାର ଶୁକ୍ଲାଙ୍କୁ ପ୍ରଦାନ କରାଯାଇଛି। ସଂଘର ଆବାହିକା କବିତା ରାଉତ, ରଙ୍ଗଲତା ରାଉତ, ଦମୟନ୍ତୀ କୁଣ୍ଡ, ଜୟନ୍ତୀ ବାରିକ, ସୁକାନ୍ତି ମଲ୍ଲିକ, ପାର୍ବତୀ ଦାସ, ବାସନ୍ତି ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଏହି ଦାବିପତ୍ରରେ ବକେୟା ଦରମା ପ୍ରଦାନ ଏବଂ ସରକାରଙ୍କ ଦ୍ୱାରା ବୃଦ୍ଧି କରାଯାଇଥିବା ୧ହଜାର ଟଙ୍କା ମାସିକ ଭତା ଆସନ୍ତା ୭ ଦିନ ମଧ୍ୟରେ ପ୍ରଦାନ କରା ନ ଗଲେ ବ୍ଲକର ସମସ୍ତ ଆଶାକର୍ମୀଙ୍କ ପକ୍ଷରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦିଆଯିବ ବୋଲି ଉଲ୍ଲେଖ ରହିଛି ।

## କୋ-ଅପରେଟିଭ ସୋସାଇଟି ପକ୍ଷରୁ ସହାୟତା

**ଡେରାବିଶ, ୧୩।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ହରିଅଙ୍କ ଗ୍ରାମର ତରଣୀ ସେନ ଦାଶ(୪୯) ଦୀର୍ଘଦିନ ଧରି କିଡନୀ ରୋଗରେ ପୀଡ଼ିତ ଅଛନ୍ତି। ଚିକିତ୍ସା ନିମନ୍ତେ ପରିବାର ଲୋକେ ଟଙ୍କା ଯୋଗାଡ଼ କରି ପାରୁ ନଥିବାରୁ ତାଙ୍କର ଚିକିତ୍ସା କରାଯାଇ ପାରୁନାହିଁ। ତେବେ ତରଣୀଙ୍କ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟି ପକ୍ଷରୁ ବୁଧବାର ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିସହ ତରଣୀଙ୍କ ପୁଅ ଓ ଝିଅଙ୍କ ପାଠପଢ଼ା ନିମନ୍ତେ ମଧ ସୋସାଇଟି ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ସୋସାଇଟି ସଭାପତି ପ୍ରମୋଦ ସାହୁ ପ୍ରତିଶ୍ରୁତି ଦେଇଛନ୍ତି। ତରଣୀଙ୍କ ମା'ବାପ ରୋଗ ଶଯ୍ୟାରେ ପଡ଼ିଥିବା ବେଳେ ଗତ ୬ ମାସ ହେବ ତରଣୀ ମଧ କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କର ୨ଟି ଯାକ କିଡନୀ ନଷ୍ଟ ହୋଇ ଯାଇଥିବା ବେଳେ ଗ୍ରାମର କେତେଜଣ ଲୋକଙ୍କ ସହାୟତାରେ ତାଙ୍କ ଚିକିତ୍ସା କରାଯାଉଛି। କୋ-ଅପରେଟିଭ୍ ସୋସାଇଟି ପକ୍ଷରୁ ଏହି ସହାୟତା ପ୍ରଦାନ ବେଳେ ହରିଅଙ୍କ ସରପଞ୍ଚ ଯୁଗଳ କିଶୋର ମହାନ୍ତି, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ଇନ୍ଦାଲୋ ସମିତିସଭ୍ୟ ସୁଜିତ ସାମନ୍ତରାୟ, ବସୁପୁର ସମିତି ସଭ୍ୟ ସୁନିତି ବଳ, ଯୁବନେତା ଧୀରେନ୍ଦ୍ର ଜେନା, ଗରଦପୁର ଶାଖା ପରିଚାଳକ ପ୍ରଫୁଲ୍ଲ କୁମାର ସାହୁ, କର୍ମଚାରୀ ଅମୀୟ କୁମାର ନାୟକ, ଗୟାଚାନ୍ଦ ଭୂୟାଁ ଓ ଲଳିତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ୧୯୭୨ ବ୍ୟାଚ୍ ବନ୍ଧୁମିଳନ

**କେନ୍ଦ୍ରାପଡା ଅଫିସ, ୧୩।୯**

କେନ୍ଦ୍ରାପଡ଼ା ସହରସ୍ଥିତ ଇଚ୍ଛାପୁର ହାଇସ୍କୁଲ ୧୯୭୨ ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତୀଛାତ୍ରଙ୍କ ବନ୍ଧୁମିଳନ ନିକଟସ୍ଥ ବିରସ୍ୱତୀ ଗ୍ରାମର ଖରାଖାଇ ଠାକୁରାଣୀ ମନ୍ଦିର ପରିସରରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣେଶ୍ୱର ମେକାପ ଅଧ୍ୟକ୍ଷତା କରିଥିଲେ। ପୁରାତନ ଛାତ୍ରସଂସଦ ଉପଦେଷ୍ଟା ପ୍ରାଣକୃଷ୍ଣ ବେହେରା, ସମ୍ପାଦକ ଗୌରାଙ୍ଗ ଚରଣ ସାହୁ, ଶିକ୍ଷାବିତ୍ ହୃଦାନନ୍ଦ ରାଉତ ପ୍ରମୁଖ ଯୋଗ ଦେଇ ଶିକ୍ଷାର୍ଥୀ ଜୀବନର ସ୍ମୃତିଚାରଣ କରିବା ସହ ବିଦ୍ୟାଳୟର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋହନ ପ୍ରଧାନ, ରବୀନ୍ଦ୍ର ନାଥ ମେକାପ, କୁଶ ସାହୁ, ମକର ନାଥ, ନିରଞ୍ଜନ ମେକାପ, ମୁରଲୀଧର ପଣ୍ଡା, ଗଣେଶ୍ୱର ନାୟକ, କୁଳମଣି ଶତପଥୀ, ମଥୁରାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗଣେଶ ବିଗ୍ରହ ପ୍ରତିଷ୍ଠା




ସ୍କୁଲ ପରିସରରେ ଗଣନାଥଙ୍କ ବିଗ୍ରହ ପ୍ରତିଷ୍ଠା।

**ଆଳି, ୧୩।୯ (ଡି.ଏନ.ଏ.)**

ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତସ୍ଥିତ ନମୌଜା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଗଣେଶପୂଜା ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍କୁଲ ପରିସରରେ ଗଣନାଥଙ୍କର ୫ ଫୁଟ ଉଚ୍ଚତା ବିଶିଷ୍ଟ ଏକ ପଥର ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ୧୯୯୪ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରମାନେ ଏହି ମୂର୍ତ୍ତି ସ୍କଲ ପରିସରରେ ପ୍ରତିଷ୍ଠା କରିଛନ୍ତି। ପ୍ରତିଷ୍ଠା ଉତ୍ସବରେ ପ୍ରଧାନ ଶିକ୍ଷକ ମହେଶ୍ୱର ସାହୁ, ସହକାରୀ ଶିକ୍ଷକ ନିରଞ୍ଜନ ଦାଶ, ପ୍ରଭାତ ଦାସ ଓ ଆଳି ନେଶନାଲ ଆଇଟିଆଇର ନିର୍ଦ୍ଦେଶକ ରଞ୍ଜନ କୁମାର ବେହେରା, ଶିକ୍ଷାବିତ୍ ବି.ଏମ୍. ସେନାପତି ଓ ପି.କେ. ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରମାନଙ୍କ ମଧ୍ୟରେ ଦେବଦତ୍ତ ମହାନ୍ତି, ମନୋଜ ବେହେରା, ଅଶୋକ ପଣ୍ଡା, ସଞ୍ଜିତ ମହାନ୍ତି, ଆଲୋକ ମହାନ୍ତି, ପ୍ରଦୀପ ପଣ୍ଡା, ଅଖିଳ ତରାଇ, ଅଟଳ ବିହାରୀ ନନ୍ଦ, ପ୍ରେମଲତା ବେହେରା, ସତ୍ୟରଞ୍ଜନ ଦାସ, ସଞ୍ଜୀବ ପଣ୍ଡା, ସରୋଜ ଜେନା, ମନମୋହନ ବାରିକ, ମନୋଜ ମଥାନ, କୀର୍ତ୍ତନ ମହାନ୍ତି, ଦାମୋଦର ବରାଳ, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଗଣନାଥଙ୍କ ଆରାଧନା

**କେନ୍ଦ୍ରାପଡା ଅଫିସ, ୧୩।୯**

କେନ୍ଦ୍ରାପଡା ସହରର ୨୩ଟି ସ୍ଥାନରେ ଶ୍ରୀଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ଗୁରୁବାରଠାରୁ ଷୋଡ଼ଶ ଉପଚାରରେ ଆରମ୍ଭ ହୋଇଛି। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ, ବ୍ୟବସାୟସ୍ଥଳ ଆଦିରେ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା ଅନୁଷ୍ଠିତ ହୋଇଛି। ମନକରପୁରସ୍ଥ ସ୍ୱଳ୍ପକାଳୀନ ରହଣି କେନ୍ଦ୍ର ରେସୱା ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଶ୍ରୀଗଣେଶଙ୍କ ପୂଜା କରାଯାଇଥିଲା। ପରିଚାଳିକା ମୀନତି ମହାରଣା, ରେଣୁକା ରାଉତରାୟ, ସ୍ନିଗ୍ଧା ସୁଚରିତା ତ୍ରିପାଠୀ, ନିର୍ଦ୍ଦେଶକ ସେକ୍ ଲିୟାକତ୍ ହୁସେନ୍, ସଭାପତି ସୁହାନା ୱାରିସ୍ ପ୍ରମୁଖ ଏହି ପୂଜା ଉତ୍ସବକୁ ପରିଚାଳନା କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ଏସ୍‌ପି ନୀତି ଶେଖରଙ୍କ ନିର୍ଦ୍ଦେଶକ୍ରମେ ୫ ପ୍ଲାଟୁନ ପୋଲିସ ଫୋର୍ସ ସହରର ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି।

**ଡେରାବିଶ, (ସ୍ୱ.ପ୍ର.):** ଆଦ୍ୟଦେବ ଶ୍ରୀଗଣନାଥଙ୍କ ପୂଜା ଡେରାବିଶ ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ବ୍ଲକ ଅଧୀନ ଗୁଆଲସିଂଠାରେ ଥିବା କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ ପରିସରରେ ଛାତ୍ରୀଛାତ୍ରମାନେ ଧୁମ୍‌ଧାମରେ ଗଣେଶଙ୍କ ପୂଜା କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରାଧ୍ୟାପକ ଅଜୟ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପୂଜାକୁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ପରିଚାଳନା କରିଥିଲେ। ସେହିପରି ଡେରାବିଶ ହାଇସ୍କୁଲ, ଦାନପୁରସ୍ଥିତ ବିବି ମଡେଲ ହାଇସ୍କୁଲ, ଛକନାସ୍ଥିତ ସାରଦା ଏକାଡେମୀ, ମହାବିଦ୍ୟାଳୟ, ଯୁବକ ସଂଘ, ବ୍ୟବସାୟ ପ୍ରତିଷ୍ଠାନରେ ପୂଜା ଅନୁଷ୍ଠିତ ହୋଇଥିଲା।

**ପଟ୍ଟାମୁଣ୍ଡାଇ, (ସ୍ୱ.ପ୍ର.):** ଅଗ୍ରପୂଜ୍ୟ ବିଦ୍ୟାଦାତା ଗଜାନନଙ୍କ ପୂଜା ଉତ୍ସବ ଉପଲକ୍ଷେ ପଟ୍ଟାମୁଣ୍ଡାଇ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ସମସ୍ତ ସ୍କୁଲ, କଲେଜ, ବ୍ୟବସାୟ ପ୍ରତିଷ୍ଠାନ, କ୍ଲବ, ଯୁବକ ସଂଘ, ସାଂସ୍କୃତିକ ସଂଗଠନଗୁଡ଼ିକରେ ଗୁରୁବାର ସମାରୋହରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଛି। ପଟ୍ଟାମୁଣ୍ଡାଇ କଲେଜ, ମହିଳା କଲେଜ, ଏମଏନ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, ସମସ୍ତ ହାଇସ୍କୁଲରେ ଗଜାନନଙ୍କ ପୂଜାର୍ଚ୍ଚନା କରାଯାଇଛି।

**ଆଳି, (ଡି.ଏନ.ଏ.):** ଗଣନାଥ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ଆଳିର ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ଓ ବିଭିନ୍ନ ଯୁବକସଂଘ ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ଶରତ କୁମାର ଦେବ ନୋଡାଲ ହାଇସ୍କୁଲ, ମହମ୍ମଦ ହସିମୁଦ୍ଦିନ ଓ ମେଣ୍ଟପୁର ପଞ୍ଚାୟତ ହାଇସ୍କୁଲ, ଆଳି ହାଇସ୍କୁଲ, ସହଦେବ ବାଳିକା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆଳି ମହାବିଦ୍ୟାଳୟ, ସୁଶ୍ରୀଦେବୀ ମହିଳା ମହାବିଦ୍ୟାଳୟ, ଲକ୍ଷ୍ମୀବରାହ ମହାବିଦ୍ୟାଳୟ ଆଦିରେ ରୀତିନୀତି ଅନୁଯାୟୀ ବିଦ୍ୟାଦାତାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ବିଭିନ୍ନ ଗ୍ରାମରେ ଥିବା ଯୁବକସଂଘ ପକ୍ଷରୁ ଗଣେଶ ପୂଜା ବେଶ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ଆଳି ମୁଳସାହି ଗ୍ରାମର ମହାବୀର ଯୁଥ କ୍ଲବ, ଦେମାଳ ଲକ୍ଷ୍ମୀବରାହ ଜୀଉ ଯୁଥ କ୍ଲବ, ମାଳପାଟଣାର ଶିଶୁ ମଙ୍ଗଳ ଯୁବକ ସଂଘ, ଗୋପ ଜଗଜ୍ୟୋତି ଯୁଥ କ୍ଲବ, କଣ୍ଟିପୁର ଯୁବକ ସଂଘ ପକ୍ଷରୁ ମହାସମାରୋହରେ ପୂଜା ପାଳିତ ହେଉଛି। ନୂଆବଜାର ସମେତ ବିଭିନ୍ନ ଛୋଟଛୋଟ ବଜାରରେ ମଧ ଗଣେଶ ପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଉଛି।



ପଟ୍ଟାମୁଣ୍ଡାଇ: ବେଲତଳ ଅନ୍ନପୂର୍ଣ୍ଣା ପୂଜା କମିଟି।



ଖଡ଼ିଅଙ୍ଗର ବୁଢ଼ା ଗଣେଶ।



ପାଟକୁରା: ବେଡାରୀ ମଣିଛକରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି।



ଆଳି: ମୂଳସାହି ମହାବୀର ଯୁଥ କ୍ଲବ ପକ୍ଷରୁ ଗଣେଶ ମେଢ।

**ସଂକ୍ଷେପରେ**

## ୧୭% ଛାତ୍ରୀଛାତ୍ରଙ୍କ ପାଖରେ ନାହିଁ ଆଧାର

### ୨୦ ସୁଦ୍ଧା ପଞ୍ଜୀକରଣ ସାରିବାକୁ ଓପେପାର ନିର୍ଦ୍ଦେଶ

ଭୁବନେଶ୍ୱର, ୧୩।୯(ବ୍ୟୁରୋ)- ସ୍କୁଲ ଡିଷ୍ଟ୍ରିକ୍ଟ ମ୍ୟାନେଜମେଣ୍ଟ ଇନ୍‌ଫରମେଶନ ସିଷ୍ଟମ୍(ଏସ୍‌ଡିଏମ୍‌ଆଇଏସ୍)ର ୨୦୧୭-୧୮ ତଥ୍ୟ ଅନୁସାରେ ରାଜ୍ୟର ପ୍ରାଥମିକ ଏବଂ ମାଧମିକ ବିଦ୍ୟାଳୟର ୧୭% ଛାତ୍ରୀଛାତ୍ରଙ୍କ ପାଖରେ ଆଧାର କାର୍ଡ ନାହିଁ। ୨୦୧୮-୧୯ ଶିକ୍ଷାବର୍ଷରେ ଏସ୍‌ଡିଏମ୍‌ଆଇଏସ୍‌ରେ ଆଧାର ନମ୍ବର ଅପଗ୍ରେଡେଶନ ବେଳେ ଯେଉଁ ଛାତ୍ରୀଛାତ୍ରଙ୍କ ଆଧାର ନମ୍ବର ନ ଥିବ ସେହି ସ୍କୁଲର ପ୍ରଧାନଶିକ୍ଷକ ପିଲାଙ୍କୁ ନେଇ ନିକଟ ଆଧାର କେନ୍ଦ୍ରରେ ନାମ ପଞ୍ଜୀକରଣ କରାଇବାକୁ ଓପେପା ପକ୍ଷରୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଏଯାଏ ତାହା ସମ୍ପୂର୍ଣ୍ଣ ଭାବେ କରାଯାଇ ନାହିଁ। ଆସନ୍ତା ୨୦ ତାରିଖ ସୁଦ୍ଧା ସମସ୍ତ ପ୍ରାଥମିକ ଏବଂ ମାଧମିକ ସ୍କୁଲର ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ସାରିବାକୁ ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରାଧିକରଣ କର୍ତ୍ତୃପକ୍ଷ(ଓପେପା) ପକ୍ଷରୁ କୁହାଯାଇଛି। ଏ ନେଇ ଓପେପା ପକ୍ଷରୁ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଯେଉଁ ଛାତ୍ରୀଛାତ୍ରଙ୍କ ଆଧାର ନମ୍ବର ନାହିଁ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ କିମ୍ବା ସହଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଧରି ନିକଟ ଆଧାର କେନ୍ଦ୍ରକୁ ଯାଇ ନାମ ପଞ୍ଜୀକରଣ କରିବେ। ଏଥିସହିତ କେତେକ ବ୍ୟାଙ୍କ ଏବଂ ଡାକ ଘରେ ବର୍ତ୍ତମାନ ଆଧାର କେନ୍ଦ୍ର ଖୋଲିଛି। ଏହି ତାଲିକାକୁ ମଧ୍ୟ ନିର୍ଦ୍ଦେଶନାମା ସହିତ ଓପେପା ଅପ୍‌ଲୋଡ କରିଛି। ସ୍କୁଲ ଶିକ୍ଷକ ଏହି ତାଲିକାକୁ ଦେଖି ନିଟକ ବ୍ୟାଙ୍କ କିମ୍ବା ଡାକ ଘରକୁ ଯାଇ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜିକରଣ କରିବେ। ପରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ରଙ୍କ ଆଧାର କାର୍ଡ କରାଯାଇଥିବା ସମ୍ପର୍କରେ ପ୍ରଧାନଶିକ୍ଷକ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବେ। ଏଥିସହିତ ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ ଶିକ୍ଷାଧିକାରୀ ସ୍କୁଲରେ ଶତପ୍ରତିଶତ ଛାତ୍ରୀଛାତ୍ରଙ୍କ ଆଧାର ପଞ୍ଜୀକରଣ ହୋଇଥିବା ନେଇ ଓପେପା ପାଖରେ ଘୋଷଣା ପତ୍ର ଦାଖଲ କରିବେ। ୨୨ ତାରିଖ ଭିତରେ ଏସ୍‌ଡିଏମ୍‌ଆଇଏସ୍ ସମସ୍ତ ଛାତ୍ରୀଛାତ୍ରଙ୍କ ଆଧାର ତଥ୍ୟକୁ ଅପ୍‌ଲୋଡ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

# ରାସ୍ତାରେ ଗଜାନନଙ୍କୁ ପୂଜିଲେ ଶିକ୍ଷକ

ଭୁବନେଶ୍ୱର, ୧୩।୯(ବ୍ୟୁରୋ)



ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ରାସ୍ତାରେ ଗଜାନନଙ୍କ ଆରାଧନା।

ଗୁରୁବାର ଥିଲା ଗଣେଶ ପୂଜା। ସାରା ରାଜ୍ୟରେ ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଏବଂ କଲେଜ ବେଶ୍ ଚଳଚଞ୍ଚଳ ଥିବାବେଳେ ରାଜଧାନୀର ଲୋୟର ପିଏମ୍‌ଜିରେ ଶିକ୍ଷକମାନେ ନିଆରା ଢଙ୍ଗରେ ଗଜାନନଙ୍କୁ ପୂଜା କରିଥିଲେ। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ରାସ୍ତାରେ ଗଜାନନଙ୍କ ଆରାଧନା କରାଯାଇଥିଲା। ସ୍କୁଲକୁ ଯାଇପାରି ନ ଥିବାରୁ ଆନ୍ଦୋଳନରତ ଶିକ୍ଷୟିତ୍ରୀଶିକ୍ଷକମାନେ ଏଠାରେ ପୂଜାର୍ଚ୍ଚନା କରିଥିଲେ। ଅନ୍ୟପଟେ ସରକାର ଦାବି ପୂରଣ ଦିଗରେ ଆଗ୍ରହ ପ୍ରକାଶ କରୁ ନ ଥିବାରୁ ମିଳିତ ମଞ୍ଚ ଆନ୍ଦୋଳନକୁ ତୀବ୍ରତର କରିବାକୁ ପ୍ରସ୍ତୁତ ହୋଇଛି। ଆସନ୍ତା ସୋମବାରଠାରୁ ପଞ୍ଚାୟତରେ ଶିକ୍ଷକମାନେ ପଦଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସମୟରେ ଜନସାଧାରଣଙ୍କୁ ସରକାରଙ୍କ ଶିକ୍ଷାମାରଣ ନୀତି ସମ୍ପର୍କରେ ଅବଗତ କରାଯିବ ବୋଲି ମିଳିତ ମଞ୍ଚର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଏବଂ ପବିତ୍ର ମହାଲା ସୂଚନା ଦେଇଛନ୍ତି। ଆବାହକ ମହାନ୍ତି କହିଛନ୍ତି, ସରକାର ଶିକ୍ଷକଙ୍କ ଉପରେ ଯାହା ପଦକ୍ଷେପ ନେବା କଥା ନିଅନ୍ତୁ। କିନ୍ତୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମିଳିତ ମଞ୍ଚ ଆନ୍ଦୋଳନରୁ ଓହରିବ ନାହିଁ। ପଞ୍ଚାୟତସ୍ତରରୁ ପଦଯାତ୍ରା ସାରି ପୁଣି ମିଳିତ ମଞ୍ଚ ଲୋୟର ପିଏମଜିରେ ଆନ୍ଦୋଳନକୁ ଜାରି ରଖିବ ବୋଲି ସେ କହିଛନ୍ତି।

ବିଧାନସଭାରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ସହିତ ସରକାର ଆଲୋଚନା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଦୁଇଦିନ ତଳେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଆଲୋଚନା ହୋଇଥିଲା। କିନ୍ତୁ ତାହା ବିଫଳ ହେବାର କାରଣ ସମ୍ପର୍କରେ ପଚାରିବାରେ ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ସରକାର ଆଲୋଚନା ପ୍ରସଙ୍ଗକୁ ନ ଯାଇ ୨୦୧୭ରେ ବିଜ୍ଞପ୍ତି ପ୍ରକାଶ କରିଥିବା କହି ମନ୍ତ୍ରୀ ଏବଂ ସଚିବ ସିଧାସଳଖ ଆକ୍ରମଣ କରିଥିଲେ। ପୁଣି କାହିଁକି ରାସ୍ତାରେ ବସିଛ ବୋଲି ପ୍ରଶ୍ନ କରିଥିଲେ। ଏହାର ପ୍ରତି ଉତ୍ତରରେ ମିଳିତ ମଞ୍ଚ ପ୍ରତିନିଧି ଦଳ ମନ୍ତ୍ରୀ ଏବଂ ସଚିବଙ୍କୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ବିଜ୍ଞପ୍ତି ପ୍ରକାଶ ପାଇନି। ମୁଖ୍ୟମନ୍ତ୍ରୀ ବ୍ଲକଗ୍ରାଣ୍ଟ ଉଚ୍ଛେଦ କରାଗଲା ବୋଲି ଘୋଷଣା କରିଥିବାବେଳେ ବିଜ୍ଞପ୍ତିରେ ତାହା ଉଲ୍ଲେଖ କରାଯାଇ ନ ଥିବା କହିଥିଲେ। ଦାବି ପୂରଣ ପାଇଁ ସରକାର ପୂର୍ବରୁ ୬ ମାସ ସମୟ ନେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ପୂରଣ ହୋଇ ନ ଥିବାବେଳ ମନ୍ତ୍ରୀ ଏବଂ ସଚିବ ଆଉ ୩ ମାସ ସମୟ ଦରକାର ବୋଲି କହିଥିଲେ, ଯେଉଁଥିପାଇଁ ମିଳିତ ମଞ୍ଚର ପ୍ରତିନିଧି ଦଳ ଆଲୋଚନାରୁ ଉଠି ଆସିଥିଲେ।

■ ସୋମବାରଠାରୁ ପଞ୍ଚାୟତରେ ପଦଯାତ୍ରା କରିବ ମିଳିତ ମଞ୍ଚ

■ ଲୋକଙ୍କୁ ଜଣାଇବ ସରକାରଙ୍କ ଶିକ୍ଷାମାରଣ ନୀତି

# କାଲିର ଦିନ ମଜୁରିଆ ଆଜିର କୋଟିପତି

ଚଣ୍ଡିଗଡ଼, ୧୩।୯

କାଲି ଯିଏ ଦିନକୁ ଅତି କଷ୍ଟରେ ୨୫୦ ଟଙ୍କା ମଜୁରି ପାଉଥିଲା ଆଜି ସେ ଦେଢକୋଟି ଟଙ୍କାର ମାଲିକ। ନିଜ ପଡ଼ିଶାଘରୁ ୨୦୦ ଟଙ୍କା ଉଧାର କରି ଲଟେରି ଟିକେଟ୍ କିଣି ସେ ଏହି ଦେଢ କୋଟି ଟଙ୍କା ହାସଲ କରିଛନ୍ତି। ସ୍ଥାନୀୟ ଡାକବାଲା ତାଙ୍କୁ ଏହି ଖବର ଦେଲାବେଳେ ସେ ନିଜେବି ଏହାକୁ ବିଶ୍ୱାସ କରି ପାରୁ ନ ଥିଲେ। କିନ୍ତୁ ଯେତେବେଳେ ତାଙ୍କ ଲଟେରି ଟିକେଟ ନମ୍ବର ମିଳାଇଲେ ତାଙ୍କର ଖୁସି କହିଲେ ନ ସରେ। ହଁ। ପଞ୍ଜାବର ମନ୍ଦିଭ୍ ଗ୍ରାମର ୪୦ ବର୍ଷ ବୟସ୍କ ମନୋଜ କୁମାରଙ୍କ ଭାଗ୍ୟରେ ଏଭଳି ଘଟିଛି। ସ୍ୱାମୀ ସ୍ତ୍ରୀ ଉଭୟେ ଇଟା ଭାଟିରେ ଦିନକୁ ୨୫୦ ଟଙ୍କା ମଜୁରିରେ କାମ କରୁଥିବା ବେଳେ କିଛି ମାସ ପୂର୍ବରୁ ସ୍ଥାନୀୟ ସରକାରଙ୍କ ରାଖୀ ବମ୍ପର ଲଟେରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ନିଜ ପାଖରେ ପଇସା ନ ଥିବାରୁ ପଡିଶା ଘରୁ ୨୦୦ ଟଙ୍କା ଧାର୍ କରି ଲଟେରି ଟିକଟ କାଟିଥିଲେ। ଏବେ ସେହି ଲଟେରି ମାଧ୍ୟମରେ ସେ ୧.୫କୋଟି ଟଙ୍କା ଜିତିଛନ୍ତି। ଏହି ଖବର ସ୍ଥାନୀୟ ଡାକବାଲା ମନୋଜଙ୍କୁ ଜଣାଇଥିଲେ। ଏସମ୍ପର୍କରେ ଜଣାପଡିବା ପରେ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ହୋଇଛି। ଏବେ ଏହି ଟଙ୍କାକୁ ବିନିଯୋଗ କରି ସେ ତାଙ୍କ ୪ ସନ୍ତାନଙ୍କୁ ପାଠପଢାଇ ତାଙ୍କ ଭବିଷ୍ୟତ ଗଢିବାପାଇଁ ଚିନ୍ତା କରୁଛନ୍ତି। ସେହିପରି ନିଜ ପାଇଁ ଖଣ୍ଡେ ଭଲ ଘର ତୋଳିବାକୁ ମଧ୍ୟ ଯୋଜନା କରିଛନ୍ତି ବୋଲି ମନୋଜ କୁହନ୍ତି। ଶେଷରେ ମନୋଜ ଭାବବିହ୍ୱଳ ହୋଇ କହିଛନ୍ତି, ଏହି ଟଙ୍କା ଯଦି ମତେ ଆଉ କିଛି ମାସ ପୂର୍ବରୁ ମିଳିଥାଆନ୍ତା ହୁଏତ ମୋ ଅସୁସ୍ଥ ବାପାଙ୍କ ଚିକିତ୍ସାରେ ଲଗାଇ ପାରି ଥାଆନ୍ତି।

# ବିମାନବନ୍ଦରରୁ ୨୨ ଲକ୍ଷର ସୁନା ଜବତ

### ୬୯୦ ଗ୍ରାମ ସୁନା ସହ ଧରାପଡ଼ିଲେ ଯାତ୍ରୀ

ଭୁବନେଶ୍ୱର, ୧୩।୯(ବ୍ୟୁରୋ)



ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ସୁନା ଚାଲାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ଅଗଷ୍ଟ ୩୧ରେ ଦୁଇ ଯାତ୍ରୀଙ୍କଠାରୁ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଜବତ ହୋଇଥିବାବେଳେ ଗୁରୁବାର ସକାଳେ ପୁଣି ଜଣେ ଯାତ୍ରୀଙ୍କଠାରୁ ୬୯୦.୫୫୦ ଗ୍ରାମ ସୁନା ଜବତ କରାଯାଇଛି। ଏହାର ମୂଲ୍ୟ ୨୨ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଚେନ୍ନାଇର ସମ୍ପୃକ୍ତ ଯାତ୍ରୀଙ୍କୁ କଷ୍ଟମ ବିଭାଗ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଯାତ୍ରୀ ଜଣକ କୁଆଲାଲମ୍ପୁରରୁ ଏୟାର ଏସିଆ ବିମାନ ନଂ. ଏକେ-୩୧ରେ ଆସି ଗୁରୁବାର ସକାଳେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଯାତ୍ରୀ ଜଣକ ସୁନା ଆଣି ଆସୁଥିବା କଷ୍ଟମ ବିଭାଗ ଅଧିକାରୀମାନେ ପୂର୍ବରୁ ଖବର ପାଇଥିଲେ। ସମ୍ପୃକ୍ତ ଯାତ୍ରୀ ବିମାନବନ୍ଦରରୁ ବାହାରକୁ ବାହାରିବା ସମୟରେ ତାଙ୍କୁ କଷ୍ଟମ ଅଧିକାରୀମାନେ ଅଟକାଇ ଯାଞ୍ଚ କରିଥିଲେ। ସେ ତାଙ୍କ ବ୍ୟାଗ୍ ଚାରିପଟେ ସୁନାକୁ ପାତ ଆକାରରେ କରି ଗୁଡାଇଥିଲେ। ଯାଞ୍ଚ ସମୟରେ ତାଙ୍କ ନିକଟରୁ ୬୯୦.୫୫୦ ଗ୍ରାମ ସୁନା ମିଳିଥିଲା। ଏହି ସୁନା ୯୯.୯୦% ଶୁଦ୍ଧତା ବିଶିଷ୍ଟ ବୋଲି ଜଣାପଡିଛି। ଯାତ୍ରୀ ଜଣକ କେଉଁଠିକୁ ସୁନା ନେଉଥିଲେ ତାହା ଜାଣିବା ପାଇଁ କଷ୍ଟମ ବିଭାଗ ତାଙ୍କୁ ପଚରାଉଚରା କରୁଛି।

# ବନ୍ଦ ପଡ଼ିଛି ରାଜ୍ୟର ଏକାଧିକ ସମବାୟ ଶିଳ୍ପ

ଭୁବନେଶ୍ୱର, ୧୩।୯(ବ୍ୟୁରୋ)

ଓଡ଼ିଶାରେ କେତୋଟି ସମବାୟ ଶୀତଳଭଣ୍ଡାର, ଚିନିକଳ, ବୟନଶିଳ୍ପ, ସୂତାକଳ ଏବଂ କୃଷିଭିତ୍ତିକ ସମବାୟ ଶିଳ୍ପ ରହିଛି। ଏଗୁଡ଼ିକ କେଉଁସବୁ ସ୍ଥାନରେ ଅଛି ଏବଂ ସେଥିରୁ କେଉଁଗୁଡ଼ିକ ଲାଭ ଓ କ୍ଷତିରେ ଚାଲିଛି ବୋଲି ବିଧାନସଭା ପ୍ରଶ୍ନ ସଂଖ୍ୟା ୨୧୦ରେ ରାଉରକେଲା ବିଧାୟକ ଦିଲ୍ଲୀପ ରାୟ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ପ୍ରଶ୍ନ କରିଥିଲେ। ଏହାଛଡା ସେହି ଶିଳ୍ପଗୁଡିକ ମଧ୍ୟରୁ କେତୋଟି ଲାଭ ଓ କ୍ଷତିରେ ଚାଲିଛି, ସେଥିରୁ କେତୋଟି ବନ୍ଦ ରହିଛି ଏବଂ ସେଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ସରକାରଙ୍କ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ସେନେଇ ରାୟ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଏହି ପ୍ରଶ୍ନର ଉତ୍ତରରେ ଯାହା କହିଛନ୍ତି, ଓଡ଼ିଶାରେ ପ୍ରାୟ ସବୁପ୍ରକାର ସମବାୟ ଶିଳ୍ପ କ୍ଷତି କାରଣରୁ ବନ୍ଦ ପଡ଼ିଯାଇଛି ଏବଂ ନୂତନ ଶିଳ୍ପ ପ୍ରତିଷ୍ଠା ଦିଗରେ ସରକାରଙ୍କ ନିକଟରେ କୌଣସି ପ୍ରସ୍ତାବ ନାହିଁ।

ଲିଖିତ ଉତ୍ତରରେ ମନ୍ତ୍ରୀ ପାତ୍ର କହିଛନ୍ତି ଯେ, ରାଜ୍ୟରେ ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ସମବାୟ ଭିତ୍ତିକ ୬ଟି ସୂତାକଳ ଓ ୧୨ଟି କଳତନ୍ତ ସମବାୟ ସମିତି ରହିଥିଲା। ଏହି ସମସ୍ତ ଶିଳ୍ପଗୁଡିକରେ କ୍ରମାଗତ କ୍ଷତି ହେବା କାରଣରୁ ଉତ୍ପାଦନ କାର୍ଯ୍ୟ ବନ୍ଦ ହୋଇଯାଇଛି। କଳାହାଣ୍ଡି ଜିଲାର କେସିଙ୍ଗାଠାରେ କୋଣାର୍କ କପା ଉତ୍ପାଦନକାରୀ ସମବାୟ ସୂତାକଳ କାର୍ଯ୍ୟକ୍ଷମ ରହିଛି। ଏହି ଶିଳ୍ପରେ ତୁଳା ଜିନିଙ୍ଗ ଏବଂ ପ୍ରୋସେସିଂ କାମ ହୋଇଥାଏ, ଯାହା ବର୍ତ୍ତମାନ କ୍ଷତିରେ ଚାଲୁଥିବା ସେ କହିଛନ୍ତି। ସମବାୟ ଭିତ୍ତିକ ୧୨ଟି କଳତନ୍ତ ଶିଳ୍ପ ସମାପନ ପ୍ରକ୍ରିୟାରେ ଥିବାରୁ ଏଗୁଡିକର ପୁନଃ କାର୍ଯ୍ୟକ୍ଷମ ବର୍ତ୍ତମାନ ସମ୍ଭବ ନୁହେଁ ବୋଲି ଉତ୍ତରରେ ଉଲ୍ଲେଖ କରାଯାଇଛି। ରାଜ୍ୟରେ ଥିବା ୫ଟି ସମବାୟ ଭିତ୍ତିକ ଚିନିକଳ ମଧ୍ୟରୁ ୨ଟି କାର୍ଯ୍ୟକ୍ଷମ ଅବସ୍ଥାରେ ଥିବାବେଳେ ବାକିସବୁ ବନ୍ଦ ହୋଇଯାଇଛି। ଅନ୍ୟପଟେ ଯେଉଁ ୨ଟି କଳ କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି ତାହା ମଧ୍ୟ କ୍ଷତିରେ ଚାଲୁଥିବା କୁହାଯାଇଛି। ବନ୍ଦ କଳଗୁଡିକୁ ଖୋଲିବା ପାଇଁ ସରକାର ଆଇନଗତ ଏବଂ ଆର୍ଥିକ ଦିଗ ବିଷୟରେ ଚିନ୍ତା କରୁଛନ୍ତି। ଏହାସହ ସମବାୟ ଅଧୀନରେ ସମୁଦାୟ ୧୮ଟି ଶୀତଳଭଣ୍ଡାର ନିର୍ମିତ ହୋଇଛି। ସେଥିରୁ ୫ଟି କ୍ଷତିରେ ଚାଲୁଥିଲେ ମଧ୍ୟ କାର୍ଯ୍ୟକ୍ଷମ ଅଛି। ବାକି ୧୩ଟି ଶୀତଳଭଣ୍ଡାର ଲଗାତର କ୍ଷତି କାରଣରୁ ବନ୍ଦ ହୋଇଯାଇଛି। ବନ୍ଦ ଭଣ୍ଡାରଗୁଡିକୁ ସହଭାଗିତା ସୂତ୍ରରେ ପୁନଃକାର୍ଯ୍ୟକ୍ଷମ ଲାଗି ସରକାରଙ୍କ ପକ୍ଷରୁ ବାରମ୍ବାର ପଦକ୍ଷେପ ନିଆଯାଇଥିଲେ ମଧ୍ୟ ତାହା ସଫଳ ହୋଇପାରି ନ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହାଛଡା ମାର୍କଫେଡ ଓଡିଶାଙ୍କ ଅଧୀନରେ ଥିବା ବରଗଡ ଜିଲା ନାଗେନ୍‌ପାଲିଠାରେ ୧୯୭୪ରେ ଦୈନିକ ୧୫୦ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଟିଏ ଅଏଲ କମ୍ପ୍ଲେକ୍ସ ଲିଜ୍ ସୂତ୍ରରେ କାର୍ଯ୍ୟକ୍ଷମ ରହିଛି। ନୂତନ ସମବାୟ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଆସିଲେ ବିଚାର କରାଯିବ ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

■ ପୁରୀଘାଟ ଥାନା ଗଣ୍ଡଗୋଳ ମାମଲା

# ମୋକିମଙ୍କ ସହ ୧୭ କଂଗ୍ରେସ କର୍ମୀଙ୍କୁ ଜାମିନ

କଟକ ଅଫିସ, ୧୩।୯



ଜାମିନରେ ଆସିବା ପରେ ସମର୍ଥକଙ୍କ ଗହଣରେ ମହମ୍ମଦ ମୋକିମ୍।

କଟକ ପୁରୀଘାଟ ଥାନାରେ ଭଙ୍ଗାରୁଜା ଓ ବିନା ଅନୁମତିରେ ରାସ୍ତାରୋକୋ ଅଭିଯୋଗରେ କମିଶନରେଟ ପୋଲିସ ଗୁରୁବାର ନଗର କଂଗ୍ରେସ ସଭାପତି ମହମ୍ମଦ ମୋକିମ, ୩ଜଣ କର୍ପୋରେଟରଙ୍କ ସମେତ ୧୭ ଜଣଙ୍କୁ ଗିରଫ କରିଥିଲା। ତେବେ ଏହାର ୮ ଘଣ୍ଟା ମଧ୍ୟରେ ସମସ୍ତଙ୍କୁ ଜାମିନ ମିଳିଛି। ଆଇନଜୀବୀଙ୍କ ଆନ୍ଦୋଳନ ଜାରି ରହିଥିବାରୁ ଅଭିଯୁକ୍ତଙ୍କୁ ଏସ୍‌ଡିଜେଏମ୍ କୋର୍ଟ ମାଜିଷ୍ଟ୍ରେଟ୍‌ଙ୍କ ସରକାରୀ କ୍ୱାର୍ଟରରେ ହାଜର କରାଯାଇଥିଲା। ମାଜିଷ୍ଟ୍ରେଟ୍ ସର୍ତ୍ତମୂଳକ ଜାମିନ ପ୍ରଦାନ କରିବା ସହ ୫ଦିନ ପରେ ପୁଣିଥରେ ସମସ୍ତେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଗତ ସୋମବାର ରାତିରେ ପୁରୀଘାଟ ଥାନା ପୋଲିସ କଟକ ନଗର କଂଗ୍ରେସର ୨ନଂ. ବ୍ଲକ୍ ସଭାପତି ବିଜୟ ବାରିକଙ୍କୁ ଗିରଫ ପରୱାନା ବଳରେ ଉଠାଇ ଆଣି ଅଟକ ରଖିଥିଲା। କେତେଜଣ ଦଳୀୟ ନେତା ଓ କର୍ମୀ ପହଞ୍ଚିଥିଲେ ମଧ୍ୟ ପୋଲିସ ସେମାନଙ୍କୁ ୩ଘଣ୍ଟା ଥାନାରେ ବସାଇବା ସହ ଦୁର୍ବ୍ୟବହାର କରିଥିଲା। ଏହି ଘଟଣା ନେଇ ମଙ୍ଗଳବାର ନଗର କଂଗ୍ରେସ ସଭାପତି ମୋକିମଙ୍କ ନେତୃତ୍ୱରେ କେତେଜଣ କର୍ମୀ ଥାନା ଅଧିକାରୀଙ୍କ ସହ ଆଲୋଚନା କରିବାକୁ ଚାହିଁଥିଲେ। ହେଲେ ଥାନା ଅଧିକାରୀ ଆଲୋଚନା ପରିବର୍ତ୍ତେ ନଗର କଂଗ୍ରେସ ସଭାପତି ଏବଂ ଜଣେ ମହିଳା କର୍ପୋରେଟରଙ୍କୁ ମଧ୍ୟ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଅଭିଯୋଗ ହୋଇଥିଲା। ପରେ ଶତାଧିକ କଂଗ୍ରେସ କର୍ମୀ ପହଞ୍ଚି ଥାନା ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଭିତରେ ପଶି ଭଙ୍ଗାରୁଜା କରିଥିଲେ। ଏଥିସହ ଥାନା ନିକଟରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ତେବେ ବିନା ଅନୁମତିରେ ରାସ୍ତାରୋକୋ ଏବଂ ଥାନା ଭିତରେ ଭଙ୍ଗାରୁଜା ଅଭିଯୋଗ ଆଣି କଂଗ୍ରେସ କର୍ମୀଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ କରିଥିଲା ପୋଲିସ। ଏହି ମାମଲା ଆଧାରରେ ଗୁରୁବାର ସକାଳେ ପୋଲିସ ମୋକିମଙ୍କ ସମେତ ୧୭ଜଣଙ୍କୁ ଗିରଫ କରିଥିଲା। ପରେ ଡିସିପି ଅଖିଳେଶ୍ୱର ସିଂ ତୁରନ୍ତ ଖବରଦାତା ସମ୍ମିଳନୀ ଡାକି ୧୦ଜଣଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା କହିଥିଲେ। ତେବେ ସମର୍ଥକଙ୍କ ବିରୋଧ ଆଶଙ୍କା କରି ଅଭିଯୁକ୍ତମାନଙ୍କୁ ଚୌଦ୍ୱାର ଥାନାରେ ରଖାଯାଇଥିଲା। ସେଠାରୁ ଏସ୍‌ଡିଜେଏମ୍ କୋର୍ଟ ମାଜିଷ୍ଟ୍ରେଟ୍‌ଙ୍କ ସରକାରୀ କ୍ୱାର୍ଟରକୁ ଅଣାଯିବା ସମୟରେ ଶତାଧିକ କଂଗ୍ରେସ କର୍ମୀ ବିରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

■ ଗିରଫଦାରି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ: ପିସିସି ସଭାପତି

ତେବେ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଯିବା ସମୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଉପସଭାପତି ଚିରଞ୍ଜୀବ ବିଶ୍ୱାଳ ଓ ଅନ୍ୟ ନେତୃବୃନ୍ଦ ସେଠାରେ ପହଞ୍ଚିଥିଲେ। ପୋଲିସର ଏଭଳି ଗିରଫଦାରିକୁ ପିସିସି ସଭାପତି ପଟ୍ଟନାୟକ ବେଆଇନ ତଥା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ଅନ୍ୟପକ୍ଷରେ କୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇବା ପରେ ନଗର କଂଗ୍ରେସ ସଭାପତି ମହମ୍ମଦ ମୋକିମ କହିଛନ୍ତି ଯେ, ଆଇନଜୀବୀଙ୍କୁ ମାଡ଼ ଘଟଣା ସମେତ ବିଭିନ୍ନ କ୍ଷେତ୍ରରେ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ତେଜୁଥିବାବେଳେ ଆଜିର ଘଟଣା ଆଉ ଏକ ଉଦାହରଣ। ଆଇନ ଉପରେ ଭରସା ଥିଲା ଏବଂ ଶେଷରେ ଆମକୁ ନ୍ୟାୟ ମିଳିଲା। ସହରବାସୀଙ୍କ ହକ୍ ପାଇଁ ଲଢୁଥିବା କଂଗ୍ରେସ କର୍ମୀଙ୍କୁ ଗିରଫଦାରି ଭୟ ଦେଖାଇ ଚୁପ୍ କରାଇ ପାରିବେନି ରାଜ୍ୟ ସରକାର। ଅନ୍ୟପକ୍ଷରେ ଏହି ଘଟଣାରେ ବିଜେଡି ନେତା ସୁବାସ ସିଂ କହିଛନ୍ତି, ପ୍ରତିବାଦ ନାଁରେ ଥାନା ଭିତରେ ଭଙ୍ଗାରୁଜା କରିବା କଂଗ୍ରେସ ଗୁଣ୍ଡାଗିରିର ପରିଚୟ। ହେଲେ ବିଜୁଜନତା ଦଳ ସରକାରରେ ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଆଯାଏ ନାହିଁ। ତେଣୁ ବିଶୃଙ୍ଖଳାକାରୀଙ୍କୁ ପୋଲିସ ଗିରଫ କରିଥିଲା। ଏଥିରେ କୌଣସି ରାଜନୀତି ନାହିଁ।

**Government of Odisha** No.741-O

**"e" Procurement Notice**

**Bid Identification No. Tender online KNR 06 of 2018-19**

e-mail ID- rw.kamaknyanagar@yahoo.co.in, Phone No.-06769-230685

1. Name of the work : Road works (Maintenance) as per DTCN available in the website www.tendersorissa.gov.in
2. Total No. of work : 05 Nos. of roads
3. Estimated cost : Rs. 22.13 lakhs
4. Period of completion : 3 (Three) calendar months
5. Period and time of availability of bid document in the portal bidding : 15.09.2018 at 11.00 AM to 25.09.2018 upto 05.00 PM
6. Date and time of opening of tender : 29.09.2018 at 11.00 AM
7. Name and address of the officer inviting bid : E.E.R.W. Division-II, Dhenkanal, Kamakhyanagar

(1) Other details can be seen from detailed notice inviting tender: available in the website: **www.tendersorissa.gov.in**.
(2) Corrigendum if any shall only be published in the above website.

**Sd./- Executive Engineer**
**Rural Works Division-II, Dkl**
25094/11/0008/1819 **Kamakhyanagar**

OFFICE OF THE
MUNICIPAL COUNCIL, NABARANGPUR
NABARANGPUR (ODISHA), PIN- 764059
**Tel. / Fax. No. - 06858 - 222031**
E-mail: nabarangpurm.hud@ori.nic.in, municipalityngpr@gmail.com

**"E" PROCUREMENT NOTICE**
**Bid Identification No.-03/NM-2018-19**

Tender Call Notice No./2265/NM-18 Dated 11.09.2018

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tenderorissa.gov.in**.

| | | |
|---|---|---|
| 1 | Nature of work | Civil works |
| 2 | No. of works | 10 Nos. |
| 3 | Estimated cost | 2.00 to 7.00 lakhs |
| 4 | Period of completion | 03 months |
| 5 | Date & time of availability of the bid documents in the portal | 15.09.2018 to 22.09.2018 |
| 6 | Last date & time of receipt of bids in the portal | 17.00 hours of 24.09.2018 |
| 7 | Last date of receipt of tender document by registered post / speed post | 13.00 hours of 25.09.2018 |
| 8 | Date & time of opening of bid | 26.09.2018 at 11.00 AM |
| 9 | Name & Address of the officer inviting bid | Executive Officer, Nabarangpur Municipality |

Further the details of can be seen from the procurement portal: **www.tendersorissa.gov.in**.

**Sd./- Executive Officer, Nabarangpur Municipality**

OFFICE OF THE NOTIFIED
AREA COUNCIL, NAYAGARH

**2ND CORRIGENDUM NOTICE**

No. 2895 Dt.12.09.2018

**To Tender Call Notice No. 2773 Dt.30.07.2018**
**E-Procurement Notice No.NACNGR-4/2018-19**

There are some typographical mistakes present in the online format of the above e-Procurement Notice i.e. the EMD values are shown in the place of Paper cost (Tender Fees) and the vice versa i.e. the Paper Cost (Tender Fees) is shown at the EMD Value. However as the mode of payment is fixed as offline rather than online, bidders shall not face any problem while uploading the tenders.

Therefore all the bidders are requested to deposit the EMD as per DTCN in the NAC Office, Nayagarh.

All other works along with the terms & conditions remain unaltered.

**Sd./- Executive Officer,**
**NAC, Nayagarh**

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar- 751001,
PABX No. 0674-2392801 / 0998 / 6437, FAX No. 0674-2390633 / 085
Visit us at: *http://bdabbsr.in/*

Ref. No. 1104 Date: 11.09.2018

"e" Procurement Notice

BID IDENTIFICATION No.: BDA / 04-EE-III/2018-19

1. Executive Engineer, Division No.III, B.D.A. on behalf of Bhubaneswar Development Authority invites "e" tender on **Percentage Rate** in ***Single Cover System*** to be received in online mode only.

| Sl No. | Name of work | Approximate value of work (in lakh) | Period of Completion | Class of Contractor | Bid Security | Cost of document (in Rs) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Development of Buddha jayanti Park at C.S. Pur, Bhubaneswar | 10 to 15 Lakh | 30 (Thirty) Days | "D" & "C" CLASS | 1% of Bid Cost | 6,000/- + GST 12% | 24/09/2018 upto 5.00 PM |
| 2. | Development of Kharavela Park at Khandagiri, Bhubaneswar | 6 to 10 Lakh | 30 (Thirty) Days | "D" & "C" CLASS | 1% of Bid Cost | 4,000/- + GST 12% | 24/09/2018 upto 5.00 PM |
| 3. | Development of Biju Patnaik Park, Bhubaneswar | 6 to 10 Lakh | 30 (Thirty) Days | "D" & "C" CLASS | 1% of Bid Cost | 6,000/- + GST 12% | 24/09/2018 upto 5.00 PM |
| 4. | Development of Indira Gandhi Park, Bhubaneswar | 10 to 15 Lakh | 30 (Thirty) Days | "D" & "C" CLASS | 1% of Bid Cost | 6,000/- + GST 12% | 24/09/2018 upto 5.00 PM |
| 5. | Development of Utkal Gourav Madhusudan Das Park at Pokhariput, Bhubaneswar | 6 to 10 Lakh | 30 (Thirty) Days | "D" & "C" CLASS | 1% of Bid Cost | 6,000/- + GST 12% | 24/09/2018 upto 5.00 PM |
| 6. | Development of Shyama Prasad Mukharjee Park near Satsangha Vihar, Bhubaneswar | 3 to 5 Lakh | 30 (Thirty) Days | "D" & "C" CLASS | 1% of Bid Cost | 2,000/- + GST 12% | 24/09/2018 upto 5.00 PM |

**N.B.- Thequoted rate should be all inclusive but excluding G.S.T. applicable under works contract.**

1. The Bid documents shall be available for downloading in the website https://tendersodisha.gov.in/ from dated- 15.09.2018 upto 5.00P.M onwards.
2. Bids shall be received online on or before Dated- 24/09/2018 up to 5.00 P.M. The bidder must possess compatible Digital Signature Certificate (DSC) of Class-II or Class-III.
3. **One Bidder may participate in a number of tenders, but will be awarded for for 2 nos. of works, for which stands lowest.**
4. All Corrigendum and Addendum will be published in the Website only.
5. EMD / Cost of tender paper will be deposited by the bidder in the office of the undersigned from Dated- 25.09.2018 to Dated 27.09.2018 during office hours on working days. Bid will be opened on 28.09.2018

**Executive Engineer,**
**Division No.III, BDA**

**ଏସିଆ କପ୍‌ର ୧୪ତମ ସଂସ୍କରଣ ଏଥର ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ହେବ। ଆସନ୍ତା ୧୫ରୁ ୨୮ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଏସିଆର ୬ଟି ଦେଶ ଅଂଶଗ୍ରହଣ କରିବେ ଓ ଏଥିରେ ମୋଟ ୧୩ଟି ମ୍ୟାଚ ଖେଳାଯିବ। ୧୯ ତାରିଖରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେ ଓ ଏହି ମ୍ୟାଚ ଉପରେ ସାରା ବିଶ୍ୱର ନଜର ରହିଛି। ଏଥର ଚାମ୍ପିୟନ ହୋଇ ଭାରତ ସପ୍ତମଥର ପାଇଁ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି...**

# ଏସିଆ କପ୍ କ୍ରିକେଟ୍





ନିର୍ମଳ କୁମାର ମିଶ୍ର

୧୯୮୪ ମସିହାରୁ ଆରମ୍ଭ ହୋଇଥିବା ଏବଂ ଏସିଆନ୍ କ୍ରିକେଟ୍ କାଉନସିଲ ଦ୍ୱାରା ପରିଚାଳିତ ଏସିଆ କପ୍ କ୍ରିକେଟ୍‌ର ୧୪ତମ ସଂସ୍କରଣ ୟୁଏଇରେ ତୃତୀୟ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ସେପ୍ଟେମ୍ବର ୧୫ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖରେ ଉଦ୍‌ଯାପିତ ହେବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ପ୍ରଥମେ ଭାରତରେ ଏହି ଟୁର୍ନାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ତେବେ ଭାରତ ପାକିସ୍ତାନ ମଧ୍ୟରେ ଚାଲିଥିବା ରାଜନୈତିକ ଶୀତଳଯୁଦ୍ଧ ପାଇଁ ଶେଷରେ ଏହି ଟୁର୍ନାମେଣ୍ଟକୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)କୁ ସ୍ଥାନାନ୍ତର କରାଯାଇଛି। ୨୦୧୫ ମସିହା ଅକ୍ଟୋବର ୨୯ ତାରିଖରେ ସିଙ୍ଗାପୁରଠାରେ ଅନୁଷ୍ଠିତ ହୋଇଥିବା ଏସିଆନ୍ କ୍ରିକେଟ୍ କାଉନସିଲ (ଏସିସି) ବୈଠକରେ ବିସିସିଆଇ ଏହି ଟୁର୍ନାମେଣ୍ଟକୁ ଭାରତରେ ଆୟୋଜନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଶା କରାଯାଉଥିଲା ଭାରତରେ ଏହି ଟୁର୍ନାମେଣ୍ଟ ଖେଳା ହେଲେ ଭାରତ ଗସ୍ତରେ ପାକିସ୍ତାନ ଆସିବ ଓ ଏହା ହେଲେ ଉଭୟ ଦେଶ ମଧ୍ୟରେ ଦୀର୍ଘ ଦିନରୁ ବନ୍ଦ ରହିଥିବା ଦ୍ୱିପାକ୍ଷିକ ସିରିଜ ଖେଳାଯିବା ପାଇଁ ପଥ ପରିଷ୍କାର ହେବ। ମାତ୍ର ପାକିସ୍ତାନ ସରକାର ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଭାରତରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟକୁ କୌଣସି ନିରପେକ୍ଷ ଭେନ୍ୟୁରେ ଖେଳାଯିବା ପାଇଁ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି)କୁ ଅନୁରୋଧ କରାଯିବା ପରେ ଏହି ବିବାଦର ପୂର୍ଣ୍ଣଚ୍ଛେଦ ପଡିଥିଲା। ପ୍ରତି ୨ବର୍ଷରେ ଥରେ ଖେଳାଯାଉଥିବା ଏହି ଏକଦିବସୀୟ ଟୁର୍ନାମେଣ୍ଟରେ ଏସିଆ ମହାଦେଶର ୬ଟି ଦେଶ ଅଂଶଗ୍ରହଣ କରିବେ। ଆଇସିସିର ପୂର୍ଣ୍ଣ ସଦସ୍ୟତା ପାଇଥିବା ୫ଟି ଟେଷ୍ଟ ଖେଳୁଥିବା ଦେଶ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ସହ ଏସିଆ କପ୍‌ର କ୍ୱାଲିଫାୟାର ଟୁର୍ନାମେଣ୍ଟ ଚାମ୍ପିୟନ ହଂକଂ ମଧ୍ୟ ଅଂଶଗ୍ରହଣ କରିବ। କ୍ୱାଲିଫାୟାର ବା ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚଗୁଡିକ ଭାରତରେ ଅଗଷ୍ଟ ୨୯ତାରିଖରୁ ସେପ୍ଟେମ୍ବର ମାସ ୬ତାରିଖ ପର୍ଯ୍ୟନ୍ତ ଖେଳାଯାଇଥିଲା। ଏହି ରାଉଣ୍ଡ ରବିନ୍ ଏବଂ ନକ୍ ଆଉଟ୍ ପର୍ଯ୍ୟାୟରେ ମୋଟ ୧୬ଟି ମ୍ୟାଚ୍ ଖେଳାଯାଇଥିଲା। ଏହି ଟୁର୍ନାମେଣ୍ଟରେ ହଂକଂ, ମାଲେସିଆ, ନେପାଳ, ଓମାନ, ସିଙ୍ଗାପୁର ଏବଂ ୟୁଏଇ ଅଂଶଗ୍ରହଣ କରିଥିଲେ ଓ ଶେଷରେ ହଂକଂ ଚାମ୍ପିୟନ ହୋଇ ଏସିଆ କପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି।

ଚଳିତ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ମୋଟ ୧୩ଟି ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ୬ଟି ଟିମ୍‌କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍-ଏ ରେ ଭାରତ, ପାକିସ୍ତାନ ଓ କ୍ୱାଲିଫାୟର ଟିମ୍ ସ୍ଥାନ ପାଇଥିବା ବେଳେ ଗ୍ରୁପ୍-ବି ରେ ଆଫଗାନିସ୍ତାନ, ବାଂଲାଦେଶ ଏବଂ ଶ୍ରୀଲଙ୍କା ସ୍ଥାନ ପାଇଛି। ଗ୍ରୁପ୍ ପର୍ଯ୍ୟାୟର ୨ଟି ମ୍ୟାଚ୍ ଆବୁଧାବି ଏବଂ ଦୁବାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ୍ ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ।

ପୂର୍ବରୁ ଖେଳାଯାଇଥିବା ୧୩ଟି ସଂସ୍କରଣ ମଧ୍ୟରୁ ଟିମ୍ ଇଣ୍ଡିଆ ସର୍ବାଧିକ ୬ଥର ଚମ୍ପିୟନ ହୋଇଥିବାବେଳେ ଶ୍ରୀଲଙ୍କା ୫ଥର ଏବଂ ପାକିସ୍ତାନ ୨ଥର ଟାଇଟଲ ହାସଲ କରିଛି। ଖେଳାଯାଇଥିବା ୧୩ଟି ସଂସ୍କରଣ ମଧ୍ୟରୁ ୧୨ଟି ସଂସ୍କରଣ ଏକଦିବସୀୟ ଫର୍ମାଟରେ ଖେଳାଯାଇ ଥିଲା। ତେବେ ୨୦୧୬ରେ ବାଂଲାଦେଶରେ ଖେଳାଯାଇଥିବା ଟୁର୍ନାମେଣ୍ଟ ଟି୨୦ ଫର୍ମାଟରେ ଖେଳାଯାଇଥିଲା। ୨୦୧୬ ଟି୨୦ ବିଶ୍ୱକପ୍‌କୁ ଆଖି ଆଗରେ ରଖି ଭାଗନେଇଥିବା ଦଳଗୁଡିକ ସର୍ବସମ୍ମତି କ୍ରମେ ଟି୨୦ ଫର୍ମାଟରେ ଖେଳିବାକୁ ରାଜି ହୋଇଥିଲେ। ଏଥିରେ ୫ଟି ଟିମ୍ ଭାଗନେଇଥିବା ବେଳେ ମୋଟ ୧୧ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବାଂଲାଦେଶରେ ପଞ୍ଚମଥର ପାଇଁ ଅନୁଷ୍ଠିତ ଏହି ଏସିଆକପ୍‌ରେ ଭାରତ ବାଂଲାଦେଶକୁ ଫାଇନାଲରେ ୮ ଉଇକେଟରେ ହରାଇ ୬ଷ୍ଠ ଥର ପାଇଁ ଚାମ୍ପିୟନ ହୋଇଥିଲା। ଭାରତ ୧୯୮୪, ୧୯୮୮, ୧୯୯୦, ୧୯୯୪, ୨୦୧୦ ଏବଂ ୨୦୧୬ରେ ଚାମ୍ପିୟନ ହୋଇଥିବାବେଳେ ଏସିଆ କପ୍‌ରେ ପାକିସ୍ତାନର ପ୍ରଦର୍ଶନ ଆଶାନୁରୂପ ହୋଇ ପାରିନାହିଁ। କିନ୍ତୁ ଏଥର ଏହି ଟୁର୍ନାମେଣ୍ଟରେ ଭାରତ ଓ ପାକିସ୍ତାନ ମ୍ୟାଚ ବେଶ୍ ପ୍ରତିଦ୍ୱନ୍ଦ୍ୱିତା ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

ସେହିପରି ଶ୍ରୀଲଙ୍କା ଦଳ ୧୯୮୬, ୧୯୯୮, ୨୦୦୪ ଏବଂ ୨୦୧୪ରେ ଚାମ୍ପିୟନ ହୋଇଥିବାବେଳେ ପାକିସ୍ତାନ ୨୦୧୦ ଏବଂ ୨୦୧୨ରେ ଟାଇଟଲ ହାସଲ କରିଥିଲା। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଟିମ୍ ଇଣ୍ଡିଆ ଏସିଆ କପରେ ଏପର୍ଯ୍ୟନ୍ତ ୪୮ଟି ମ୍ୟାଚ ଖେଳି ୩୧ଟିରେ ବିଜୟୀ ହୋଇଛି ଓ ୧୬ଟିରେ ପରାଜୟବରଣ କରିଛି। ଗୋଟିଏ ମ୍ୟାଚରୁ କୌଣସି ଫଳାଫଳ ମିଳିନାହିଁ। ଭାରତର ଜିତିବାର ହାର ୬୫.୯୫% । ୨୦୧୬ରେ ଖେଳାଯାଇଥିବା ସଂସ୍କରଣରେ ଭାରତ ଟି୨୦ ଫର୍ମାଟରେ ମୋଟ ୫ଟି ମ୍ୟାଚ ଖେଳି ସବୁଥିରେ ବିଜୟୀ ହୋଇଥିଲା। ୨୦୧୫ ମସିହାରେ ସିଙ୍ଗାପୁରଠାରେ ଅନୁଷ୍ଠିତ ଏସିସି ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ରୋଟେଶନ୍ ଭିତ୍ତିରେ ଖେଳାଯିବା ପାଇଁ ନିଷ୍ପତ୍ତି ହୋଇଛି।

ଭାରତ ୧୯୮୬ ମସିହାରେ ଏହି ଟୁର୍ନାମେଣ୍ଟରେ ଭାଗନେଇ ଥିବାବେଳେ ପାକିସ୍ତାନ ୧୯୯୦ରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇନଥିଲା ଏବଂ ରାଜନୈତିକ ଦ୍ୱନ୍ଦ୍ୱ ଯୋଗୁ ୧୯୯୩ ମସିହାରେ ଏହାକୁ ବାତିଲ କରାଯାଇଥିଲା। ଏସିଆ କପ୍‌ରେ ବାଂଲାଦେଶ ବିପକ୍ଷରେ ପାକିସ୍ତାନ ସର୍ବାଧିକ ସ୍କୋର କରିଥିଲା। ପାକିସ୍ତାନ ୭ ଉଇକେଟ ହରାଇ ୩୮୫ ରନ୍ କରି ସର୍ବାଧିକ ରନ ସ୍କୋର କରିବାରେ ଶୀର୍ଷରେ ରହିଛି। ସେହିପରି ଭାରତ ଏ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦ୍ୱିତୀୟ ସ୍ଥାନରେ ରହିଛି। ହଂକଂ ବିପକ୍ଷରେ ୪ ଉଇକେଟ ହରାଇ ଭାରତ ୩୭୪ ରନ୍ କରିଥିଲା ଓ ଏହା ଦ୍ୱିତୀୟ ସର୍ବାଧିକ ସ୍କୋର ବିବେଚିତ ହୋଇଛି। ଏହି ଟୁର୍ନାମେଣ୍ଟରେ ସର୍ବାଧିକ ୨୧ଥର ୩୦୦ରୁ ଊର୍ଦ୍ଧ୍ୱ ରନ୍ କରାଯାଇଛି। ସେହିପରି ସର୍ବନିମ୍ନ ସ୍କୋର ୮୭ ରନ୍ ବାଂଲାଦେଶ ରେକର୍ଡ କରାଯାଇଥିବାବେଳେ ୩ଥର ମଧ୍ୟ ୧୦୦ରୁ କମ୍ ରନ୍ କରିଛି। ଏଥିରେ ଏପର୍ଯ୍ୟନ୍ତ ୪୭ଟି ଶତକ ସ୍କୋର କରାଯାଇଥିବା ବେଳେ ୮୧ଟି ଅର୍ଦ୍ଧଶତକ ସ୍କୋର ହୋଇଛି। ଭାରତୀୟ ଅଧିନାୟକ ବିରାଟ କୋହଲି ସର୍ବାଧିକ ୧୧ଟି ମ୍ୟାଚ୍‌ରୁ ୧୦ଟି ଇନିଂସ ଖେଳି ସର୍ବାଧିକ ୬୧୩ ରନ୍ ସଂଗ୍ରହ କରିଛନ୍ତି। ତାଙ୍କର ସର୍ବାଧିକ ୩ଟି ଶତକ ରହିଥିବାବେଳେ ସର୍ବାଧିକ ରନ୍ ହେଉଛି ୧୮୩ । ସେହିପରି ଅନ୍ୟ ସଫଳ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ମହେନ୍ଦ୍ର ସିଂ ଧୋନୀ ଗୋଟିଏ ଶତକ ସହ ୫୭୧ ରନ୍ ସଂଗ୍ରହ କରିଛନ୍ତି। ଅପରାଜିତ ୧୦୯ ରନ ହେଉଛି ତାଙ୍କର ସର୍ବାଧିକ ସ୍କୋର। ସେହିପରି ସୁରେଶ ରାଇନା ୫୪୧ ରନ୍ ସଂଗ୍ରହ କରିଥିବା ବେଳେ ତାଙ୍କର ସର୍ବାଧିକ ସ୍କୋର ୧୧୬ ନଟ ଆଉଟ୍ ରହିଛି। ଏଥିରେ ଦୁଇଟି ଶତକ ସାମିଲ ରହିଛି। ସେହିପରି ଭାରତର ତାରକା ସ୍ପିନର ରବୀନ୍ଦ୍ର ଜାଡେଜା ୧୦ଟି ମ୍ୟାଚ୍ ଖେଳି ସର୍ବାଧିକ ୧୨ଟି ଉଇକେଟ ଅକ୍ତିଆର କରିଛନ୍ତି।

ଚଳିତ ଏସିଆ କପ୍‌ର କାର୍ଯ୍ୟସୂଚୀ ନେଇ ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ ନିଜର ଅସନ୍ତୋଷ ଜାହିର କରିଛନ୍ତି। ଭାରତ ୪୮ଘଣ୍ଟା ମଧ୍ୟରେ ୨ଟି ବ୍ୟାକ ଟୁ ବ୍ୟାକ ୫୦ ଓଭର ମ୍ୟାଚ ଖେଳିବାକୁ ରହିଥିବାରୁ ଖେଳାଳିମାନେ ଆଘାତ ପ୍ରାପ୍ତ ହେବାର ସମ୍ଭାବନା ରହିଛି ବୋଲି କହିଥିଲେ। ଅତ୍ୟଧିକ ତାପମାତ୍ରା ରହିଥିବା ଜଳବାୟୁରେ ଭାରତ କ୍ରମାଗତ ୨ଦିନରେ ୨ଟି ୫୦ ଓଭର ମ୍ୟାଚ ଖେଳିବ। ଖେଳାଳିମାନଙ୍କର ନିୟମ ଅନୁସାରେ ୪୮ ଘଣ୍ଟାରେ ବିଶ୍ରାମ ଆବଶ୍ୟକ ରହିଥାଏ। ତେଣୁ ଭାରତ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେବ ବୋଲି ସେହ୍ୱାଗ କହିଛନ୍ତି।

ଭାରତ ପକ୍ଷରୁ ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ତାରକା ଓପନର ରୋହିତ ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ପାକିସ୍ତାନର ନେତୃତ୍ୱ ନେବେ ସରଫରାଜ ଅହମ୍ମଦ, ଶ୍ରୀଲଙ୍କା ଅଧିନାୟକ ଦାୟିତ୍ୱରେ ରହିବେ ଦିନେଶ ଚଣ୍ଡିମଲ। ଆଫଗାନିସ୍ତାନର ନେତୃତ୍ୱ ନେବେ ଅସଗର ଷ୍ଟାନିକ୍‌ଜାଇ। ସେହିପରି ବାଂଲାଦେଶ ତରଫରୁ ଅଧିନାୟକ ଦାୟିତ୍ୱ ବହନ କରିବେ ମସରଫି ମୁରତାଜ। ବିସିସିଆଇ ପକ୍ଷରୁ ଏକ ୧୬ଜଣିଆ ଦଳ ଏସିଆକପ୍ ପାଇଁ ଘୋଷଣା କରାଯାଇଛି।



ଟିମ୍ ଇଣ୍ଡିଆ ତାରକା ଖେଳାଳି।

## କାର୍ଯ୍ୟସୂଚୀ

(ସବୁ ମ୍ୟାଚ୍ ସନ୍ଧ୍ୟା ୫ଟାରୁ ଆରମ୍ଭ)

**ଗ୍ରୁପ୍ ଏ':** ହଂକଂ, ଭାରତ, ପାକିସ୍ତାନ

**ଗ୍ରୁପ୍ ବି':** ଆଫଗାନିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା

| | |
|---|---|
| **ଗ୍ରୁପ୍ ପର୍ଯ୍ୟାୟ** | |
| ସେପ୍ଟେମ୍ବର ୧୫ | ବାଂଲାଦେଶ– ଶ୍ରୀଲଙ୍କା (ଦୁବାଇ) |
| ସେପ୍ଟେମ୍ବର ୧୬ | ପାକିସ୍ତାନ– ହଂକଂ(ଦୁବାଇ) |
| ସେପ୍ଟେମ୍ବର ୧୭ | ଶ୍ରୀଲଙ୍କା– ଆଫଗାନିସ୍ତାନ (ଆବୁଧାବି) |
| ସେପ୍ଟେମ୍ବର ୧୮ | ଭାରତ– ହଂକଂ (ଦୁବାଇ) |
| ସେପ୍ଟେମ୍ବର ୧୯ | ଭାରତ– ପାକିସ୍ତାନ (ଦୁବାଇ) |
| ସେପ୍ଟେମ୍ବର ୨୦ | ବାଂଲାଦେଶ– ଆଫଗାନିସ୍ତାନ (ଆବୁଧାବି) |
| **ସୁପର ଫୋର ପର୍ଯ୍ୟାୟ** | |
| ସେପ୍ଟେମ୍ବର ୨୧ | ଗ୍ରୁପ୍ ଏ' ବିଜେତା– ଗ୍ରୁପ୍ ବି' ଉପବିଜେତା (ଦୁବାଇ) |
| ସେପ୍ଟେମ୍ବର ୨୧ | ଗ୍ରୁପ୍ ବି' ବିଜେତା– ଗ୍ରୁପ୍ ଏ' ଉପବିଜେତା(ଆବୁଧାବି) |
| ସେପ୍ଟେମ୍ବର ୨୩ | ଗ୍ରୁପ୍ ଏ' ବିଜେତା– ଗ୍ରୁପ୍ ଏ' ଉପବିଜେତା (ଦୁବାଇ) |
| ସେପ୍ଟେମ୍ବର ୨୩ | ଗ୍ରୁପ ବି' ବିଜେତା– ଗ୍ରୁପ୍ ବି' ଉପବିଜେତା (ଆବୁଧାବି) |
| ସେପ୍ଟେମ୍ବର ୨୫ | ଗ୍ରୁପ ଏ' ବିଜେତା– ଗ୍ରୁପ ବି' ବିଜେତା (ଦୁବାଇ) |
| ସେପ୍ଟେମ୍ବର ୨୬ | ଗ୍ରୁପ ଏ ଉପବିଜେତା– ଗ୍ରୁପ୍ ବି ଉପବିଜେତା (ଆବୁଧାବି) |
| **ଫାଇନାଲ** | |
| ସେପ୍ଟେମ୍ବର ୨୮ | ଟାଇଟଲ ମୁକାବିଲା (ଦୁବାଇ) |

### ଭାରତୀୟ ଦଳ

ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ (ଉପ-ଅଧିନାୟକ), ଲୋକେଶ ରାହୁଲ୍, ମହେନ୍ଦ୍ର ସିଂ ଧୋନି (ଉଇକେଟ କିପର), ମନୀଷ ପାଣ୍ଡେ, କେଦାର ଯାଦବ, ଅମ୍ବାତି ରାଇଡୁ, ହାର୍ଦ୍ଦିକ ପାଣ୍ଡ୍ୟା, ଦୀନେଶ କାର୍ତ୍ତିକ, ୟୁଜବେନ୍ଦ୍ର ଚହଲ୍, କୁଲଦୀପ ଯାଦବ, ଅକ୍ଷର ପଟେଲ୍, ଜସ୍‌ପ୍ରୀତ ବୁମରା, ଭୁବନେଶ୍ୱର କୁମାର, ସାର୍ଦ୍ଦୁଳ ଠାକୁର ଓ ଖଲିଲ୍ ଅହମ୍ମଦ୍।

---

## ପରଫରମାନ୍ସ

ଇଂଲଣ୍ଡରେ ଲଣ୍ଡା ହୋଇ ଟିମ୍ ଟୋକା
ବିରାଟ ନମ୍ବର ୱାନ୍
ଟେଷ୍ଟ ର୍‍ୟାଙ୍କିଙ୍ଗରେ ଶୀର୍ଷରେ ରହିଛି
କେଡ଼େ ଭାଗ୍ୟ ଟାଣ ଧନ
କୋହଲି- ଅନୁଷ୍କା ଦିନ
ମାଟିକୁ ଛୁଇଁଲେ ସୁନା ହୋଇଯାଏ
ଅମାରେ ଦେଖନ୍ତି ଜହ୍ନ।।।୧



ଇଂଲଣ୍ଡଠୁଁ ୪-୧ରେ ହାରିକି
ଇଣ୍ଡିଆ ବି ଏକ ଭାଇ
ଏକଶ ପନ୍ଦର ପଏଣ୍ଟରେ ଆଗ
ସାଉଥ ଆଫ୍ରିକା ଦୁଇ
ତିନିରେ କଙ୍ଗାରୁ ଥାଇ
ପୂରବ ର୍‍ୟାଙ୍କିଙ୍ଗ୍ ସହିତ ସିହଂମ
ରିଟର୍ନ କରିବ ସେହି।।।। ୨

ଭାରତୀୟ ଲେଡି କ୍ରିକେଟ ଟିମ୍‌ର
ଝୁଲଣ, ମିତାଲି ନୂଆ
କୀର୍ତ୍ତିମାନ ରଚି ରେକର୍ଡରେ ଫାଷ୍ଟ
ଦେଖିବୁ ଶ୍ରୀଲଙ୍କା ଯାଆ
ଫର୍‌ଫର୍‌ମାନ୍ସ ସହ ବା...
ଲକ ଟାଣଥିଲେ ପଛକୁ ଫେରେନି
ଲୋକ, ନାଉରିଆ, ନାଆ।।। ୩

–ସୁବାସ ଚନ୍ଦ୍ର ପ୍ରଧାନ

---

# ଉଦୀୟମାନ ଓସାକା

**ଜାପାନାର ପ୍ରଥମ ଖେଳାଳି ଭାବେ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ୨୦ ବର୍ଷୀୟା ନାଓମି ଓସାକା ଇତିହାସ ସୃଷ୍ଟି କରିଛନ୍ତି। ୟୁଏସ୍ ଓପନ୍ ଫାଇନାଲରେ ଅଭିଜ୍ଞ ସେରେନା ୱିଲିୟମ୍ସଙ୍କ ଭଳି ଖେଳାଳିଙ୍କୁ ଚକ୍‌ମା ଦେଇଥିବାରୁ ଏହି ବିଜୟ ବେଶ୍ ଗୁରୁତ୍ୱ ବହନ କରୁଛି। ଆଗକୁ ତାଙ୍କର ଲମ୍ବା ଭବିଷ୍ୟତ ରହିଛି ଓ ସେ ବିଶ୍ୱ ଟେନିସରେ ନିଜର ଶ୍ରେଷ୍ଠତ୍ୱ ପ୍ରମାଣ କରିବେ ବୋଲି ଆଶା କରାଯାଉଛି...**

ଜାପାନର ନାଓମି ଓସାକା ଏବେ ବିଶ୍ୱ ଟେନିସର ସବୁଠାରୁ ଚର୍ଚ୍ଚିତ ଖେଳାଳି। ମାତ୍ର ୨୦ ବର୍ଷ ବୟସରେ ସେ ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଟୁର୍ନାମେଣ୍ଟ ଜିତି ନିଜ ପ୍ରତିଭା ଓ ଦକ୍ଷତାର ପ୍ରମାଣ ଦେଇଛନ୍ତି। ପୁଣି ପ୍ରଥମ ଜାପାନ ଖେଳାଳିଭାବେ ସେ ଗ୍ରାଣ୍ଡସ୍ଲାମ ଜିତି ଇତିହାସ ସୃଷ୍ଟି କରିବା ସହ ସାରା ବିଶ୍ୱର ଦୃଷ୍ଟିଆକର୍ଷଣ କରିଛନ୍ତି। ୟୁଏସ୍ ଓପନ ଫାଇନାଲ ମ୍ୟାଚରେ ସେ ଅଭିଜ୍ଞ ଆମେରିକୀୟ ତାରକା ତଥା ହଟ୍ ଫେଭରାଇଟ ସେରେନା ୱିଲିୟମ୍ସଙ୍କୁ ୬-୨, ୬-୪ ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଓସାକାଙ୍କ ଏହି ବିଜୟ ଅସାଧାରଣ ଥିଲା। ଫାଇନାଲ ମ୍ୟାଚରେ ବେଶ୍ ବିବାଦ ସୃଷ୍ଟି ହୋଇଥିଲେ ମଧ୍ୟ ସେ ବିଚଳିତ ନ ହୋଇ ନିଜର ସ୍ୱାଭାବିକ ଖେଳ ପ୍ରଦର୍ଶନ କରି ସେରେନାଙ୍କୁ ଚକ୍‌ମା ଦେଇଥିଲେ। ଅବଶ୍ୟ ସେରେନା ଏହି ବିବାଦ ସୃଷ୍ଟି କରିଥିଲେ। କୌଣସି ୟୁରୋପୀୟ, ଆମେରିକୀୟ କିମ୍ବା ଲାଟିନ ଆମେରିକୀୟ ଖେଳାଳି ଏତେ କମ୍ ବୟସରେ ଗ୍ରାଣ୍ଡସ୍ଲାମ ଜିତିବା କିଛି ନୂଆ କଥା ନୁହଁ। କିନ୍ତୁ ଜଣେ ଜାପାନ ତଥା ଏସୀୟ ଖେଳାଳିଭାବେ ଏହି ସଫଳତା ପାଇବା ନିଶ୍ଚିତ ଭାବେ ପ୍ରଶଂସାଯୋଗ୍ୟ। ଗ୍ରାଣ୍ଡସ୍ଲାମ ବିଜୟ ପରେ ଓସାକାଙ୍କ ନିକଟକୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ସେରେନାଙ୍କଠାରୁ ୧୬ ବର୍ଷ ଛୋଟ ହୋଇଥିଲେ ମଧ୍ୟ ଓସାକା ଅତି ସହଜରେ ଫାଇନାଲରେ ବିଜୟୀ ହୋଇଥିଲେ। ଏହି ସଫଳତା ସହ ସେ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗର ୭ ନମ୍ବର ସ୍ଥାନକୁ ଉଠିଛନ୍ତି। ୟୁଏସ୍ ଓପନ ବିଜୟ ପରେ ସେ ବେଶ୍ ଖୁସି ଜାହିର କରିଥିଲେ।

ଜାପାନାରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଓସାକା ନ୍ୟୁୟର୍କରେ ପ୍ରତିପାଳିତ ହୋଇଛନ୍ତି। ମା' ତାଙ୍କର ଜାପାନୀ ହୋଇଥିଲେ ମଧ୍ୟ ବାପା ହେଉଛନ୍ତି ହାଇତିର ନାଗରିକ। ସେ ହାଇତି କିମ୍ବା ଆମେରିକା ତରଫରୁ ପ୍ରତିନିଧିତ୍ୱ କରିପାରିଥାନ୍ତେ। ତେବେ ଶେଷରେ ସେ ଜାପାନ ତରଫରୁ ବିଶ୍ୱ ଟେନିସ୍‌ରେ ପ୍ରତିନିଧିତ୍ୱ କରିବାକୁ ନିଷ୍ପତ୍ତି ନେଇଥିଲେ। ଓସାକା ଏବେ ଫ୍ଲୋରିଡାରେ ରହୁଛନ୍ତି। ଓସାକା ଜାପାନ ଟେନିସ ଆସୋସିଏଶନରୁ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୩ ସେପ୍ଟେମ୍ବରରେ ସେ ପୋସାଦାର ଟେନିସରେ ସାମିଲ ହୋଇଥିଲେ ଓ ୨୦୧୪ରେ ସେ ଡବ୍ଲ୍ୟୁଟିଏ ଟୁର ଟେନିସ୍‌ରେ ପଦାର୍ପଣ କରିଥିଲେ। ୨୦୧୧ ବ୍ୟାଙ୍କ ଅଫ୍ ୱେଷ୍ଟ କ୍ଲାସିକ ଟୁର୍ନାମେଣ୍ଟରେ ୟୁଏସ୍ ଓପନ ଚାମ୍ପିୟନ ତଥା ଅଭିଜ୍ଞ ଅଷ୍ଟ୍ରେଲିଆ ଖେଳାଳି ସାମନ୍ଥା ଷ୍ଟୋସୁରଙ୍କୁ ଅଢେଇ ଘଣ୍ଟାରେ ପରାସ୍ତ କରି ସେତେବେଳେ ସେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏହା ପରଠାରୁ ସେ ପଛକୁ ଫେରି ଚାହିଁନାହାନ୍ତି। ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ସେ ବେଶ୍ ସକ୍ରିୟ ରହିଛନ୍ତି। ଚଳିତ ବର୍ଷ ସେ ୪ଟି ଯାକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଗ୍ରାଣ୍ଡସ୍ଲାମ ପଦାର୍ପଣରେ ସେ ଅଷ୍ଟ୍ରେଲିଆନ ଓପନରେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ଏହାପରେ ସେ ଫ୍ରେଞ୍ଚ ଓପନରେ ତୃତୀୟ ରାଉଣ୍ଡ, ୱିମ୍ବେଲଡନରେ ତୃତୀୟ ରାଉଣ୍ଡରୁ ବିଦାୟ ନେଇଥିଲେ ମଧ୍ୟ ଶେଷ ଗ୍ରାଣ୍ଡସ୍ଲାମ୍ ୟୁଏସ୍ ଓପନ୍‌ରେ ବାଜି ମାରିଛନ୍ତି। ଦୁଇଟି ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଥିବା ଓସାକା ଡବଲ୍ସରେ ସେତେଟା ସଫଳ ହୋଇପାରି ନାହାନ୍ତି। ଏପର୍ଯ୍ୟନ୍ତ ୪ଜଣ କୋଚ୍‌ଙ୍କ ତତ୍ତ୍ୱାବଧାନରେ ସେ ପ୍ରଶିକ୍ଷଣ ନେଇଛନ୍ତି। ସେ ପାଟ୍ରିକ ତଉମା, ପୂର୍ବତନ ଆମେରିକୀୟ ପେସାଦାର ଟେନିସ ଖେଳାଳି ହାରୋଲ୍ଡ ସୋଲୋମୋନ, ଡେଭିଡ ଟେଲର ଓ ସାସ୍‌ଚା ବାଜିନଙ୍କ ଠାରୁ ପ୍ରଶିକ୍ଷଣ ନେଇଛନ୍ତି। ଉଭୟ ଜାପାନ ଓ ଆମେରିକାର ନାଗରିକତ୍ୱ ହାସଲ କରିଥିବା ଓସାକା ଜାପାନୀ ଭାଷାରେ ଭଲ ଭାବେ କଥା ହୋଇ ପାରନ୍ତି ନାହିଁ। ଓସାକା ଫେଡ କପ୍ ଓ ହପମାନ କପ୍‌ରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଓସାକାଙ୍କ ମା' ହାଇତିର ଜଣେ କୃଷ୍ଣକାୟ ବ୍ୟକ୍ତିଙ୍କୁ ବାହା ହୋଇଥିଲେ। ଏଥି ପାଇଁ ସେ ତାଙ୍କ ପରିବାର ସହ ୧୦ ବର୍ଷ ସମ୍ପର୍କ ରଖି ନ ଥିଲେ। ଜାପାନକୁ ଗଲେ ଲୋକେ ମୋତେ ଦେଖି ଦ୍ୱନ୍ଦ୍ୱରେ ପଡନ୍ତି। ସେମାନେ ଜଣେ କଳା ଝିଅକୁ ଗ୍ରହଣ କରିବରେ କୁଣ୍ଠିତ ଥାନ୍ତି। ଓସାକାଙ୍କ ଭଉଣୀ ମାରି ମଧ୍ୟ ଜଣେ ପେସାଦାର ଟେନିସ ଖେଳାଳି। ସାଥୀ ହୋଇ ଦୁଇ ଭଉଣୀ ଡବଲ୍ସ ଖେଳିଥାନ୍ତି। ୩ ବର୍ଷ ହୋଇଥିବା ବେଳେ ଓସାକା ପରିବାର ସହ ଆମେରିକା ଚାଲିଯାଇଥିଲେ। ଏବେ ସେ ଫ୍ଲୋରିଡାରେ ରହୁଛନ୍ତି। ୨୦ ବର୍ଷରେ ପଦାର୍ପଣ କରିଥିବାରୁ ଓସାକାଙ୍କ ଆଗରେ ଲମ୍ବା ଭବିଷ୍ୟତ ରହିଛି। ଦକ୍ଷତା, ପ୍ରତିଭା, କଠିନ ପରିଶ୍ରମ କରିବାର ଇଚ୍ଛା ପାଖରେ ଥିବାରୁ ତାଙ୍କୁ ମହିଳା ଟେନିସ୍‌ର ଡାର୍କ ହର୍ସ କୁହାଯାଉଛି। ଭବିଷ୍ୟତରେ ସେ ସେରେନାଙ୍କ ଭଳି ସଫଳତା ହାସଲ କରିବେ ବୋଲି ଜୋର ଦେଇ କୁହାଯାଇ ପାରେ।

### ସଂକ୍ଷେପରେ...

- ପୂରା ନାମ: ନାଓମି ଓସାକା
- ଦେଶ : ଜାପାନ
- ବର୍ଷ: ୨୦ ବର୍ଷ
- ଉଚ୍ଚତା: ୫ ଫୁଟ ୧୧ ଇଞ୍ଚ୍
- ଖେଳିବା ଶୈଳୀ: ଡାହାଣହାତୀ ( ଟୁ ହ୍ୟାଣ୍ଡେଡ ବ୍ୟାକ ହ୍ୟାଣ୍ଡ)
- ଡବ୍ଲ୍ୟୁଟିଏ: ୨ଟି ଟାଇଟଲ
- ଗ୍ରାଣ୍ଡସ୍ଲାମ: ଗୋଟିଏ (ୟୁଏସ୍ ଓପନ) ଟାଇଟଲ



“ ରୁଷିଆରେ ତୈଳ ଓ ବାଷ୍ପ କ୍ଷେତ୍ର ସନ୍ଧାନ କରିବା ପାଇଁ ଦେଶର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପ୍ରୟାସ କରୁଛନ୍ତି।
– ଧର୍ମେନ୍ଦ୍ର ପ୍ରଧାନ, ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ



“ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ଦୁର୍ନୀତି ନିବାରଣ ଅଧିକାରୀଙ୍କୁ ଆସନ୍ତା ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର ଉର୍ଜିତ ପଟେଲ୍ ଦୁର୍ନୀତି ବିରୋଧୀ ପାଠ ପଢ଼ାଇବେ।
– କେ.ଭି. ଚୌଧୁରୀ, ସିଭିସି



**ସଂକ୍ଷେପରେ**

## ଦିଲ୍ଲୀରେ ପେଟ୍ରୋଲ ୮୧ ଟଙ୍କା

ନୂଆଦିଲ୍ଲୀ,୧୩-୯: ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି କ୍ରମାଗତ ଜାରି ରହିଛି। ଗୁରୁବାର ଦିଲ୍ଲୀ ଓ ମୁମ୍ବାଇରେ ପେଟ୍ରୋଲ ୧୩ ପଇସା ଏବଂ ଡିଜେଲ ୧୧ ପଇସା ମହଙ୍ଗା ହୋଇଛି। ଫଳରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୧ ଟଙ୍କାରେ ପହଞ୍ଚିଯାଇଛି। ସେହିପରି ଡିଜେଲ ଲିଟର ପିଛା ୭୩.୦୮ ଟଙ୍କା ହୋଇଛି। ଅନୁରୂପ ଭାବେ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୮୮.୮୯ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୭.୫୮ ଟଙ୍କାରେ ବିକ୍ରି ହେଉଛି। ଟଙ୍କାର ମୂଲ୍ୟ ହ୍ରାସର ପ୍ରଭାବ ତେଲ ଦର ଉପରେ ପଡୁଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ‘ଉନ୍ନତ ଗଭର୍ନାନ୍ସ ଲାଗି ସିଏସ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’



ଭୁବନେଶ୍ୱର,୧୩-୯: ଉନ୍ନତ ଗଭର୍ନାନ୍ସ ଲାଗି କମ୍ପାନୀ ସେକ୍ରେଟାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କର୍ପୋରେଟଗୁଡ଼ିକର ଅଭିବୃଦ୍ଧି ଭଳି ପ୍ରମୁଖ ପ୍ରସଙ୍ଗକୁ ବିଚାର କରିଲେ ଏହାର ପ୍ରତି କ୍ଷେତ୍ରରେ ସ୍ୱଚ୍ଛତା ଉପରେ କାର୍ଯ୍ୟ କରାଯିବା ଆବଶ୍ୟକ। ରାଜ୍ୟର ଗଭର୍ନାନ୍ସ କ୍ଷେତ୍ରରେ ସିଏସ୍‌ମାନେ ଯୋଗ ଦାନ ରଖି ପାରିବେ। ସ୍ଥାନୀୟ ବିଜୁ ନାଟ୍ୟ କେନ୍ଦ୍ରଠାରେ ଆୟୋଜିତ ଦି ଇନଷ୍ଟିଚ୍ୟୁଟ ଅଫ କମ୍ପାନୀ ସେକ୍ରେଟାରୀ(ଆଇସିଏସଆଇ) ଭୁବନେଶ୍ୱର ଚାପ୍ଟରର ୩୭ ତମ ପ୍ରତିଷ୍ଠା ଦିବସରେ ଯୋଗ ଦେଇ ରାଜ୍ୟ ଅର୍ଥମନ୍ତ୍ରୀ ଶଶି ଭୂଷଣ ବେହେରା ଏହା କହିଛନ୍ତି। ଆଇସିଏସଆଇ ପ୍ରଫେଶନାଲ ବଡି ମେକ୍ ଇନ୍ ଓଡିଶା କନକ୍ଲେଭ ପରିଦର୍ଶନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ନିକଟରେ ଆଇସିଏସ୍‌ଆଇ ଭୁବନେଶ୍ୱରରେ ଏହାର ୪୬ତମ ଜାତୀୟ ଅଧିବେଶନ ଆୟୋଜନ କରିଥିବାରୁ ଏହାର ସେ ପ୍ରଶଂସା କରିଛନ୍ତି। ଏହି ଅବସରରେ ଚାପ୍ଟରର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ସ୍ଥାପନ ହେବ ୧୪ ଜାତୀୟ ନିଯୁକ୍ତି ଜୋନ୍

ନୂଆଦିଲ୍ଲୀ, ୧୩-୯

- ସୃଷ୍ଟିହେବ ୧ କୋଟି ନିଯୁକ୍ତି ସୁଯୋଗ
- ଖର୍ଚ୍ଚ ହେବ ୧ ଲକ୍ଷ କୋଟି
- ଶ୍ରମଶକ୍ତି ଭିତ୍ତିକ ଶିଳ୍ପକୁ ମିଳିବ ପ୍ରାଧାନ୍ୟ
- ସ୍ଥାପନ ହେବ ୩୫ ଇଣ୍ଡଷ୍ଟ୍ରିଆଲ୍ କ୍ଲଷ୍ଟର




ଆଗାମୀ ତିନିବର୍ଷ ମଧ୍ୟରେ ଦେଶର ୧ କୋଟି ଯୁବତୀଯୁବକଙ୍କ ପାଇଁ କେନ୍ଦ୍ର ସରକାର ନିଯୁକ୍ତ ସୁଯୋଗ ସୃଷ୍ଟି କରିବେ। ଏହି ଲକ୍ଷ୍ୟ ହାସଲ କରିବା ସକାଶେ ଦେଶର ବିଭିନ୍ନ ପ୍ରାନ୍ତରେ ଜାତୀୟ ନିଯୁକ୍ତି ଜୋନ୍ ସ୍ଥାପନ କରାଯିବ। ଏ ବାବଦ ୧ ଲକ୍ଷ କୋଟି ଟଙ୍କାର ନିବେଶ ଯୋଜନା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ସରକାରଙ୍କ ଏହି ଚିନ୍ତାଧାରାକୁ ବାସ୍ତବ ରୂପ ଦେବା ପାଇଁ ଜାହାଜ ମନ୍ତ୍ରଣାଳୟ ଏବଂ ନୀତି ଆୟୋଗ ମଧ୍ୟରେ ଆଲୋଚନା ଚାଲିଛି। ସୂତ୍ରରୁ ମିଳିଥିବା ଖବର ଅନୁସାରେ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଯୋଜନାକୁ ନେଇ କାର୍ଯ୍ୟାଧାରା ଆରମ୍ଭ ହେବ।

ଜଣେ ସରକାରୀ ଅଧିକାରୀଙ୍କ କହିବା ଅନୁସାରେ, ଏହି ଜାତୀୟ ନିଯୁକ୍ତି ଜୋନ୍‌ରେ ଟିକସ ଛାଡ଼, ପୁଞ୍ଜି ସହାୟତା, ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ଆଦି ବିଭିନ୍ନ ସୁବିଧା କରାଯିବ। ଦେଶର ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ପ୍ରାଥମିକ ପର୍ଯ୍ୟାୟରେ ଏହିଭଳି ୧୪ଟି ଜାତୀୟ ନିଯୁକ୍ତି ଜୋନ୍ ସ୍ଥାପନ କରିବା ପାଇଁ ପ୍ରସ୍ତାବ ରହିଛି। ଏହି ଜୋନ୍ ଅନ୍ତର୍ଗତ ୩୫ଟି ଇଣ୍ଡଷ୍ଟ୍ରିଆଲ୍ କ୍ଲଷ୍ଟର ରହିବ। ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ, ସିମେଣ୍ଟ, ଆସବାବପତ୍ରଠାରୁ ଆରମ୍ଭ କରି ଇଲେକ୍‌ଟ୍ରୋନିକ୍ ଉତ୍ପାଦନ ନିର୍ମାଣ ଆଧାରିତ କ୍ଲଷ୍ଟର ତିଆରି କରାଯିବ। ଯେଉଁ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟିହେବ ସେହିଭଳି କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯିବ। ଏହାକୁ ନେଇ ଜାହାଜ ମନ୍ତ୍ରଣାଳୟ ଏକ୍ସପେଣ୍ଡିଚର ଫାଇନାନ୍ସ କମିଟିର ମଞ୍ଜୁରୀ ଲୋଡ଼ିଛି। ଏହାପରେ ବିଭିନ୍ନ ଆନ୍ତଃମନ୍ତ୍ରଣାଳୟ ପରାମର୍ଶ ଆବଶ୍ୟକ ପଡ଼ିବ। ପ୍ରାଥମିକ ପର୍ଯ୍ୟାୟରେ ୧ ଲକ୍ଷ କୋଟି ଟଙ୍କା ପୁଞ୍ଜି ବିନିଯୋଗ ପାଇଁ ଆକଳନ କରାଯାଇଛି। ପ୍ରତି ଜୋନ୍ ପାଇଁ ୨୦୦୦ ଏକର ଲେଖାଏ ଜମି ଆବଶ୍ୟକ ପଡ଼ିବ ବୋଲି ଅଧିକାରୀ ଜଣକ କହିଛନ୍ତି।

# ଭୁବନେଶ୍ୱରରେ ଖୋଲିଲା ‘କଲିକତା ଫ୍ୟାଶନ ବଜାର’



ଭୁବନେଶ୍ୱର,୧୩-୯(ବ୍ୟୁରୋ)

କଲିକତା ଭିତ୍ତିକ ରିଟେଲ୍ ଶୋ’ରୁମ୍ ଚେନ୍ ଅମ୍ରିତା ରିଟେଲ୍ସ ଭୁବନେଶ୍ୱରସ୍ଥିତ କଳ୍ପନା ଛକଠାରେ ଏହାର ତୃତୀୟ ଶୋ’ରୁମ୍ ‘କଲିକତା ଫ୍ୟାଶନ ବଜାର’ ଉଦ୍‌ଘାଟନ କରିଛି। ପୂର୍ବରୁ ଢେଙ୍କାନାଳ ଓ କଟକରେ ଗୋଟିଏ ଲେଖାଏ ଶୋ’ରୁମ୍ ରହିଥିବା ବେଳେ ଭୁବନେଶ୍ୱରରେ ସଦ୍ୟ ଉନ୍ମୋଚିତ ଶୋ’ରୁମ୍‌କୁ ମିଶାଇ ପୂର୍ବଭାରତରେ ଏହି ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ଗୁରୁବାର ଗଣେଶ ପୂଜା ଅବସରରେ ଭୁବନେଶ୍ୱର ଶୋ’ରୁମ୍‌ର ଉଦ୍‌ଘାଟନ ଅବସରରେ ଅମ୍ରିତା ରିଟେଲ୍‌ସର ସିଏମ୍‌ଡି ଗୌରୀ ଶଙ୍କର ଗୋଏଙ୍କା ସୂଚନା ଦେଇ କହିଛନ୍ତି, ଏହି କମ୍ପାନୀ ୨୦୧୬ ମସିହାରେ ଆରମ୍ଭ ହୋଇଥିଲା। ମଧ୍ୟବିତ୍ତ ପରିବାରକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାର ରେଡିମେଡ୍ ପୋଷାକ ଏବଂ ଶାଢ଼ି ଏଠାରେ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ବର୍ତ୍ତମାନ କମ୍ପାନୀ ପୂର୍ବଭାରତରେ ନିଜର ସ୍ଥିତି ସଂପ୍ରସାରଣ କରୁଥିବାବେଳେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆଉ ୭ ରୁ ୮ଟି ଶୋ’ରୁମ୍ ଖୋଲିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ୪ରୁ ୫ଟି ଶୋ’ରୁମ୍ ଓଡିଶାରେ ଖୋଲିବା ପାଇଁ ଯୋଜନା ରହିଛି ବୋଲି ଗୋଏଙ୍କା ପ୍ରକାଶ କରିଛନ୍ତି। ରେଡିମେଡ୍ ଶାର୍ଟ ଏବଂ ଶାଢ଼ି ପାଇଁ କଲିକତାରେ ଏହାର ଦୁଇଟି ମାନୁଫାକ୍ଚରିଂ ୟୁନିଟ୍ ମଧ୍ୟ ରହିଛି।

ବର୍ତ୍ତମାନର ପାର୍ବଣ ସମୟକୁ ଦୃଷ୍ଟିରେ ରଖି କଲିକତା ଫ୍ୟାଶନ ବଜାରରେ ୫୯୯ ଟଙ୍କା କ୍ରୟରେ ଲକି ଡ୍ର କୁପନ, ୧୫୦୦ ଟଙ୍କା କ୍ରୟରେ ଲଞ୍ଚ୍ ବକ୍ସ, ୩୦୦୦ ଟଙ୍କା କ୍ରୟରେ ସର୍ଭିଂ ସେଟ୍, ୫୦୦୦ ଟଙ୍କା କ୍ରୟରେ ବ୍ୟାଗ୍ ଏବଂ ୧୦୦୦୦ ଟଙ୍କା କ୍ରୟରେ ଡିନର ସେଟ୍ ମାଗଣାରେ ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ। ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ ମନୀଷ ତୁଳସ୍ୟାନ, ନିଦେଶ ଗୋଏଙ୍କା, ନୀତିନ୍ ଗୋଏଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ୟୁନିୟନ ବ୍ୟାଙ୍କର ସ୍ୱଚ୍ଛତା ପକ୍ଷ

ଭୁବନେଶ୍ୱର,୧୩-୯




ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ବ୍ୟାଙ୍କର ଉପମହାପ୍ରବନ୍ଧକ ଆର୍.ଏଲ୍. ମିନାଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫୦ ଜଣ କର୍ମଚାରୀ ଯୋଗ ଦେଇଥିଲେ। ବ୍ୟାଙ୍କର ‘ଦେଶ ବନାଏଙ୍ଗେ ସ୍ୱଚ୍ଛ ହମାରା’ ସ୍ଲୋଗାନ ଲୋକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା। ଭୁବନେଶ୍ୱର ମୁଖ୍ୟ ଶାଖାର ସହାୟକ ମହାପ୍ରବନ୍ଧକ ଜି.ବି. ମିଶ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ସହାୟକ ମହାପ୍ରବନ୍ଧକ ବିନୟ କୁମାର ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ୟୁକୋ ବ୍ୟାଙ୍କର ସ୍ୱାସ୍ଥ୍ୟ ବୀମା ଶିବିର

ଭୁବନେଶ୍ୱର,୧୩-୯

ୟୁକୋ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକଙ୍କ ଲାଗି ଏକ ସ୍ୱାସ୍ଥ୍ୟ ବୀମା ଶିବିର ଅନୁଷ୍ଠିତ ହୋଇଯାଇଛି। ୟୁକୋ ବ୍ୟାଙ୍କ ଅବସରପ୍ରାପ୍ତ ଅଫିସର୍ସ ସଂଘ ଏବଂ ଆମ୍ରି ହସ୍ପିଟାଲର ମିଳିତ ପ୍ରଚେଷ୍ଟାରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଆମ୍ରି ହସ୍ପିଟାଲ ପକ୍ଷରୁ ଡ. ରଞ୍ଜିତ କୁମାର ଉଦଘାଟନ କରିଥିଲେ। ୬୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏହି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥିରେ ଏକ ସ୍ୱାସ୍ଥ୍ୟ ବୀମା ସଚେତନତା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ପରବର୍ତ୍ତୀ ପିଢ଼ିର ଆର୍‌ଓ ପ୍ୟୁରିଫାୟର ଆଣିଲା କେଣ୍ଟ

ଭୁବନେଶ୍ୱର,୧୩-୯


ମହେଶ ଗୁପ୍ତା

ୱାଟର ପ୍ୟୁରିଫାୟର ବର୍ଗରେ ପ୍ରମୁଖ କମ୍ପାନୀ କେଣ୍ଟ ଆର୍‌ଓ ସିଷ୍ଟମ୍‌ସ ଲିମିଟେଡ୍ ପକ୍ଷରୁ ପରବର୍ତ୍ତୀ ପିଢିର ଆର୍‌ଓ ପ୍ୟୁରିଫାୟର ବଜାରକୁ ଆସିଛି। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେଣ୍ଟ ଆର୍‌ଓର ଅଧ୍ୟକ୍ଷ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ମହେଶ ଗୁପ୍ତା ଏହାର ବଜାର ପ୍ରବେଶ କରାଇଛନ୍ତି। କମ୍ପାନୀ ଏହି ବର୍ଗରେ ୪ ନୂଆ ପ୍ରଡକ୍ଟକୁ ବଜାରକୁ ଆଣିଛି। ଏହାର ଷ୍ଟୋରେଜ ଟ୍ୟାଙ୍କରେ ୟୁଭି ପ୍ରୋଟେକ୍ସନ ବୈଶିଷ୍ଟ୍ୟ ରହିଛି। ସେହିଭଳି ପ୍ୟୁରିଫାୟରଗୁଡ଼ିକରେ ରିୟଲ ଟାଇମ୍ ଡିଜିଟାଲ ଡିସ୍ପଲେ ଅଫ୍ ପ୍ୟୁରିଟି ସଂଯୋଗ ହୋଇଛି। ଏହା ଫିଲ୍‌ଟର ଲାଇଫ୍‌ର ସନ୍ତୁଳନ, ସ୍ୱଚ୍ଛ ପାଣିରେ ଥିବା ବିଶୁଦ୍ଧ ଉପାଦାନ, ଶୁଦ୍ଧ ଜଳର ପ୍ରବାହ ହାର, କାର୍ଯ୍ୟ ପରିଚାଳନାରେ ତ୍ରୁଟି ଥିଲେ ସତର୍କ ସୂଚନା ପ୍ରଦାନ କରିବ ବୋଲି କମ୍ପାନୀ ସୂଚନା ଦେଇଛି। ସେହିଭଳି ଏଥିରେ ଥିବା ଏଲ୍‌ଇଡି ପ୍ୟାନେଲ ବାସ୍ତବ ସମୟରେ ସ୍ୱଚ୍ଛ ଜଳର ମାନକୁ ପ୍ରଦର୍ଶନ କରିଥାଏ।

# ଅଭିବୃଦ୍ଧି ଲାଗି ଉଦ୍ଭାବନକୁ ଆଧାର କରିଛୁ: ଗୁପ୍ତା

**ବଜାରରେ ରିଭର୍ସ ଓସ୍‌ମୋସିସ୍(ଆର୍‌ଓ)ଟେକ୍ନୋଲୋଜି ଯୁକ୍ତ ୱାଟର ପ୍ୟୁରିଫାୟର ଚାହିଦା ଏବେ ବଢ଼ିଛି। ଉକ୍ତ ବର୍ଗରେ କେଣ୍ଟ ଏକ ପ୍ରମୁଖ ବ୍ରାଣ୍ଡ। ୧୯୯୮ରେ ସ୍ଥାପନ ହୋଇଥିବା ଏହି କମ୍ପାନୀ ବର୍ତ୍ତମାନ ଆର୍‌ଓ ଟେକ୍ନୋଲୋଜି ୱାଟର ପ୍ୟୁରିଫାୟର କ୍ଷେତ୍ରରେ ଦେଶରେ ସିଂହଭାଗ ବଜାର ଅଂଶ ହାସଲ କରିଛି। କମ୍ପାନୀର ଅଧ୍ୟକ୍ଷ ମହେଶ ଗୁପ୍ତା ଧରିତ୍ରୀକୁ ଦେଇଥିବା ସାକ୍ଷାତକାର...**

**ୱାଟର ପ୍ୟୁରିଫାୟର ବ୍ୟବସାୟକୁ କେମିତି ପ୍ରବେଶ କଲେ?**

ଆଇଆଇଟି କାନପୁରରୁ ମେକାନିକାଲ ଇଞ୍ଜିନିୟରିଂ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ପେଟ୍ରୋଲିୟମରୁ ମାଷ୍ଟର ଡିଗ୍ରୀ ପରେ ଇଣ୍ଡିଆନ ଅଏଲରେ ଦୀର୍ଘ ଏକ ଦଶନ୍ଧିରୁ ଅଧିକ ସମୟ ଚାକିରି କରିଥିଲି। ଏହା ପରେ ଏସ୍.ଏସ୍ ଇଞ୍ଜିନିୟରିଂ ଭଳି କମ୍ପାନୀ ମଧ୍ୟ ସ୍ଥାପନ କରିଥିଲି। ମାତ୍ର ୧୯୯୮ରେ ମୋ ପିଲାମାନଙ୍କର ଜଣ୍ଡିସ ଭଳି ଘଟଣା ଜୀବନରେ ଏକ ନୂଆ ମୋଡ ଆଣିଥିଲା। ଦୂଷିତ ଜଳ ଯୋଗୁ ଏପରି ରୋଗ ବ୍ୟାପିଥିଲା। ବଜାରରେ ଭଲ ୱାଟର ପ୍ୟୁରିଫାୟର ନ ଥିବା ଯୋଗୁ ବିଦେଶରୁ ବିଭିନ୍ନ କମ୍ପୋନେଣ୍ଟ ମଗାଇ ଏକ ୱାଟର ପ୍ୟୁରିଫାୟର ପ୍ରସ୍ତୁତ କରିଥିଲି। ଏହା ଭଲ ଚାଲିଲା। ଏହାପରେ ଅନ୍ୟ କେତେ ଜଣଙ୍କ ପାଇଁ ଏପରି ପ୍ୟୁରିଫାୟର ପ୍ରସ୍ତୁତ କରିବାକୁ ସୁଯୋଗ ମିଳିଥିଲା। ଏହାକୁ ବୃହତ୍ ଉପାୟରେ ଉତ୍ପାଦନ କରିବାକୁ ନିଷ୍ପତ୍ତି ହେଲା। ୧ ଲକ୍ଷ ଟଙ୍କା ନିବେଶରେ ସେହିବର୍ଷ କେଣ୍ଟ କମ୍ପାନୀ ସ୍ଥାପନ ହୋଇଥିଲା।

**କେଣ୍ଟକୁ ଏଭଳି ସ୍ଥିତିକୁ ଆଣିବାରେ କିଭଳି ଚ୍ୟାଲେଞ୍ଜ ସାମ୍ନା କରିଛନ୍ତି?**

ଆର୍‌ଓ ଟେକ୍ନୋଲୋଜି ୱାଟର ପ୍ୟୁରିଫାୟର କ୍ଷେତ୍ରରେ ବର୍ତ୍ତମାନ ଆମେ ୪୦% ବଜାର ଅଂଶ ହାସଲ କରିଛୁ। ୨୦୧୭-୧୮ ଆର୍ଥିକ ବର୍ଷରେ ୮୫୦ କୋଟି ଟଙ୍କା କାରବାର କରିଛୁ। ଏହା ଆସନ୍ତା ବର୍ଷ ୯୫୦ କୋଟି ଛୁଇଁବା ନେଇ ଆଶା ରହିଛି। କମ୍ପାନୀକୁ ଏଭଳି ସ୍ଥିତିକୁ ଆଣିବା ଲାଗି ଅନେକ ଚ୍ୟାଲେଞ୍ଜ୍ ସାମ୍ନା କରିବାକୁ ପଡିଛି। କମ୍ପାନୀ ସ୍ଥାପନ ସମୟରେ ବଜାରରେ ଉପଲବ୍ଧ ଥିବା ଅନ୍ୟ କମ୍ପାନୀଗୁଡିକର ପ୍ୟୁରିଫାୟର ୪ରୁ ୫ ହଜାର ଟଙ୍କା ମଧ୍ୟରେ ଉପଲବ୍ଧ ହେଉଥିଲା। ମାତ୍ର ଆମର ଉତ୍ପାଦଗୁଡିକ ଉନ୍ନତ ଆର୍‌ଓ ଟେକ୍ନୋଲୋଜିଯୁକ୍ତ ହୋଇଥିବାରୁ ପ୍ରାୟ ୨୦ ହଜାର ଟଙ୍କାରେ ବିକ୍ରି ହେଉଥିଲା। ଅନ୍ୟ ଉତ୍ପାଦଠାରୁ ଆମ ଉତ୍ପାଦ ୪ଗୁଣା ଅଧିକ ଦାମ ପଡୁଥିବାରୁ ଲୋକଙ୍କୁ ବୁଝାଇ ବଜାରର ଉତ୍ପାଦ ବିକ୍ରି କରିବା କଷ୍ଟକର ଥିଲା। ଉତ୍ପାଦର ଗୁଣବତ୍ତା ତଥା ମାର୍କେଟିଂ ଷ୍ଟ୍ରାଟେଜି ଯୋଗୁ ଏହି କ୍ଷେତ୍ରରେ ଆମେ ସଫଳ ହେଲୁ। ସେହିଭଳି ଉତ୍ପାଦକୁ ଲୋକାଦୃତ କରିବା ଲାଗି ଟିଭି ତଥା ଅନ୍ୟାନ୍ୟ ବିଜ୍ଞାପନକୁ ବିଚାର କରିଥିଲୁ।

**ଘରୋଇ ପ୍ୟୁରିଫାୟର ବଜାରକୁ କେମିତି ଦେଖୁଛନ୍ତି। ଏହାକୁ ନେଇ କମ୍ପାନୀର ଯୋଜନା କ’ଣ?**

ଘରୋଇ ବଜାରରେ ଆର୍‌ଓ ୱାଟର ପ୍ୟୁରିଫାୟର ପେନିଟ୍ରେଶନ ହାର ମାତ୍ର ୩% ରହିଛି। ଏହା ଅତି ନଗଣ୍ୟ। ସିଂହଭାଗ ଲୋକଙ୍କ ନିକଟରେ ପହଞ୍ଚିବାର ସୁଯୋଗ ରହିଛି। ସ୍ୱଚ୍ଛ ଜଳ ପ୍ରଦାନ ନେଇ ଗୁଣବତ୍ତା ପ୍ରଡକ୍ଟ ଉପରେ ଆମେ କାର୍ଯ୍ୟ କରୁଛୁ। ଘରୋଇ ବଜାର ୧୫% ହାରରେ ଅଭିବୃଦ୍ଧି ହାସଲ କରିବାର କ୍ଷମତା ରହିଛି। ୱାଟରପ୍ୟୁରିଫାୟାର ବର୍ଗରେ ଏଠାରେ ୬ ହଜାର କୋଟି ଟଙ୍କାର ବଜାର ରହିଛି। ଏହା ମଧ୍ୟରେ ୩,୫୦୦ କୋଟି ଟଙ୍କାର ସଙ୍ଗଠିତ ବଜାର ରହିଛି। ବର୍ତ୍ତମାନ ଲୋକଙ୍କ ଚାହିଦା ବଢୁଛି। ଏହାକୁ ନେଇ ଯୋଜନା ଧାର୍ଯ୍ୟ କରିଛୁ। ବର୍ତ୍ତମାନ ରୁର୍‌କିଠାରେ ଥିବା ପ୍ଲାଣ୍ଟରୁ ବର୍ଷକୁ ୫ ଲକ୍ଷ ୟୁନିଟ୍ ପ୍ୟୁରିଫାୟର ଉତ୍ପାଦନ ହେଉଛି। ନଏଡାଠାରେ ୧୧୫ କୋଟି ଟଙ୍କା ନିବେଶରେ ଅନ୍ୟ ଏକ ପ୍ଲାଣ୍ଟ ସ୍ଥାପନ ହୋଇଛି। ଏହା ଶୀଘ୍ର କାର୍ଯ୍ୟକ୍ଷମ ହେବ। ସେହିଭଳି ଉତ୍ତରପ୍ରଦେଶରେ ୨୦୦ କୋଟି ନିବେଶରେ ଆଉ ଏକ ପ୍ଲାଣ୍ଟ ନେଇ ଯୋଜନା ଚୂଡ଼ାନ୍ତ ହୋଇଛି। ସେହିଭଳି ଓଡ଼ିଶାରେ ବ୍ୟବସାୟ କ୍ଷେତ୍ରରେ ଭଲ ଅଭିବୃଦ୍ଧି କରୁଛୁ। ଏବେ ପ୍ରତିବର୍ଷ ୨୦,୦୦୦ ପ୍ୟୁରିଫାୟର ବିକ୍ରି କରୁଛୁ। ଗତବର୍ଷ ୫୦ କୋଟି ଟଙ୍କାର ବ୍ୟବସାୟ ଏଠାରେ ହୋଇଥିଲା।

**କେଣ୍ଟ ପ୍ରଡକ୍ଟ କାହିଁକି ଭିନ୍ନ?**

ନିଜ ପ୍ରଡକ୍ଟ ସର୍ବୋତ୍ତମ ବୋଲି ପ୍ରତି କମ୍ପାନୀ ଦାବି କରିଥାନ୍ତି। ମାତ୍ର ଗ୍ରାହକଙ୍କ ଭଲ ପାଇବା ଦ୍ୱାରା ଏହି ସ୍ଥାନକୁ ଆମେ ଉନ୍ନିତ ହୋଇପାରିଛୁ। ପ୍ରଡକ୍ଟ କ୍ଷେତ୍ରରେ ଉଦ୍ଭାବନକୁ ସର୍ବଦା ଗୁରୁତ୍ୱ ଦେଉଛୁ। ସେହିଭଳି ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀରେ ଲୋକମାନେ ପ୍ରତି କ୍ଷେତ୍ରରେ ଦୂଷିତ ପଦାର୍ଥ ତଥା ଦୂଷିତ ବାୟୁ ସଂସ୍ପର୍ଶରେ ଆସୁଛନ୍ତି। ଲୋକଙ୍କ ଆବଶ୍ୟକତା ଆଧାରରେ ୱାଟରପ୍ୟୁରିଫାୟର ବାଦ୍ ଏୟାର ପ୍ୟୁରିଫାୟର, ସ୍ମାର୍ଟ କିଚେନ ଆପ୍ଲାଏନ୍ସ ଭଳି ଅନ୍ୟ ଭାଲ୍ୟୁ ଆଡେଡ ପ୍ରଡକ୍ଟ ପ୍ରସ୍ତୁତି ଉପରେ କାର୍ଯ୍ୟ କରୁଛୁ। ଆମ ଉତ୍ପାଦଗୁଡିକ ଆର୍‌ଓ ତଥା ୟୁଭି କ୍ଷମତାଯୁକ୍ତ । ଉଦ୍ଭାବନ ବାଣିଜ୍ୟ ବୃଦ୍ଧି ଲାଗି ଏକ ପ୍ରମୁଖ ଉପାଦନ ବୋଲି ଆମର ବିଶ୍ୱାସ। ଅପରପକ୍ଷରେ ଆମ ପ୍ରଡକ୍ଟଗୁଡିକ ୟୁଏସ୍‌ଏର ସ୍ୱାଧୀନ ଏଜେନ୍ସି ଯଥା-ୟୁଏସ୍‌ଏଫ୍, ଡବ୍ଲ୍ୟୁକ୍ୟୁଏ ସାର୍ଟିଫାଏଡ୍।


**ODISHA STATE HOUSING BOARD**

**offers**

An Invitation to own your **Dream Home** at **Kharavela Enclave**, a premium category **HIG Apartment Complex** in a very prime location at Jagamara (Near Khandagiri Square), Bhubaneswar.

Booking Open !!! Hurry !!!

Kharavela ENCLAVE (Under Construction)

A premium Apartment Complex for Higher Income Group customers covering 104 nos. of 3 BR, 4BR & 4 BR Deluxe units in its apartment complex “Kharavela Enclave” at Dharmavihar, Jagamara over Ac.1.720 of land with ample open space, quality construction under self financing scheme. **Out of 104 nos. of units, 80 units have been allotted. OSHB now offers the vacant 24 nos. of units for sale.**

| Category of flats | No. of Units | Built up area of each flat in sft. | Super Built up Area (sft.) / Unit | Provisional Sale price (Rs.)/ Unit | E.M.D. / Unit (in Rs.) |
|---|---|---|---|---|---|
| **Block-A** | | | | | |
| 3BR Apartment | 17 | 1410 | 1670 | 74,14,300 | 7,42,000 |
| **Block-B** | | | | | |
| 4BR Apartment | 04 | 1432 | 1706 | 75,80,000 | 7,60,000 |
| 4BR Deluxe | 03 | 1764 | 2102 | 93,14,000 | 9,31,000 |

- **The Provisional Sale Price includes cost of covered parking. No other Hidden Cost.**
- The flats will be sold in finished shape along with necessary amenities and infrastructure.
- E.M.D. is to be paid along with application and will be adjusted towards cost. Allottees will have to pay balance cost as would be intimated by OSHB.
- G.S.T. and other statutory dues as applicable from time to time will be charged extra .
- The intending applicants are requested to purchase the brochure along with the prescribed application forms on payment of Rs.1,000/- in cash (non-refundable) from OSHB Head Office, Sachivalaya Marg, Bhubaneswar.
- Applicants interested to obtain the brochure through Post, may send their request to Chief Accounts Officer before 06.10.2018 along with a Demand Draft of Rs.1,150/- favouring “Orissa Housing Board Fund” payable at Bhubaneswar.
- The brochure and application form can also be downloaded from the Website of OSHB, www.oshb.org. and the cost of the brochure can be paid along with EMD and other dues separately.
- There is also provision for submission of online application through the official Website www.oshb.org.

Tie up arrangement with HDFC Bank for EMD financing as per eligibility.

**Booking Opens from : 17.9.2018 to 22.10.2018**

Be a part of Elite Community

Housing Commissioner-cum-Secretary
**ODISHA STATE HOUSING BOARD**
Sachivalaya Marg, Kharavela Nagar, Bhubaneswar - 751001
Phone: (0674)2393524, 2393277/2392587
Epbax (0674)2391542, 2390141 – Extn. 134/ 142/ 127/ 155
Visit us at : **www.oshb.org**

OSHB : AT YOUR SERVICE FOR LAST 50 SUCCESSFUL YEARS SINCE 1968

# ସଂକ୍ଷେପରେ

## ଶୁଟିଂ ବିଶ୍ୱ ଚାମ୍ପିୟନଶିପ୍ ଜୁନିୟରରେ ଭାରତକୁ ୨ ସ୍ୱର୍ଣ୍ଣ

ଚାଙ୍ଗୱନ, ୧୩।୯(ପି.ଟି.)- ଦକ୍ଷିଣ କୋରିଆରେ ଚାଲିଥିବା ବିଶ୍ୱ ଶୁଟିଂ ଚାମ୍ପିୟନଶିପ୍‌ରେ ଗୁରୁବାର ଜୁନିୟର ବର୍ଗରେ ଭାରତକୁ ୨ଟି ସ୍ୱର୍ଣ୍ଣ ପଦକ ମିଳିଛି। ପୁରୁଷ ୨୫ ମିଟର ପିସ୍ତଲ ଇଭେଣ୍ଟରେ ଉଦୟବୀର ସିଂ ମୋଟ୍ ୫୮୭ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହି ଇଭେଣ୍ଟରେ ଆମେରିକାର ହେନରୀ ଲେଭର୍ଟ (୫୮୪) ଓ କୋରିଆର ଲି ଜ୍ୟାକଉନ (୫୮୨) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିଭଳି ଅନ୍ୟତମ ପ୍ରତିଭାବାନ ଭାରତୀୟ ଶୁଟର ବିଜୟବୀର ସିଦ୍ଧୁ ୫୮୧ ସ୍କୋର ସହ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ରାଜକନ୍ୱର ସିଂ ସାନ୍ଧୁ ୫୬୮ ସ୍କୋର ସହିତ ୨୦ତମ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟର ଟିମ୍ ବର୍ଗରେ ମଧ ଭାରତୀୟ ଶୁଟର୍ କମାଲ କରିଥିଲେ। ୩ ଭାରତୀୟ ଶୁଟର୍ ଉଦୟବୀର, ବିଜୟବୀର ଓ ରାଜକନ୍ୱରଙ୍କୁ ନେଇ ଗଠିତ ଭାରତୀୟ ଦଳ ମୋଟ୍ ୧୭୩୬ ସ୍କୋର ସହିତ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ କବ୍‌ଜା କରିନେଇଥିଲେ। ଚାଇନା (୧୭୩୦) ଓ କୋରିଆ (୧୭୨୧) ଟିମ୍‌କୁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ମିଳିଥିଲା। ଅପରପକ୍ଷରେ ସିନିୟର ୨୫ ମିଟର ପିସ୍ତଲ ଇଭେଣ୍ଟରେ ଭାରତୀୟ ଶୁଟର ନିରାଶ କରିଛନ୍ତି। ବ୍ୟକ୍ତିଗତ କିମ୍ବା ଦଳଗତରେ ଭାରତ ପଦକ ଅର୍ଜନରୁ ବଞ୍ଚିତ ରହିଥିଲା। ବର୍ତ୍ତମାନ ସୁଦ୍ଧା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ମୋଟ୍ ୨୪ଟି (୯ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୭ ବ୍ରୋଞ୍ଜ) ପଦକ ଜିତି ତାଲିକାର ୪ର୍ଥ ସ୍ଥାନରେ ରହିଛି।

# ସଞ୍ଜିତାଙ୍କ ବି’ ସାମ୍ପଲ୍ ପଜିଟିଭ୍

ନୂଆଦିଲ୍ଲୀ, ୧୩।୯ (ପି.ଟି.)



ଭାରୋତ୍ତୋଳିକା ସଞ୍ଜିତା ଚାନୁଙ୍କ ବି’ ସାମ୍ପଲ ପଜିଟିଭ ଆସିଛି। ସେ ପୁଣି ଅଡୁଆରେ ପଡ଼ିଛନ୍ତି। ଏଥିରେ କିନ୍ତୁ ହତୋତ୍ସାହିତ ନ ହୋଇ ଚାନୁ ହଙ୍ଗେରୀସ୍ଥିତ ଇଣ୍ଟରନ୍ୟାଶନାଲ ୱେଟ୍‌ଲିଫ୍ଟିଂ ଫେଡେରେଶନ (ଆଇଡବ୍ଲ୍ୟୁଏଫ୍) ନିକଟରେ ଫେରାଦ ହେବା ଲାଗି ନିଷ୍ପତ୍ତି ନେଇଛନ୍ତି। ଆଇଡବ୍ଲ୍ୟୁଏଫ୍ ହିୟରିଂ ପ୍ୟାନେଲ ନିକଟରେ ସଞ୍ଜିତା ଯଦି ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ ନ କରିପାରିବେ ତେବେ ପ୍ରଥମ ଅପରାଧ ପାଇଁ ତାଙ୍କୁ ସର୍ବାଧିକ ୪ ବର୍ଷ ପର୍ଯ୍ୟନ୍ତ ବାସନ୍ଦ ଦଣ୍ଡ ଭୋଗିବାକୁ ପଡ଼ିପାରେ। ସଞ୍ଜିତାଙ୍କୁ ତାଙ୍କ ବି’ ସାମ୍ପଲ ଫଳାଫଳ ସେପ୍ଟେମ୍ବର ୧୧ରେ ମିଳିଛି। ତାଙ୍କ ଭାଇ ବିଜେନ୍ ସିଂ କହିଛନ୍ତି, ସାମ୍ପଲ ନମ୍ବରିଂରେ ତ୍ରୁଟି ହୋଇଥିବା ବିଷୟ ଆଇଡବ୍ଲ୍ୟୁଏଫ୍ ପୂର୍ବରୁ ସ୍ୱୀକାର କରିଛି। ଆମେ ଏ ବିଷୟ ହିଅରିଂ ପ୍ୟାନେଲ ନିକଟରେ ଉପସ୍ଥାପନ କରିବୁ। ଆଇଡବ୍ଲ୍ୟୁଏଫ୍ ନିକଟରେ ଆମେ ସଫଳ ନ ହେଲେ ସୁଇଜରଲାଣ୍ଡସ୍ଥିତ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ର ଦ୍ୱାରସ୍ଥ ହେବୁ। ବି’ ସାମ୍ପଲ ଫଳାଫଳ ପଠାଇବା ବେଳେ ଆଇଡବ୍ଲ୍ୟୁଏଫ୍ ସେଥିରେ ଉଲ୍ଲେଖ କରିଥିଲା ଯେ, ଚାନୁ ଯଦି ଚାହିଁବେ ଚଳିତ ମାସ ୧୮ ସୁଦ୍ଧା ଏକ ହିଅରିଂ ପ୍ୟାନେଲ ନିକଟରେ ଅପିଲ କରିପାରିବେ।

# ଭାରତୀୟ ଦଳର ୟୁଏଇ ଗସ୍ତ

ମୁମ୍ବାଇ, ୧୩।୯(ପି.ଟି.)

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ଠାରେ ହେବାକୁ ଥିବା ଏସିଆ କପ୍ ଲାଗି ଅଧିନାୟକ ରୋହିତ ଶର୍ମା ଓ ବରିଷ୍ଠ ସଦସ୍ୟ ତଥା ଉଇକେଟକିପର ମହେନ୍ଦ୍ର ସିଂ ଧୋନୀଙ୍କ ସମେତ ଅନ୍ୟ ସ୍ୱତନ୍ତ୍ର ଦିନିକିଆ ଖେଳାଳି ଗସ୍ତ କରିଛନ୍ତି। ଏ ନେଇ ଅଲରାଉଣ୍ଡର କେଦାର ଯାଦବ ଟୁଇଟରରେ ଏକ ଫଟୋ ଶେୟାର କରି ସୂଚନା ଦେଇଛନ୍ତି। ଫଟୋରେ କେଦାରଙ୍କ ବ୍ୟତୀତ ଧୋନୀ, ଅଧିନାୟକ ଶର୍ମା, ୟୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଅଛନ୍ତି। ମାଂସପେଶୀ ସମସ୍ୟାରୁ ମୁକ୍ତ ହେବା ପରେ ଯାଦବ ପ୍ରଥମ ଥର ଲାଗି ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ସେ ଚଳିତ ବର୍ଷର ଆଇପିଏଲର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆହତ ହୋଇଥିଲେ। ‘‘ଏସିଆ କପ୍ ଲାଗି କେତେକ ଖେଳାଳି ଗୁରୁବାର ଗସ୍ତ କରିଛନ୍ତି। ଅନ୍ୟ ଖେଳାଳିମାନେ ସେମାନଙ୍କ ସହ ସେଠାରେ ଯୋଗଦେବେ’’ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା କହିଛନ୍ତି। ଶନିବାରଠାରୁ ଆରମ୍ଭ ହେବାକୁ ଥିବା ଟୁର୍ନାମେଣ୍ଟରେ ୬ ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ତା’ର ପ୍ରଥମ ମ୍ୟାଚ୍‌ରେ ହଂକଂକୁ ଭେଟିବ।

# ପ୍ରଥମେ ଚୟନକର୍ତ୍ତା, ଏବେ ଖେଳାଳି

ନୂଆଦିଲ୍ଲୀ, ୧୩।୯ (ପି.ଟି.)

ବିହାର ୧୩ ବର୍ଷ ବ୍ୟବଧାନରେ ଘରୋଇ କ୍ରିକେଟ ଟୁର୍ନାମେଣ୍ଟକୁ ଫେରିଛି। ହେଲେ ଜଣେ ୨୩ ବର୍ଷରୁ କମ୍ ଚୟନକର୍ତ୍ତାଙ୍କୁ ବିଜୟ ହଜାରେ ଟ୍ରଫି ପାଇଁ ସିନିୟର ଦଳରେ ସ୍ଥାନ ମିଳିଥିବାରୁ ବିହାର କ୍ରିକେଟ ଆସୋସିଏଶନ ବିବାଦଘେରକୁ ଟାଣି ହୋଇଯାଇଛି। ସିନିୟର ଟିମ୍ ସିଲେକ୍ସନରେ ଏକାଧିକ ସ୍ୱାର୍ଥ ଜନିତ ଦ୍ୱନ୍ଦ୍ୱ ଅବା କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଦୃଷ୍ଟାନ୍ତ ରହିଥିବା ଅଭିଯୋଗ ହୋଇଛି। ଏକଦା ଭାରତୀୟ ଦଳର ସଦସ୍ୟ ଥିବା ସ୍ପିନର ପ୍ରଜ୍ଞାନ ଓଝାଙ୍କୁ ସିନିୟର ଦଳର ଅଧିନାୟକ କରାଯାଇଛି। ତେବେ ଆଶିଷ ସିହ୍ନାଙ୍କୁ ମନୋନୟନ କରାଯିବା ନେଇ ଅନେକେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ୨୮ବର୍ଷୀୟ ଆଶିଷ ଜଣେ ବିଧାୟକ(ପାଟନା ସେଣ୍ଟ୍ରାଲ) ଅରୁଣ କୁମାର ସିହ୍ନାଙ୍କ ପୁତ୍ର। ସେ ୨୦୧୦ରେ ଥରେ ଝାଡ଼ଖଣ୍ଡ ତରଫରୁ ରାଜସ୍ଥାନ ବିପକ୍ଷରେ ଏକ ରଣ୍‌ଜୀ ଟ୍ରଫି ମ୍ୟାଚ ଖେଳିଛନ୍ତି। ଉଭୟ ଇନିଂସରେ ସେ ୧୬ ଓ ୧୨ରନ କରିଛନ୍ତି। ସଂଗୃହୀତ ତଥ୍ୟ ଅନୁସାରେ, ବିହାର କ୍ରିକେଟ ଆସୋସିଏଶନ (ବିସିଏ) ଦ୍ୱାରା ରାଜ୍ୟ ୨୩ ବର୍ଷରୁ କମ୍ ଦଳ ମନୋନୟନ ପାଇଁ ଜୁନ୍‌ରେ ଖେଳାଳିମାନଙ୍କର ଏକ ଟ୍ରାଏଲ ଅନୁଷ୍ଠିତ ହୋଇଥିଲା। ସେତେବେଳେ କଟିହାର, ଅରାରିଆ, ଭାଗଲପୁର, କିଷନଗଞ୍ଜ, ପୂର୍ଣ୍ଣିଆ, ବାଙ୍କା ଓ ଜମୁଇ ଆଦି ଜିଲାଗୁଡ଼ିକ ପାଇଁ ଆଶିଷ ୨୩ ବର୍ଷରୁ କମ୍ ଜୋନାଲ ଚୟନକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଆଶିଷଙ୍କୁ ଏ ବିଷୟରେ ପଚରାଯିବାରେ ସେ କହିଥିଲେ ମୁଁ ସ୍ୱଳ୍ପକାଳ ପାଇଁ ଚୟନକର୍ତ୍ତା ଦାୟିତ୍ୱ ତୁଲାଇଥିଲି। ଏଥିପାଇଁ ମୋତେ ନିଯୁକ୍ତି ପତ୍ର ମିଳି ନ ଥିଲା। ବିସିଏର ଅନୁରୋଧକ୍ରମେ ମୋତେ ଏହି ଦାୟିତ୍ୱ ତୁଲାଇବାକୁ ହୋଇଥିଲା। ବର୍ତ୍ତମାନ ମୁଁ ଆଉ ଏହି ପଦବୀରେ ନାହିଁ। ବିଜୟ ହଜାରେ ଟ୍ରଫି ଖେଳିବା ଲାଗି ମୁଁ ପ୍ରସ୍ତୁତ ହେଉଛି। ବାପାଙ୍କ ପ୍ରଭାବ ଯୋଗୁ ମୋତେ ଚୟନକର୍ତ୍ତା ହେବାକୁ ସୁଯୋଗ ମିଳିଥିଲା ବୋଲି ଯାହା କୁହାଯାଉଛି ତାହା ଠିକ୍ ନୁହେଁ। କାରଣ ମୁଁ ଯେତେବେଳେ ଝାଡ଼ଖଣ୍ଡ ତରଫରୁ ଖେଳୁଥିଲି ମୋ ବାପା ସେତେବେଳେ ମଧ୍ୟ ଜଣେ ବିଧାୟକ ଥିଲେ ବୋଲି ଆଶିଷ କହିଛନ୍ତି।


No.35-N

GOVERNMENT OF ODISHA
DEPARTMENT OF HIGHER EDUCATION

SUBMISSION OF ONLINE APPLICATIONS FOR AWARD OF **“MEDHABRUTI”** FOR THE **YEAR 2018-19,** FRESH

sAMS

The Higher Education Department, Government of Odisha invites online applications for award of Jr. Merit / Sr. Merit/ P.G. Merit/ Tech. & Professional Merit (Fresh) for the year 2018-19 to meritorious students of Odisha for pursuing general courses (i.e. +2/XII , +3 & P.G. courses) and Technical & Professional courses in Non-SAMS institutions (i.e. CBSE/ICSE affiliated Schools, Kendriya Vidyalayas, Universities / Management / Engineering & Technical institutions) inside and outside Odisha.

**Students studying in colleges under SAMS (Student Academic Management System) need not apply for scholarship online separately as the database is available in the SAMS portal.**

**The submission of online application shall commence from 13th September, 2018 and end on 14th October, 2018.**

The detail guidelines along with eligible courses are available at Medhabruti web portal of Higher Education Department under URL **www.medhabruti.org.**

The different categories of merit, number, rate, duration and courses applicable for scholarship are given in a tabular form.

| Sl. No. | Category of Merit | No. of Scholarship | Rate of Scholarship per year | Duration of scholarship | Courses applicable |
|---|---|---|---|---|---|
| 01 | Jr. Merit | 10,000 | 3,000/- | 2 Years | Students pursuing Higher Secondary (+2) Course /Class-XII |
| 02 | Sr. Merit | 3,000 | 5,000/- | 3 Years | Students pursuing +3 Degree Course (B.A./ B.Sc. / B.Com.) and courses such as BBA /BCA /BJMC etc having duration of 3 years. |
| 03 | P. G. Merit | 1,500 | 10,000/- | 2 Years | Students pursuing P.G. courses in Arts / Commerce / Science / other Post Graduate courses which are of non-professional in nature and admission to such P.G. course is Degree in Arts / Science / Commerce |
| 04 | Tech. & Prof. Merit | 10,000 | 10,000/- | As per course duration | Students pursuing only Undergraduate Professional degree courses and integrated courses mentioned in Appendix-II of the guidelines are eligible under this head. |

*N.B.: The students who have availed Jr. Merit, Sr. Merit, P.G. Merit and Technical & Professional Merit for the respective category in the previous selection year(s) need not apply again under the same category as they are covered under Renewal scholarship in current academic session.*

ELGIBILITY CONDITIONS

- The student must be a permanent resident of the State of Odisha.
- The income of the parents of the student from all sources should not exceed Rs.6.00 lakh per annum.
- The Student must have secured minimum 60% marks in the last qualifying examination for applying scholarship under different categories of merit.
- Students shall apply for medhabruti only in the First year of joining (1st yr. of the course undertaken).

DOCUMENTS TO BE UPLOADED

1. Resident certificate to be issued by the competent authority. i.e., Tahasildar/Addl.Tahasildar.
2. Proof of annual income to be issued by the competent authority. i.e., the Revenue Officer not below the rank of Tahasildar or Addl. Tahasildar.
3. Mark sheets & Certificate of last qualifying examination as required for different categories of merit.
4. Bank Account details of the student concerned (First page of bank account containing account number and IFSC).

IMPORTANT INSTRUCTIONS

- Eligible students of Non-SAMS colleges are advised to apply online by accessing **www.medhabruti.org.** Only online applications under the scheme will be accepted and no request for accepting OFFLINE applications will be entertained. While applying online, students should upload the scanned copies of relevant documents .
- After applying online, students are required to submit the printed copy of online application along with relevant documents in the college for validation at the level of Principal.
- Students of SAMS who secured 60% marks or more will be displayed in the concerned colleges Administrator log in. The Administrator needs to upload the required documents after collecting the same from eligible students.
- Applicants are advised to be very careful to mention the accurate Bank Account related information in the specified box of the online application. In case of any wrong entry or mismatch of the S.B. Account & IFSC, this Department will not be held responsible for mis-credit/No credit.
- Incomplete or wrongly filled up application or application without essential documents shall be summarily rejected.
- The applicants Mobile No. and functional email address must be used for submission of the online application. The status of the application will be informed to the applicant's mobile number and email provided in the online application.
- SUBMISSION OF MORE THAN ONE APPLICATION WILL BE SUMMARILY REJECTED. Please ensure that all aspects of the application are correct before the submission. No claims shall be entertained in case of incomplete or non-submitted application.
- **Online validation at the level of Institution Head/Principal of Institution is mandatory for release of scholarship amount.**

**NB: SUBMISSION OF WRONG DATA AND MULTIPLE APPLICATIONS BY THE STUDENT IS LIABLE TO BE PUNISHED UNDER THE LAW.**

In case of any problem faced by the students at the time of filling up of the application through online, they may refer to FAQs available at home page of the website or take the help of **Helpline No. 0674-2396550(With Toll)** or e-mail on **scholarshiphedgov@gmail.com**

Sd/-
Additional Secretary to Government

11001/11/0032/1819

For more details please contact **Sanjog Helpline**(Toll Free) Number **155335/ 18003456770**



**Government of Odisha**
**Commerce and Transport (Commerce) Department**
**QUOTATION CALL NOTICE**

**No.37-T:-** Sealed quotations are invited in the prescribed format from Travel agencies / tour operators/ individual vehicle owners having valid upto date PAN/ GST Registration Number for providing following No. of vehicle as detailed below for engagement in C&T (Commerce) Department on monthly rent basis.

| Sl. No. | Type of vehicle | Nos. of vehicle required | Maximum hire charges per | Mileage per litre |
|---|---|---|---|---|
| 1. | Swift D-zire or equivalent | 1 (one) | Rs. 20,000/- | 17 (Diesel) 14 (Petrol) |
| 2. | Indigo or equivalent | 1 (one) | Rs. 18,000/- | 15 |

The details of the terms and conditions of the above service along with the tender document can be downloaded from State Government website www.odisha.gov.in. Last date for submission of quotation is 28.09.2018 at 02.00 P.M.

09001/11/0014/1819 **Sd./- Under Secretary to Government**


See **CAREER APPOINTMENT** on every Wednesday & Saturday


**OFFICE OF THE JOINT DIRECTOR**
**SURVEY & PLANNING (CAD), ODISHA, BHUBANESWAR-7**
E-mail: jointdirectorspbbsr@gmail.com, Phone : 0674-2570357

**CORRIGENDUM**

**“e” Procurement Notice No. JDSP-04/2018-19**

**No. 501-A:-** In reference to NIT Sl. No. 18, The Contractors/Registered Organisations or Firms who have not registered in the Contractors Data Base Management System (CDMS) should produce an undertaking to register in the CDMS before drawal of agreement. All other terms & conditions published therein shall remain unaltered.

*Sd./- Joint Director*
*Survey & Planning, Odisha, Bhubaneswar*

32369/11/0003/1819



**BHUBANESWAR MUNICIPAL CORPORATION**

**No : 30674 Dt.12.09.2018**

**CORRIGENDUM NOTICE to RFP No. 28964 dated 31.08.2018**

The response to the Pre-bid queries for the RFP for “Supply & Installation of Modern Underground Waste Collection Bins at Designated locations in Bhubaneswar including collection, transportation and Operation & Maintenance” may be downloaded from the website i.e. www.bmc.gov.in. The Last date & time of submission of proposal has been extended to **24.09.2018 till 3:30 PM.**

By Order,

**Dy. Commissioner (PR & Communication)**
**Bhubaneswar Municipal Corporation**

Progress Through Partnership for a Better Bhubaneswar



**GOVERNMENT OF ODISHA**
**Invitations for Bids (IFB)**
**‘e’ PROCUREMENT NOTICE**
**Bid Identification No. E.E. JSPR (R&B)-8/2018-19**

No.574-B

| | | | |
|---|---|---|---|
| 1. | Name of Work | : | Building work for the year 2018-19 |
| 2. | No. of Works | : | 01 (One) No. |
| 3. | Estimated Cost | : | Above Rs. 50.00 lakhs upto Rs. 1.00 Crore (Approx.) |
| 4. | Period of Completion | : | Work wise mentioned in NIT |
| 5. | Class of Contractors | : | “B” & “A” (Work wise mentioned in NIT) |
| **Other details as follows :** | | | |
| 6. | Date & Time of availability of bid documents in Portal | : | 17.09.2018 at 11.45 A.M. |
| 7. | Last date / time for receipt of bids in Portal | : | 28.09.2018 upto 05.00 PM. |
| 8. | Opening of Bid documents | : | 29.09.2018 at 11.30 A.M. |
| 9. | Procurement Officer | : | Executive Engineer, Jagatsinghpur (R&B) Division, Jagatsinghpur with E-mail address : eerbjspr@gmail.com |

Further details can be seen from the Govt. website tendersorissa.gov.in

**Sd./- Executive Engineer**
34093/11/0015/1819 **Jagatsinghpur(R&B) Division**



No.572-B

**GOVERNMENT OF ODISHA**
**Office of the Executive Engineer,**
**Ganjam (R&B) Division No.I, Berhampur**
Phone /Fax : (0680) 2233683, e-mail : eernb1_bam@yahoo.com
e-mail : eernb1_bam@yahoo.com

**Invitation for Bids (IFB) [e-Procurement]**
Bid Identification No. E.E. (R&B)-BAM-30/2018-19
No. 10019/Dated : 30.08.2018

The Executive Engineer, Ganjam (R&B) Division No.I, Berhampur on behalf of Governor of Odisha invites percentage rate bid in double cover system in ONLINE MODE for construction of works detailed below from eligible contractors.

| | | | |
|---|---|---|---|
| 1. | Nature of Work | : | Building Work |
| 2. | No. of Works | : | 1(One) No. |
| 3. | Tender Cost | : | 10,000/- |
| 4. | Class of Contractor | : | “B” Class and “A” Class |
| 5. | Date & Time of Sale & Receipt of Bids | : | From 15.09.2018, 10.00 AM to 28.09.2018 upto 4.00 PM |
| 6. | Date of Opening of Bid | : | 29.09.2018 at 11.30 A.M. |
| 7. | The Bidders have to participate in ONLINE bidding only. Further details can be seen from the website http://tendersodisha.gov.in | | |

**Sd./- Executive Engineer**
34109/11/0012/1819 **Ganjam (R&B) Division No.I, Berhampur**



**OFFICE OF THE DIVISIONAL FOREST OFFICER**
**SUNDARGARH FOREST DIVISION**
**OFFICE ORDER NO. 306 / DT 12.09.2018**

**SHORT TENDER CALL NOTICE FOR HIRING OF VEHICLE**

**No.81-MM:-** Sealed tenders are invited from interested Vehicle Owners/ Travel Agencies for providing Scorpio, Bolero and Mahindra Max Model of vehicle (Number, Duration and Place of engagement mentioned in the tender document) for official use on hiring at different places within the Sundargarh Forest Division on terms and conditions mentioned in the standard bidding document. Detailed terms and conditions can be procured from the Division Office, Sundargarh Forest Division, Sundargarh during office hours. The last date for submission of tender is 26.09.2018 & will be opened on 27.09.2018 Forenoon.

**Sd./-**
**Divisional Forest Officer,**
08034/11/0001/1819 **Sundargarh Division**



**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH e-Tendering**
IDENTIFICATION NO: RWS&S DIVN., PURI – 37 OF 2018-19
Ph: (06752) 251276, Fax- (06752) 251276, E-mail– eerwss_puri@nic.in
**NATIONAL COMPETITIVE BIDDING THROUGH E-PROCUREMENT**
**Bid Identification No. RWSSPURI 37 /2018-19**

**1st CORRIGENDUM TO INVITATION FOR BIDS (IFB)**
**IDENTIFICATION NO: RWS&S DIVN.PURI – 37 OF 2018-19**

**No. 764-O:-** In the IDENTIFICATION NO. RWS&S DIVN. PURI-37 OF 2018-19, Sl. No. (1) the Column No.3 to 4 are hereby changed as follows. All other items in the tender remain un-altered.

| SL No. | Name of the Work | Appx. Value of work (Rs. In lakhs) | EMD to be deposited (In Rs.) |
|---|---|---|---|
| 1 | 2 | 3 | 4 |
| 1 | Piped water supply to village HANDIALI under BRAHMAGIRI Block. | 56.17 | 56200/- |

*Sd./- Executive Engineer*
25017/11/0064/1819 *RWS&S Division, Puri*



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**KALAHANDI (R&B) DIVISION, BHAWANIPATNA**
**E-mail: eekalahandi@gmail.com, Fax No: 06670-230512, Cell No: 9437050413**

**No.575-B:-** **E-Procurement Notice**
**Bid Identification No. BC KLD- 11/2018-19**
**No. 10881 Dated: 05.09.2018**

| | | |
|---|---|---|
| 1 | Name of the work: | 01 (One) No. of Building works 02 (Two) Nos. of Road Work |
| 2 | Estimated cost: | Rs. 9.00 lakhs to Rs. 90.00 lakhs |
| 3 | Period of completion: | 03 (Three) to 06 (Six) Calendar Months. |
| 4 | Date and time of availabiity of bid document in the portal: | 11.00 hours of 15.09.2018 to 17.00 hours of 22.09.2018 |
| 5 | Last date/Time for receipt of bid in the portal: | 17.00 hour of 22.09.2018 |
| 6 | Name and address of the Officer Inviting Bid: | Executive Engineer, Kalahandi (R&B) Division, Bhawanipatna |
| 7 | Date & Venue of Opening of the Single Cover Bid and Technical Bid (Cover 1) of Double cover Bid. | On 24.09.2018 at 11.00 A.M. in the Office of the Executive Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal https://tendersorissa.gov.in.

**Sd./- (Er. A.K. Babu)**
**Executive Engineer,**
**Kalahandi (R&B) Division**
**34017/11/0006/1819 Dated: 05.09.2018**



**Government of Odisha**
**Deptt. Of Water Resources**
**Office of the Deputy Director,**
**Dam Safety & Support Services**
**Secha Sadan, Unit-V, Bhubaneswar-751001,**
**E-mail: dddamsafety-eicwr.od@nic.in, Phone : 0674-2395390**

**E-TENDER NOTICE**

**BID Identification No.- DD, DS & SS -04/2018-19**

**No.507-A:-** The Deputy Director, Dam Safety & Support Services, Bhubaneswar invites online tender under Double Cover System through e-tendering from registered, competent, experienced and reputed Event Management firm/agencies for the work “Event Management for Organizing International Dam Safety Conference-2019, Bhubaneswar”. The Bidders have to participate in ONLINE bidding only. Further details can be obtained from the e-procurement website of Govt. of Odisha https://tendersodisha.gov.in. Any addendum/ corrigendum/ cancellation of tender can also be seen in the said site. The last date and time of online submission of bid documents is 16.00 hours of Dt. 29.09.2018.

**Sd./- Deputy Director,**
**Dam Safety & Support Services,**
**32314/11/0010/1819 Bhubaneswar**



**Office of the Superintendent**
**Sardar Vallavbhai Patel Post Graduate Institute of Pediatrics**
Health & F.W. Department, Govt. of Odisha
Cuttack-753002, Tel/Fax: 0671-2508978
E-Mail ID- svppgip_cuttack@rediffmail.com, www.svppgip.org
Letter No: 6370 /SVPPGIP, Cuttack Date: 11/09/2018

**TENDER CALL NOTICE**

**No. 418-E:-** The Superintendent, SVPPGIP, Cuttack invites Sealed tender from reputed publisher/ suppliers for supply of 1-Medical Books, 2- Medical Journals of latest edition to this institution during the year 2018-19. The tender will be two bid systems as technical bid and price bid. The details list of Books & Journals, last date of sale, receipt of tender, opening of bid & term and condition can be found in tender paper which will be downloaded from the institution website www.svppgip.org.The bid cost Rs.1500/- (One thousand Five hundred only) should be enclosed by way of separate Demand draft towards the cost of the tender paper. The tender should send by speed post/registered post only.

*Yours sincerely*
***Sd./- Superintendent, SVPPGIP, Cuttack***
10017/11/0017/1819



**GOVT. OF ODISHA**
**DEPARTMENT OF WATER RESOURCES**
**O/o THE EXECUTIVE ENGINEER, QUALITY CONTROL DIVISION, BHADRAK**
**No.500-A:-** **e-mail: qcdbdk2016@gmail.com, Phone:**
**BID IDENTIFICATION NO. QCDBDK-01/2018-19**

| | | |
|---|---|---|
| 1. | Name of work | Procurement of Quality Control Testing Machines for Quality Control Division, Bhadrak |
| 2. | No. of works | 1 No. |
| 3. | Bid Identification No. | QCDBDK-01/2018-19 |
| 4. | Estimated Cost | Rs. 414991/- |
| 5. | Earnest Money Deposit | Rs. 4200/- |
| 6. | Cost of tender paper | Rs. 2000/- |
| 7. | Period of Procurement | 30 days |
| 8. | Date & time of availability of Bid documents in the portal | From 17.09.2018 (10.00AM) to 28.09.2018 (5.00PM) |
| 9. | Time for receipt of Bids in the specified Tender Box in the O/o The Executive Engineer, Quality Control Division, Bhadrak | 10 AM to 5 PM of Office working day from Dt.17.09.2018 to 28.09.2018 |
| 10. | Date and time of Opening of Tender | 29.09.2018 at 11.30 AM |
| 11. | Name and Address of the Officer Inviting Bid | Executive Engineer, Quality Control Division, Bhadrak, Email: qcdbdk2016@gmail.com, Phone: |

Further details can be seen from the State Govt. portal http://www.dowrodisha.gov.in.

***Sd./- Executive Engineer***
**32382/11/0001/1819** ***Quality Control Division, Bhadrak***



❝ ବର୍ତ୍ତମାନର ୧୬ ବର୍ଷରୁ କମ୍ ଭାରତୀୟ ଫୁଟବଲ ଦଳ ଅତୀତର ଏହି ବୟସ ବର୍ଗର ଯେକୌଣସି ଦଳ ତୁଳନାରେ ଯଥେଷ୍ଟ ଶକ୍ତିଶାଳୀ ।

–ଗୁରପ୍ରୀତ ସିଂ ସାନ୍ଧୁ, ଗୋଲକିପର



❝ ବିରାଟ କୋହଲି ଫିଲ୍ଡିଂ ସଜାଇବା ଏବଂ ବୋଲିଂ ପରିବର୍ତ୍ତନ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବା ଉଚିତ୍ ।

–ସୁନୀଲ ଗାଭାସ୍କର, ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଆଜିଠାରୁ



ଭୁବନେଶ୍ୱର, ୧୩।୯(କ୍ରୀଡ଼ା ପ୍ରତିନିଧି): ପଟିଆସ୍ଥିତ ୬ ପକେଟ୍ସ କ୍ଲବ ଆନୁକୂଲ୍ୟରେ ସର୍ବପ୍ରଥମ ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ବିଶ୍ୱରେ ଲୋକପ୍ରିୟ ହୋଇସାରିଥିବା ଏହି ଫର୍ମାଟକୁ ସାଧାରଣତଃ ସ୍ନୁକରର ଟି୨୦ ଫର୍ମାଟ ବୋଲି କୁହାଯାଏ। ଏଥିରେ ୧୫ ରେଡ୍ ବଲ୍ ସ୍ଥାନରେ କେବଳ ୬ ରେଡ୍ ବଲ୍‌ରେ ଖେଳ ହୁଏ। ଅନ୍ୟ କୌଣସି ନିୟମ ପରିବର୍ତ୍ତନ ହୋଇ ନ ଥିଲେ ହେଁ ଓଭରଅଲ୍ ସ୍କୋରରେ ଫାଉଲ୍ ଶଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ପାରମ୍ପରିକ ୧୫ ରେଡ୍ ସ୍ନୁକରରେ ସର୍ବାଧିକ ୧୪୭ ପଏଣ୍ଟ ବ୍ରେକ୍ ହେଉଥିବାବେଳେ ୬-ରେଡ୍ ସ୍ନୁକରରେ ଏହା ୭୫ରେ ସୀମିତ। ଗତ ମାର୍ଚ୍ଚରେ ଉଦ୍‌ଘାଟିତ ହୋଇଥିବା ୬ ପକେଟ୍ସ କ୍ଲବରେ ଏହା ହେବ ପ୍ରଥମ ଟୁର୍ନାମେଣ୍ଟ। ଗୁରୁବାର ସୁଦ୍ଧା ୫୦ ପ୍ରତିଯୋଗୀ ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। କେତେକ ନୂଆ ମୁହଁ ଏଥିରେ ସାମିଲ ଥିବା ଆୟୋଜକଙ୍କୁ ଉତ୍ସାହିତ କରିଛି। କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ମ୍ୟାଚ ଗୁଡ଼ିକ ୭ ଫ୍ରେମ୍ ବିଶିଷ୍ଟ ହେବ। କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲ ୯ କିମ୍ବା ୧୧ ଫ୍ରେମ୍ ବିଶିଷ୍ଟ ହେବ ଏହାପରେ ନିଷ୍ପତ୍ତି ନିଆଯିବ। ତେବେ ଫାଇନାଲ ୧୩ ଫ୍ରେମ୍ ବିଶିଷ୍ଟ ହେବ ବୋଲି ସ୍ପଷ୍ଟ କରାଯାଇଛି। ପ୍ରତିଯୋଗିତାର ଚାମ୍ପିୟନ ଖେଳାଳିଙ୍କୁ ପୁରସ୍କାର ଆକାରରେ ଟ୍ରଫି ସହିତ ୧୦,୦୦୦ଟଙ୍କା ପ୍ରଦାନ କରାଯିବ। ରନର୍ସଅପ୍‌ଙ୍କୁ ୫,୦୦୦ ସହ ଟ୍ରଫି, ସେମିଫାଇନାଲିଷ୍ଟଙ୍କୁ ୨୫୦୦ ଏବଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ପ୍ରତିଯୋଗୀଙ୍କୁ ୧୦୦୦ଟଙ୍କା ଲେଖାଏ ଦିଆଯାଇ ସମ୍ମାନିତ କରାଯିବ। ସର୍ବାଧିକ ପଏଣ୍ଟ ବ୍ରେକ୍ କରିଥିବା ଖେଳାଳିଙ୍କୁ ୨୦୦୦ ଟଙ୍କାର ଆର୍ଥିକ ପୁରସ୍କାର ଦିଆଯିବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି।

# ‘ଦୂତୀ ହାଇଦ୍ରାବାଦରେ ଟ୍ରେନିଂ ଜାରି ରଖିବେ’

**ବେଙ୍ଗାଲୁରୁ, ୧୩।୯(ପି.ଟି.)**

ଆସନ୍ତା ବର୍ଷ ହେବାକୁଥିବା ଏସିଆନ ଓ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ପର୍ଯ୍ୟନ୍ତ ସ୍ପ୍ରିଣ୍ଟ କୁଇନ ଓଡ଼ିଶାର ଦୂତୀ ଚାନ୍ଦ ହାଇଦ୍ରାବାଦରେ ଟ୍ରେନିଂ ଜାରି ରଖିବେ। ଏହା ପ୍ରକାଶ କରିଛନ୍ତି ଦୂତୀଙ୍କ କୋଚ୍ ନାଗାପୁରୀ ରମେଶ। “ଆସନ୍ତା ବର୍ଷର ଏସିଆନ ଓ ବିଶ୍ୱ ଚାମ୍ପିୟନଶିପ୍ ପର୍ଯ୍ୟନ୍ତ ଦୂତୀ ହାଇଦ୍ରାବାଦ୍‌ରେ ଟ୍ରେନିଂ ଜାରି ରଖିବେ। ଆମେ ତାଙ୍କ ପାଇଁ ଯୋଜନାବଦ୍ଧଭାବେ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛୁ। ‘ଘରୋଇ ପରିବେଶରେ ଟ୍ରେନିଂ ନେଇ ବିଦେଶରେ ପ୍ରତିଦ୍ୱନ୍ଦ୍ୱିତାରେ ଭାଗନେବା’ ନୀତିର ଏହା ଅଂଶବିଶେଷ। ଆସନ୍ତା ଅକ୍ଟୋବରରୁ ଦୂତୀ ହାଇଦ୍ରାବାଦରେ ଟ୍ରେନିଂ ଆରମ୍ଭ କରିବେ” ବୋଲି ରମେଶ ପ୍ରକାଶ କରିଛନ୍ତି। କେତେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପୂର୍ବରୁ ଦୂତୀ ବିଦେଶ ଯାଇ ମଧ୍ୟ ଟ୍ରେନିଂ ନେବେ ବୋଲି ସେ ସୂଚନା ଦେଇଛନ୍ତି। ଏସିଆନ ଓ ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ଦୂତୀ ଅଳ୍ପକେତେକ ପ୍ରତିଦ୍ୱନ୍ଦ୍ୱିତାରେ ଭାଗନେବେ। ଘରୋଇ ପରିବେଶରେ ଟ୍ରେନିଂ ନେବାର କାରଣ ସମ୍ପର୍କରେ ସୂଚନା ଦେବାକୁ ଯାଇ ରମେଶ କହିଛନ୍ତି ଯେ, ଯେଉଁ ଆଥଲେଟ୍‌ଙ୍କୁ ଯେଉଁଠି ଭଲ ଲାଗିବ ସେ ସେଠାରେ ଟ୍ରେନିଂ ନେବା ଉଚିତ। ଦୂତୀ ପାଇଁ ଏହା ଭଲ କାମ ମଧ୍ୟ ଦେଉଛି। ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସର ୧୦୦ ଓ ୨୦୦ ମିଟରରେ ରୌପ୍ୟ ପଦକରେ ଏହା ପ୍ରତିଫଳିତ ହେଉଛି। “ଆମେ ସଫଳତା ଅର୍ଜନ କରିଥିବା ହେପ୍‌ଟାଥଲେଟ୍ ସ୍ୱପ୍ନା ବର୍ମନ ଓ ତାଜିନ୍ଦର ପାଲ ସିଂ ତୁରଙ୍କୁ ପ୍ରମାଣ ଭାବେ ନେଇପାରିବା। ଏ ଦୁଇଜଣ ଯଥାକ୍ରମେ ଏସିଆନ ଗେମ୍ସର ହେପ୍‌ଟାଥଲନ ଓ ଶଟପୁଟ୍‌ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏମାନେ ଏହି ଭାରତରେ ହିଁ ଟ୍ରେନିଂ ନେଇଥିଲେ। ଦୂତୀଙ୍କୁ ହାଇଦ୍ରାବାଦରେ ଟ୍ରେନିଂ ନେବାରେ ଭଲ ଲାଗୁଛି ଏବଂ ସେ ସଫଳତା ମଧ୍ୟ ପାଇଛନ୍ତି” ବୋଲି ରମେଶ କହିଛନ୍ତି।



ବେଙ୍ଗାଲୁରୁରେ ଅନୁଷ୍ଠିତ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆର ବାର୍ଷିକ ସମ୍ମିଳନୀ ଅବସରରେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଜାତୀୟ ଓପନ୍ ଆଥଲେଟିକ୍ସରେ ଭାଗନେବେନି

ଚଳିତମାସ ୨୫ରୁ ୨୮ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୫୮ତମ ଜାତୀୟ ଓପନ୍ ଆଥଲେଟିକ୍ସ ଚାମ୍ପିୟନଶିପ ଆୟୋଜନ ହେବ। ଏଥିରେ ଧାବିକା ଦୂତୀ ଚାନ୍ଦ ଭାଗ ନେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। “ମୁଁ ଏବେ ଏସିଆନ ଗେମ୍ସର ୨ଟି ଇଭେଣ୍ଟରେ ଭାଗନେଇ ଫେରିଛି। ବର୍ତ୍ତମାନ କ୍ଲାନ୍ତ ଅଛି, ଶରୀର ରିକୋଭରି ପାଇଁ ସମୟ ଲାଗିବ। ତେଣୁ ଭୁବନେଶ୍ୱର ପ୍ରତିଯୋଗିତାରେ ଭାଗ ନେଇପାରିବି ନାହିଁ। ମୁଁ ବର୍ତ୍ତମାନ ହାଇଦ୍ରାବାଦରେ ରହି ଟ୍ରେନିଂ ଜାରି ରଖିବି ଏବଂ ଆସନ୍ତା ବର୍ଷ ହେବାକୁ ଥିବା ବଡ଼ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେବି। କୋଚ୍, ସହକାରୀ କୋଚ୍, ଫିଜିଓ ପ୍ରମୁଖଙ୍କୁ ନେଇ ଏକ ୧୦ ଜଣିଆ ଟିମ୍ ମୋ ଟ୍ରେନିଂ କାର୍ଯ୍ୟସୂଚୀ ପ୍ରସ୍ତୁତ କରୁଛି। କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ଖେଳାଳି ପୁଲେଲା ଗୋପୀଚାନ୍ଦ ଏହି ଟିମ୍‌ର ପରାମର୍ଶଦାତା ଅଛନ୍ତି। ଅଲିମ୍ପିକ୍ସ ପାଇଁ ମୋର ପ୍ରସ୍ତୁତି ଖର୍ଚ୍ଚ ଓଡ଼ିଶା ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି। ଅଲିମ୍ପିକ୍ସ ଓ ଅନ୍ୟ ବଡ଼ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ୧୦ ଜଣିଆ ଟିମ୍ ବିଦେଶରେ ମୋର ଟ୍ରେନିଂ ସମ୍ପର୍କିତ କାର୍ଯ୍ୟସୂଚୀ ପ୍ରସ୍ତୁତ କରୁଛନ୍ତି। ସେହି ଅନୁସାରେ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଦୂତୀ ପ୍ରକାଶ କରିଛନ୍ତି।

# ଦିନିକିଆ ସିରିଜ ଜିତିଲା ଭାରତୀୟ ମହିଳା ଦଳ

**ଗାଲେ, ୧୩।୯ (ପି.ଟି)**

ସ୍ଥାନୀୟ ଗାଲେ ଆନ୍ତର୍ଜାତିକ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଭାରତୀୟ ମହିଳା ଦଳ ୭ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରି ଭାରତ ୩ ମ୍ୟାଚ ବିଶିଷ୍ଟ ଏହି ସିରିଜରେ ୨–୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଏହି ସିରିଜ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ମହିଳା ଚାମ୍ପିୟନଶିପ୍‌ର ଅଂଶବିଶେଷ ହୋଇଥିବାରୁ ଭାରତ ଏଥିସହ ଅତିରିକ୍ତ ୨ ପଏଣ୍ଟ ହାସଲ କରିଛି।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୨୧୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ୪୮.୧ ଓଭରରେ ୨୧୨ ରନ କରି ଅଲଆଉଟ ହେବା ସହ ବିଜୟଠାରୁ ୮ ରନ ଦୂରରେ ରହିଯାଇଥିଲା। ଶ୍ରୀଲଙ୍କା ତରଫରୁ ଅଧିନାୟିକା ଚାମରି ଆଟାପାଟ୍ଟୁ ସର୍ବାଧିକ ୫୭, ଶଶିକଳା ଶିରିବର୍ଦ୍ଧନେ ୪୯, ନିଲକ୍ସି ଡି ସିଲଭା ୩୧, ଅନୁଷ୍କା ସଞ୍ଜୀବନୀ ୧୭, ଶ୍ରୀପାଲୀ ୱିରାକୋଡ୍ଡୀ ୧୭, ପ୍ରସାଦିନୀ ୱିରାକୋଡି ୧୧ ରନ କରି ଆଉଟ ହୋଇଥିବାବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ମାନସୀ ଜୋଶୀ ଓ ରାଜେଶ୍ୱରୀ ଗାଏକ୍ୱାଡ ଦୁଇଟି ଲେଖାଏ, ଶିଖା ପାଣ୍ଡେ, ଦୀପ୍ତି ଶର୍ମା ଓ ପୁନମ ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ତାନିୟା ଭାଟିଆ ୬୮ ଓ ଅଧିନାୟିକା ମିଥାଲି ରାଜ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୟାଳନ ହେମଲତା ୩୫, ଶିଖା ପାଣ୍ଡେ ୧୪, ସ୍ମୃତି ମନ୍ଧାନା ୧୪, ଦୀପ୍ତି ଶର୍ମା ୧୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଚାମରି ଆଟାପାଟ୍ଟୁ ସର୍ବାଧିକ ୩, ଉଦେଶିକା ପ୍ରବୋଧିନୀ ଓ ଶ୍ରୀପାଲି ୱିରାକୋଡ୍ଡୀ ଦୁଇଟି ଲେଖାଏ, ଇନୋକା ରାଣାୱିରା, ଶଶିକଳା ଶିରିବର୍ଦ୍ଧନେ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ତୃତୀୟ ତଥା ଅନ୍ତିମ ଦିନିକିଆ ସୋମବାର ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଭାରତ ଇନିଂସ– ୫୦ ଓଭରରେ ୨୧୯ ଅଲଆଉଟ (ଭାଟିଆ– ୬୮, ମିଥାଲି– ୫୨, ହେମଲତା– ୩୫, ଆଟାପାଟ୍ଟୁ– ୩/ ୪୨)।

ଶ୍ରୀଲଙ୍କା ଇନିଂସ– ୪୮.୧ ଓଭରରେ ୨୧୨ ଅଲଆଉଟ (ଆଟାପାଟ୍ଟୁ– ୫୭, ଶିରିବର୍ଦ୍ଧନେ– ୪୯, ଡି ସିଲଭା– ୩୧, ଜୋଶୀ– ୨/୪୯, ଗାଏକ୍ୱାଡ– ୨/୩୭)।

# ଜାପାନ୍ ଓପନ୍: ସିନ୍ଧୁଙ୍କ ବିଦାୟ, କ୍ୱାର୍ଟରରେ ଶ୍ରୀକାନ୍ତ

**ଟୋକିଓ, ୧୩।୯(ପି.ଟି.)**

ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ତାରକା ଭାରତୀୟ ଶଟ୍‌ଲର ପିଭି ସିନ୍ଧୁ ଏଠାରେ ଚାଲିଥିବା ୭ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଜାପାନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। କିନ୍ତୁ କିଡାମ୍ବି ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଦିବସରେ ଭାରତର ସମ୍ମାନ ରଖିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମୁକାବିଲାରେ ସିନ୍ଧୁ ୧୮–୨୧, ୧୯–୨୧ ସିଧାସଳଖ ଗେମ୍‌ରେ ଚାଇନାର ଗାଓ ଫାନ୍‌ଜିଙ୍କ ନିକଟରୁ ପରାସ୍ତ ହୋଇଥିଲେ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୪/୨୦୧୮ Bhubaneswar, Friday, September 14/ 2018

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି

# ସ୍କୁଲ ନ ଯାଇ ରାସ୍ତାକଡ଼ରେ ଗଣେଶପୂଜା

**ମହାକାଳପଡା, ୧୩।୯ (ଡି.ଏନ୍.ଏ.)**

ମହାକାଳପଡା ବ୍ଲକ ବଉଳକଣୀ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବାଘୁଆମେଦି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ସ୍କୁଲକୁ ନ ଯାଇ ଗାଁ ରାସ୍ତା କଡ଼ରେ ଗଣେଶ ପୂଜା କରିଥିବା ଦେଖାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ସ୍କୁଲର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରୁଥିବାରୁ ତାଙ୍କ ବଦଳି ପ୍ରତିବାଦରେ ଗତ ୧୧ ତାରିଖରେ ଅଭିଭାବକମାନେ ସ୍କୁଲରେ ତାଲା ପକାଇ ଧାରଣାରେ ବସିଥିଲେ। ଆସନ୍ତା ୭ଦିନ ମଧ୍ୟରେ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି କରାଯିବା ନେଇ ସିଆରସିସି ନିରାକାର ସ୍ୱାଇଁ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବୈଷ୍ଣବ ଚରଣ ରାଉତ ପ୍ରତିଶ୍ରୁତି ଦେଇଥିଲେ। ତେବେ ତାଙ୍କ ବଦଳି ନହେବା ପର୍ଯ୍ୟନ୍ତ ପିଲାମାନଙ୍କୁ ସ୍କୁଲକୁ ପଠାଇବେ ନାହିଁ ବୋଲି ଅଭିଭାବକମାନେ କହିଥିଲେ। ତେଣୁ ଗଣେଶ ପୂଜାରେ ଅଭିଭାବକମାନେ ପିଲାମାନଙ୍କୁ ସ୍କୁଲକୁ ନ ପଠାଇ ରାସ୍ତା କଡ଼ରେ ଏକ ଗଣେଶ ମୂର୍ତ୍ତି ସ୍ଥାପନା କରି ପୂଜା କରାଇଥିଲେ। ଏହି ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ତୁରନ୍ତ ଦାୟିତ୍ୱରେ ଥିବା ପ୍ରଧାନା ଶିକ୍ଷୟିତ୍ରୀଙ୍କୁ ବଦଳି କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



ରାସ୍ତା କଡ଼ରେ ଛାତ୍ରୀଛାତ୍ରଙ୍କ ଗଣେଶ ପୂଜା।

## ଚିଙ୍ଗୁଡ଼ି ଘେରିରେ ଅଘଟଣ

# ମେଶିନରେ ବେକ କଟି ଶ୍ରମିକ ମୃତ

**ମହାକାଳପଡା, ୧୩।୯ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଶାଗୁଆ ପଞ୍ଚାୟତ ଅଧୀନ ରାହାମ ଗ୍ରାମ ନିକଟସ୍ଥ ମଝି ଭେଡାରେ ଥିବା ଏକ ଚିଙ୍ଗୁଡିଘେରିରେ କାର୍ଯ୍ୟ କରୁଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଚିଙ୍ଗୁଡ଼ି ଘେରିରେ ଲାଗିଥିବା ଏକ ଡିଜେଲ ପମ୍ପର ସାପ୍ଟ ବେଲ୍ଟରେ ତାଙ୍କ ବେକ କଟି ଯାଇଥିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ କଳାହାଣ୍ଡି ଜିଲା ମୋହନଗଡି ଗ୍ରାମର ଅଲେଖ ନାୟକ(୨୨)।

ପ୍ରକାଶ ଯେ, ମଧ୍ୟାହ୍ନ ୧୨ଟା ବେଳେ ଅଲେଖ ଚିଙ୍ଗୁଡ଼ି ଘେରି ନିକଟକୁ ଡିଜେଲ ମେଶିନ ବନ୍ଦ କରିବାକୁ ଯାଇଥିଲେ। ଏହି ସମୟରେ ପମ୍ପରେ ଲାଗିଥିବା ସାପ୍ଟ ବେଲ୍ଟରେ ତାଙ୍କ ସାର୍ଟ ଲାଗି ଯାଇଥିଲା। ଫଳରେ ସେ ଟାଣି ହୋଇ ବେଲ୍ଟ ଉପରେ ପଡ଼ି ଯାଇଥିଲେ। ଏଥିରେ ତାଙ୍କ ବେକରେ ଗଭୀର ଭାବେ କ୍ଷତ ହୋଇଥିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତେବେ ଘଟଣାସ୍ଥଳରେ ହିଁ ଅଲେଖଙ୍କର ମୃତ୍ୟୁ ଘଟିଥିଲା। ତେବେ ସେଠାରେ କାର୍ଯ୍ୟ କରୁଥିବା ଅନ୍ୟ ଶ୍ରମିକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ଅଲେଖଙ୍କ ସମ୍ପର୍କୀୟ ଭାଇ ମୋହନ ଗିରି ତନ୍ତିଆପାଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୮/୧୮ ନଂ.ରେ ଏକ ମାମଲା ରୁଜୁ କରିଛି। ସୂଚନାଥାଉ କି, ଗତ କିଛି ଦିନ ତଳେ ଏହି ଅଞ୍ଚଳରେ ଚିଙ୍ଗୁଡ଼ି ଘେରିରେ କାର୍ଯ୍ୟ କରୁଥିବା ଜଣେ ଶ୍ରମିକଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଥିଲା।

# ଡେଙ୍ଗୁରେ ବାପ ପୁଅ ଆକ୍ରାନ୍ତ

**ମାର୍ଶାଘାଇ, ୧୩।୯ (ଡ଼ିଏନ୍ଏ)**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦୁମୁକା ପାଟଣା ଗୋସାଇବନ୍ଧ ଗ୍ରାମର ଫକିର ଚରଣ ନାୟକ(୫୧) ଏବଂ ତାଙ୍କ ପୁତ୍ର ଦୈତାରୀ(୨୪) ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଉଭୟ ବାପପୁଅ କଟକ ବଡ ମେଡିକାଲରେ ଗତ ୧୫ ଦିନ ହେବ ଚିକିତ୍ସିତ ହେଉଛନ୍ତି ବୋଲି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଜଣାପଡିଛି।

# ସାଇଡ୍ ମରାକୁ ନେଇ ଉତ୍ତେଜନା

**ଡେରାବିଶ, ୧୩।୯ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଡେରାବିଶ ବ୍ଲକ ଗୁଆଳସିଂହ ପଞ୍ଚାୟତସ୍ଥିତ ଠାକୁରହାଟ ବଜାରରେ ଗୁରୁବାର ସନ୍ଧ୍ୟାରେ ଜଣେ ସାଇକେଲ୍ ଆରୋହୀଙ୍କୁ ଜଣେ ବାଇକ୍ ଆରୋହୀ ସାଇଡ୍ ମାରିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଛାଞ୍ଚୁଣିଆ ଗ୍ରାମରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଆକ୍ରମଣ, ପ୍ରତି ଆକ୍ରମଣ ହୋଇଥିବା ଜଣାପଡ଼ିଛି। ତେବେ ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ସେହିପରି କୁଶିଆପାଳ ପଞ୍ଚାୟତ ବାଲିପାଟଣାଠାରେ ଏକ କାର୍ ଓ ବାଇକ୍ ଆରୋହୀଙ୍କ ମଧ୍ୟରେ ସାଇଟ୍ ମରାକୁ କେନ୍ଦ୍ରକରି ବାଲିପାଟଣା ଓ ଛାଞ୍ଚୁଣିଆ ଗ୍ରାମର ଯୁବଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ଉଭୟ ପକ୍ଷଙ୍କ ମଧ୍ୟରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇଁ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଥାନା ସୂତ୍ରରୁ ପ୍ରକାଶ।












୧୦

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।

- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ: ୨ ଗୁରୁତର

**ବିରଜାକ୍ଷେତ୍ର, ୧୩।୯(ଡି.ଏନ୍.ଏ):** ଯାଜପୁର ସଦର ଥାନା ଅଞ୍ଚଳରେ ଗୁରୁବାର ଗୋଷ୍ଠୀ ସଂଘର୍ଷରୁ ଦୁଇ ଗୁରୁତର ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଗୁରୁତରମାନେ ହେଲେ ସୁରେନ୍ଦ୍ର ପହୀ(୪୫) ଓ ଅନିରୁଦ୍ଧ ଭୂତିଆ(୪୨)। ଖବରପାଇ ବ୍ଲକ ଅଧକ୍ଷ ପ୍ରଦୀପ ନାୟକ ଓ ସରପଞ୍ଚଙ୍କ ପ୍ରତିନିଧି ରାଜକିଶୋର ପୃଷ୍ଟି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଏ ନେଇ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ ହେବା ପରେ ଥାନା ପକ୍ଷରୁ ଏକ ମାମଲା(୧୮୩/୧୮) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ପ୍ରକାଶ ଯେ, ଯାଜପୁର ସଦର ଥାନା ବେରୁଦା ପଞ୍ଚାୟତ ଈଶ୍ୱରପୁର ଗ୍ରାମରେ ଆମ ଗାଁ ଆମ ବିକାଶ ଯୋଜନାରେ ଏକ କମ୍ୟୁନିଟି ସେଣ୍ଟର ହେବା ପାଇଁ ସ୍ଥିର ହୋଇଥିଲା। ବିଧାୟକ ଗୁରୁବାର ଉକ୍ତ ଗ୍ରାମକୁ ଯାଇ ସ୍ଥାନ ନିରୂପଣ କରିଥିଲେ। ମାତ୍ର ପୂର୍ବରୁ ହୋଇଥିବା କମ୍ୟୁନିଟି ସେଣ୍ଟରକୁ ଜଣେ ବ୍ୟକ୍ତି ଦଖଲରେ ରଖିଥିବାରୁ ତାହାକୁ ସାର୍ବଜନୀନ କରିବା ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖା ଦେଇଥିଲା। ବିଧାୟକ ସ୍ଥାନ ନିରୂପଣ କରି ଆସିବାର କିଛି ସମୟ ପରେ ଉଭୟ ଗୋଷ୍ଠୀ ପରସ୍ପରକୁ ମରଣାନ୍ତକ ଆକ୍ରମଣ କରିଥିଲେ।

### ମୋଟରସାଇକେଲ ଶୋ' ରୁମ୍ ଉଦ୍‌ଘାଟିତ




**ଛତିଆ, ୧୩।୯(ଡି.ଏନ୍.ଏ):** ଛତିଆସ୍ଥିତ କାନାରା ବ୍ୟାଙ୍କ୍ ପାର୍ଶ୍ୱରେ ଗୁରୁବାର ସସ୍ମିତା ଟିଭିଏସ୍ ମୋଟରସାଇକେଲ ଶୋ' ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଜ୍ଞାନେନ୍ଦ୍ର ପ୍ରସାଦ ନାୟକ ଓ ଭବାନୀ ଶଙ୍କର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶୋ'ରୁମ୍ ଉଦ୍‌ଘାଟନ କରିଥିଲେ। ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଟିଭିଏସ୍‌ର ଯେକୌଣସି ମୋଟରସାଇକେଲ୍ କ୍ରୟ କଲେ ଉପହାର ସ୍ୱରୂପ ଏକ ମୋବାଇଲ୍ ଫୋନ୍ ଦିଆଯାଉଛି। ପ୍ରଥମ ଦିନରେ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳିଥିଲା।

### ୨ ଲୁଟେରାଙ୍କୁ ପୋଲିସ ଜିମାଦେଲେ ଲୋକେ

**କୋରେଇ, ୧୩।୯(ସ୍ୱ.ପ୍ର):** ପାଣିକୋଇଲି ଅମୃତିଆ ରାସ୍ତା ଜବାହାର ନବୋଦୟ ବିଦ୍ୟାଳୟ ନିକଟରେ ଗୁରୁବାର ସନ୍ଧ୍ୟାରେ ଜନୈକା ଝିଅ ସାଇକେଲ୍ ଯୋଗେ ଘରକୁ ଫେରୁଥିବାବେଳେ ୨ ଯୁବକ ସ୍କୁଟି(ଓଡି୩୪ଜି୧୨୧୭)ରେ ଆସି ତାଙ୍କ ଭ୍ୟାନିଟି୍ ଛଡ଼ାଇନେଇ ପଳାଇଥିଲେ। ସେ ହେଲେ କରଦା ପଞ୍ଚାୟତ ବର୍ଦ୍ଧମଣା ଗ୍ରାମର ନାରାୟଣ ମୁଦୁଲିଙ୍କ ଝିଅ ସ୍ମିତା। ଖବରପାଇ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଲୁଟେରାଙ୍କ ପିଛା କରି ଅମୃତିଆ ଗ୍ରାମ ନିକଟରେ ତାଙ୍କୁ କାବୁ କରିଥିଲେ। ଥାନାଧିକାରୀ ଅଜୟ କୁମାର ଜେନା ପହଞ୍ଚି ଲୁଟେରାଙ୍କୁ ଥାନାକୁ ଆଣିବା ସହ ସ୍କୁଟି ଜବତ କରି ତଦନ୍ତ ଜାରି ରଖିଛନ୍ତି।

### ବ୍ୟାସଦେବ ମଣ୍ଡଳ ଭାଜପା କର୍ମକର୍ତ୍ତା ଘୋଷିତ

**ଯାଜପୁର ରୋଡ଼, ୧୩।୯(ନି.ପ୍ର):** ଯାଜପୁର ଜିଲାର ବ୍ୟାସନଗର ପୌରାଞ୍ଚଳ ପାଇଁ ଥିବା ଭାଜପାର ବ୍ୟାସଦେବ ମଣ୍ଡଳର ନୂତନ କର୍ମକର୍ତ୍ତା ଓ କାର୍ଯ୍ୟକାରୀ ସଦସ୍ୟଙ୍କ ନାମ ଅନୁମୋଦନ ପରେ ତାହାକୁ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଲିକ ଘୋଷଣା କରିଛନ୍ତି। ନୂତନ ତାଲିକା ଅନୁଯାୟୀ ୬ଜଣ ଉପସଭାପତି ଭାବେ ସର୍ବଶ୍ରୀ ତାରିଣୀ ମହାନ୍ତି, ସରୋଜ କୁମାର ଦେ, ଶିବ ପ୍ରସାଦ ଆଏଚ, ମମତା ପଣ୍ଡା, ଯଶୋବନ୍ତ କୁମାର ମଲିକ, ଚନ୍ଦ୍ରମଣୀ ଭୂୟାଁଙ୍କୁ ଚୟନ କରାଯାଇଛି। ୨ଜଣ ସାଧାରଣ ସମ୍ପାଦକ ଭାବେ ମନୋଜ କୁମାର ଦାସ, ନିରଞ୍ଜନ ସାହୁ, ସମ୍ପାଦକ ଭାବେ ୬ଜଣ ଯଥା ଅଭିଶେକ ପହି, ଜାନକୀ ଜେନା, ଅମୂଲ୍ୟ ସାହୁ, ପ୍ରଫୁଲ୍ଲ ବେହେରା, ଗଣେଶ ମାଝୀ, ଅସିତ ଦାସ୍ ଏବଂ କୋଷାଧ୍ୟକ୍ଷ ଭାବେ କାଇପଦ ମଣ୍ଡଳ ମନୋନୀତ ହୋଇଛନ୍ତି। ମଣ୍ଡଳ ମୋର୍ଚ୍ଚା ସଭାପତି ଭାବେ ୬ଜଣଙ୍କୁ ନିଯୁକ୍ତି କରାଯାଇଛି। ଯୁବମୋର୍ଚ୍ଚା ସଭାପତି ଭାବେ ଆଶିଷ କୁମାର ଦାସ, ମହିଳା ମୋର୍ଚ୍ଚା ସଭାପତି ସବିତା ଖୁଣ୍ଟିଆ, କୃଷକ ମୋର୍ଚ୍ଚା ସଭାପତି ରାଜେନ୍ଦ୍ର କୁମାର ବେହେରା, ଅନୁସୂଚିତ ଜାତି ସଭାପତି ନିରଞ୍ଜନ ପେରେଇ, ଅନୁସୂଚିତ ଉପଜାତି ସଭାପତି ଲକ୍ଷ୍ମଣ ବାସ୍କେ, ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ସଭାପତି ଉମେଶ ଚନ୍ଦ୍ର ମଲିକ, ସଂଖ୍ୟାଲଘୁ ସଭାପତି ଭାବେ ମୟୁଉଦ୍ଦିନ୍ ଆଂସାରୀ ମନୋନୀତ ହୋଇଛନ୍ତି। ଅନେକ ଜଣଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ କରାଯାଇଛି। ସାମାଜିକ ପ୍ରଚାର ସେଲ୍‌ର ସଂଯୋଜକ ବିନୟ କୁମାର ରାଉତ ଓ ଆଇନ ପରାମର୍ଶଦାତା ଅଚ୍ୟୁତାନନ୍ଦ ଦାସ ମନୋନୀତ ହୋଇଛନ୍ତି।

## ଯାଜପୁର ଜିଲାରେ ଗଣେଶ ପୂଜାର ମାହୋଲ...



ଛତିଆ ୟୁଥ୍ କ୍ଲବ୍ ପୂଜା କମିଟି।



ମୋଟରଙ୍ଗପାଳ କମିଟି



ବାରବାଟୀସ୍ଥିତ ଗଣେଶ ପୂଜା କମିଟି।



ଚଢେଇଧରା ଅଞ୍ଚଳରେ ଗଣେଶ ପୂଜା।

# ପୂଜା ପାଇଲେ ଗଜାନନ

**ବିରଜାକ୍ଷେତ୍ର, ୧୩।୯(ଡି.ଏନ୍.ଏ)**

ଗଣେଶ ଚତୁର୍ଥୀ ଅବସରରେ ଯାଜପୁର ସହର ସମେତ ଆଖପାଖ ଅଞ୍ଚଳରେ ଗୁରୁବାର ଗଣେଶ ପୂଜା ପାଳିତ ହୋଇଯାଇଛି। ଏହି ପୂଜା ସଂସ୍କୃତି ଓ ଭାଇଚାରାର ଏକ ଉଦାହରଣ। ଯାଜପୁର ପୌରପାଳିକାର ୧୮ଟି ୱାର୍ଡ ଓ ଯାଜପୁର ବ୍ଲକ୍‌ର କେତେକ ପଞ୍ଚାୟତରେ ଗଣେଶ ପୂଜା ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଛି। ଯାଜପୁର ସହରର ମଙ୍ଗଳା ମନ୍ଦିର, ବିରଜା ମନ୍ଦିର ଜିପିସି କ୍ଲବ, ବିରଜା କ୍ଲବ, ଅଠରନଳା, କୁଆଁସରପୁର, ରକ୍ଷାକାଳୀ, ଯୋଡ଼ିକୂଅ, ଅମ୍ବିକାଇ, ଶୀତଳେଶ୍ୱର, ଗରିଆପୁର, ଦୁର୍ଗାହଲ ବୁଢ଼ା ଗଣେଶ, ବଡ଼ବଜାର, ହରପାର୍ବତୀ ଛକ, ମାର୍କେଟ୍ ଛକ, ସଦାବ୍ରତ ମଠ, ଷ୍ଟେଟ୍ ବ୍ୟାଙ୍କ, ନିୟନ୍ତ୍ରିତ ବଜାର କମିଟି, ଗୋପାଳୀ ଛକ, ଲଳିତେଶ୍ୱର, ରେଡ଼କ୍ରସ୍ ଛକ, ମହାବୀର ଛକ, ବୈଦ୍ୟରାଜପୁର ପ୍ରଭୃତି ସ୍ଥାନରେ ୭୦ରୁ ଊର୍ଦ୍ଧ୍ୱ ଗଣେଶ ପୂଜା ପାଇଛନ୍ତି। ବିଭିନ୍ନ ପୂଜା ମଣ୍ଡପରେ ବିଦ୍ୟୁତ୍ ଆଲୋକମାଳା ଓ ତୋରଣ ଶୋଭା ପାଇଥିଲା। ଆସନ୍ତା ୧୪ରୁ ୧୮ ତାରିଖ ମଧ୍ୟରେ ଭସାଣି ଶେଷ

**ଯାଜପୁର ସହର**

କରିବା ପାଇଁ ପୋଲିସ ପକ୍ଷରୁ ସମସ୍ତ ପୂଜା କମିଟିକୁ ଅନୁରୋଧ କରାଯାଇଛି। ଯାଜପୁର ସହର ବ୍ୟତୀତ ବାଣପୁର, ଗୋଖନା, କଲେଜ ଛକ, ବରୁଆଁ ଆଦି ବିଭିନ୍ନ ଅଞ୍ଚଳରେ ବହୁ ଗଣେଶ ପୂଜା ପାଳିତ ହୋଇଯାଇଛି। କାଳୀପୂଜା ପରି ଗଣେଶ ପୂଜା ଯାଜପୁର ସହରରେ ଏକ ପ୍ରମୁଖ ପୂଜା ଭାବେ ପରିଗଣିତ ହୋଇଛି। ଆଜକୁ ପ୍ରାୟ ୨୫ ବର୍ଷ ତଳେ ବିରଜା ମନ୍ଦିର ନିକଟସ୍ଥ ଗଣେଶ ପୂଜା କମିଟି, ଷ୍ଟେଟ୍ ବ୍ୟାଙ୍କ ନିକଟସ୍ଥ କୋଟବସନ୍ତପୁର ମା' ମଙ୍ଗଳା ଗଣେଶ ପୂଜା କମିଟି, ଅମ୍ବିକାଇ ଛକର ଫ୍ରେଣ୍ଡସ କ୍ଲବ, ପୀର ପଡ଼ିଆ, ଇଲେକ୍ଟ୍ରି ଅଫିସ୍ ଓ ନହରାପୁର ହରିଜନ ସାହି ପ୍ରଥମେ ଗଣେଶ ପୂଜା ଆରମ୍ଭ କରିଥିଲେ। ମାତ୍ର କିଛିବର୍ଷ ତଳେ ରାଜନୈତିକ ଆକ୍ରୋଶ ରଖି ଗଣେଶ ପୂଜାକୁ ଗୌଣ କରିବାପାଇଁ ପ୍ରଚେଷ୍ଟା କରାଯାଇଥିଲା। ହେଲେ ତାହା ସଫଳ ହେଲାନାହିଁ। ପରେ ଏହି କମିଟି ଦ୍ୱାରା ଆୟୋଜିତ ସାଜସଜ୍ଜାକୁ ଅନୁକରଣ କରି ପରମ୍ପରା ବଜାୟ ରଖିବା ପାଇଁ ନୂତନ ପିଢି ପୂଜା କମିଟି ଗଠନ କରି ଗଣେଶ ପୂଜା ଉତ୍ସବ ଆରମ୍ଭ କରିଥିଲେ।

## ମଙ୍ଗଳପୁରରେ ଖୋଲିଲା ସୁଜୁକିର ନୂଆ ଶୋ'ରୁମ୍

**ଦଶରଥପୁର, ୧୩।୯(ଡିଏନ୍ଏ)**

ପବିତ୍ର ଗଣେଶ ଚତୁର୍ଥୀ ଦିନ ଦଶରଥପୁର ବ୍ଲକ ମଙ୍ଗଳପୁର ବଜାର ଥାଲକୁଡି ପମ୍ପ ହାଉସ୍ ନିକଟରେ ଗୁରୁବାର ସୁଜୁକି କମ୍ପାନୀ ପକ୍ଷରୁ ୨ଚକିଆ ଯାନର ନୂତନ ଶୋ ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ବଜାର ଉପରେ ବ୍ଲକର ଅନ୍ୟୁନ ୩୦ ପଞ୍ଚାୟତର ଲୋକେ ନିର୍ଭର କରୁଥିବାବେଳେ ବ୍ଲକ ଅଞ୍ଚଳକୁ ଲାଗିଥିବା କେନ୍ଦ୍ରାପଡା ଓ ଭଦ୍ରକ ଜିଲାର ବହୁ ଲୋକ ଏହି ବଜାର ଉପରେ ନିର୍ଭର କରିଥାନ୍ତି। ଜନସାଧାରଣଙ୍କ ଚାହିଦାକୁ ନଜରରେ ରଖି ସୁଜୁକି କମ୍ପାନୀ ଏଠାରେ ଏକ ଶୋ'ରୁମ୍ ଖୋଲି ଗ୍ରାହକଙ୍କୁ ସେବା ଯୋଗାଇ ଦେବ ବୋଲି ସମ୍ପୃକ୍ତ କମ୍ପାନୀର ଡିଲରସିପ୍ ନେଇଥିବା ଯୁଗଜ୍ୟୋତି ଭଞ୍ଜ ସୂଚନା ଦେଇଛନ୍ତି। ମଙ୍ଗଳପୁର ଥାନାଧିକାରୀ ବାମଦେବ ନନ୍ଦ ଫିତା କାଟି ଶୋ'ରୁମ୍‌ର ଶୁଭ ଉଦ୍‌ଘାଟନ କରିଥିବାବେଳେ ତାଙ୍କ ସହ ଏଏସ୍ଆଇ ଏସ୍‌କେସିଂ, ଉଦ୍ୟୋଗପତି ଜ୍ୟୋତିପ୍ରକାଶ ସାମଲ, ବରିଷ୍ଠ ସାମାଜିକ କର୍ମୀ ସତ୍ୟନାରାୟଣ ବଳ, ବିଶ୍ୱଭୂଷଣ ବିଶ୍ୱାଳ ଓ ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ।

## ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ: କାରଖାନା ସମ୍ମୁଖରେ ଉତ୍ତେଜନା

**କଳିଙ୍ଗନଗର, ୧୩।୯(ଡି.ଏନ୍.ଏ)**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ଜିନ୍ଦଲ କାରଖାନାର ଠିକା ଶ୍ରମିକଙ୍କ ମୃତ୍ୟୁକୁ ନେଇ ଗୁରୁବାର କାରଖାନାରେ ଉତ୍ତେଜନା ଦେଖାଦେଇଥିଲା। ସେ ହେଲେ ଜଖପୁରା ଥାନା ଅନ୍ତର୍ଗତ ମାନତିରା ଗ୍ରାମର ଜୟନ୍ତ ଜେନା (୩୪)। ଗ୍ରାମବାସୀ ଜୟନ୍ତଙ୍କ ମୃତଦେହ କାରଖାନା ଫାଟକ ସମ୍ମୁଖରେ ରଖି କ୍ଷତିପୂରଣ ଦାବି କରିଥିଲେ। ଜଖପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଅପରପକ୍ଷରେ କାରଖାନା କର୍ତ୍ତୃପକ୍ଷ ଓ ମାନତିରା ସରପଞ୍ଚ ଅକ୍ଷୟ ସିଂ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ସାମଲ, ପ୍ରଦୀପ ପାଲ ପ୍ରମୁଖ ଆଲୋଚନା କରି ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଓ ଶବ ସଂସ୍କାର ପାଇଁ ୨୦ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ଅପରାହ୍ନ ୩ଟାରେ ଫାଟକ ସମ୍ମୁଖରୁ ମୃତଦେହ ଉଠାଇଥିଲେ। ଜଖପୁରା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା(୬୫/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ବୁଧବାର ରାତିରେ କାମ କରୁଥିବା ସମୟରେ ଅସୁସ୍ଥ ଲାଗିବାରୁ ଜୟନ୍ତ ଘରକୁ ଫେରୁଥିଲେ। ଏହି ସମୟରେ ଜଖପୁରା ନିକଟରେ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା।

■ ରୋଷେଇ ସମୟରେ ପାଚିକା ପୋଡ଼ିଯିବା ଘଟଣା

## ସହାୟତା ଦାବିକଲା ପାଚିକା ସଂଘ

**ବରୀ, ୧୩।୯(ସ୍ୱ.ପ୍ର.)**



ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦାବି କରିବା ପାଇଁ ଆସିଥିବା ସଂଘର ସଦସ୍ୟମାନେ।

ସ୍କୁଲରେ ରୋଷେଇ ସମୟରେ ପାଚିକା ପୋଡ଼ିଯିବା ଘଟଣାରେ ଗୁରୁବାର ବରୀ ପାଚିକା ସଂଘ ସଭାପତି ସୁମିତ୍ରା ରଥ ଓ ଯାଜପୁର ଜିଲା ପାଚିକା ସଂଘ ସଭାପତି ରାଜକିଶୋର ସାମଲଙ୍କ ନେତୃତ୍ୱରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସହାୟତା ପାଇଁ ଦାବି କରାଯାଇଛି। ରେଣୁବାଳା ପ୍ରଧାନ, ସସ୍ମିତା ନାୟକ, ବିଦ୍ୟୁତ ଲତା ପଣ୍ଡା, ଅନିତା ଦାସ, କାଞ୍ଚନବାଳା ରାଉତ, ଆରତି ମଲ୍ଲ, ସରୋଜ ଦାସ ପ୍ରମୁଖ ପ୍ରତିନିଧି ଦଳ ସାମିଲ ଥିଲେ। ପ୍ରକାଶ ଯେ, ଗତ ୮ ତାରିଖରେ ବରୀ ବ୍ଲକ ଅଧୀନ ଅମଠପୁର ପଞ୍ଚାୟତସ୍ଥିତ ଭୁବନେଶ୍ୱରୀ ନୋଡାଲ ସ୍କୁଲର ପାଚିକା ସ୍କୁଲରେ ରୋଷେଇ କରିବା ସମୟରେ ପୋଡ଼ି ଯାଇଥିଲେ। ସେ ହେଲେ ଅମଠପୁର ଗ୍ରାମର ସୁକୁଟି ଦାଶ। ଏଥିରେ ତାଙ୍କର ବାମହାତ ପୋଡିଯାଇଛି। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ସେଥିପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି।

## ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧନା

**ଧର୍ମଶାଳା, ୧୩।୯(ଡି.ଏନ୍.ଏ)**

ଗଣେଶ ପୂଜା ଅବସରରେ ଧର୍ମଶାଳା ବ୍ଲକ ଶଙ୍ଖାରିଡିହସ୍ଥିତ ଧର୍ମଶାଳା ପବ୍ଲିକ ସ୍କୁଲ ପକ୍ଷରୁ ଗୁରୁବାର ଦୂତି ଚାନ୍ଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଦୂତୀଙ୍କ ଅନୁପସ୍ଥିତିରେ ତାଙ୍କ ବଡ ଭଉଣୀ ସରସ୍ୱତୀ ମାନପତ୍ର ଗ୍ରହଣ କରିଥିଲେ। ଏ ନେଇ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଏମ୍‌ପି ରୀତା ତରାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା ସହ ସୃଜନଶୀଳ କାର୍ଯ୍ୟକଳାପ ପ୍ରତି ଧ୍ୟାନ ଦେଇ ଦୂତି ଚାନ୍ଦଙ୍କ ପରି ହେବାକୁ ପରାମର୍ଶ ଦେଇଥିଲେ। ଇନ୍ଦ୍ରମଣି ନାୟକ, ପ୍ରଶାନ୍ତ ଗନ୍ତାୟତ, ମାନସ ରଞ୍ଜନ ଜେନା, ଅଖିଳ କୁମାର ସ୍ୱାଇଁ, ସନ୍ତୋଷ କୁମାର ତରେଇ, ଶିକ୍ଷାବିତ୍ ସଞ୍ଜୟ କୁମାର ରାୟ, ସଂଗ୍ରାମ କେଶରୀ ଜେନା, ବିଜୟ ନାୟକ, କାହ୍ନୁଚରଣ ଦାଶ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ। ଭିକାରୀ ସାମଲ ଅତିଥିଙ୍କୁ ସ୍ୱାଗତ କରିଥିଲେ।

## ଫୁଟବଲ ମ୍ୟାଚ୍ ଉଦ୍‌ଯାପିତ




ବିଜୟୀ ଫୁଟ୍‌ବଲ୍ ଟିମ୍ ସହ ଅତିଥିବୃନ୍ଦ।

**କାଳିଆପାଣି, ୧୩।୯(ଡିଏନ୍ଏ)**

ଟାଟାଷ୍ଟିଲ ସୁକିନ୍ଦା କ୍ରୋମାଇଟ ଖଣି (ଟିସ୍କୋ) ପକ୍ଷରୁ କାଟେପୂର୍ତ୍ତି ଖେଳପଡ଼ିଆରେ ଦୁଇ ଦିନିଆ ପ୍ରଦର୍ଶନୀ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଜାମସେଦପୁରସ୍ଥିତ ଟାଟା ଫୁଟବଲ ଏକାଡ଼େମୀ ଓ କ୍ରୋମଭ୍ୟାଲି ଫୁଟବଲ କ୍ଲବ ମଧ୍ୟରେ ଏହି ମ୍ୟାଚ ହୋଇଥିଲା। ବୁଧବାର ଅନୁଷ୍ଠିତ ଉଧଘାଟନୀ ଉତ୍ସବରେ କାଳିଆପାଣି ଥାନାଧିକାରୀ ଯୁବରାଜ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଭୟ ଦଳ ୧-୧ ଗୋଲରେ ବରାବର ରହିଥିଲେ। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଟାଟା ଫୁଟବଲ ଏକାଡ଼େମୀ ୩-୧ ଗୋଲରେ କ୍ରୋମଭ୍ୟାଲି ଫୁଟବଲ ଠାରୁ ବିଜୟୀ ହୋଇଥିଲା। ଏହି ଖେଳକୁ ଫାଓ ରେଫରୀ ଶେଷଦେବ ବେହେରା, ସୁରେନ୍ଦ୍ର ବେହେରା, ଆଣ୍ଡ୍ରିଆସ କାଣ୍ଡୋଲାନା ପରିଚାଳନା କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର ରେଫରୀ ରଘୁନାଥ ମୁର୍ମୁ ଏହାକୁ ସହଯୋଗ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଟାଟା କମ୍ପାନୀ ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିବା ବେଳେ ପୂର୍ବତନ ସୁକିନ୍ଦା ତହସିଲଦାର ନବକୃଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଉତ୍କଳ ସାମ୍ବାଦିକ ସଂଘ ତଥା ସୁକିନ୍ଦା ପ୍ରେସ କ୍ଲବ ସଭାପତି ବିଶ୍ୱଜିତ ନାୟକ, ଟାଟା କର୍ମଚାରୀ ସଂଘ ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା, ପୂର୍ବତନ ଉପସଭାପତି ପାପୁ ସିଂ, ସନ୍ତୋଷ ମହାନ୍ତି, ଲୋକସମ୍ପର୍କ ଅଧିକାରୀ ଏସ୍‌ଟି ଏକ୍କା, ନିରାପତ୍ତା ଅଧିକାରୀ ସଂଜୀବ ଡ଼ୋଗରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟାଟା ଫୁଟବଲ ଏକାଡ଼େମୀ କୋଚ ଅକ୍ଷୟ ଦାସ ଓ କ୍ରୋମଭ୍ୟାଲୀ ଫୁଟବଲ ଏକଡ଼େମୀ କୋଚ ସୁପ୍ରଶ୍ନ ନାୟକଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ।

■ କଲରଙ୍ଗୀ–କାଠପାଳ ରାଜପଥ ମରଣଯନ୍ତା

# ବିପଦପୂର୍ଣ୍ଣ ହେଉଛି ଯାତାୟାତ

**କାଳିଆପାଣି, ୧୩।୯(ଡିଏନଏ)**



■ ପ୍ରଶାସନ, କର୍ପୋରେଟ ହାଉସର ଅଣଦେଖା

■ ଅଭିଯୋଗ ଶୁଣାଣିରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି ଫଳ ଶୂନ

■ କୁହୁଳୁଛି ଅସନ୍ତୋଷ

ଯାଜପୁର ଜିଲାର ସିମାନ୍ତ କଲରଙ୍ଗୀରୁ ଢେଙ୍କାନାଳ ଜିଲା କାଠପାଳ ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଥିବା ବେଳେ ଏହା ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଜିଲା ପ୍ରଶାସନ ଓ କର୍ପୋରେଟ ହାଉସଗୁଡ଼ିକର ନୀରବତା ଯୋଗୁ ସମ୍ପୃକ୍ତ ରାସ୍ତାରେ ଯାତାୟାତ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଯାତାୟାତ ଓ ଖଣି ବ୍ୟବସାୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିବା ସମ୍ପୃକ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିବାରୁ ଛାତ୍ରୀଛାତ୍ର ବିଦ୍ୟାଳୟ ଯିବା ଓ ରୋଗୀ ଡାକ୍ତରଖାନାରେ ପହଞ୍ଚିବା କଷ୍ଟକର ହୋଇପଡ଼ିଛି। ସୁକିନ୍ଦାରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ କଲରଙ୍ଗୀ ଗ୍ରାମର କିଛି ଲୋକ ରାସ୍ତା ବିପର୍ଯ୍ୟସ୍ତ ଥିବା ସମ୍ବନ୍ଧରେ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏହାର ଫଳ ଶୂନ ରହିଥିବା ଜଣାପଡ଼ିଛି। ଉକ୍ତ ରାସ୍ତା ଢେଙ୍କାନାଳ ଜିଲାକୁ ସଂଯୋଗ କରୁଥିବା ବେଳେ କାଠପାଳରେ ଏକ କର୍ପୋରେଟ ହାଉସର ଖଣି ରହିଛି। ଏ ନେଇ ପ୍ରତିଦିନ ଶହଶହ ଶ୍ରମିକ ଓ କର୍ମଚାରୀ ଯାତାୟାତ କରିଥାନ୍ତି। ବହୁ ସମୟରେ ଦ୍ରୁତଗତିରେ ଆସୁଥିବା ମାଲବାହୀ ଟ୍ରକଗୁଡ଼ିକର ଯନ୍ତ୍ରାଂଶ ଭାଙ୍ଗି ରାସ୍ତାରେ ପଡ଼ି ରହୁଥିବାରୁ ରାସ୍ତା ଏକ ପ୍ରକାର ବନ୍ଦ ରହିଥାଏ। ଫଳରେ ଲୋକ ପ୍ରଭାବିତ ହୋଇଥାନ୍ତି। ତେବେ ଜିଲାପ୍ରଶାସନ ପକ୍ଷରୁ ବାରମ୍ବାର ଜନଶୁଣାଣି ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବ୍ଲକ ପକ୍ଷରୁ ମଧ ସମପରିମାଣରେ ବ୍ୟୟ କରିବା ସହ ଲୋକଙ୍କ ସମୟ ନଷ୍ଟ କାହିଁକି କରୁଛନ୍ତି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ କର୍ପୋରେଟ ହାଉସଗୁଡ଼ିକ ବିଭିନ୍ନ ସ୍ଥାନରେ ଔଦ୍ୟୋଗିକ ସମାଜିକ ଦାୟିତ୍ୱବୋଧ ଆଳରେ ଖଣି କ୍ଷତିଗ୍ରସ୍ତ ଅଞ୍ଚଳର ସାମୂହିକ ବିକାଶ କରୁଥିବା ନାମରେ କୋଟିକୋଟି ଟଙ୍କା ବ୍ୟୟବରାଦ କରି ପ୍ରଚାରପ୍ରସାରରେ ସୀମିତ ରହୁଥିବାରୁ ଅଞ୍ଚଳରେ ଯାତାୟାତ ଭଳି ମୌଳିକ ସମସ୍ୟା ପ୍ରତି ଅଣଦେଖା ଅଞ୍ଚଳବାସୀଙ୍କୁ କ୍ରମଶଃ ଅସହିଷ୍ଣୁ କରିଥିବା ଖବର ମିଳିଛି। ସୂଚନା ଥାଉକି, ସୁକିନ୍ଦା ବ୍ଲକ ପ୍ରଶାସନ ପକ୍ଷରୁ ଗତ ୨୦୧୪/୧୫ରେ ୧୦ଲକ୍ଷ ଟଙ୍କା ବ୍ୟୟ ବରାଦରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା। ତେବେ କିଛିଦିନ ପରେ ରାସ୍ତାର କେତେକ ସ୍ଥାନରେ ବଡ଼ବଡ଼ ଖାତ ସୃଷ୍ଟି ହୋଇଥିଲା। ଫଳରେ ଏବେ ତାହା ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ଲୋକଙ୍କ ଅସନ୍ତୋଷ ଉଗ୍ର ରୂପ ନେବା ପୂର୍ବରୁ ପ୍ରଶାସନ ଓ କର୍ପୋରେଟ ହାଉସଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୃକ୍ତ ରାସ୍ତା ମରାମତି କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ରାସ୍ତା ଉପରେ ସମ୍ପୂର୍ଣ୍ଣ ନିଭରଶୀଳ ଥିବା କର୍ପୋରେଟ ହାଉସ ଫେକରର ଲୋକସମ୍ପର୍କ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ, ମରାମତି କରାଯିବ, ହେଲେ ଏ ନେଇ ବ୍ଲକ ପକ୍ଷରୁ ଅନୁମତି ଆବଶ୍ୟକ ବୋଲି କହିଥିଲେ। ଏହାପରେ ବ୍ଲକ ବିଡିଓ ମଣିପ୍ରସାଦ ମିଶ୍ରଙ୍କୁ ପଚାରିବାରୁ, ଡିଏମଏଫ ଫଣ୍ଡରେ ଏହି କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି। ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି।



ଧୈର୍ଯ୍ୟ ପିତା ଲାଗେ ସତ, କିନ୍ତୁ ତାହାର ଫଳ ଖୁବ୍ ମଧୁର।
- ରୁଷୋ



## ସଂକ୍ଷେପରେ

### କେରଳ ରିଲିଫ ଫଣ୍ଡକୁ ସହାୟତା



ଯାଜପୁର ଅଫିସ,୧୩।୯: କେରଳରେ ଭୟଙ୍କର ବନ୍ୟାରେ କ୍ଷତିଗ୍ରସ୍ତ ପୀଡିତଙ୍କ ପାଇଁ ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ତରଫରୁ ୪୧ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବୁଧବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଜରିଆରେ ମଞ୍ଚର କର୍ମକର୍ତ୍ତା ଓ ସଦସ୍ୟବୃନ୍ଦ ଏକ ଡିମାଣ୍ଡ ଡ୍ରାଫ୍ଟ ମାଧମରେ ଉକ୍ତ ସହାୟତା ରାଶି ପ୍ରେରଣ କରିଛନ୍ତି। ଏହି ଅବସରରେ ମଞ୍ଚର ସଭାପତି ବିଜୟ କୁମାର ଦାସ, ସମ୍ପାଦକ ଶିଶିର କୁମାର ରାଉତ, ମୁଖ୍ୟ ସଂଯୋଜକ ଚିନ୍ତାମଣି ପାଢ଼ୀ, ସଦସ୍ୟ ଆଇନଜୀବୀ ଏସ କେ ସାମଲ, ଦୂର୍ବାଦଳ ବସୁ, ଦେବଦତ୍ତ ରାୟ, ଦୀପକ କୁମାର ପରିଡା, ପ୍ରମୋଦ କୁମାର ବଳ, ସମୁଦ୍ର ପଟ୍ଟନାୟକ, ଅମୀୟ କୁମାର ନାୟକ, ଆଶୁତୋଷ ମିଶ୍ର, ରଶ୍ମିରଞ୍ଜନ ରାଜ, ମହେନ୍ଦ୍ର ଧଳ, ଅବସରପ୍ରାପ୍ତ ଜିଲା ଜଜ୍ ବିରଞ୍ଚି ନାରାୟଣ ଆଇଚ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବ ବିଜେଡି ସଭାପତି ଘୋଷିତ

ଧର୍ମଶାଳା,୧୩।୯(ଡି.ଏନ୍.ଏ.)- ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଅମରେଶ ପତ୍ରୀଙ୍କ ଅନୁମୋଦନ କ୍ରମେ ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି ବଡ଼ଚଣା ବ୍ଲକର ଯୁବ ବିଜେଡି ସଭାପତିଭାବେ ଗଣେଶ୍ୱର ବରାଳଙ୍କୁ ନିଯୁକ୍ତି ମିଳିଛି। ଏନେଇ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ କ୍ଷିତୀଶ କୁମାର ନାୟକ ବୁଧବାର ଜାରକାଠାରେ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ରାଜ୍ୟ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀଙ୍କ ସୁପାରିସ କ୍ରମେ ବରାଳଙ୍କୁ ନିଯୁକ୍ତି କରାଯାଇଥିବା ସେ କହିଛନ୍ତି।

### ଓଡ଼ିଆ ବିଭାଗ ପାଠଚକ୍ର

ଧର୍ମଶାଳା,୧୩।୯(ଡି.ଏନ୍.ଏ.)- ଧର୍ମଶାଳା ମହାବିଦ୍ୟାଳୟର ଓଡିଆ ବିଭାଗ ପାଠଚକ୍ର ବୁଧବାର ପ୍ରାଧାପକ ଭୀମ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଶୁଭ୍ରାଂଶୁ କୁମାର ପଟ୍ଟନାୟକ ପାଠଚକ୍ରକୁ ଉଦ୍‌ଘାଟନ କରିଥିଲେ। ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡିଆ ବିଭିଗ ମୁଖ୍ୟ ବେଣୁଧର ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ଅଧାପିକା ବୈଜୟନ୍ତୀ ନାୟକ ଯୋଗଦେଇଥିଲେ। ତ୍ରିଲୋଚନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସର୍ବେଶ୍ୱର ମିଶ୍ର, ଦେବପ୍ରସାଦ ସାମଲ, ନିମାଇଁ ଚରଣ କର ଓ ସସ୍ମିତା ରାଉତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ନିର୍ବାଚନୀ ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ, ୧୩।୯(ଡି.ଏନ୍.ଏ.)- ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀରେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ବଡ଼ଚଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଅଜିତ ପ୍ରସାଦ ନାରାୟଣ ଗିରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ବାଲିଚନ୍ଦ୍ରପୁର ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ, ବୈରୀ ଥାନା ଅଧିକାରୀ ନିରଞ୍ଜନ ଶବର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସମସ୍ତ ବୁଥ୍‌ର ସ୍ଥିତି ଯାଞ୍ଚକରି ଯାଜପୁର ଜିଲାପାଳ ଓ ଏସ୍‌ପିଙ୍କୁ ରିପୋର୍ଟ ପ୍ରଦାନ କରାଯିବା ନେଇ ସ୍ଥିର କରାଯାଇଛି।

### ପୂର୍ବତନ ଏମ୍‌ପିଙ୍କ ବିୟୋଗରେ ଶୋକ

ଧର୍ମଶାଳା,୧୩।୯(ଡି.ଏନ୍.ଏ.)- ଯାଜପୁର ଲୋକ ସଭା ପୂର୍ବତନ ଏମ୍‌ପି ରାମଚନ୍ଦ୍ର ମଲିକଙ୍କ ବିୟୋଗରେ ଧର୍ମଶାଳା ବ୍ଲକର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ମଲିକ ଯାଜପୁର ଲୋକ ସଭାରୁ ୩ଥର ପ୍ରତିନିଧିତ୍ୱ କରିଥିଲେ। ଅସୁସ୍ଥତା କାରଣରୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ପରଲୋକ ହୋଇଛି। ଖବର ଜଣାପଡିବା ପରେ ଏମ୍‌ପି ରୀତା ତରାଇ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାଏ, ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡା, ପୂର୍ବତନ ବିଧାୟକ ରବି ଲାବଣ୍ୟ, ପୂର୍ବତନ ବ୍ଲକ ଅଧକ୍ଷ କିସାନ ପଣ୍ଡା, ରମେଶ ଚନ୍ଦ୍ର ପରିଡା, ଯୁବ କଂଗ୍ରେସ ସଭାପତି ସଞ୍ଜୟ ରାଉତ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଧର୍ମଶାଳା ପ୍ରେସ୍ କ୍ଲବ ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ସଭାପତି ଇନ୍ଦ୍ରମଣି ନାୟକଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି।

# ଦବିଗଲା ବନ୍ଧାଲୋ ଭାଗଚାଷୀ ନାଁରେ ଦୁର୍ନୀତି

ଯାଜପୁର ଅଫିସ,୧୩।୯

**ଦୁର୍ନୀତିରେ ଭବୁଟୁବୁ ସେବା ସମବାୟ ସମିତି**
- ମାର୍କଣ୍ଡପୁର ପ୍ୟାକ୍ସ ଅନିୟମିତତାର ତଦନ୍ତ ନିର୍ଦ୍ଦେଶ
- ତଦନ୍ତ ନିର୍ଦ୍ଦେଶରେ ଅଟକୁଛି କାର୍ଯ୍ୟାନୁଷ୍ଠାନ

ଯାଜପୁର ଜିଲାର ସେବା ସମବାୟ ସମିତି(ପ୍ୟାକ୍ସ) ଗୁଡ଼ିକରେ ଦୁର୍ନୀତି ଅଣାୟତ୍ତ ହେବାରେ ଲାଗିଛି । ଏନେଇ ସମବାୟ ସମିତିର ପରିଚାଳନା ପରିଷଦ ପକ୍ଷରୁ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା କୌଣସି ତଦନ୍ତ ମଧ ହେଉ ନାହିଁ। ଏଭଳି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି କୋରେଇ ବ୍ଲକ ବନ୍ଧାଲୋ ପ୍ୟାକ୍ସରେ। ଅନ୍ୟପକ୍ଷେ ଯାଜପୁର ବ୍ଲକ ମାର୍କଣ୍ଡପୁର ପ୍ୟାକ୍ସରେ ୨୦୧୫-୧୬ ବର୍ଷର ଖରିଫ ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଉପରେ ଏବେ ତଦନ୍ତ ନିର୍ଦ୍ଦେଶ ହୋଇଛି । ଅଭିଯୋଗ ହେଲେ ସମବାୟ ସମିତି ସମୂହ ନିବନ୍ଧକ କାର୍ଯ୍ୟାଳୟରୁ ତଦନ୍ତ ନିର୍ଦ୍ଦେଶ ହୋଇଥାଏ। ହେଲେ ଏଯାଏ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନାହିଁ। ଯଦ୍ୱାରା ଚାଷୀଙ୍କ ଜମି ପଟ୍ଟାରେ ଭାଗଚାଷୀଙ୍କ ନାମରେ ମିଥ୍ୟା ଚିଠା ପ୍ରସ୍ତୁତ କରି ମଣ୍ଡିରେ ଧାନ ବିକ୍ରି କରି ତାହାର ମୂଲ୍ୟ ଟଙ୍କା ଓ ବୀମା ବାବଦକୁ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଉଛି। ଏହାସହ ରାଜ୍ୟ ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ କୃଷି ସମ୍ବନ୍ଧୀୟ ସହାୟତା ରାଶି ମଧ ହଡ଼ପ କରିବାକୁ ପଛଘୁଞ୍ଚା ଦିଆଯାଉନାହିଁ ।

କୋରେଇ ବ୍ଲକ ବନ୍ଧାଲୋ ପ୍ୟାକ୍ସରେ ୨୦୧୭ଜୁନ ମାସରେ କେତେକ ଭାଗଚାଷୀଙ୍କ ନାମରେ ମିଥ୍ୟା ଧାନ ବିକ୍ରି କରି ଲକ୍ଷାଧିକ ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଥିଲା। ରାଜ୍ୟ ସମବାୟ ସମିତି(କ୍ରେଡିଟ)ର ଯୁଗ୍ମ ନିବନ୍ଧକ(ଜଏଣ୍ଟ ରେଜିଷ୍ଟ୍ରାର) ପକ୍ଷରୁ ତଦନ୍ତ କରିବାକୁ ଯାଜପୁର ଜିଲା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ(ଏଆରସିଏସ)ଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏହି ସମିତିରେ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜମିକୁ ଅନ୍ୟ ନାମରେ ମିଥ୍ୟା ଚିଠା ପ୍ରସ୍ତୁତ କରାଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ଓଡିଶା ଫୁଡ ପୋଟାଲରୁ ଜାଣିପାରି କେତେଜଣ ଚାଷୀ ଅଭିଯୋଗ କରିଥିଲେ। ସମବାୟ ସମିତିର କର୍ମଚାରୀବୃନ୍ଦ ସେମାନଙ୍କ ପରିବାରଙ୍କ ନାମରେ ବିଭିନ୍ନ ଲୋକଙ୍କ ଜମିକୁ ଭାଗଚାଷରେ ପକାଇ ଧାନ ଏବଂ ବୀମା ରାଶିର ଅର୍ଥକୁ ହଡପ କରିଥିଲେ। ଏହି ସମିତିର ସହସମ୍ପାଦକ ତାଙ୍କ ଭାଉଜ, ମା ଓ ତାଙ୍କ ନିଜ ନାମରେ ଭାଗ ଚାଷ ନାମରେ ଅର୍ଥ ହଡପ ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ତଦନ୍ତ ନିର୍ଦ୍ଦେଶର ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ। ରାଜନୈତିକ ଚାପରେ ଏହି ତଦନ୍ତ ନିର୍ଦ୍ଦେଶ ଚାପି ହୋଇଯାଇଛି। ଏବେ ପୁଣି ଗତ ୨୪।୭।୨୦୧୮ ତାରିଖରେ ପ୍ୟାକ୍ସର ଖୋଦ ପରିଚାଳନା ପରିଷଦ ୧୩ ଦଫା ସମ୍ବଳିତ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି । ଯାଜପୁର ମଣ୍ଡଳ ସହକାରୀ ନିବନ୍ଧକ, ଜିଲାପାଳ, ବିଭାଗୀୟ ସଚିବ ପ୍ରମୁଖଙ୍କୁ ଏନେଇ ଅଭିଯୋଗ ପତ୍ର ଦେଇଛନ୍ତି । ଅଭିଯୋଗରେ ପ୍ୟାକ୍ସ କାର୍ଯ୍ୟାଳୟ ବନ୍ଦ ରହିବା, ପରିଚାଳନା ପରିଷଦ ବୈଠକ ନ ଡାକିବା, ବର୍ଷକରେ ୩/୪ ଥର ବୈଠକ ଡାକି ସଭା ବହିରେ କିଛି ନ ଲେଖି ସଭ୍ୟାସଭ୍ୟଙ୍କଠାରୁ ଦସ୍ତଖତ କରାଇ ନେବା, ଗୃହୀତ ନିଷ୍ପତ୍ତି କାର୍ଯ୍ୟକାରୀ ନ କରିବା, ଚାଷୀମାନଙ୍କ ମଧରେ ୨ ଭାଗ କରି ବିଶୃଙ୍ଖଳା ସୃଷ୍ଟି କରାଇବା ପ୍ରମୁଖ ଦର୍ଶାଯାଇଥିଲା। କିନ୍ତୁ କୌଣସି ଏକ ଅଦୃଶ୍ୟ ଶକ୍ତି ବଳରେ ଏହି ଅଭିଯୋଗ ମଧ ନାଲିଫିତା ତଳେ ରହିଯାଇଛି। ଏପରିକି ଗତ ୮ ତାରିଖରେ ବନ୍ଧାଲୋ ପ୍ୟାକ୍ସ ଅଧିନସ୍ଥ ଚାଷୀମାନେ ଜିଲାପାଳ ଏବଂ ବିଭାଗୀୟ ସଚିବ ପର୍ଯ୍ୟନ୍ତ ଏଭଳି ଅନିୟମିତତା ଉପରେ ଅଭିଯୋଗ ଆଣିଛନ୍ତି। ସଂପୃକ୍ତ ସମ୍ପାଦକ ଏହି ପ୍ୟାକ୍ସରେ ଦୀର୍ଘ ୩୫ ବର୍ଷ ଧରି କାର୍ଯ୍ୟ କରି ଆସୁଥିବାରୁ ତାଙ୍କ ମନମାନି ବଢୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀମାନଙ୍କୁ ହଇରାଣ, ଖରାପ ବ୍ୟବହାର ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଅନୁରୂପ ଅଭିଯୋଗ ମାର୍କଣ୍ଡପୁର ପ୍ୟାକ୍ସରେ ହୋଇଥିବା ଅଭିଯୋଗ ହୋଇଛି । ୨୦୧୫-୧୬ ବର୍ଷର ଖରିଫ ଧାନ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଉପନିବନ୍ଧକ ୧୦।୯।୨୦୧୮ତାରିଖରେ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ(ଏଆର୍‌ସିଏସ୍) ଯାଜପୁର ମଣ୍ଡଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ୭ ଦିନ ମଧରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ପତ୍ରରେ ନିର୍ଦ୍ଦେଶ ଜାରି କରାଯାଇଛି। ପୂର୍ବରୁ ରସୁଲପୁର ବ୍ଲକ ବ୍ରହ୍ମବରଦା, ଧର୍ମଶାଳା ବ୍ଲକ ରଖିଦେଇପୁର ପ୍ରଭୃତି ସେବା ସମବାୟ ସମିତିରେ ଭାଗଚାଷୀଙ୍କ ନାମରେ ଧାନ କିଣା, ମନମାନି ଆଦି ଅନିୟମିତତା ଉପରେ ତଦନ୍ତ ନିର୍ଦ୍ଦେଶ ହୋଇଛି। ହେଲେ ଗୋଟିଏ ବି ଦୁର୍ନୀତିର ପର୍ଦ୍ଦାଫାଶ ଏଯାଏ ହୋଇ ପାରିନାହିଁ। ଏସଂକ୍ରାନ୍ତରେ ଯାଜପୁର ଏଆର୍‌ସିଏସ୍ ନଗେନ୍ଦ୍ର କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ପ୍ୟାକ୍ସଗୁଡ଼ିକରେ କୌଣସି ଦୁର୍ନୀତି ହେଉନାହିଁ । ଯେଉଁସବୁ ଅଭିଯୋଗ ଆସୁଛି ସେହି ଉପରେ ତଦନ୍ତ କରାଯାଇ ଆବଶ୍ୟକ ରିପୋର୍ଟ ପ୍ରଦାନ କରାଯାଉଛି ବୋଲି ସେଠୀ କହିଛନ୍ତି।

### ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଧାରଣା

କଳିଙ୍ଗନଗର, ୧୩।୯(ଡି.ଏନ୍.ଏ.)

ଦାନଗଦୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୭ ଦଫା ଦାବିରେ ମଙ୍ଗଳବାର ଓଡିଶା ସ୍କୁଲ କଲେଜ କର୍ମଚାରୀ ସଂଘ ଦାନଗଦୀ ଶାଖା ୨କ୍ଷରୁ ବ୍ଲକର ସମସ୍ତ ବ୍ଲକ ଗ୍ରାଣ୍ଟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଗଣଧାରଣାରେ ସାମିଏ ହୋଇଥିଲେ। ସଂଘ ପକ୍ଷରୁ ଦୀର୍ଘଦିନ ଧରି ଯୋଗ୍ୟ ବିବେଚିତ ଦିନ ଠାରୁ ସମସ୍ତ ସ୍କୁଲ ଏବଂ କଲେଜ ଅନୁଦାନ ପରିଷଦଭୁକ୍ତ କରାଯାଇ ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ସହ ଅନୁଦାନ ପ୍ରଦାନ, ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପ୍ରଦାନ, ୨୦୧୮ ଅନୁଦାନ ଆଇନରେ ୪୦,୬୦ ଓ ୭୫ ଶତକଡା ଦରମା ପାଉଥିବା ବିଦ୍ୟାଳୟର ଅନୁଦାନ ନିର୍ଦ୍ଦେଶପତ୍ର ସହିତ ବାର୍ଷିକ ଦରମା ବୃଦ୍ଧିକୁ ସଂଯୋଗ, ୭ମ ବେତନ କମିଶନ ଲାଗୁ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ପାଇଁ ଲାଗୁ ହୋଇଥିବା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ ଓ ଇପିଏଫ ବାବଦ ଅର୍ଥ ତୁରନ୍ତ ପ୍ରଦାନ, ବକେୟା ଦରମା ତୁରନ୍ତ ପ୍ରଦାନ, ଚାକିରିକାଳକୁ ୬୨ ବର୍ଷକୁ ବୃଦ୍ଧି ଆଦି ବିଭିନ୍ନ ଦାବି କରାଯାଉଅଛି। ଧାରଣାରେ ୬୦ରୁ ଉର୍ଦ୍ଧ ଶିକ୍ଷକ ଓ କର୍ମଚାରୀ ଯୋଗଦେଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ଜାରକା ଗଣେଶ ପୂଜା କମିଟି ପକ୍ଷରୁ ଆୟୋଜିତ ପୂଜା ମଣ୍ଡପ ଓ ବାରୁଆଳି ।

## ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ସୁକିନ୍ଦା,୧୩।୯(ଡି.ଏନ୍.ଏ.)

ସୁକିନ୍ଦା ମହାବିଦ୍ୟାଳୟରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ୨ ଦିନିଆ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବାଲେଶ୍ୱର ଆଲଏଜ୍ କମ୍ପାନୀ ପକ୍ଷରୁ ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରଥମ ଦିବସରେ କମ୍ପାନୀର ଶିଳ୍ପ କାରଖାନା ପ୍ରକଳ୍ପ ମୁଖ୍ୟ ରଞ୍ଜୟ କୁମାର କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସଭାରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପକ ତଥା ଶିକ୍ଷା ବିଭାଗର ମୁଖ୍ୟ ଲକ୍ଷ୍ମୀକାନ୍ତ ଦାଶ, ଦୀପକ କୁମାର ପ୍ରଧାନ, ପ୍ରକାଶ ପ୍ରଧାନ ମହାପାତ୍ର, କମ୍ପାନୀ ଖଣି ପରିଚାଳକ ତାରିଣୀ ମହାନ୍ତି, ସହ ପରିଚାଳକ ମନୋରଞ୍ଜନ ସାହୁ, ସନ୍ଦିପ କୁମାର ତ୍ରିପାଠୀ ଏବଂ ପାର୍ଥସାରଥି ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରେମ କୁମାର କର ସଂଯୋଜନା କରିଥିବା ବେଳେ ସୁଶ୍ରୀ ଲକ୍ଷ୍ମୀପ୍ରିୟା ପାତ୍ର, ଡୋଲେଶ ବିଶ୍ୱାଳ, ସତୀଶ କୁମାର ମହନ୍ତ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ । ସେହିପରି ସେଣ୍ଟ ଜୋନ୍ ଆମ୍ବୁଲାନ୍ସ ଆସୋସିଏଶନ ତରଫରୁ ରାମଚନ୍ଦ୍ର ରଥ ଏବଂ ମନୋଜ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ୨ ଦିନିଆ ପ୍ରଶିକ୍ଷଣ ଶିବିରରେ ଶିବିରାର୍ଥୀଙ୍କୁ ଦୈନନ୍ଦିନ ଜୀବନରେ ସାମ୍ନା କରୁଥିବା ବିଭିନ୍ନ ଦୁର୍ଘଟଣାରନ୍ତ ଆଶୁ ଚିକିତ୍ସା ପ୍ରଦାନ କୌଶଳ ଶିକ୍ଷା ପ୍ରଦାନ କରାଯାଇଥିଲା। ୨୪୦ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ସେମାନଙ୍କୁ ଜରୁରି କାଳୀନ ପ୍ରାଥମିକ ଚିକିତ୍ସା ନିମନ୍ତେ କିଟ୍ ପ୍ରଦାନ କରାଯାଇଛି । କମ୍ପାନୀ ପକ୍ଷରୁ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସହ ପରିଚାଳକ ମନୋରଞ୍ଜନ ସାହୁ କହିଛନ୍ତି।

### ଅତିରିକ୍ତ ଜିଲାପାଳଙ୍କୁ ଭେଟିଲେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ

ବିରଜାକ୍ଷେତ୍ର,୧୩।୯(ଡି.ଏନ୍.ଏ)

ଯାଜପୁର ନିୟନ୍ତ୍ରିତ ବଜାର କମିଟିର ୪୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ଦରମା ବନ୍ଦ ହୋଇଯାଇଛି। ଦରମା ପାଇବାକୁ ବୁଧବାର କର୍ମଚାରୀମାନେ ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତିଙ୍କୁ ଭେଟି ଅନୁରୋଧ କରିଛନ୍ତି। ବିଭିନ୍ନ ପୂଜା ଉତ୍ସବ ଆସୁଥିବାବେଳେ ଦୁଇମାସର ଦରମା ପାଇ ନ ଥିବାରୁ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀମାନେ ଘୋର ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକଙ୍କ ଅବହେଳା ଯୋଗୁ କର୍ମଚାରୀମାନେ ଦରମା ପାଇନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ବୁଧବାର ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ରାଜକିଶୋର ନାୟକ, ଗୋବିନ୍ଦ ଚନ୍ଦ୍ର ସେଠୀ, ଭିକାରୀ ସାମନ୍ତ ଧୀର, ସେକ୍ ଅଭିସୁଲ, ନୀଳକଣ୍ଠ ବାରିକ, ନରେଶ ସାହୁ, ଶ୍ରୀଧର ପ୍ରଧାନଙ୍କ ସହ ବହୁ କର୍ମଚାରୀ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବି ଜଣାଇଥିଲେ।

## ମଧୁବନଠାରେ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ

ରସୁଲପୁର,୧୩।୯(ଡି.ଏନ୍.ଏ.)




ମଧୁବନଠାରେ ଜନଔଷଧି କେନ୍ଦ୍ରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତର ମଧୁବନହାଟ ନିକଟରେ ଗୁରୁବାର ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ରରେ ସମସ୍ତ ପ୍ରକାରର ଔଷଧ ସୁଲଭ ମୂଲ୍ୟରେ ମିଳିପାରିବ। ବିଭିନ୍ନ ସମୟରେ ସାଧାରଣ ଗରିବ ଶ୍ରେଣୀର ଲୋକମାନେ ନାନା ରୋଗରେ ଶିକାର ହୋଇ ଔଷଧ ଦୋକାନୀ ଓ ଲାଭଖୋର ମନୋବୃତ୍ତିର ଡାକ୍ତରଙ୍କ ଦ୍ୱାରା ଶିକାର ହୋଇ ଆର୍ଥିକ ଶୋଷଣ ଶିକାର ହୁଅନ୍ତି। ତେଣୁ ଏହି ଜନଔଷଧି ଗ୍ରାମାଞ୍ଚଳର ଆର୍ଥିକ ଅନଗ୍ରସର ଲୋକଙ୍କ ପାଇଁ ବିଶେଷ ଫଳପ୍ରଦ ହେବ ବୋଲି କୁହାଯାଉଛି। ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଜ୍ଞ ଡାକ୍ତର ବିରଞ୍ଚିନାରାୟଣ ମହାପାତ୍ର, ଭୁବନେଶ୍ୱରରୁ ଭେଷଜ ବିଶେଜ୍ଞ ଡାକ୍ତର କୈଳାଶ ଚନ୍ଦ୍ର ବିଶ୍ୱାଳ, ଜନଔଷଧି କେନ୍ଦ୍ରରେ ଓଡିଶା ରାଜ୍ୟର ନୋଡାଲ ଅଧିକାରୀ ଓମ୍‌ପ୍ରକାଶ ବର୍ମା ପ୍ରମୁଖ ଯୋଗଦେଇ କେନ୍ଦ୍ର ସମ୍ପର୍କରେ ମତ ରଖିଥିଲେ। ଏଠାରେ ବଜାରରେ ମିଳୁଥିବା ଔଷଧ ଦାମ୍‌ଠାରୁ ୬୦ ରୁ ୭୦ ଶତକଡା କମ୍ ଦାମରେ ଔଷଧ ମିଳିପାରିବ ବୋଲି କେନ୍ଦ୍ରର ପ୍ରୋପାଇଟର ସୁବ୍ରତ କୁମାର ଦ୍ୱିବେଦୀ ପ୍ରକାଶ କରିଛନ୍ତି । ରମେଶ ଚନ୍ଦ୍ର ତରାଇ, ମନୋରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଯୋଗ ଦେଇଥିଲେ। ସେମାନଙ୍କୁ କେନ୍ଦ୍ର ପକ୍ଷରୁ ମାଗଣା ଔଷଧ ବିତରଣ କରାଯାଇଥିଲା ।

## ପୁରପଲ୍ଲୀରେ ପୂଜାପାଇଲେ ଶ୍ରୀଗଣେଶ

ବିଞ୍ଝାରପୁର,୧୩।୯(ଡି.ଏନ୍.ଏ.)

ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ବିଘ୍ନବିନାଶନ ପ୍ରଭୁ ଶ୍ରୀଗଣେଶ ପୂଜାପର୍ବକୁ ବେଶ୍ ଧୂମଧାମରେ ପାଳନ କରାଯାଇଛି। ଏହି ଅବସରରେ ବିଞ୍ଝାରପୁର ଅଞ୍ଚଳରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ଅତି ଶ୍ରଦ୍ଧାର ସହିତ ପ୍ରଭୁ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କାରାଯାଇଛି । ଏହି ବ୍ଲକର ମାଁସଡାସ୍ଥିତ ପଉଣାସାହି, ବାଲିସାହି, ଗୋକଳପୁର, ଖରିଦାସାହିଠାରେ ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ଯୁବକଙ୍କ ସହିତ ଅନେକ ମହିଳା ମଧ ପୂଜା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଠାରେ ପୂଜାକାର୍ଯ୍ୟକ୍ରମ ୩ଦିନ ଧରି ଚାଲିବ। ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମକୁ ଦିଲ୍ଲୀପ ରାଉଳ, ସମୀର ମଲ୍ଲିକ, ଅମୀୟ ସେଠୀ, ଲୋକନାଥ ଦାଶ, ଯଶୋବନ୍ତ ସାହୁ, ମଦନମୋହନ ସାମଲ, ବିଶ୍ୱଜିତ ଦାସ, ମଦନମୋହନ ଦାସ, ତାପସ ଦାସ, ଅନନ୍ତ ଦାସ, ଅକ୍ଷୟ ଦାସ, ଗିରିଜାଶଙ୍କର ମିଶ୍ର, ସୁଜିତ କୁମାର ନନ୍ଦ, ଦିଲ୍ଲୀପ ଦାସ, ସମ୍ବିତ ଦାସ, କୃଷ୍ଣମୋହନ ଦାସ ପ୍ରମୁଖଙ୍କ ସହିତ ସମସ୍ତ ସଦସ୍ୟାସଦସ୍ୟ ଯୋଗଦେଇ ପରିଚାଳନା କରୁଛନ୍ତି। ସେହିପରି ବିଞ୍ଝାରପୁର, ଗୌଡସାହି, ଅଲାରପୁର, ସାଣନ୍ଦା, ତାଡ଼ଁତରା, ମଇଁଦା, ଅରେଇ, ବିତନା, ବାଛୋଳ, ଦାଣ୍ଡିସାହି, କପିଳାଠାରେ ଗଣେଶ ପୂଜା ବେଶ୍ ଆଡମ୍ବରରେ ହେଉଛି। ଏହି ଅବସରରେ ସମଗ୍ର ବିଞ୍ଝାରପୁର ଅଞ୍ଚଳ ଆଧାତ୍ମିକ ପରିବେଶ ସୃଷ୍ଟି ହେଇଛି।



ମାଁସଡାସ୍ଥିତ ପୂଜା ମଣ୍ଡପ ।

# ବର୍ଷା ଜଳରେ ବୁଡ଼ି ରହିଛି ଚାଷଜମି

ବିଞ୍ଝାରପୁର,୧୩।୯(ଡି.ଏନ.ଏ)

ପ୍ରତିବର୍ଷ ବନ୍ୟା, ମରୁଡି, ଲଗାଣ ବର୍ଷା ବିଞ୍ଝାରପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରି ଚାଷୀର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ତଥାପି ଏହାକୁ ଖାତିର କରି ନ ଥାଏ ଚାଷୀ। ଏଥର ବି କ୍ଷେତରେ କରିଥିଲା ଧାନ ଚାଷ। ମାତ୍ର ଗତ କିଛି ଦିନ ତଳେ ହୋଇଥିବା ଲଗାଣ ବର୍ଷା ପୁଣି ଥରେ ଚାଷିର ଅଣ୍ଟାକୁ ଭାଙ୍ଗି ଦେଇଛି। ବିଞ୍ଝାରପୁର ବ୍ଲକର ୨୯ପଞ୍ଚାୟତରେ ମୋଟ ୧୬ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଥିବାବେଳେ ଲଗାଣ ବର୍ଷାରେ ୧୨ହଜାର ୬୩୦ ହେକ୍ଟର ଧାନ କ୍ଷେତରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଛି । ସପ୍ତାହେ ହେବ ବର୍ଷା କମିଥିଲେ ମଧ ବିଲ ବାଡିରୁ ପାଣି କମିବା ନା ନେଉନି। ଫଳରେ ଚାଷୀ ଚିନ୍ତାରେ ମୁଣ୍ଡରେ ହାତ ଦେଇଛି । ବ୍ଲକର ୨୯ପଞ୍ଚାୟତର ୧୧୪ ଗାଁର ୧୨ହଜାର୬୩୦ ହେକ୍ଟର ଚାଷ ଜମିରେ ପାଣି ଜମି ରହି ଖରିଫ ଧାନ ଫସଲ ପ୍ରଭାବିତ ହୋଇଥିବା ନେଇ ବିଞ୍ଝାରପୁର କୃଷି ବିଭାଗ ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ବିଞ୍ଝାରପୁର ବ୍ଲକର ଯୋଇଁମରା, ଗୋପାଳପୁର, ପଇରଖ, ରାମଚନ୍ଦ୍ରପୁର, ବରପଦା ଅଞ୍ଚଳରେ ଟିକିଏ ପାଣି କମିଥିବାରୁ କୃଷିବିଭାଗ ପକ୍ଷରୁ କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିବାପାଇଁ ବୁଧବାର ପୂର୍ବାହ୍ନରେ ବିଭିନ୍ନ ଅଞ୍ଚଳକୁ ପରିଦର୍ଶନରେ ଯାଇଥିଲେ। ଖରିଫଧାନ କ୍ଷୟକ୍ଷତି ସମ୍ପର୍କରେ ବିଞ୍ଝାରପୁର ସହକାରୀ କୃଷି ଅଧିକାରୀ ରଘୁନାଥ ଜେନା କୁହନ୍ତି ଯେ, ଯେଉଁ ଅଞ୍ଚଳରେ ପାଣି କମିଛି ସେହି ଅଞ୍ଚଳକୁ ପରିଦର୍ଶନରେ ଯାଇଥିଲୁ। ପ୍ରଭାବିତ ଅଞ୍ଚଳରେ ଧାନ ଫସଲ ଶତକଡ଼ା ଶହେ ପ୍ରତିଶତ ପଚି ଯାଇଥିବା ନଜରକୁ ଆସିଛି। ଏହି କ୍ଷୟକ୍ଷତି ସମ୍ପର୍କରେ ଜିଲାପାଳଙ୍କୁ ଅବଗତି କରାଯିବ ବୋଲି ସହକାରୀ କୃଷି ଅଧିକାରୀ ଜେନା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚଳିତ ଲଗାଣ ବର୍ଷାରେ ଚାଷୀଙ୍କ ହଜାର ହଜାର ହେକ୍ଟର ଖରିଫ ଧାନ କିଆରି ବର୍ଷାଜଳରେ ଏପର୍ଯ୍ୟନ୍ତ ବୁଡ଼ି ରହିଥିବାରୁ ଖରିଫ ଫସଲରୁ କିଛି ପାଇବା ନେଇ ଚାଷୀ ଆଶା ଛଡ଼ାଇ ଦେଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରାଯାଇ କୃଷି ଋଣ ଛାଡ କରାଯିବା ସହିତ ଫସଲ ବୀମା ପ୍ରଦାନ କରିବାକୁ ବିଭିନ୍ନ ମହଲରେ ଦାବି କରାଯାଉଛି।

**ବିଞ୍ଝାରପୁରରେ ବର୍ଷା ବିପ୍ଳାତ**
- ସଙ୍କଟରେ ଖରିଫ ଫସଲ



ପାଣି ଜମିଥିବା ଧାନ ଚାଷଜମିରେ କୃଷି ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ସେପ୍ଟେମ୍ବର, ୨୦୧୮



## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

**ଦଶପଲ୍ଲା,୧୩।୯(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସରିଗଣ୍ଡା ପଞ୍ଚାୟତର ଗୋଛାସାହି ଗ୍ରାମରେ ସାପକାମୁଡାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ହେଲେ ଶିବ ଜାନୀ (୩୭)। ସେ ଘରେ ଶୋଇଥିବାବେଳେ ଭୋର ସମୟରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ୧୩/୨୦୧୮ରେ ରୁଜୁ ହୋଇଛି । ସନ୍ଧ୍ୟା ହୋଇଥିବାରୁ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି ।

### ପୋଖରୀ ମଝିରେ ମେଢ଼

କୃଷ୍ଣପ୍ରସାଦ,୧୩।୯(ଡି.ଏନ.ଏ.)-ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍‌ର ୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଗୁରୁବାର ବିଘ୍ନରାଜ ଶ୍ରୀଗଣେଶ ପୂଜା ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହୋଇଯାଇଛି। ବଜ୍ରକୋଟ ଗାଁରେ ଲଲାବାହିନୀ ଯୁବକ ସଂଘ ପୋଖରୀ ମଝିରେ ମଣ୍ଡପ ପ୍ରସ୍ତୁତ କରି ନିଆରା ଭାବେ ଗଣେଶ ପୂଜା କରିଥିଲେ। ପ୍ରାକୃତିକ ପରିବେଶ ମଧ୍ୟରେ ସଜ୍ଜିତ ଏହି ଆକର୍ଷଣୀୟ ମେଢ଼ ଦେଖିବା ପାଇଁ ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହିପରି ମାଲୁଦ କରଣ ସାହି, ଜେନା ସାହି, ବାଲି ସାହି, ଜଗତି ସାହି ଓ ଚିଲିକା ନୂଆସାହିରେ ପ୍ରତିଯୋଗିତା ଭାବେ ଶ୍ରୀ ଅଗ୍ରପୂଜ୍ୟଙ୍କ ତୋରଣ, ମୂର୍ତ୍ତି , ମଣ୍ଡପ ଓ ସାଜସଜା ବେଶ୍ ସୁନ୍ଦର ଲାଗୁଥିଲେ।

### ଡେଙ୍ଗୁ: ବେଗୁନିଆରେ ୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**ବେଗୁନିଆ,୧୩।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ମଲ୍ଲୀପଦର ଗ୍ରାମରେ ବୁଧବାର ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେ ହେଲେ ଜୟକୃଷ୍ଣ ସାହୁ। ଚିକିତ୍ସା ପାଇଁ ତାଙ୍କୁ କଟକ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିବା ରୋଗୀ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବେଗୁନିଆ ବ୍ଲକରେ ୫୦ରୁ ଉର୍ଦ୍ଧ୍ୱ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜଣାପଡିଛି। ଗାଁ ପରିବେଶକୁ ସ୍ୱାସ୍ଥ୍ୟ ବିଭାଗ ମଧ ଦାୟୀ କରୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ପ୍ରତିକାର କାମ ଦେଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ଡେଙ୍ଗୁ ଚିହ୍ନଟ ଗ୍ରାମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ମଶାରି ବଣ୍ଟନ ପାଇଁ ଦାବି ହେଉଛି। ସୂଚନା ଥାଉକି, ଗତ ଅଗଷ୍ଟ ୧୭ରୁ ବଡବେରଣା ଗ୍ରାମରେ କ୍ରମାଗତ ଭାବେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଇ ୪୦ରେ ପହଞ୍ଚିଛି । ଏ ସମ୍ପର୍କରେ ବ୍ଲକ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ତନ୍ମୟ ତ୍ରିପାଠୀ କୁହନ୍ତି, ବଡବେରଣାରେ ଡେଙ୍ଗୁ ରୋଗୀ ସଂଖ୍ୟା ହ୍ରାସ ପାଇଁ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି।

# ଜାତୀୟ ରାଜପଥ ଉପରେ ବଢୁଛି ଦୁର୍ଘଟଣା

## ସ୍ପିଡିବ୍ରେକର ସ୍ଥାପନ ପାଇଁ ସରପଞ୍ଚଙ୍କ ଦାବି

**ଦଶପଲ୍ଲା,୧୩।୯(ଡି.ଏନ.ଏ.)**

ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ଦିନକୁ ଦିନ ଦୁର୍ଘଟଣା ବଢିଚାଲିଛି । ବିଶେଷତଃ ଟାକେରା ଏବଂ ବୁଗୁଡା ଅଞ୍ଚଳଟି ଜାତୀୟ ରାଜପଥ ପାର୍ଶ୍ୱରେ ଥିବାବେଳେ ଏହି ରାସ୍ତା ପାର୍ଶ୍ୱରେ ଦୁର୍ଘଟଣା ଘଟୁଛି। ଚଳିତ ବର୍ଷ ଏହି ଅଞ୍ଚଳରେ ଦୁର୍ଘଟଣା ଘଟି ୭ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ଟାକେରା ଠାରେ ୨ଟି ସ୍ପିଡି ବ୍ରେକର ସ୍ଥାପନ କରିବା ପାଇଁ ଟାକେରା ସରପଞ୍ଚ ସଞ୍ଜୁକ୍ତା ନାୟକ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

ସୂଚନାଯୋଗ୍ୟ, ଜାନୁଆରୀ ମାସ ୧୬ ତାରିଖରେ ଟାକେରା ଠାରେ ଟ୍ରକ ଦୁର୍ଘଟଣାରେ ସ୍ଥାନୀୟ ଅଞ୍ଚଳର ବାଇକ ଆରୋହୀ ପ୍ରତାପ ଚନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ ତାରିଖରେ ତିଳାବାଡି ଗ୍ରାମର ସୁମିତ୍ରା ନାୟକ ଏବଂ ମାର୍ଚ୍ଚ ମାସ ୧୨ ତାରିଖରେ ଦଶପଲ୍ଲା ଅଞ୍ଚଳର ନିଳମଣୀ ଦାଶଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସେହିପରି ଗତ ଅଗଷ୍ଟ ମାସ ୨୦ ତାରିଖରେ ଟାକେରା ବିଦ୍ୟାଳୟ ସମ୍ମୁଖରେ ବାଇକ ଦୁର୍ଘଟଣାରେ ବୌଦ୍ଧ ଅଞ୍ଚଳର ୨ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଗତ ବୁଧବାର ରାତିରେ ଏକ ଟ୍ରକ ଦୁର୍ଘଟଣାରେ ଟାକେରା ଗ୍ରାମର ସୁରସେନ ସାହୁଙ୍କ ମୃତ୍ୟୁ ହୋଇଛି। ଏଥିସହିତ ଟାକେରା ଠାରୁ ବୁଗୁଡା ମଧ୍ୟରେ ଦୈନିକ ଅନେକ ଛୋଟବଡ ଦୁର୍ଘଟଣା ଘଟିଚାଲିଛି। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣ ଭୟଭୀତ ହୋଇ ପଡିବା ସହ ନିକଟରେ ଥିବା ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ର ବିଦ୍ୟାଳୟକୁ ଅସୁରକ୍ଷିତ ଭାବେ ଯାତାୟତ କରୁଥିବା ସରପଞ୍ଚ ନାୟକ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷେ ଜାତୀୟ ରାଜପଥ ଉପରୁ ସରକାର ବନବିଭାଗର ସମସ୍ତ ତନଖି ଫାଟକକୁ ଉଚ୍ଛେଦ କରିଦେଇଥିବା ବେଳେ ଟାକେରା ଏବଂ ବାଣିଗୋଛା ଠାରେ ରହିଥିବା ତନଖି ଫାଟକ ଗୁଡିକ ମୁକୁଳା ପଡିଛି। ଫଳରେ ଦୁର୍ଘଟଣା ଘଟିବା ପରେ ଦୁର୍ଘଟଣା ଘଟାଇ ଥିବା ଗାଡି ଗୁଡିକ ଖସି ପଳାଇବାରେ ସକ୍ଷମ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖିବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ଟାକେରା ବୃତ୍ତଙ୍ଗ ସେତୁ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ୨ଟି ସ୍ପିଡ ବ୍ରେକର ସ୍ଥାପନ ପାଇଁ ନାୟକ ଜିଲାପାଳଙ୍କ ସମେତ ପୂର୍ତ୍ତ ବିଭାଗ ଅଧିକାରୀ, ବିଡିଓ, ତହସିଲଦାର ଏବଂ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ଚିଠି ଲେଖିଛନ୍ତି।

# ନିଲାମରେ ଦିଆ ନ ଯାଉ ପବିତ୍ର ପୀଠ

## ଶୋଷଣମୁକ୍ତ ହେବେ ଭକ୍ତ

**ପୁରୀ ଅଫିସ,୧୩।୯**

ଶ୍ରୀମନ୍ଦିର ପରିସରରେ ଏବଂ ମନ୍ଦିର ବାହାରେ ଏକାଧିକ ପବିତ୍ର ପୀଠ ବା ସ୍ଥାନ ରହିଛି। ଏଗୁଡ଼ିକ ମଧ୍ୟରେ ରୋହିଣୀ କୁଣ୍ଡ, କଳ୍ପବଟ, କୋଇଲି ବୈକୁଣ୍ଠ, ନୀଳାଦ୍ରିବିହାର ଉପବନ, ନରେନ୍ଦ୍ର ପୁଷ୍କରିଣୀ, ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରଭୃତି ରହିଛି। ଏ ସବୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ରହିଛି। ମହାପ୍ରଭୁଙ୍କୁ ପ୍ରତିଦିନ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଅଧିକାଂଶ ଏହିସବୁ ସ୍ଥାନକୁ ବୁଲି ଯାଆନ୍ତି। ଆସ୍ଥା ଓ ବିଶ୍ୱାସର ଏହି ପବିତ୍ର ପୀଠକୁ ଯିବାକୁ ହେଲେ ପ୍ରତ୍ୟେକଙ୍କୁ କିଛି ନା କିଛି ଦେୟ ଦେବାକୁ ପଡିଥାଏ। ଶ୍ରୀମନ୍ଦିର ପ୍ରଶାସନ ପ୍ରତିବର୍ଷ ଏହିସବୁ ସ୍ଥାନକୁ ନିଲାମ ଆକାରରେ ଦେଇଥାଏ। ନିଲାମଧାରୀ ମନ୍ଦିର ପ୍ରଶାସନ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ଅନୁସାରେ ଟିକେଟ୍ କାଟିବାର ନିୟମ ରହିଛି। ତଥାପି ଅନେକ ସମୟରେ ଏଠାରେ ଭକ୍ତଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ଉଠୁଛି। ତେଣୁ ଭକ୍ତଙ୍କୁ ଏଭଳି ଶୋଷଣରୁ ମୁକ୍ତ କରିବାର ବାଟ ଫିଟାଇଛି ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ତିନିଜଣିଆ କମିଟି। ଏହିସବୁ ପୀଠ ବା ସ୍ଥାନକୁ ନିଲାମ ନ ଦେବାକୁ କମିଟି ତା' ରିପୋର୍ଟରେ ସୁପାରିସ କରିଛି।

ଶ୍ରୀମନ୍ଦିର ପରିସରରେ ରହିଛି ରୋହିଣୀ କୁଣ୍ଡ। ପଞ୍ଚତୀର୍ଥ ମଧ୍ୟରୁ ଏହା ଅନ୍ୟତମ। ଏହାକୁ ଶ୍ରୀକ୍ଷେତ୍ରର ସବୁଠୁ ପବିତ୍ର ସ୍ଥାନ ବୋଲି ବିବେଚନା କରାଯାଏ। ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ବେଢା ପରିସର ବୁଲିବା ସମୟରେ ରୋହିଣୀ କୁଣ୍ଡକୁ ଦର୍ଶନ କରିଥାନ୍ତି। ଏହାର ପାଣିକୁ ମୁଣ୍ଡରେ ଛିଞ୍ଚି ସମସ୍ତ ପାପତାପରୁ ମୁକ୍ତି ପାଇବାକୁ ଆଶା ରଖନ୍ତି। କଳ୍ପବଟ ପ୍ରତି ଶ୍ରଦ୍ଧାଳୁମାନଙ୍କ ପୂର୍ଣ୍ଣ ବିଶ୍ୱାସ ଓ ଭକ୍ତି ରହିଛି। କୌଣସି ମାନସିକ ରଖି ଏଠାରେ ଡୋରିଟିଏ ବାନ୍ଧିଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ରହିଛି କୋଇଲି ବୈକୁଣ୍ଠ। ଏଠାରେ ତୁଳସୀ ଏବଂ ବିଭିନ୍ନ ପ୍ରକାର ଫୁଲ ବଗିଚା ରହିଛି। ନବକଳେବର ସମୟରେ ଦାରୁଦିଅଁଙ୍କ ନୂଆ ମୂର୍ତ୍ତି ଏଠାରେ ନିର୍ମାଣ କରାଯାଇଥାଏ। ନବକଳେବରରେ ପୁରାତନ ବିଗ୍ରହଙ୍କୁ କୋଇଲି ବୈକୁଣ୍ଠ ପରିସରରେ ପାତାଳି କରାଯାଇଥାଏ। ଏହା ହେଉଛି ସାକ୍ଷାତ୍ ବୈକୁଣ୍ଠପୁର। ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଏହା ପରିସରକୁ ବୁଲିଯିବାକୁ ପ୍ରାଥମିକତା ଦେଇଥାନ୍ତି। ସେହିପରି ମନ୍ଦିର ପରିସରର ଅନ୍ୟ ଏକ ପବିତ୍ର ସ୍ଥଳୀ ହେଉଛି ନୀଳାଦ୍ରି ବିହାର ଉପବନ।

ଶ୍ରୀଗୁଣ୍ଡିଚା ମନ୍ଦିର ହେଉଛି ଶ୍ରୀକ୍ଷେତ୍ରର ଅନ୍ୟତମ ପବିତ୍ର ପୀଠ। ରଥଯାତ୍ରା ସମୟରେ ଏହା ଚଳଚଞ୍ଚଳ ହୋଇଉଠେ। କିନ୍ତୁ ଠାକୁର ବାହୁଡିଯିବା ପରେ ପୁଣି ଶୂନ୍‌ଶାନ ହୋଇଯାଏ ଗୁଣ୍ଡିଚା ମନ୍ଦିର। ତଥାପି ବର୍ଷତମାମ୍ ଏଠାକୁ ଭକ୍ତ ଆସିଥାନ୍ତି। ସେହିପରି ଅନ୍ୟତମ ପବିତ୍ର ସ୍ଥଳ ହେଉଛି ଚନ୍ଦନ ପୁଷ୍କରିଣୀ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ ବଳରାମ ଓ ପଞ୍ଚମହାଦେବ ପ୍ରତ୍ୟେକ ବର୍ଷ ଚନ୍ଦନ ଯାତ୍ରାରେ ଏଠାକୁ ଚାପ ଖେଳିବାକୁ ଆସନ୍ତି। ଏହି ପବିତ୍ର ଜଳାଶୟରେ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହା ଚନ୍ଦନ ସରୋବର ନାମରେ ଖ୍ୟାତ। ତେଣୁ ପ୍ରତିଦିନ ଏଠାକୁ ଭକ୍ତ ଦର୍ଶନ ପାଇଁ ଆସନ୍ତି। ଏ ସବୁ ବ୍ୟତୀତ ଶ୍ରୀମନ୍ଦିର ପ୍ରଶାସନ ଆହୁରି କେତେକ ସ୍ଥାନକୁ ନିଲାମ ଆକାରରେ ଦେଇଥାଏ। କିନ୍ତୁ ବେଳେ ବେଳେ ଏହିସବୁ ଜାଗାରେ ଭକ୍ତଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ଉଠିବାରୁ ଶ୍ରୀମନ୍ଦିର ପ୍ରଶାସନ ନିଜେ କର୍ମଚାରୀ କିମ୍ବା ସେବକଙ୍କୁ ନିଯୁକ୍ତି କରି ପରିଚାଳନା କରୁ ବୋଲି କମିଟି ସୁପ୍ରିମ୍‌କୋର୍ଟଙ୍କୁ ପ୍ରସ୍ତାବ ଦେଇଛନ୍ତି। କମିଟି ସୁପାରିସକୁ ଯଦି ସୁପ୍ରିମ୍‌କୋର୍ଟ ଗ୍ରହଣ କରନ୍ତି ତେବେ ଏହିସବୁ ସ୍ଥାନର ପରିଚାଳନା ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନ ହାତକୁ ଆସିପାରେ ବୋଲି କୁହାଯାଉଛି।

# ପଣ୍ଡିତ ବିନାୟକ ମିଶ୍ରଙ୍କ ଜୟନ୍ତୀ ସମାରୋହ



ଜୟନ୍ତୀରେ ଯୋଗଦେଇଥିବା ଅତିଥିମାନେ ।

**ନୟାଗଡ଼ ଅଫିସ,୧୩।୯**

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ତଥାସ୍ତୁର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସାରସ୍ୱତ ସାଧକ ପଣ୍ଡିତ ବିନାୟକ ମିଶ୍ରଙ୍କ ଜୟନ୍ତୀ ଗୁରୁବାର ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ତଥାସ୍ତୁର ସଭାପତି ବସିରନ୍ ବିବିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଇଟାମାଟି ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ନାୟକ ଏବଂ ସାହିତ୍ୟ ଏକାଡେମୀ ସଦସ୍ୟ ନିର୍ମଳ ଚନ୍ଦ୍ର ଶୂରଦେଓ ଯୋଗ ଦେଇଥିଲେ। ଅତିଥିମାନେ ପଣ୍ଡିତ ବିନାୟକ ମିଶ୍ରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ୧୮୯୪ ମସିହା ଗଣେଶ ଚତୁର୍ଥୀରେ ଶରଣକୁଳ ଗ୍ରାମ ମାଳିସାହିଠାରେ ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ବିନାୟକ । ଗଣେଶ ବା ବିନାୟକଙ୍କର ଜନ୍ମଦିନରେ ସେ ପୃଥିବୀର ଆଲୋକ ଦେଖିଥିବାରୁ ତାଙ୍କ ପିତାମହ ରଘୁନାଥ ମିଶ୍ର ତାଙ୍କ ନାମ ବିନାୟକ ରଖିଥିବା ଅତିଥିମାନେ ସୂଚନା ଦେଇଥିଲେ। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବିନାୟକ ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱ ଭାବେ ସ୍ୱୀକୃତି ଲାଭ କରିପାରିଥିଲେ। ଏଥିସହ ବିନାୟକ ଓଡ଼ିଆ ଭାଷାର ଇତିହାସ, ଓଡ଼ିଆ ସାହିତ୍ୟର ଇତିହାସ, ଭାରତୀୟ ଦର୍ଶନ ପ୍ରବେଶିକା, ମହାମାନବ ମହାତ୍ମା ଗାନ୍ଧୀ, ଓଡ଼ିଆ ଛାନ୍ଦ ସାହିତ୍ୟ, ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ ଆଦି ଗ୍ରନ୍ଥ ପ୍ରଣୟନ କରିଛନ୍ତି। ଏହି ଅବସରରେ ପୂର୍ବତନ ପ୍ରାଧ୍ୟାପକ ଡ. ବିଜୟ ଚୌଧୁରୀଙ୍କ ସଭାପତିତ୍ୱରେ ଜିଲାସ୍ତରୀୟ କବିତା ଆସର ଅନୁଷ୍ଠିତ ହୋଇଥିଲା। ସେହିଭଳି ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କରାଯାଇଥିବା ବକ୍ତୃତାମାଳା ଏବଂ କବିତା ଆବୃତ୍ତି ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତଥାସ୍ତୁର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ।

## ନକଲି ବ୍ରାହ୍ମଣ ହଟାଇବାକୁ ସ୍ମାରକପତ୍ର

**ପୁରୀ ଅଫିସ, ୧୩।୯**

ଶ୍ରୀମନ୍ଦିର ପରିସରରୁ ନକଲି ବ୍ରାହ୍ମଣଙ୍କୁ ଚିହ୍ନଟ କରି ହଟାଯାଉ। ଏହି ଦାବିକରି ବୁଧବାର ଶ୍ରୀମନ୍ଦିର ପ୍ରଶାସନକୁ ସ୍ମାରକପତ୍ର ଦେଇଛି ବ୍ରାହ୍ମଣ ସମାଜ। ଶ୍ରୀମନ୍ଦିର ହେଉଛି ଏକ ପବିତ୍ର ସ୍ଥାନ। ଏଠାରେ ରହିଛି ମୁକ୍ତିମଣ୍ଡପ। ଏଠାରେ ପଞ୍ଚକୋଶୀ ବ୍ରାହ୍ମଣମାନେ ପାରମ୍ପରିକ ବିଧିବିଧାନ ସାଙ୍ଗକୁ ବିଭିନ୍ନ ପ୍ରକାର ଧାର୍ମିକ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। ମନ୍ଦିର ପ୍ରଶାସନ ପକ୍ଷରୁ ନକଲି ବ୍ରାହ୍ମଣଙ୍କୁ ଚିହ୍ନଟ କରି ହଟାଯାଉ। କିନ୍ତୁ ଷୋଳ ଶାସନ, ବତିଶି କରବାଡ଼ ଓ ପଞ୍ଚକୋଶୀ ବ୍ରାହ୍ମଣମାନଙ୍କୁ ଅଯଥାରେ ନିନ୍ଦିତ, ଅପମାନିତ ଓ ଲାଞ୍ଛିତ କରା ନ ଯାଉ ବୋଲି ବ୍ରାହ୍ମଣ ସମାଜ ପକ୍ଷରୁ ଗୋପାଳ ଚନ୍ଦ୍ର ଦାଶ, ଦୁର୍ଗାମାଧବ ତ୍ରିପାଠୀ, ଲିଙ୍ଗରାଜ ମିଶ୍ର, ରାମଚନ୍ଦ୍ର ରଥଙ୍କ ସମେତ ବହୁ ବ୍ରାହ୍ମଣ ନିବେଦନ କରିଛନ୍ତି। ଅଯଥାରେ ଯଦି ସମଗ୍ର ବ୍ରାହ୍ମଣ ସମାଜକୁ ନିନ୍ଦିତ ଓ ଅପମାନିତ କରାଯାଏ ତେବେ ଆନ୍ଦୋଳନ କରାଯିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି।

# ବିଘ୍ନରାଜଙ୍କୁ ପୂଜିଲେ ଛାତ୍ରୀଛାତ୍ର

**ପୁରୀ ଅଫିସ,୧୩।୯**

ପୁରୀ ସହରରେ ବିଭିନ୍ନ ସ୍କୁଲ କଲେଜରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ମହା ଆଡମ୍ବରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ଛାତ୍ରୀଛାତ୍ରମାନେ ନୂତନ ବସ୍ତ୍ର ପରିଧାନ କରି ସ୍କୁଲ କଲେଜରେ ଶ୍ରୀଗଣେଶଙ୍କ ପୂଜା ଆୟୋଜନ କରିଥିଲେ। ଶ୍ରୀରାମ ମନ୍ଦିର ମାର୍ଗ ସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରରେ ବିଦ୍ୟାଳୟର ସମ୍ପାଦକ ହରେରାମ ଜେନା, ପ୍ରଧାନାଚାର୍ଯ୍ୟା ସଂଘମିତ୍ରା ଜେନାଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକ ଗଣେଶ ପୂଜା କରିଥିଲେ। ଲିଙ୍ଗରାଜ କଳାନିକେତନରେ ପୂର୍ବାହ୍ନ ୧୧ଟାରେ ପୂଜା ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଘ୍ନରାଜଙ୍କୁ ଆରାଧନା କରିଥିଲେ। ଅପରାହ୍ନରେ ଗୁରୁ ପ୍ରକାଶ କୁମାର ରଥଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ପାରମ୍ପରିକ ଭକ୍ତିସଙ୍ଗୀତ ଗାନ କରିଥିଲେ। ମଧୁବନ ସ୍ଥିତ ବିନାୟକ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ରମାନେ ଫୁଲ, ଧୂପ, ଦୀପ ନୈବେଦ୍ୟ ଅର୍ପଣ କରି ବିଘ୍ନରାଜଙ୍କୁ ଆରାଧନା କରିଥିଲେ। ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟା ରଙ୍ଗଲତା ସାହୁଙ୍କ ଉପସ୍ଥିତିରେ ଗଣେଶ ପୂଜା ଆୟୋଜନ ହୋଇଥିଲା। ସେହିପରି ହରଚଣ୍ଡୀ ସାହି, ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାର୍କଣ୍ଡେଶ୍ୱର ସାହିସ୍ଥ ଶ୍ରୀଗୋପାଳଜୀ ବିଦ୍ୟାନିକେତନ, ପ୍ରିମିୟର କମ୍ପ୍ୟୁଟର ଅନୁଷ୍ଠାନ, ଅଠରନଳାସ୍ଥିତ ଭଗବତୀ ବିଦ୍ୟାନିକେତନ, ସୁରଜମଲ୍ଲ ସାହା କଲେଜ, ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ, ନୀଳାଚଳ ଚତୁଃଷ୍ପାଟି, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ମଧ୍ୟ ଧୁମଧାମରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା।

# 'କବି ହେଉଛନ୍ତି କାବ୍ୟ ଜଗତର ପ୍ରଜାପତି'

**ବୋଲଗଡ଼,୧୩।୯(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଚମ୍ପାଇଲୋଇଠାରେ କବି ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନନ୍ତ ଚରଣ ସ୍ମୃତି ସଂସଦ ପକ୍ଷରୁ ଗୁରୁବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖବରଦାତା ଉମାଶଙ୍କର ପ୍ରସାଦ ପୌରୋହିତ୍ୟ କରିଥିଲେ। ସାମାଜିକ କର୍ମୀ ଶରତ ଚନ୍ଦ୍ର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, କବିମାନଙ୍କ କଲମମୁନରୁ ସୃଷ୍ଟି ହୋଇଥାଏ କାଳଜୟୀ କାବ୍ୟକବିତା। କବି ହେଉଛନ୍ତି କାବ୍ୟ ଜଗତର ପ୍ରଜାପତି ବୋଲି ମୁଖ୍ୟବକ୍ତା ତଥା ଖୋର୍ଦ୍ଧା ଜିଲା ଏସ୍‌ଡିପିଓ ଯୁଗଳ କିଶୋର ଦାସ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରକୃତିବନ୍ଧୁ ଧନେଶ୍ୱର ବିଧାର, ଶିବ ନାରାୟଣ ମିଶ୍ର, ମନୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା କବିତା ଆସର। ଉତ୍ସବରେ ଲୋକକଳା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ସତ୍ୟନାରାୟଣ ପ୍ରଧାନ, ଦୀପକ ପାହଡ଼ସିଂହ, ସୂର୍ଯ୍ୟନାରାୟଣ ମହାନ୍ତି, ଲୋହିତ ନାରାୟଣ ମହାପାତ୍ର, ଶ୍ୟାମସୁନ୍ଦର ଜେନା, ଶରତ ଚନ୍ଦ୍ର ବାରିକ, ପ୍ରସନ୍ନ ସ୍ୱାଇଁ, ପ୍ରସନ୍ନ ପାଇକରାୟ ଓ କବୟିତ୍ରୀ ରମାମଣୀ ଚମ୍ପତିରାୟ ପ୍ରମୁଖ ପ୍ରତିଭାମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗୋଷ୍ଠୀ ସଂଘର୍ଷ, ୨ ଗୁରୁତର

**ଖୋର୍ଦ୍ଧା ଅଫିସ,୧୩।୯**

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଜାଗୁଲାଇପାଟଣାରେ ଗୁରୁବାର ରାତି ପ୍ରାୟ ସାଢେ ୧୦ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ଉଭୟ ଗୋଷ୍ଠୀର ଦୁଇ ଜଣ ଗୁରୁତର ହୋଇଛନ୍ତି। ଗୁରୁତର କାଲୁ ଓ ମୁନାଙ୍କୁ ପ୍ରଥମେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣାରେ ଜାଗୁଲେଇ ପାଟଣାରେ ଟାପା ଉତ୍ତେଜନା ଲାଗି ରହିଛି।

### ୧୭ରେ ବସିବ ଉଚ୍ଚସ୍ତରୀୟ ବୈଠକ

## ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ୨ ବର୍ଷ ହେଲା ଠପ୍

**ପୁରୀ ଅଫିସ, ୧୩।୯**

ମହାପ୍ରଭୁଙ୍କ ଜମି ବିକ୍ରି ଲାଗି ଥିବା ୟୁନିଫର୍ମ ପଲିସି (ସମାନ ନୀତି) ୨୦୦୩ ସଂଶୋଧନ ପ୍ରସ୍ତାବ ୨ ବର୍ଷ ହେଲା ରାଜ୍ୟ ସରକାରଙ୍କ ନିକଟରେ ଅଟକି ରହିଛି। ସଂଶୋଧନ ପ୍ରସ୍ତାବକୁ ଆଇନ ବିଭାଗର ଅନୁମୋଦନ ମିଳୁ ନ ଥିବାରୁ ଜମି ବିକ୍ରି ହୋଇ ପାରୁନାହିଁ। ଗତ ୨ବର୍ଷ ହେଲା ଶ୍ରୀମନ୍ଦିର ଜମି ବିକ୍ରି ଠପ୍ ହୋଇଯାଇଛି। ଏହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଆଇନ ବିଭାଗର ଦୃଷ୍ଟି ଆକର୍ଷଣ କରିବା ଲାଗି ଆସନ୍ତା ୧୭ତାରିଖରେ ସଚିବାଳୟରେ ୟୁନିଫର୍ମ ପଲିସିର ସଂଶୋଧନ ଲାଗି ବସିବାକୁ ଯାଉଛି ଉଚ୍ଚସ୍ତରୀୟ ବୈଠକ। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକରେ ରାଜସ୍ୱ ସଚିବ, ଆଇନମନ୍ତ୍ରୀ, ଆଇନ ସଚିବ, ଜିଲାପାଳ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଆଇନ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗଦେବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସଂଶୋଧନ ପ୍ରସ୍ତାବକୁ ଉକ୍ତ ବୈଠକରେ ଅନୁମୋଦନ ମିଳିବାର ସମ୍ଭାବନା ରହିଛି ବୋଲି ଜଣେ ଅଧିକାରୀ କହିଛନ୍ତି।

ରାଜ୍ୟ ତଥା ରାଜ୍ୟ ବାହାରେ ରହିଥିବା ଜମି ବିକି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଣ୍ଠି ବୃଦ୍ଧି କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଲକ୍ଷ୍ୟ ରଖିଛି। ପ୍ରାପ୍ତ ତଥ୍ୟ ଅନୁଯାୟୀ, ଶ୍ରୀଜଗନ୍ନାଥଙ୍କ ୬୦,୮୦୫.୩୨୫ ଏକର ଜମି ରହିଛି। ସେଥିରୁ ଗତ ୧୯ ବର୍ଷ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩୦୮ ଏକର ୨୭୧ଡେସିମିଲ ଜମି ବିକ୍ରି କରାଯାଇଛି। ଜମି ବିକ୍ରିଲବ୍ଧ ଅର୍ଥ ୧୦କୋଟି ୧୨ଲକ୍ଷ ୪୫ହଜାର ୯୪୬ ଟଙ୍କାକୁ କର୍ପସ ଫଣ୍ଡରେ ଜମା ରଖାଯାଇଛି। ୨୦୧୫ ନଭେମ୍ବର ୧୩ ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ ୟୁନିଫର୍ମ ପଲିସିରେ ଆବଶ୍ୟକ ସଂଶୋଧନ ଅଣାଯାଇ ଚିଠି ନମ୍ବର ୮୮୫୪/୨୦୧୬ ଜୁନ ୩୦ରେ ରାଜ୍ୟ ସରକାରଙ୍କ ଆଇନ ବିଭାଗକୁ ଅନୁମୋଦନ ନିମନ୍ତେ ପଠାଯାଇଛି। କିନ୍ତୁ ପ୍ରସ୍ତାବିତ ସଂଶୋଧନ ଏଯାବତ୍ ସରକାରୀ ଅନୁମୋଦନ ଲାଭ କରିନାହିଁ।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ନିକଟରୁ ଜମି କିଣିବା ଲାଗି ୬୫୪୮ଟି ଆବେଦନ ଆସିଛି। ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଏହି ଆବେଦନଗୁଡିକ ପଡିରହିଛି। ସେଥିମଧ୍ୟରୁ ୫୦୪୦ଟି ଆବେଦନ କେବଳ ପୁରୀ ସହରର ରହିଛି। ୨୦୧୭ ଜୁଲାଇ ୨୫ରେ ରାଜସ୍ୱ ମନ୍ତ୍ରୀ ଜମି ବିକ୍ରି ମାମଲାଗୁଡିକ ତ୍ୱରିତ ଫଇସଲା ପାଇଁ ଏକ ବୈଠକ ଡାକିଥିଲେ। ବୈଠକରେ ଉପରୋକ୍ତ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆଇନ ବିଭାଗର ସହମତି ନେଇ ମାମଲାଗୁଡିକର ତ୍ୱରିତ ଫଇସଲା କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ ମଧ ୟୁନିଫର୍ମ ପଲିସି ସଂଶୋଧନ ହୋଇ ନ ଥିବାରୁ କାମ ଆଗେଇଲା ନାହିଁ। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆସିଥିବା ଆବେଦନଗୁଡିକର ଯାଞ୍ଚ ଓ ତଦନ୍ତ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଥିବା ଜଣାପଡିଛି।

# ଅଗ୍ରପୂଜ୍ୟଙ୍କୁ ଆରାଧନା: ଉତ୍ସବମୁଖର ଶ୍ରୀକ୍ଷେତ୍ର

**ପୁରୀ ଅଫିସ, ୧୩।୯**

ଗୁରୁବାର ପବିତ୍ର ଗଣେଶଚତୁର୍ଥୀ। ଅଗ୍ରପୂଜ୍ୟ ଗଣେଶଙ୍କ ଆରାଧନା ପାଇଁ ଗାଁଠୁ ସହର ସବୁଠି ଉତ୍ସବମୁଖର ପରିବେଶ। ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ କ୍ଲବ ଏବଂ ଅନୁଷ୍ଠାନର ପୂଜାମଣ୍ଡପରେ ଶୋଭା ପାଉଛନ୍ତି ବିଘ୍ନବିନାଶକ। ଏଥିସହ ଆଖି ଝଲସେଇ ଦେବାପରି ସାଜସଜ୍ଜା ଏବଂ ତୋରଣ ମନରେ ଆଧ୍ୟାତ୍ମିକ ଭାବ ସୃଷ୍ଟି କରିଛି। ଏହି ପବିତ୍ର ପୂଜା ପାଇଁ ଉତ୍ସବମୁଖର ହୋଇପଡିଛି ଶ୍ରୀକ୍ଷେତ୍ର। ସହରର ବଡ଼ଦାଣ୍ଡ ସମେତ ବିଭିନ୍ନ ଗଳିକନ୍ଦିରେ ଗଣପତିଙ୍କୁ ଆରାଧନା କରାଯାଉଛି।

ଗଣେଶଚତୁର୍ଥୀ ଉପଲକ୍ଷେ ସମଗ୍ର ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ। ପୁରୀ ସହରର ପ୍ରମୁଖ ପୂଜାମଣ୍ଡପ ବଡ଼ଦାଣ୍ଡରେ ରହିଛି। ସକାଳୁ ସକାଳୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ପୂଜା କରାଯାଇଥିବା ବେଳେ କ୍ଲବ ଏବଂ ବିଭିନ୍ନ ଅନୁଷ୍ଠାନରେ ସନ୍ଧ୍ୟାରେ ପୂଜା ହୋଇଛି। ବିଶେଷକରି ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଏକାଧିକ ପୂଜାମଣ୍ଡପ ଆଧ୍ୟାତ୍ମିକ ଭାବ ସୃଷ୍ଟି କରୁଛି। ସହରର ପ୍ରମୁଖ ପୂଜାମଣ୍ଡପ ମଧ୍ୟରେ ଅଶୋକ ଗାଣପତ୍ୟ ସମିତି, ମୋତିଚାନ୍ଦ ବଜାର ବିନାୟକ ସମିତି, ଶ୍ରୀ ଶ୍ରୀ ନୀଳଗିରି ଚାର ଗଣେଶ ଗୁରୁଜ ଜାଗା ପଞ୍ଚାୟତ, ପଞ୍ଚମୁଖୀ ବିନାୟକ ସମିତି, ନରସିଂହ ୟୁଥ୍ ଆସୋସିଏଶନ, ବଳଗଣ୍ଡି ଗଣପତି ସଂଘ, ବଡ଼ବଜାର ଗଣପତି ସମିତି, ଦର୍ଜିପୋଖରୀ ଛକ ପୂଜା କମିଟି ପ୍ରଭୃତିରେ ଆନନ୍ଦ ଉତ୍ସାହର ସହ ଗଣପତିଙ୍କ ଆରାଧନା କରାଯାଇଛି। ଶ୍ରୀକ୍ଷେତ୍ରରେ ହେଉଥିବା ଗଣେଶପୂଜାର ଏକ ସ୍ୱତନ୍ତ୍ରତା ରହିଛି। ଏଠାକାର ପ୍ରମୁଖ ପୂଜାମଣ୍ଡପଗୁଡ଼ିକ ମଧ୍ୟରୁ ଅଧିକାଂଶ ସ୍ଥାନରେ ୭ ଦିନ ପୂଜା ଚାଲିବ। ସେହିପରି ଅଶୋକ ଗାଣପତ୍ୟ ସମିତି, ନରସିଂହ ୟୁଥ୍ ଆସୋସିଏଶନ ପ୍ରଭୃତି କେତେକ ମଣ୍ଡପରେ ୯ ଦିନ ଧରି ପୂଜା ପାଇବେ ଶ୍ରୀଗଣେଶ।

ଏହି ଅବସରରେ ସହରର କେତେକ ପୂଜାମଣ୍ଡପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେହିପରି ବିଭିନ୍ନ ମଣ୍ଡପକୁ ଆକର୍ଷଣୀୟ ଭାବେ ସଜା ଯାଇଛି। କେଉଁଠି ରଙ୍ଗିନ ଆଲୋକମାଳାରେ ଠାକୁର ଝଲସି ଉଠୁଛନ୍ତି ତ ପୁଣି କେଉଁଠି ଆକର୍ଷଣୀୟ ତୋରଣ ଦେଖଣାହାରୀଙ୍କୁ ଟାଣିନେଉଛି। ନିଆରା କିଛି କରିବାର ମନୋବୃତ୍ତି ଯୋଗୁ ବିଭିନ୍ନ ମଣ୍ଡପ ଶ୍ରଦ୍ଧାଳୁଙ୍କ ଆକର୍ଷଣ ସାଜୁଛି। କେଉଁଠି ମୂର୍ତ୍ତିରେ ସ୍ୱତନ୍ତ୍ରତା ତ ପୁଣି କେଉଁଠି ସାଜସଜ୍ଜାକୁ ଅନୁଷ୍ଠାନର କର୍ମକର୍ତ୍ତା ଗୁରୁତ୍ୱ ଦେଇଛନ୍ତି।



ମୋତିଚାନ୍ଦ ବଜାର ବିନାୟକ ସମିତି ତରଫରୁ ଶ୍ରୀଗଜାନନଙ୍କ ପୂଜା।



ପଞ୍ଚମୁଖୀ ବିନାୟକ ସମିତି ତରଫରୁ ଶ୍ରୀଗଣେଶ ପୂଜାର୍ଚ୍ଚନା।

**ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼**

ପବିତ୍ର ଗଣେଶଚତୁର୍ଥୀରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ସକାଳୁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା ଶ୍ରୀମନ୍ଦିରକୁ। ବଡ଼ଦେଉଳ ପରିସରରେ ବଟ ଗଣେଶ, ନୃତ୍ୟ ଗଣପତି, ଭଣ୍ଡ ଗଣେଶ ପ୍ରଭୃତି ବହୁ ଗଣେଶ ପୂଜା ପାଉଛନ୍ତି। ବିଶେଷକରି ଗୁରୁବାର ବଟ ଗଣେଶଙ୍କ ପାଖରେ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ଏଠାରେ ବହୁ ଶ୍ରଦ୍ଧାଳୁ ମହାବିନାୟକ ମହାବ୍ରତ ମଧ ପାଳନ କରିଥିଲେ। ସନ୍ଧ୍ୟା ଧୂପ ପରେ ଭୋଗ ଓ ବନ୍ଦାପନା ଇତ୍ୟାଦି କରାଯାଇଥିଲ। ସେହିପରି ସରସ୍ୱତୀଙ୍କ ମନ୍ଦିରରେ ଏକ ଭଦ୍ରାସନ ଉପରେ ମାଦଳା ପାଞ୍ଜିକୁ ରଖାଯାଇ ପତନୀ, ଫୁଲମାଳ ଦିଆଯାଇଥିଲା। ଏହା ପରେ ଶୀତଳ ଭୋଗ ବନ୍ଦାପନା ସରିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ୨୨ଟି ନଡ଼ିଆ ଭଙ୍ଗାଯାଇଥିଲା।

**ମଣ୍ଡପରେ ହେଲା ଖଡ଼ିଛୁଆଁ**

ଓଡ଼ିଆମାନଙ୍କର ଆଉ ଏକ ନିଆରା ପ୍ରାଚୀନ ପରମ୍ପରା ଏହା ଉତ୍ସବ ସହ ଯୋଡି ହୋଇରହିଛି। ଓଡ଼ିଶାର ହିନ୍ଦୁଧର୍ମୀମାନେ ଗଣେଶଚତୁର୍ଥୀ ଏବଂ ଶ୍ରୀପଞ୍ଚମୀ ତିଥିକୁ ଛୋଟପିଲାଙ୍କ ବିଦ୍ୟାରମ୍ଭ ପାଇଁ ଏକ ପବିତ୍ର ଦିନ ବୋଲି ବିଶ୍ୱାସ କରନ୍ତି। ଏହି ବିଦ୍ୟାରମ୍ଭ ଉତ୍ସବକୁ ଖଡ଼ିଛୁଆଁ କୁହାଯାଏ। ଏହିଦିନ ପିଲା ଖଡ଼ି ଧରିବା ବା ଅକ୍ଷର ଲେଖା ଶିଖିବା ଆରମ୍ଭ କରିଥାନ୍ତି। ଏହି ଖଡ଼ିଛୁଆଁ କାର୍ଯ୍ୟକ୍ରମ ବିଭିନ୍ନ ପୂଜାମଣ୍ଡପରେ ଅନୁଷ୍ଠିତ ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ସେପ୍ଟେମ୍ବର, ୨୦୧୮



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ହତ୍ୟା ମାମଲା ରୁଜୁ ଦାବିରେ ଥାନା ଘେରାଉ

**ଭାପୁର,୧୩।୯(ଡି.ଏନ.ଏ.):** ଫତେଗଡ଼ ଥାନା ଅଞ୍ଚଳରେ ଗତ ୮ ତାରିଖରେ ସତ୍ୟଜିତ ସାହୁ ନାମକ ଜଣେ ଯୁବକ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏହା ଆତ୍ମହତ୍ୟା ନୁହେଁ, ହତ୍ୟା ବୋଲି ମୃତକଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିବା ପରେ ମଧ ହତ୍ୟା ମାମଲା ରୁଜୁ ହେଉନାହିଁ। ଏହାର ପ୍ରତିବାଦରେ ତଥା ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗୁରୁବାର ୨୦୦ରୁ ଉର୍ଦ୍ଧ୍ୱ ଲୋକ ଫତେଗଡ଼ ଥାନା ଘେରାଉ କରିଥିଲେ। ଏ ନେଇ ପୋଲିସ କିଛି ଲୋକଙ୍କ ବୟାନ ରେକର୍ଡ ହୋଇଥିବା କହିଛି। କୋର୍ଟରେ ଏହା ଦାଖଲ ହେବ। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଯାହା ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ ଯେ, ଜଣେ ମହିଳାଙ୍କୁ ବଳାତ୍କାର କରି ଧରାପଡିବା ପରେ ସତ୍ୟଜିତ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

### ଜାଗୃତି ଦିବସ ଅବସରରେ ଗଣଦୌଡ



**ଖଣ୍ଡପଡ଼ା,୧୩।୯(ସ୍ୱ.ପ୍ର.):** ଖଣ୍ଡପଡ଼ା ପୂର୍ବତନ ବିଧାୟକ ତଥା ଦିବଂଗତ ନେତା ସ୍ୱର୍ଗତ ଅରୁଣ ପଟ୍ଟନାୟକ ଜଣେ ସୁଦକ୍ଷ ରାଜ ନେତା ଥିଲେ। ଏହି ନେତାଙ୍କ ସ୍ମୃତିରେ ବୁଧବାର ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ଜାଗୃତି ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଏକ ଗଣଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଯୁବକ ଗଣଦୌଡ଼ରେ ଅଂଶଗ୍ରହଣ କରିଥିଲେ । ଭାପୁର ବ୍ଲକ କେନ୍ଦୁପଲ୍ଲୀ ଗ୍ରାମଠାରୁ ପୂର୍ବାହ୍ନ ସାଢେ ୭ଟାରେ ଗଣଦୌଡ଼ ଆରମ୍ଭ ହୋଇ କଣ୍ଟିଲୋ ମେଡ଼ିକାଲ ଛକଠାରେ ଶେଷ ହୋଇଥିଲା। ଶାନ୍ତିଶୃଙ୍ଖଳା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି ରାସ୍ତାରେ ଯାନବାହନ ଯାତାୟାତ ବନ୍ଦ କରାଯାଇଥିଲା। ଗଣଦୌଡ଼ରେ ବିଧାୟକ ଅନୁଭବ ପଟ୍ଟନାୟକ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଡିଓ ଶିବାନନ୍ଦ ସ୍ୱାଇଁ, ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି, ଆଇଆଇସି ବିମଳ କୁମାର ମଲ୍ଲିକ, ଆରକ୍ଷୀ ବାହିନୀ, ଦମକଳ ବାହିନୀ ଓ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ରଶ୍ମି ରଞ୍ଜନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

### ୧୨ ଫୁଟ ଲମ୍ବର ଅଜଗର ଉଦ୍ଧାର

**ନିରାକାରପୁର,୧୩।୯(ଡି.ଏନ.ଏ.):** ଟାଙ୍ଗୀ ବନାଞ୍ଚଳ ଅଧୀନ ରାମେଶ୍ୱର ଧାନଘର ପାହାଡ଼ ନିକଟରୁ ଗୁରୁବାର ସନ୍ଧ୍ୟା ୭ଟା ବେଳେ ଏକ ଅଜଗର ଉଦ୍ଧାର କରାଯାଇଛି। ୧୨ ଫୁଟ ଲମ୍ବର ଏହି ଅଜଗର ପାହାଡ଼ ଜଙ୍ଗଲରୁ ବାହାରି ରାମେଶ୍ୱର ଡାକ୍ତରଖାନା ନିକଟସ୍ଥ ରାସ୍ତାକୁ ଅତିକ୍ରମ କରୁଥିବାବେଳେ ହଠାତ ସ୍ଥାନୀୟ ଲୋକଙ୍କ ନଜରକୁ ଆସିଥିଲା। ଲୋକେ ସାପଟିକୁ କାବୁ କରି ବନ ଅଧିକାରୀଙ୍କୁ ଖବର ଦେବା ପରେ ବିଭାଗ ଏହାକୁ ଉଦ୍ଧାର କରିଥିଲା।

### ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମୃତିଚାରଣ



**ଖଣ୍ଡପଡ଼ା,୧୩।୯(ସ୍ୱ.ପ୍ର.):** ଖଣ୍ଡପଡ଼ାର ପୂର୍ବତନ ବିଧାୟକ ତଥା ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଅରୁଣ ପଟ୍ଟନାୟକଙ୍କ ୨୨ ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ବୁଧବାର ପୂର୍ବାହ୍ନରେ କଲେଜ ପରିସରରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ତଥା ପ୍ରାକ୍ତନ ନଗରପାଳ କିଶୋରଚନ୍ଦ୍ର ଦାଶ ମୁଖ୍ୟ ଅତିଥି, ପରିଚାଳନା କମିଟିର ପ୍ରତିଷ୍ଠାତା ସମ୍ପାଦକ ଓ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ଅରୁଣବାବୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଯୁକ୍ତ ୨ ଅଧକ୍ଷା ସ୍ମିତା ସେଫାଳୀ ମହାପାତ୍ର ଓ ଯୁକ୍ତ ୩ ଅଧକ୍ଷା। ଲିପିକା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗୋଷ୍ଠୀ କେନ୍ଦ୍ରକୁ ହଁ, ଶ୍ମଶାନକୁ ନା



ମଶାଣି ନିକଟରେ ନିର୍ମାଣାଧୀନ କମ୍ୟୁନିଟି ସେଣ୍ଟର।



ପରିତ୍ୟକ୍ତ ଅବସ୍ଥାରେ ୩ ନମ୍ବର ୱାର୍ଡ଼ରେ ଥିବା ମଶାଣି।

**ନୟାଗଡ଼ ଅଫିସ,୧୩।୯**

- ନୟାଗଡ଼ ଏନ୍‌ଏସିର ଅଜବ ନୀତି
- ପରିତ୍ୟକ୍ତ ଅବସ୍ଥାରେ ଶ୍ମଶାନ
- ଶବଦାହ ପାଇଁ ସହର ଲୋକ ଯାଉଛନ୍ତି ୩ କିଲୋମିଟର

ରାଜ୍ୟ ସରକାରଙ୍କ ତରଫରୁ ପ୍ରତି ଗ୍ରାମରେ ଶ୍ମଶାନ (ମଶାଣି) ପ୍ରତିଷ୍ଠା କରାଯାଉଛି। ହେଲେ ନୟାଗଡ଼ ଏନ୍‌ଏସିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସହରରେ ଥିବା ଦୁଇଟି ଶ୍ମଶାନରୁ ୩ ନମ୍ବର ୱାର୍ଡ଼ରେ ଥିବା ଶ୍ମଶାନଟି ଅବ୍ୟବହୃତ ହୋଇ ପଡ଼ିଥିବା ବେଳେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ କିନ୍ତୁ ଏଥିପ୍ରତି ନିଘା ନାହିଁ। ଏହା ନିକଟରେ ଗୋଷ୍ଠୀ କେନ୍ଦ୍ର ପାଇଁ ଅନୁମତି ଦିଆଯାଉଥିବାବେଳେ ଶ୍ମଶାନ ବ୍ୟବହାର ପାଇଁ ବ୍ୟବସ୍ଥା କରାଯାଉ ନଥିବାରୁ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ସହରରେ ୧୩ଟି ୱାର୍ଡର ଲୋକମାନଙ୍କ ପାଇଁ ଦୁଇଟି ଶ୍ମଶାନର ବ୍ୟବସ୍ଥା ଥିଲା। ଗୋଟିଏ ସହରର ୭ ନମ୍ବର ୱାର୍ଡର ଭାଲୁଖୋଲ ନିକଟରେ ଥିବାବେଳେ ଅନ୍ୟଟି ୩ ନମ୍ବର ୱାର୍ଡରେ। ଭାଲୁଖୋଲ ନିକଟରେ ଥିବା ଶ୍ମଶାନରେ ସହରବାସୀ ଅବ୍ୟବସ୍ଥା ମଧ୍ୟରେ ମୃତଦେହ ଦାହ କରୁଥିବା ବେଳେ ୩ ନମ୍ବର ୱାର୍ଡ଼ରେ ଥିବା ମଶାଣିଟି ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଫଳରେ ଏହା ବ୍ୟବହୃତ ହୋଇପାରୁ ନାହିଁ। ୩ ନମ୍ବର ୱାର୍ଡ଼ ଶ୍ମଶାନ କେନ୍ଦ୍ରର ବସ୍ତିବାସିନ୍ଦା ଏହାକୁ କବଜାରେ ରଖିଛନ୍ତି। ଯଦି ସେଠାକୁ କେହି ମୃତଦେହ କରିବାକୁ ଯାଉଛନ୍ତି ତାହାହେଲେ ସେମାନେ ଗାଳିଗୁଲଜ କରୁଛନ୍ତି। ଫଳରେ ଲୋକମାନେ ବାଧହୋଇ ସହରଠାରୁ ୩ କିଲୋମିଟର ଦୂର ଭାଲୁଖୋଲକୁ ମୃତଦେହ ଦାହ କରିବାକୁ ଯାଉଛନ୍ତି। ଭାଲୁଖୋଲଠାରେ ଥିବା ଶ୍ମଶାନ ନିକଟରେ ଡମ୍ପିଂୟାର୍ଡ ଥିବାରୁ ଦୁର୍ଗନ୍ଧରେ ନାକ ଫାଟି ଯାଉଛି। ସେହିଭଳି ସହରଠାରୁ ଉକ୍ତ ଶ୍ମଶାନର ଦୂରତା ୩ କିଲୋମିଟର ହୋଇଥିବାବେଳେ ପୁରୁଣା ସହରଠାରେ ଉଠାଣି ପଡୁଥିବାରୁ ମୃତଦେହ କାନ୍ଧେଇ ନେଲାବେଳକୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଅନ୍ୟପକ୍ଷେ ୩ ନମ୍ବର ୱାର୍ଡ଼ସ୍ଥିତ ଶ୍ମଶାନ ନିକଟରେ ବର୍ତ୍ତମାନ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏନ୍‌ଏସି ତରଫରୁ ବରିଷ୍ଠ ନାଗରିକଙ୍କ ପାଇଁ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯାଉଛି। ମଶାଣିଟି ପରିତ୍ୟକ୍ତ ଅବସ୍ଥାରେ ଥିବା ବେଳେ ତାହାର ପୁନରୁଦ୍ଧାର କରା ନ ଯାଇ ସେଠାରେ କମ୍ୟୁନିଟି ସେଣ୍ଟର ନିର୍ମାଣ କରିବା କେତେଦୂର ଠିକ୍ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ କମ୍ୟୁନିଟି ସେଣ୍ଟର (ଗୋଷ୍ଠୀ କେନ୍ଦ୍ର)କୁ ହଁ କରିଥିବା ବେଳେ ଶ୍ମଶାନକୁ କାହିଁକି ନା କରାଯାଉଛି ତାହା ମଧ ଆଉ ଏକ ପ୍ରଶ୍ନ ହୋଇ ଠିଆହୋଇଛି। ଏ ନେଇ ନୟାଗଡ଼ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କୁ ପଚାରିବାରୁ ସେ କୁହନ୍ତି, ୩ ନମ୍ବର ୱାର୍ଡରେ ଲୋକମାନେ ରହିଯିବାରୁ ସେଠାରେ ମୃତଦେହ ଦାହ କରାଯାଇପାରୁନାହିଁ। ଆଗାମୀ ଦିନରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

■ ନବବଧୂ ହତ୍ୟା ଅଭିଯୋଗ ଘଟଣା

# ଜେଲ ଗଲେ ସ୍ୱାମୀ, ଶାଶୁ

**ରଣପୁର,୧୩।୯ (ସ୍ୱ.ପ୍ର.)**

ରଣପୁର ଥାନା ବ୍ରଜରାଜପୁର ପଞ୍ଚାୟତର ବାଙ୍କପୁର ଗ୍ରାମରେ ଜଣେ ନବବଧୂଙ୍କୁ ହତ୍ୟା କରାଯାଇଥିବା ନେଇ ବାପଘର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ୧୮୭/୧୮ରେ ହତ୍ୟା ମାମଲା ରୁଜୁ କରି ଗୁରୁବାର ଶାଶୁ ମୋହିନ ସାମନ୍ତରାୟ ଓ ସ୍ୱାମୀ ସାର୍ଥକ ସାମନ୍ତରାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଣପୁର ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ବାପଘର ଲୋକେ ଅରାଜି ହେବାରୁ ମୃତଦେହ ବ୍ୟବଚ୍ଛେଦ ପରେ ଡାକ୍ତରଖାନାରେ ରଖାଯାଇଛି।

ପ୍ରକାଶ ଯେ, ବାଙ୍କପୁର ଗ୍ରାମର ଦେବେନ୍ଦ୍ର ସାମନ୍ତରାୟଙ୍କ ପୁଅ ସାର୍ଥକ ସାମନ୍ତରାୟ (୧୯) ଓ କୁଞ୍ଜବନ ଗ୍ରାମର ଦାଶରଥି ପରିଡାଙ୍କ ଏକମାତ୍ର ଝିଅ ଲକ୍ଷ୍ମୀପ୍ରିୟା ପରିଡା (୧୭) ରଣପୁର କଲେଜରେ ପଢୁଥିବାବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା । ପରିବାର ଲୋକେ ବିବାହ ପାଇଁ ରାଜି ନ ହେବାରୁ ୬ମାସ ତଳେ ସେମାନେ ବିବାହ କରି ଫେରାର ହୋଇ ଭୁବନେଶ୍ୱରରେ ରହୁଥିଲେ। ପରବର୍ତ୍ତୀ ସମୟରେ ପୁଅ ଘର ତରଫରୁ ଏକମାସ ହେବ ପୁଅ ବୋହୂଙ୍କୁ ଆଣି ବାଙ୍କପୁର ଗ୍ରାମରେ ରହୁଥିଲେ । କିଛିଦିନ ସେମାନେ ଭଲରେ ଚଳିଥିବାବେଳେ ଯୌତୁକ ଆଣିବା ପାଇଁ ସ୍ୱାମୀ, ଶ୍ୱଶୁର ଓ ଶାଶୁ ମିଳିମିଶି ବୋହୂଙ୍କ ଉପରେ ଚାପ ପକାଇ ଆସୁଥିଲେ। ଏପରିସ୍ଥଳେ ବୁଧବାର ରାତିରେ ଶ୍ୱଶୁର ଦେବେନ୍ଦ୍ର ସାମନ୍ତରାୟ ଓ ଶାଶୁ ମୋହିନ ସାମନ୍ତରାୟ ବୋହୂ ଲକ୍ଷ୍ମୀପ୍ରିୟାର ଦେହ ଖରାପ ଦର୍ଶାଇ ରଣପୁର ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ୱଶୁର ଫୋନ ଯୋଗେ ଏହି ଖବର ଲକ୍ଷ୍ମୀପ୍ରିୟାଙ୍କ ବାପଘରକୁ ଜଣାଇଥିଲେ। ବାପଘର ଲୋକେ ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ଶ୍ୱଶୁର ସେଠାରୁ ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ଶାଶୁ ମୋହିନ ସାମନ୍ତରାୟଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ମଧ୍ୟରାତ୍ରରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଥାନା ଆଗରେ ମୃତଦେହ ରଖି ହୋହଲ୍ଲା କରିଥିଲେ। ଶେଷରେ ପୋଲିସ ମୋହିନଙ୍କୁ ଗିରଫ କରିଥିଲା। ପରେ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ ପାଇଁ ପୋଲିସ ତାଙ୍କ ଗ୍ରାମରେ ଚଢାଉ କରିଥିଲା। ସେଠାରେ ସ୍ୱାମୀ ସାର୍ଥକଙ୍କୁ ଗିରଫ କରାଯାଇଥିଲେ ହେଁ ଶ୍ୱଶୁର ଫେରାର ଥିବାରୁ ଫେରିଆସିଥିଲେ।





ଗିରଫ ମୋହିନ ଓ ସାର୍ଥକ।

# ନୀଳମାଧବ ପୀଠରେ ବାଲିତୃତୀୟା ଉତ୍ସବ ଉଦ୍‌ଯାପିତ

**ଖଣ୍ଡପଡ଼ା,୧୩।୯(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ପୀଠରେ ବୁଧବାର ବାଲି ତୃତୀୟା ଉତ୍ସବ ପାରମ୍ପରିକ ରୀତିରେ ପାଳନ କରାଯାଇଛି । ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରିଥାନ୍ତି । କେତେକ ସ୍ଥାନରେ ଅବିବାହିତ ଝିଅମାନେ ମଧ ଉତ୍ତମ ସ୍ୱାମୀ ପାଇବା ପାଇଁ ଏହି ବ୍ରତ ପାଳନ କରିଥାନ୍ତି । ବ୍ରତଧାରିଣୀ ନିଷ୍ଠାର ସହ ତୃତୀୟା ସୂର୍ଯ୍ୟୋଦୟଠାରୁ ୪ର୍ଥୀ ପ୍ରତ୍ୟୁଷ ପର୍ଯ୍ୟନ୍ତ ଉପବାସ ରହିଥାନ୍ତି । କିମ୍ବଦନ୍ତୀ ଅନୁଯାୟୀ ମା' ପାର୍ବତୀ ମୃତ୍ୟୁଞ୍ଜୟ ଶିବଙ୍କୁ ପତି ରୂପେ ପାଇବା ପାଇଁ କୈଳାସ ପର୍ବତରେ ନିଜ ଚାରି ପାଖରେ ଅଗ୍ନି ସଂଯୋଗ କରି କଠୋର ତପସ୍ୟା କରିଥିଲେ । ଏଥିରେ ଶିବ ସନ୍ତୁଷ୍ଟ ହୋଇ ତାଙ୍କୁ ପତ୍ନୀ ଭାବେ ଗ୍ରହଣ କରିଥିଲେ । ଏହି ପରମ୍ପରା ଅନୁଯାୟୀ ମହିଳାମାନେ ବ୍ରତଦିନ ସକାଳେ ନଦୀ କିମ୍ବା ପୁଷ୍କରିଣୀରେ ସ୍ନାନ କରି ସାତ ମୁଠା ବାଲି ଆଣି ଶିବ ଲିଙ୍ଗ ସ୍ଥାପନ ପୂର୍ବକ ପୂଜା କରିଥାନ୍ତି । ଜନୈକା ମହିଳା କୁହନ୍ତି, ସ୍ୱାମୀଙ୍କ ମଙ୍ଗଳ କାମନା କରି ଆମେ ଏହି ବ୍ରତ ପାଳନ କରିଥାଉ । ଗୁରୁବାର ମହିଳା ଓ ଝିଅମାନେ ନଦୀରେ ବାଲୁକା ବିସର୍ଜନ ଓ ସ୍ନାନ ସାରି ବ୍ରତ ଉଦ୍‌ଯାପନ କରିଛନ୍ତି।



ବ୍ରତଧାରୀଙ୍କ ପୂଜାର୍ଚ୍ଚନା।

# ଜଗନ୍ନାଥ ମନ୍ଦିର ଶିଳାନ୍ୟାସ

**ବୋଲଗଡ଼,୧୩।୯(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତସ୍ଥ ହରିପୁରର ଜୟନ୍ତୀନଗରଠାରେ ଗୁରୁବାର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି। ପଣ୍ଡିତ ଗୋପୀନାଥ ଶତପଥୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଐତିହାସିକ ରବୀନ୍ଦ୍ର ପରିଡ଼ା ଅତିଥି ଭାବେ ଯୋଗଦେଇ ମନ୍ଦିରର ଶିଳାନ୍ୟାସ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

# ସବୁଠି ପୂଜା ପାଇଲେ ବିଘ୍ନବିନାଶନ



ନୟାଗଡ଼।



ଓଡ଼ଗାଁ।



ଭାପୁର।



ଗଣିଆ।



ଖଣ୍ଡପଡ଼ା।



ରଣପୁର।

**ନୟାଗଡ଼ ଅଫିସ,୧୩।୯**

ବିଘ୍ନବିନାଶନ ଗଜାନନଙ୍କ ପୂଜା ଗୁରୁବାର ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଧୁମଧାମରେ ପାଳିତ ହୋଇଯାଇଛି। ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଯଦୁପୁର ଗ୍ରାମରେ କାଚବାଟିରେ ନିର୍ମିତ ଗଣେଶଙ୍କ ପ୍ରତିମୂର୍ତ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ୩ ହଜାରରୁ ଉର୍ଦ୍ଧ୍ୱ କାଚବାଟିରେ ଏହି ପ୍ରତିମୂର୍ତ୍ତି ତିଆରି ହୋଇଛି। ଶ୍ରୀ ଶ୍ରୀ ସିଂଘେଶ୍ୱର ଯୁବକ ସଂଘର ସଦସ୍ୟମାନଙ୍କ ତରଫରୁ ହୋଇଥିବା ଏହି ପୂଜାର ମୂର୍ତ୍ତିକୁ ଗ୍ରାମର ଦୀପକ ନାୟକଙ୍କ ସମେତ ସହଯୋଗୀମାନେ ୩୦ ଦିନରେ ତିଆରି କରିଥିଲେ। ନୟାଗଡ଼ ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡିଏଭି ପବ୍ଲିକ୍ ସ୍କୁଲ, ବଚପନ୍ ପ୍ଲେ ସ୍କୁଲ୍, ବିଭିନ୍ନ ଘରୋଇ କଲେଜ ଓ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ବଣିକ ସଂଘ, କଚେରି ବଜାର ଛକ, ଟ୍ରକ ମାଲିକ୍ ସଂଘ ଭଳି ବିଭିନ୍ନ ସଂଘ ତରଫରୁ ଗଣେଶ ପୂଜା ପାଳିତ ହୋଇଯାଇଛି। ସେହିଭଳି ଶରଣକୁଳ ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସହିତ ଶରଣକୁଳ ଟାଉନ କ୍ଲବ, ସୁଆରସାହି ଗଣପତି କ୍ଲବ, ନରେନ୍ଦ୍ରପୁର, କଟରାଝରୀ, ଗୋଡ଼ିପଡ଼ା, ଆଙ୍ଗିସିଙ୍ଗି ଗ୍ରାମ ଭଳି ୧୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ପୂଜା ପାଳିତ ହୋଇଛି।

**ରଣପୁର,(ସ୍ୱ.ପ୍ର.):** ରଣପୁର ଏନ୍‌ଏସି ଓ ଏହାର ଆଖପାଖ ସୁନାଖଳା, ଚାନ୍ଦପୁର, ଗୋପାଳପୁର, ଦର୍ପନାରାୟଣପୁର ଅଞ୍ଚଳରେ ଥିବା ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, କ୍ଲବ, ପାଠାଗାରରେ ଗୁରୁବାର ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ସକାଳୁ ଛାତ୍ରୀଛାତ୍ରମାନେ ନୂତନ ପୋଷାକ ପରିଧାନ କରି ଭୋଗ ସାମଗ୍ରୀ ଧରି ବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ସହିତ ପୁଷ୍ପାଞ୍ଜଳି ଦେଇ ଶ୍ରୀଗଣେଶଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ରଣପୁର ପଞ୍ଚୁଦୋଳ ପଡିଆଠାରେ ପ୍ରଗତି ଯୁବକ ସଂଘ ତରଫରୁ ଅନୁଷ୍ଠିତ ପୂଜା ଉତ୍ସବ ବେଶ୍ ଆକର୍ଷଣୀୟ ହୋଇଥିଲା। ଏଠାରେ ସବୁ ବର୍ଷ ପରି ବାଦୀ ପାଲା ଅନୁଷ୍ଠିତ ହେଉଛି । ଏହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ସେହିପରି ହରିଜନ ସାହିରେ ଏହି ପୂଜା ସମାରୋହରେ ପାଳିତ ହୋଇଛି।

**ଖଣ୍ଡପଡା,(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁବାର ବିଘ୍ନ ବିନାଶକଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଛାତ୍ରୀଛାତ୍ରଙ୍କ ମଧରେ ବେଶ୍ ଉତ୍କଣ୍ଠା ପରିଲକ୍ଷିତ ହୋଇଥିଲା। ପିଲାମାନେ ନୂତନ ପୋଷାକ ପରିଧାନ କରି ପୂଜା ସାମଗ୍ରୀ ଧରି ଶିକ୍ଷାନୁଷ୍ଠାନଙ୍କୁ ଯାଉଥିବା ଦେଖିବାକୁ ମିଳିଥିଲା। ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ନୀଳମାଧବ ବିଦ୍ୟାପୀଠ, କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖଣ୍ଡପଡା ବାଳିକା ଉଚ୍ଚ ବିଦ୍ୟାଳୟ, ନୀଳମାଧବ ମହାବିଦ୍ୟାଳୟ, ଖଣ୍ଡପଡା ମହିଳା ମହାବିଦ୍ୟାଳୟ ସମେତ ବିଭିନ୍ନ କୋଚିଂ ସେଣ୍ଟର ଓ କ୍ଲବରେ ଏହି ପୂଜା ପାଳିତ ହୋଇଥିଲା। କୃଷ୍ଣେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ୩ୟ ସାମ୍ବତ୍ସରିକ ମହୋତ୍ସବ ଅବସରରେ ଏକ ସାଧାରଣ ସଭା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

**ଗଣିଆ,(ଡି.ଏନ୍.ଏ.):** ଗଣିଆ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ଯୁବକ ସଂଘ ପକ୍ଷରୁ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନେ ନୂଆ ଡ୍ରେସ୍ ପିନ୍ଧି ଶ୍ରୀଗଣେଶଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ କେତେକ ବିଦ୍ୟାଳୟରେ ୫ବର୍ଷ ବୟସର ପିଲାମାନେ ବିଦ୍ୟାରମ୍ଭ ନିମିତ୍ତ ଖଡ଼ି ଛୁଇଁଥିଲେ। କିଶୋରପ୍ରସାଦ ପଞ୍ଚାୟତ ରାମଚନ୍ଦ୍ର ସାମନ୍ତରାୟ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଗଣେଶଙ୍କ ପୂଜା ଉତ୍ସବ ଧୁମ୍‌ଧାମର ସହ ପାଳିତ ହୋଇଥିଲା। ଅଞ୍ଚଳର ୩୦ଟି ମାତୃମଣ୍ଡଳୀଙ୍କ ଦ୍ୱାରା ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନାମ କୀର୍ତ୍ତନ ଓ ଧର୍ମଚର୍ଚ୍ଚା କରାଯାଇଥିଲା। ଛାମୁଣ୍ଡିଆ ପଞ୍ଚାୟତ ଗୋପୀନାଥପୁର ଗ୍ରାମର ମା' ବ୍ରାହ୍ମଣୀଦେବୀ ଯୁବପରିଷଦର କଳାକାରଙ୍କ ଦ୍ୱାରା ଶୁକ୍ରବାର ସାଂସ୍କୃତିକ କାର୍ଯ୍ୟକ୍ରମ 'ତୋ ଲାଗି ଗୋପଦାଣ୍ଡ ମନା' ସାମାଜିକ ନାଟକ ପରିବେଷଣ କରାଯାଉଥିବା ସୂଚନା ମିଳିଛି।

**ଭାପୁର,(ଡି.ଏନ୍.ଏ.):** ଭାପୁର ବ୍ଲକ ଅଞ୍ଚଳରେ ବିଘ୍ନ ବିନାଶକ ଗଜାନନଙ୍କ ପୂଜା ଗୁରୁବାର ପାଳିତ ହୋଇଯାଇଛି। ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ ଓ ବଜାରରେ ବିରାଟ ତୋରଣ ସହ ଗଜାନନଙ୍କ ପୂଜା ଆୟୋଜିତ ହୋଇଛି। ଭାପୁର ବଜାର, ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଶ୍ରୀବିଘ୍ନେଶ ଶିକ୍ଷାକେନ୍ଦ୍ର, ଭାପୁର ଗୋପାଳସାହି, ସିଦ୍ଧେଶ୍ୱର କ୍ଲବ, ଖଇରଗାଡ଼ିଆ ମା' ବରାକୋଇ କ୍ଲବ, ବନମାଳିପୁର ହାଟପଦା ପୂଜା କମିଟି ତରଫରୁ ପୂଜାରେ ଦେଶର ମଙ୍ଗଳ ପାଇଁ ୧୦୦୮ ଦୀପ ଦାନ କରାଯାଇଥିଲା। ବିଜିପୁର ଭକ୍ତ ଚରଣ ଇଂଲିଶ ମିଡିୟମ ସ୍କୁଲରେ ପୂଜା ଆୟୋଜିତ ହୋଇଛି।

**ଓଡ଼ଗାଁ,(ସ୍ୱ.ପ୍ର.):** ବିଦ୍ୟାଦାୟକ ଗଣପତିଙ୍କ ପୂଜା ଓଡ଼ଗାଁର ପ୍ରତ୍ୟେକ ସରକାରୀ ସ୍କୁଲ କଲେଜ, ଟ୍ୟୁଟୋରିଆଲ ଓ ଘରୋଇ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ହେଲେ ସରକାରୀ ସ୍କୁଲ ତୁଳନାରେ ଘରୋଇ ଅନୁଷ୍ଠାନରେ ଉପସ୍ଥାନ ଅଧିକ ଥିବା ଦେଖିବାକୁ ମିଳିଥିଲା। ନୂଆ ବସ୍‌ଷ୍ଟାଣ୍ଡରେ ଅଧିଷ୍ଠିତ ଶ୍ରୀଗଣେଶ ମନ୍ଦିରରେ ଭୋର ସମୟରୁ ବିଧି ବିଧାନର ସହିତ ଗଣପତିଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି । ତତ୍ ସଂଲଗ୍ନ ବଜାରରେ ମନୋରଞ୍ଜନ ନିମନ୍ତେ ପୌରାଣିକ ନାଟକ ମଞ୍ଚସ୍ଥ ହୋଇଛି । ଏହା ସହିତ ନିକଟସ୍ଥ ସମସ୍ତ ଗାଁର ସାହି ସାହିରେ ଏକାଧିକ ଗଣପତି ମେଢ ଦେଖିବାକୁ ମିଳିଛି । ଅନେକ ସ୍ଥାନରେ ଶ୍ରଦ୍ଧା ଓ ଭକ୍ତିର ସହିତ ଗଣେଶ ପୂଜା ପାଳନ କରାଯାଉଥିବା ବେଳେ ବହୁ ସ୍ଥାନରେ ସୌଖୀନରେ ଯୁବକମାନେ ଗଣେଶ ପୂଜାର ଆୟୋଜନ କରିଥିବାରୁ ପୂଜା ପେଣ୍ଡାଲରେ ଅତ୍ୟାଧୁନିକ ଡିଜେରୁ ସଙ୍ଗୀତ ପରିବେଷଣ ହେଉଛି । ଫଳସ୍ୱରୂପ ସ୍ଥାନୀୟ ପୋଲିସ ପାଟ୍ରୋଲିଂ କରି ପୂଜା ପେଣ୍ଡାଲଗୁଡ଼ିକରେ ଏହିପରି ସଙ୍ଗୀତ ପରିବେଷଣକୁ ବନ୍ଦ କରିବାକୁ ଉଦ୍ୟମ କରିଛି । ଅନ୍ୟପକ୍ଷେ ନିକଟସ୍ଥ ରଙ୍ଗଣିପାଟଣା ଗ୍ରାମର ମଠ ସାହିରେ ଶିଳ୍ପୀ ସନ୍ତୋଷ କୁମାର ସାହୁଙ୍କ ଦ୍ୱାରା ନିର୍ମିତ ସିଂହ ଉପରେ ବିଜେ ଶ୍ରୀଗଣେଶଙ୍କ ମୃଣ୍ମୟ ପ୍ରତିମା ସମସ୍ତଙ୍କୁ ଆକୃଷ୍ଟ କରିଛି ।

**ଦଶପଲ୍ଲା,(ଡି.ଏନ.ଏ.):** ଶ୍ରୀଗଣେଶ ପୂଜା ଉତ୍ସବ ଦଶପଲ୍ଲା ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଏବଂ ବିଭିନ୍ନ ଅନୁଷ୍ଠାନରେ ଆନନ୍ଦ ଉଲ୍ଲାସ ସହକାରେ ପାଳିତ ହୋଇଯାଇଛି । ସ୍ୱପ୍ନେଶ୍ୱର ମହାବୀର ମନ୍ଦିର, ରାମସେନା, ଗଣେଶ ବଜାର, ଗଜାନନ ବଜାର ,ଦୁର୍ଗାବଜାର କଲୋନୀ, ସୀତାରାମ ୟୁଥ୍ କ୍ଲବ, ଜଗାପୁର ରୋଡ ପ୍ରଭୃତି ସ୍ଥାନରେ ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି । ଯୋଗିବନ୍ଧସ୍ଥିତ ଶିବ ସେନା କ୍ଲବ ପକ୍ଷରୁ ପୋଖରୀ ମଧରେ ହୋଇଥିବା ମେଢ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଠାକୁରଙ୍କୁ ଦର୍ଶନ ନିମନ୍ତେ ପୂଜା ମଣ୍ଡପଗୁଡ଼ିକରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା ।

**ବୋଲଗଡ଼,(ଡି.ଏନ.ଏ.):** ବୋଲଗଡ଼ ବ୍ଲକର ସମସ୍ତ ଗ୍ରାମରେ ପ୍ରଭୁ ଗଜାନନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବିଭିନ୍ନ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ଓ ପୂଜାକମିଟି ପକ୍ଷରୁ ଧୁମ୍‌ଧାମରେ ସୁସଜ୍ଜିତ ପୂଜା ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବୋଲଗଡ଼ର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଶ୍ରୀବିଘ୍ନେଶଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ରାଜସୁନାଖଳା, ଧଳାପଥର, ପିଚୁକୁଳି, ଭୀମପଡ଼ା, ଦେଉଳି, ବାଙ୍କୋଇ, ମାଣିକାଗୋଡ଼ା, ଗେଡ଼ିଆପଲ୍ଲୀ ସମେତ ବ୍ଲକର ବିଭିନ୍ନ ଅଞ୍ଚଳରେ ଶ୍ରୀ ଗଜାନନଙ୍କ ପୂଜାର୍ଚ୍ଚନା ଚାଲିଥିଲା।